ଜାତୀୟ-ଜୀବନ-ଚରିତମାଳା

ଶଙ୍କରଦେବ

ଶଙ୍କରଦେବ

ଡକ୍ଟର ମହେଶ୍ୱର ନେଓଗ
ଅନୁବାଦ :
ନୀଳାଦ୍ରିଭୂଷଣ ହରିଚନ୍ଦନ

ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ,
ନୂଆଦିଲ୍ଲୀ

First Published 1973 (*Saka* 1894)
Reprinted 1982 (*Saka* 1904)

© ମହେଶ୍ୱର ନେଓଗ

Rs. 8·00.

SANKARADEVA (Oriya)

Published by Director. National Book Trust. India, A-5, Green Park, New Delhi-110016 and Printed at Jugnu Offset, Panchsheel Garden, Navin Shahdara, Delhi-110032

ସୂଚୀ

୧ ।	ପୃଷ୍ଠଭୂମି	...	୧
୨ ।	ଜୀବନ ବୃତ୍ତାନ୍ତ	...	୬
୩ ।	ଶଙ୍କରଦେବଙ୍କ ବୈଷ୍ଣବ ସଂପ୍ରଦାୟ	...	୩୩
୪ ।	ଧାର୍ମିକ ମତବାଦ ଓ ଆଚରଣ ବିଧି	...	୩୮
୫ ।	ସାମାଜିକ ପୁନର୍ଗଠନ	...	୪୫
୬ ।	ବୈଦାନ୍ତିକ ଚିନ୍ତାଧାରା	...	୪୯
୭ ।	ସାହିତ୍ୟର ଏକ ମହାନ୍ ଯୁଗ	...	୫୪
୮ ।	ଲଳିତ-କଳାର ମହାନ୍ ଯୁଗ	...	୬୦
୯ ।	ଉପସଂହାର	...	୬୯
	ସଙ୍ଗୀତ ଓ କବିତା ସଂଗ୍ରହ	...	୭୩
	ସଂକ୍ଷିପ୍ତ ଗ୍ରନ୍ଥସୂଚୀ	...	୧୨୩

ପୃଷ୍ଠଭୂମି

"ସେ ଦିନ ଥିଲା ସୁଦିନର ଚରମ—ସେ ଦିନ ଥିଲା ଦୁର୍ଦ୍ଦିନର ଚରମ ।
ସେ ଥିଲା ଜ୍ଞାନର ଯୁଗ—ସେ ଥିଲା ଅଜ୍ଞତାର ଯୁଗ ।
ସେ ଥିଲା ଦୃଢ଼ ବିଶ୍ୱାସର ଯୁଗ—ସେ ଥିଲା ସରଳ ବିଶ୍ୱାସର ଯୁଗ ।
ସେ ଥିଲା ଆଲୋକର ଦିନ—ସେ ଥିଲା ଅନ୍ଧକାରର ଦିନ ।
ସେ ଥିଲା ଆଶାର ବସନ୍ତ ଋତୁ—ସେ ଥିଲା ନୈରାଶ୍ୟର ଶିଶିର ଋତୁ ।
ସେଦିନ ଆମର ସବୁ ଥିଲା—ସେଦିନ ଆମର କିଛି ନ ଥିଲା ।
ଆମେ ଯାଉଥିଲୁ ସିଧାସଳଖ ସ୍ୱର୍ଗକୁ—ଆମେ ଯାଉଥିଲୁ ସିଧାସଳଖ
ଅନ୍ୟ ମାର୍ଗରେ ।"

(ଚାର୍ଲସ ଡିକେନ୍ସ ଏଠାରେ ଶଙ୍କରଦେବଙ୍କ ଆବିର୍ଭାବ କାଳର ବର୍ଣ୍ଣନା କରି ନ ଥିଲେ ମଧ୍ୟ ସେ ଏ ସମ୍ପର୍କରେ ଏହା ହିଁ କହିଥାନ୍ତେ ।)

ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀର ମଧ୍ୟଭାଗରେ କଳାକାର, କବି ଓ ତତ୍ତ୍ୱଜ୍ଞାନୀ ଶଙ୍କରଦେବ ଯେତେବେଳେ ଜନ୍ମଗ୍ରହଣ କରିଥିଲେ ସେତେବେଳେ ଆସାମ ବା କାମରୂପ କିମ୍ବା ଅନ୍ୟ ଯେକୌଣସି ନାମରେ ଆଖ୍ୟାତ ଭାରତର ଏହି ଉତ୍ତର-ପୂର୍ବ ଭୂଖଣ୍ଡ, ରାଜନୈତିକ ତଥା ସାମାଜିକ ଦିଗରୁ ଏକ ଅନିଶ୍ଚିତ ଅବସ୍ଥାରେ ଥିଲା । ପ୍ରାଚୀନ କାମରୂପ ରାଜ୍ୟ ପର୍ବ ଦିଗରେ ଉତ୍ତର-ପୂର୍ବ ସୀମାନ୍ତ ଏଜେନ୍ସିର (ନେଫା) ଲୋହିତ ଡିଭିଜନ୍‌ଠାରୁ ପଶ୍ଚିମରେ କରତୋୟା ନଦୀ—ଯାହା ଏବେ ଉତ୍ତରବଙ୍ଗ ଓ ବାଂଲାଦେଶ ମଧ୍ୟରେ ବିଭାଜକ ସୀମାରୂପେ ପ୍ରବାହିତ ହେଉଛି—ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଇତିହାସର କେତେ ପର୍ଯ୍ୟାୟ ଧରି ଏହି ପ୍ରାଚୀନ ରାଜ୍ୟର ପରିସର ଥିଲା ଗୋଟିଏ ମଧ୍ୟବର୍ତ୍ତୀ ଅଳିନ୍ଦ ପରି ବିସ୍ତୃତ ଖରସ୍ରୋତା ବ୍ରହ୍ମପୁତ୍ର.

ନଦୀର ଉପତ୍ୟକା ଏବଂ ତାର ଭିତର ଦେଇ ପ୍ରବେଶ କଲଭଳି ପାର୍ଶ୍ୱଗିରି ପର ପର୍ବତମାଳା । ଏତିକି ଅନ୍ତତଃ ୧୧ଶ ବା ୧୨ଶ ଶତାବ୍ଦୀରେ ଲିଖିତ କାଳିକା ପୁରାଣରେ ତାନ୍ତ୍ରିକ ଦେବୀ କାମାଖ୍ୟାଙ୍କ ଆଧ୍ୟାତ୍ମିକ ସାମ୍ରାଜ୍ୟର ସୀମା ବୋଲି ସୂଚିତ ହୋଇଥାଏ । ଯେଉଁ ତିନୋଟି ରାଜବଂଶ ପୁଷ୍ୟବର୍ମା, ଶାଳସ୍ତମ୍ଭ ଓ ଧର୍ମପାଳଙ୍କଠାରୁ ଆରମ୍ଭ ହୋଇଥିଲା, ସେଥିମଧ୍ୟରୁ ଶେଷୋକ୍ତ ରାଜବଂଶର ରାଜତ୍ୱକାଳ ସମୟ-ହିସାବରେ ୧୨ଶ ଶତାବ୍ଦୀ ପର୍ଯ୍ୟନ୍ତ ଗଡ଼ି ଆସିଛି । ତା ପରେ ଅନ୍ଧାରରେ ଅଣ୍ଡାଳିବା କଥା । ତେଣୁ କାମରୂପ ଅର୍ଥାତ୍ ସେ ଦେଶର ପଶ୍ଚିମ ଭାଗର ରାଜନୀତିକ ଇତିହାସ ପାଇଁ ଆମକୁ କେତେବେଳେ ଅସଂଲଗ୍ନ, କେତେବେଳେ ବା ବିଶେଷ ନିର୍ଭରଯୋଗ୍ୟ ହୋଇ ନ ଥିବା ସୂତ୍ର ଉପରେ ନିର୍ଭର କରିବାକୁ ପଡ଼ିଥାଏ । ପୂର୍ବଭାଗରେ କିନ୍ତୁ ଆହୋମ ଶକ୍ତିର ଅଭ୍ୟୁଦୟ ସଙ୍ଗେ ସଙ୍ଗେ କେତେକ ପରିମାଣରେ ସ୍ଥିରତା ଆସୁଥିଲା । ଖ୍ରୀ: ୧୨୨୮ ସାଲରେ ଆସାମରେ ଆହୋମ-ଶକ୍ତିର ପ୍ରତିଷ୍ଠା ହୋଇଥିଲା । ବିଭିନ୍ନ ତିବ୍ବତ-ବର୍ମୀ ସମ୍ପ୍ରଦାୟକୁ ପଦାନତ କରି ଓ ସେମାନଙ୍କ ମଧ୍ୟରେ ପ୍ରଧାନ ଶକ୍ତି 'କଚାରି'ମାନଙ୍କୁ ଆଧୁନିକ ଆସାମର ଦକ୍ଷିଣାଞ୍ଚଳକୁ ହଟାଇ ଦେଇ ଆହୋମମାନେ ଧୀରେ ଧୀରେ ପଶ୍ଚିମଆଡ଼କୁ ମାଡ଼ିଯାଇଥିଲେ । ଭୂୟାଁ ନାମରେ କଥିତ ଅନେକ କ୍ଷୁଦ୍ର କ୍ଷୁଦ୍ର ଖଣ୍ଡପତି—ଯେଉଁମାନେ କି ଦେଶର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ ଆୟତନବିଶିଷ୍ଟ ଅଞ୍ଚଳମାନ ଅଧିକାର କରି ରହିଥିଲେ—ସେମାନଙ୍କ ମଧ୍ୟରେ ଏକତା ନଥିଲା । ଯେତେବେଳେ ସେମାନେ କୌଣସି ଦୁର୍ଦ୍ଦାନ୍ତ ଶକ୍ତି ସମ୍ମୁଖରେ ପଡ଼ୁଥିଲେ ସେତେବେଳେ ତାହାର ବଶ୍ୟତା ସ୍ୱୀକାର କରୁଥିଲେ । ସେମାନଙ୍କ ମଧ୍ୟରୁ ଅନେକେ ବର୍ଦ୍ଧିଷ୍ଣୁ ଆହୋମ-ଶକ୍ତି ବିରୁଦ୍ଧରେ ମୁଣ୍ଡ ଟେକି ଗୋଟି ଗୋଟି ହୋଇ ପରାସ୍ତ ହୋଇଥିଲେ । ତଥାପି ଖ୍ରୀ: ୧୫ଶ ଶତାବ୍ଦୀର ମଧ୍ୟ ଓ ଶେଷ ଭାଗରେ ଆହୋମ ସାମ୍ରାଜ୍ୟର ବାହାରେ ସେମାନେ ବହୁସଂଖ୍ୟାରେ ଥିଲେ । ୧୬ଶ ଶତାବ୍ଦୀର ପ୍ରାରମ୍ଭରେ ବିଶ୍ୱସିଂହ ନାମକ ଜଣେ କୋଚବଂଶୀୟ ଶାସକ ଧୀରେ ଧୀରେ କ୍ଷମତାକୁ ଉଠିଲେ ।

ସେ ଏହି ଭୂୟାଁ ଖଣ୍ଡପତି ଓ ଅନ୍ୟାନ୍ୟ କ୍ଷୁଦ୍ର ଶାସକମାନଙ୍କ ମଧ୍ୟରୁ ଅନେକଙ୍କୁ ଅଧୀନସ୍ଥ କରିନେଲେ ଏବଂ ଆଧୁନିକ କୁଚବେହାର ସହରର ପଶ୍ଚିମକୁ ୧୪ମାଇଲ ଦୂରରେ ଥିବା କମତା ନଗରରେ ତାଙ୍କ ରାଜଧାନୀ ପ୍ରତିଷ୍ଠା କଲେ ।

କାମରୂପର ତତ୍କାଳୀନ ରାଜନୈତିକ ପୃଷ୍ଠଭୂମି ଅଶାନ୍ତିମୟ ଥିଲା ଏବଂ ସାମାଜିକ ଅବସ୍ଥା ଥିଲା ଆହୁରି ଶୋଚନୀୟ । ବିଭିନ୍ନ ଧର୍ମ ସମ୍ପ୍ରଦାୟର ପରସ୍ପର-ବିରୋଧୀ ଧର୍ମବିଶ୍ୱାସ ଓ କ୍ରିୟାକର୍ମ ଦେଶର ଏକତା ନଷ୍ଟ କରି ପକାଇଥିଲା । ଆଦିମ ଯୁଗରୁ ଏ ଦେଶ ବିଭିନ୍ନ ଉପଜାତି-ବର୍ଗୀ ସମ୍ପ୍ରଦାୟର ଲୋକଙ୍କର ବାସଭୂମି ଥିଲା । ସେମାନଙ୍କର ଯେଉଁ ନିଜସ୍ୱ ଧର୍ମବିଶ୍ୱାସ ଓ ପ୍ରଥା ଥିଲା, ସେଗୁଡ଼ିକ ଧୀରେ ଧୀରେ ହିନ୍ଦୁଧର୍ମର ବିଭିନ୍ନ ଶାଖାଦ୍ୱାରା ପ୍ରଭାବିତ ହେଉଥିଲା ଏବଂ ସେମାନଙ୍କ ଉପରେ ମଧ୍ୟ ପ୍ରଭାବ ପକାଉଥିଲା । ଶାକ୍ତ ଗ୍ରନ୍ଥ 'ଯୋଗିନୀତନ୍ତ୍ର'ରେ ସ୍ପଷ୍ଟ ସ୍ୱୀକାର କରାଯାଇଛି ଯେ କାମାକ୍ଷା ରାଜ୍ୟରେ ପ୍ରଚଳିତ ଧର୍ମ ଥିଲା କିରାତ-ଧର୍ମ । ହିନ୍ଦୁଧର୍ମ ମଧ୍ୟରେ ଶୈବଧର୍ମ ହିଁ ଆସାମରେ ସର୍ବପ୍ରଥମେ ଆସ୍ଥାନ ଜମାଇଥିଲା; ଯାହାକି ପରବର୍ତ୍ତୀ କାଳରେ ଶାକ୍ତ ଧର୍ମର ପ୍ରାଦୁର୍ଭାବରୁ ଏକପ୍ରକାର ଆତ୍ମଗୋପନ କରି କେବଳ କାଚାରି-ମାନଙ୍କ ମଧ୍ୟରେ ଜୀଇଁରହିଥିଲା ଏବଂ ଶିବଙ୍କୁ ସେମାନେ ନୂତନ ନାମକରଣ କରିଥିଲେ 'ବାଠୌ' । ସେ ଏବେ ପୁଣି ବିଭିନ୍ନ ଗୋଷ୍ଠୀଦ୍ୱାରା 'ବୁଢ଼ା' ଠାକୁର ବା 'ବଲିଆ' ଅର୍ଥାତ୍ ପାଗଳା ଠାକୁର ନାମରେ ପୂଜିତ ହୁଅନ୍ତି ।

ଶାକ୍ତ ଧର୍ମ, ଅର୍ଥାତ୍ ଯେଉଁଥିରେ ଦେବୀଙ୍କୁ ବହୁ ନାମ ଓ ବହୁ ରୂପରେ ଯୌନାଚାର ଓ ପଶୁବଳି ବା ଆବଶ୍ୟକ ସ୍ଥଳେ ନରବଳିଦ୍ୱାରା ପୂଜା କରାଯାଏ, ତାହା ଖ୍ରୀଷ୍ଟୀୟ ଦଶମ ଶତାବ୍ଦୀର ପରେ ପରେ କାମରୂପର ସର୍ବବୃହତ୍ତ ଧର୍ମରେ ପରିଣତ ହୋଇଥିଲା । ଗୌହାଟି ନିକଟରେ ନୀଳାଚଳ ପର୍ବତସ୍ଥିତ କାମାକ୍ଷାର ଯୋନିପୀଠ ଏ ଧର୍ମର କେନ୍ଦ୍ର ପୀଠ ହୋଇଥିଲା । ଆସାମର ଶାକ୍ତ ଧର୍ମର ଦୁଇଟିଯାକ ପ୍ରଧାନ ଧର୍ମଗ୍ରନ୍ଥ 'କାଳିକା ପୁରାଣ' ଓ

'ଯୋଗିନୀ ତନ୍ତ୍ର' ଉଗ୍ର ଶାକ୍ତ ମତବାଦ ବା ବାମାଚାରୀ ଶାକ୍ତଗୋଷ୍ଠୀର ନିଜସ୍ୱ ଥିଲା । ଏଥିରେ ରକ୍ତବଳି ଦେବା, ପୂଜକର ନିଜ ହୃଦୟର ନିକଟତମ ଅଂଶର ମାଂସ ଓ ରକ୍ତ ଦେବୀଙ୍କୁ ସମର୍ପଣ କରିବା ଇତ୍ୟାଦି ଅନ୍ୟାନ୍ୟ କେତେକ ଗୋପନୀୟ ପ୍ରଥା ନିର୍ଦ୍ଦେଶିତ ହୋଇଥିଲା । ପଞ୍ଚ 'ମ'କାର ନାମରେ ଖ୍ୟାତ ପଞ୍ଚବିଧ ଉପାଦାନ ପ୍ରଯୁକ୍ତ ପୂଜୋତ୍ସବ ଏହାର ପ୍ରଧାନ ଅଙ୍ଗ ଥିଲା । ଅନ୍ୟ ଗୋଟିଏ ପ୍ରଥା ଥିଲା କୁମାରୀପୂଜା । ଏଥିରେ ଗୋଟିଏ ବାଳିକାକୁ ଦେବୀ ବା ସୃଷ୍ଟି ଶକ୍ତିର ପ୍ରତୀକ ଭାବରେ ଗ୍ରହଣ କରାଯାଉଥିଲା । ରକ୍ତ ଯଜ୍ଞ ଶାକ୍ତ ପୂଜାର ଅପରିହାର୍ଯ୍ୟ ଅଙ୍ଗ ଥିଲା ଏବଂ ଅଦ୍ୟାପି ଏହି ପ୍ରଥା ପ୍ରଚଳିତ ଅଛି । ଦେବୀଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ନିତ୍ୟନୈମିତ୍ତିକ ଭାବରେ ତଥା ବିଶେଷ ଅନୁଷ୍ଠାନମାନଙ୍କରେ ବହୁ ସଂଖ୍ୟକ ଜୀବ ବଧ କରାଯାଉଥିଲା । ଏଠାରେ ଯେଉଁ ନରବଳି ଅନୁଷ୍ଠିତ ହେଉଥିଲା, ଆସାମର କେତେକ ଉପଜାତୀୟ ଲୋକଙ୍କ ମଧ୍ୟରେ ପ୍ରଚଳିତ ଥିବା ମୁଣ୍ଡ ଶିକାର ପର୍ବ ସଙ୍ଗେ ତାହାର ବୋଧହୁଏ କିଛି ସମ୍ପର୍କ ନ ଥିଲା । ଏ ନରବଳି 'କାଳିକାପୁରାଣ' ମତରେ ଗୋଟିଏ ଧର୍ମାନୁମୋଦିତ ପ୍ରଥା ଏବଂ ଏହା ନୀଳାଚଳ ଶିଖରସ୍ଥ ଭୈରବୀ ମନ୍ଦିର ଏବଂ ଏବର ନେଫା ଅଞ୍ଚଳ ଅନ୍ତଃପାତୀ ଲୋହିତ ଜିଲ୍ଲାର ସାଦିୟା ନିକଟସ୍ଥ ତାମ୍ରେଶ୍ୱରୀ ମନ୍ଦିରରେ ବିଶେଷ ପର୍ବୋପଲକ୍ଷେ ଅନୁଷ୍ଠିତ ହେଉଥିଲା । ଏତଦ୍‌ବ୍ୟତୀତ ଶବରୋତ୍ସବ ବା ଶବର ଉପଜାତିର ପର୍ବ ମଧ୍ୟ ଥିଲା । ଏ ଶବର ପର୍ବର କେବଳ ବର୍ଣ୍ଣନା ହିଁ ଅବାଧ ଯୌନଚର୍ଯ୍ୟାର ଦୁର୍ଗନ୍ଧ ଉଦ୍‌ଗୀରଣ କରିଥାଏ ।

ପୁଣି ଏଠାରେ ଥିଲା ବୌଦ୍ଧଧର୍ମର ନିତାନ୍ତ ଅପ୍ରକୃଷ୍ଟ ବା ଅପଭ୍ରଷ୍ଟ ସଂସ୍କରଣ—ବଜ୍ରଯାନର ନାନା ଅପସ୍ୱର ଓ ଅତିସ୍ୱର । ବଜ୍ରଯାନ ହେଉଛି ଏକେଶ୍ୱରବାଦ ଦର୍ଶନ, ଗୁଣି-ଗାରେଡ଼ି, ଭୋଜବିଦ୍ୟା ଏବଂ ଯୌନାଚାର ସଙ୍ଗେ ସାମାନ୍ୟ ବୌଦ୍ଧ ନୀତିର ଏକ ଅଦ୍ଭୁତ ଅପମିଶ୍ରଣ । ବଜ୍ରଯାନୀମାନଙ୍କ ପାଇଁ ଏ ଅଞ୍ଚଳର କାମାକ୍ଷା ବା କାମରୂପ ଏବଂ ଶ୍ରୀହଟ୍ଟ ବିଶେଷ ଉପଯୋଗୀ ଥିଲା, ଯେହେତୁ ସେମାନେ ମଧ୍ୟ ଭକ୍ତମାନଙ୍କ ମଧ୍ୟରେ ପଞ୍ଚମକାର ପୂଜା ଅପରିହାର୍ଯ୍ୟ

ବୋଲି କହୁଥିଲେ ଏବଂ ପୂର୍ଣ୍ଣ ସତ୍ୟ ଯେ ନାସ୍ତିତାରେ ନିହିତ—ଏହି ତଥ୍ୟ ଉପରେ ପ୍ରତିଷ୍ଠିତ ପ୍ରଜ୍ଞାପାରମିତାର ଉପଭୋଗ କରିବା ପାଇଁ ଉପଦେଶ ଦେଉଥିଲେ । ବୈଷ୍ଣବ ରଚନାମାନଙ୍କରେ ବଜ୍ରଯାନୀ ଧର୍ମକୁ 'ବାମନୟ,' 'ପାଷଣ୍ଡନୟ' ଅର୍ଥାତ୍ ବାମପନ୍ଥୀ ବା ଭ୍ରଷ୍ଟମାର୍ଗ ବୋଲି କୁହାଯାଇଛି ଏବଂ ସେ ଧର୍ମାବଲମ୍ବୀମାନଙ୍କୁ ଜାଲିଆ-ବୌଦ୍ଧ ଭାବରେ ଆଖ୍ୟାୟିତ କରାଯାଇଛି । କାରଣ ସେମାନେ ଲୋକଙ୍କୁ ଗୁହ୍ୟ ଧର୍ମତତ୍ତ୍ୱ ଶୁଣାଇ ଏବଂ କଳ୍ପିତ ମୂର୍ତ୍ତି ଦେଖାଇ ମୋହ କରିଦିଅନ୍ତି ।

ନାଥ-ପନ୍ଥୀ, କଚ୍ଛପ-ଦେବତା ଧର୍ମ-ପୂଜକ (ସମ୍ଭବତଃ ଅଷ୍ଟିକ ଧର୍ମ ସହିତ ସମ୍ପୃକ୍ତ), ସର୍ପ ଦେବତା ମନସା-ପୂଜକ, ବସନ୍ତ-ଦେବୀ ଶୀତଳା ବା ଆଇ-ପୂଜକ ଏବଂ ଅନ୍ୟାନ୍ୟ ଗୌଣ ଦେବାଦେବୀଙ୍କ ଉପାସକ ଅନେକ ଥିଲେ ।

ସନ୍ନ୍ୟାସୀ ବା ଭିକ୍ଷୁମାନେ ସହର ଓ ଗ୍ରାମମାନଙ୍କରେ ବୁଲୁଥିଲେ ଓ ସେମାନଙ୍କ ଭିତରୁ କେତେକ ଧର୍ମର ଛଦ୍ମ ଆବରଣରେ ଠକେଇ, ଭେଲ୍କି ଜନେଇବା ଆଦି କରୁଥିଲେ । ଅନେକ ବିଧର୍ମୀ ଭୂତ-ଉପାସକ ଥିଲେ; ଯେଉଁମାନେ କି ମେଘ, ନଦୀ, ଧାନ ଅମାର, ପାଳଗଦାକୁ ପୂଜା କରୁଥିଲେ । ଭୂତ-ପ୍ରେତରେ ବିଶ୍ୱାସ ଓ ତାର କାରବାର କେବଳ ଉପଜାତିମାନଙ୍କ ମଧ୍ୟରେ ନୁହେଁ, ସାଧାରଣ ଅଶିକ୍ଷିତ ଲୋକମାନଙ୍କ ମଧ୍ୟରେ ମଧ୍ୟ ପ୍ରଚଳିତ ଥିଲା । ସମାଜରେ ମନ୍ତ୍ର, ତନ୍ତ୍ର ଓ ବଶୀକରଣର ଚାହିଦା ଖୁବ୍ ଥିଲା । ସମଗ୍ର ଦେଶକୁ ଗୋଟାଏ ରହସ୍ୟମୟ ବାୟୁମଣ୍ଡଳ ଆଚ୍ଛନ୍ନ କରି ରଖିଥିଲା । ବାହାର ଦୁନିଆ ଆଗରେ କାମରୂପ 'କାଉଁରଦେଶ' ବୋଲି ପରିଚିତ ହୋଇଥିଲା; ଯେଉଁଠିକି ଲୋକମାନଙ୍କୁ ଇଚ୍ଛାନୁସାରେ ବିଭିନ୍ନ ରୂପରେ ପରିଣତ କରାଯାଉଥିଲା । କୁସଂସ୍କାର ଓ ଅନ୍ଧ-ବିଶ୍ୱାସ ଅଜ୍ଞ ଲୋକମାନଙ୍କୁ ଏପରି ଦୃଢ଼ ଭାବରେ କବଳିତ କରି ରଖିଥିଲା ଯେ ସେମାନେ ଲୋଭୀ, ପରାଙ୍ଗପୁଷ୍ଟ, ଯାଦୁକର ତଥା ହିଂସ୍ର ଦେବାଦେବୀଙ୍କର ଅନାୟାସ ଲଭ୍ୟ ଶିକାର ହେଉଥିଲେ ।

ଜୀବନ ବୃତ୍ତାନ୍ତ

ଆଧୁନିକ ଆସାମ ରାଜ୍ୟର ମଧ୍ୟଭାଗରେ ବ୍ରହ୍ମପୁତ୍ର ନଦୀର ଉଭୟ ତୀରରେ ପୂର୍ବକାଳରେ ଯେଉଁ ଭୂୟାଁ ମଣ୍ଡଳାଧିପତିମାନେ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟ ଶାସନ କରୁଥିଲେ, ସେମାନଙ୍କର ସର୍ବାଧିନାୟକ ବା ମହାମଣ୍ଡଳେଶ୍ୱରଙ୍କୁ ଶିରୋମଣି କୁହାଯାଉଥିଲା । ସେହି ଶିରୋମଣି-ବଂଶରେ ୧୪୪୯ ସାଲ ଅକ୍ଟୋବର ମାସରେ ଗୋଟିଏ ସୁଦର୍ଶନ ଶିଶୁ ଜନ୍ମଗ୍ରହଣ କରିଥିଲା । ଶିରୋମଣି କୁସୁମବର କାୟସ୍ଥ ଭୂୟାଁ ଏଥିପାଇଁ ଅତି ଆକାଙ୍କ୍ଷିତ ଦୃଷ୍ଟିରେ ଅନାଇ ରହିଥିଲେ; କାରଣ ସେ ଅନେକ ଦିନରୁ ବିବାହ କରିଥିଲେହେଁ ତାଙ୍କ ସ୍ତ୍ରୀ ସତ୍ୟସନ୍ଧାଙ୍କର କୌଣସି ସନ୍ତାନୋତ୍ପତ୍ତି ହୋଇ ନ ଥିଲା ଏବଂ ଏଥିରେ ଭୂୟାଁ ଏତେ ନୈରାଶ୍ୟଗ୍ରସ୍ତ ହୋଇ ପଡ଼ିଥିଲେ ଯେ ସେ ଦ୍ୱିତୀୟବାର ବିବାହ କରି ପକାଇଥିଲେ । କଥିତ ଅଛି, ସେ ଆଶୁତୋଷଙ୍କଠାରୁ ସନ୍ତାନ-ବରଲାଭ ଲକ୍ଷ୍ୟରେ ଶିବ ଆରାଧନା କରୁଥିଲେ । ସେଥିଯୋଗୁଁ ଶିଶୁର ନାମ ଶଙ୍କର ବା ଶଙ୍କରବର ରଖାଯାଇଥିଲା । ସେ ଶିଶୁ ଚନ୍ଦ୍ରକଳା ପରି ଶୀଘ୍ର ଶୀଘ୍ର ବଢ଼ି ଗୋଟିଏ ସୁନ୍ଦର ସୌମ୍ୟଦର୍ଶନ ବାଳକ ହେଲା । କିନ୍ତୁ ସେ ଅତି ଅଳ୍ପ ବୟସରେ ପିତାମାତାଙ୍କୁ ହରାଇଲେ ଏବଂ କୁସୁମବରଙ୍କ ଜନନୀ ଖେରସୁତିଙ୍କ ସ୍ନେହମୟ କୋଡ଼ରେ ଲାଳିତପାଳିତ ହେଲେ ।

ପ୍ରତ୍ୟେକ ଭାବୀ ମହାପୁରୁଷଙ୍କର ଶୈଶବ କାଳ ଯେ ଘଟଣା-ମୁଖରିତ ହୋଇଥାଏ, ଏ କଥା ବ୍ୟାପକ ଭାବରେ ସମସ୍ତଙ୍କ ପ୍ରତି ପ୍ରଯୁଜ୍ୟ କି ନୁହେଁ, ଆମ୍ଭେମାନେ କହି ପାରିବୁ ନାହିଁ । କିନ୍ତୁ ଶଙ୍କର ତାଙ୍କ ପିଲାଦିନେ ବଡ଼ ଅମାନିଆ ଓ କୌତୁକିଆ ଥିଲେ । ପିଲାଦିନ ତାଙ୍କର ନାନା ବାଳସୁଲଭ କ୍ରୀଡ଼ା-କୌତୁକରେ ମୁଖରିତ ଥିଲା । ଦିନସାରା ସେ ଯେତେ ସମୟ ଜାଗ୍ରତ ରହୁଥିଲେ, ସେ ସମୟ ତାଙ୍କର ଖେଳରେ ହିଁ କଟୁଥିଲା ।

ଅଧିକାଂଶ ସମୟରେ ସେ ବଣରୁ ପକ୍ଷୀ ଓ ହରିଣ ଧରିବା ପାଇଁ ଓ ବ୍ରହ୍ମପୁତ୍ର ନଦୀରୁ କଇଁଛ ଓ ଶିଶୁମାର ଧରିବାକୁ ଯାଉଥିଲେ ଓ ଭରା ନଦୀରେ ପହଁରି ଏ କୂଳରୁ ସେ କୂଳକୁ ଯିବା-ଆସିବା କରୁଥିଲେ । ତାଙ୍କର ସବୁଠୁ ବଡ଼ ନିଶା ଥିଲା, ଗାଈ ଜଗିବା ଏବଂ ଗାଈଙ୍କ ପଛରେ ପଦାର୍ମାଳରେ ବୁଲିବା । ତାଙ୍କ ବାରବର୍ଷ ବୟସ ହେବା ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟକଳାପ ଏହିପ୍ରକାର ଥିଲା ।

ଦିନେ ଶଙ୍କର ଖାଇବସିଥିଲେ । ଗୋସେଇଁ ମା ଖେରସୁତି ପାଖରେ ବସି ମର୍ମକୁ ବାଧିଲାଭଳି ଗୁଡ଼ିଏ କଥା ନାତିକୁ ଶୁଣାଇଲେ । ତାଙ୍କର ବାପ ଗୋସିବାପ କପରି ପଣ୍ଡିତ ଓ ପାରଙ୍ଗମ ଶାସକ ଥିଲେ, ଆଉ ଶଙ୍କର କପରି ବାର ବର୍ଷ ବୟସରେ ଚଗଲା ବାରବୁଲା ହୋଇ ଶିରୋମଣି-ବଂଶର ଯଶ-ଖ୍ୟାତିରେ କଳଙ୍କ ବୋଳିବାକୁ ଯାଉଛନ୍ତି, ଇତ୍ୟାଦି ଇତ୍ୟାଦି କଥା ଶଙ୍କରଙ୍କୁ ତୀବ୍ର ଆଘାତ କଲା ଏବଂ ସେ ପାଠ ପଢ଼ିବାକୁ ଇଚ୍ଛା କଲେ । କୋଷ୍ଠୀ ଦେଖି ଭାଦ୍ର ମାସର ଗୋଟିଏ ଶୁଭ ଗୁରୁବାର ତିଥିରେ ମହେନ୍ଦ୍ର କନ୍ଦଳୀ ନାମକ ଜଣେ ବ୍ରାହ୍ମଣ ପଣ୍ଡିତଙ୍କ ଟୋଲ (ପାଠଶାଳା)କୁ ପଢ଼ିବାକୁ ଯିବାକୁ ସ୍ଥିର ହେଲା । ହଠାତ୍ ବାରବୁଲା ଜୀବନ ଛାଡ଼ିବାକୁ ପଡ଼ିବାରୁ ଶଙ୍କର ଯଥାର୍ଥଭାବରେ ପାଠ ପ୍ରତି ମନ ଫେରାଇ ପାରିଲେ ନାହିଁ । ସେ ଅନେକ ସମୟରେ ଅନୁପସ୍ଥିତ ରହୁଥିଲେ । ଶିକ୍ଷକଙ୍କୁ କିଛି ପଇସା ବା କେବେ କେମିତି ଲୁଗା ଖଣ୍ଡେ ଲାଞ୍ଚ ଦେଇ ଗୋଟିଏ ଦିନର ଛୁଟି ବନ୍ଦୋବସ୍ତ କରାଇପାରୁଥିଲେ । ଏସବୁ ସତ୍ତ୍ୱେ ସେ ଜଣେ ନିଷ୍ଠାପର ଛାତ୍ର ଥିଲେ ଓ ଦିନରାତି ପୁରୁଣା ପୋଥିପତ୍ର ପଢ଼ିବାରେ ନିବିଷ୍ଟ ରହୁଥିଲେ । ଏପରିକି ସେ ରାତି ଅନିଦ୍ରା ହୋଇ ବିଛଣା ଦୁଇ ପାଖରେ ପୋଥିପତ୍ର ରଖି ଓ ଚୋବାଇବାକୁ ଅନେକ ଗୁଆ ମସଲା ରଖି ରାତିଯାକ ପଢ଼ୁଥିଲେ । ଏହି ସମୟ ଭିତରେ ଗୁରୁଙ୍କ ଆଦେଶରେ ଶଙ୍କର 'ଶଙ୍କରଦେବ' ନାମରେ ନାମିତ ହେଲେ । କାରଣ ଦିନେ ଦ୍ୱିପ୍ରହରବେଳେ ଗୁରୁ ମହେନ୍ଦ୍ର କନ୍ଦଳୀ ପାଠଶାଳା ହତା

ଭିତରକୁ ପଶିଗଲାବେଳକୁ ଦେଖିଲେ ଶଙ୍କର ଶୋଇଛନ୍ତି ଏବଂ ତାଙ୍କୁ ସେଇ ଉଦୁଉଦିଆ ଖରାରେ ଛାଇ କରିବା ପାଇଁ ଗୋଟିଏ ନାଗସାପ ଫଣା ଟେକି ରହିଛି । ପଣ୍ଡିତ ତାଙ୍କୁ ସେ ଅବସ୍ଥାରେ ଦେଖି ଏବଂ ତାହା ତାଙ୍କର ଭବିଷ୍ୟତରେ ବଡ଼ ହେବାର ଲକ୍ଷଣ ବୋଲି ବିଚାରି ତାଙ୍କ ନିକଟରେ ପଢ଼ୁଥିବା ବିଦ୍ୟାର୍ଥୀମାନଙ୍କ ଉପରେ ନିୟମ ଜାରି କରି ଦେଲେ ଯେ ଯୁବକ ଭୂୟାଁକୁ ଏଣିକି ଖାଲି 'ଶଙ୍କର' ବୋଲି କେହି ଡାକିବେ ନାହିଁ । ତାଙ୍କ ନାମ ସଙ୍ଗରେ 'ଦେବ' ଯୋଗ କରି ଡାକିବାକୁ ହେବ । ସେ ସମୟରେ ଟୋଲମାନଙ୍କରେ ବିଦ୍ୟାର୍ଥୀମାନଙ୍କ ପାଇଁ ପାଠ୍ୟକ୍ରମ କଣ ଥିଲା ବା ସମୟ-ସୀମା କେତେ ଥିଲା, ସେ ବିଷୟରେ ଆମ୍ଭେମାନେ ସଠିକ କିଛି ଜାଣୁନାହୁଁ; ମାତ୍ର ଏତିକି ନିଶ୍ଚିତଭାବେ ଜଣାଯାଇଛି ଯେ ଛଅ ଲମ୍ବା ସାତ ବର୍ଷରେ ଶଙ୍କରଦେବ ଗତାନୁଗତିକ ରୀତିରେ ସଂସ୍କୃତ ଶିକ୍ଷାରେ ଜଣେ ପୂର୍ଣ୍ଣାଙ୍ଗ ପଣ୍ଡିତରୂପେ ଉତ୍ତୀର୍ଣ୍ଣ ହୋଇଥିଲେ । ତାଙ୍କ ଅଧୀତ ବିଷୟରୁ ବେଦ, ଉପନିଷଦ୍, ଦୁଇ ଭାରତୀୟ ମହାପୁରାଣ, ତନ୍ତ୍ର, କଳ୍ପ, ବ୍ୟାକରଣ, କାବ୍ୟ ସାହିତ୍ୟ ବାଦ୍ ଯାଇ ନଥିଲା । ସେ ସେତେ-ବେଳେ ସୁନ୍ଦର ସୁନ୍ଦର କବିତା ରଚନା କରିପାରୁଥିଲେ । ତାଙ୍କ ଜୀବନୀ ଲେଖକମାନଙ୍କ ମତରେ ହରିଶ୍ଚନ୍ଦ୍ର ଉପାଖ୍ୟାନ ତାଙ୍କ ଛାତ୍ର ଅବସ୍ଥାର ଲେଖା । ସେ ଭାରତୀୟ ଦର୍ଶନଶାସ୍ତ୍ରରେ ସମ୍ୟକ୍ ଜ୍ଞାନ ଅର୍ଜନ କରିଥିଲା-ପରି ଜଣାଯାଏ । ସେ ପ୍ରାୟ ସେହି ସମୟରୁ ଯୋଗ ସାଧନା ଅଭ୍ୟାସ କରିଥିଲେ ଏବଂ ଭାଗବତ ପୁରାଣର ତତ୍ତ୍ୱଜ୍ଞାନ ଲାଭ କଲା ପରେ ଯୋଗାଭ୍ୟାସ ତ୍ୟାଗ କରିଥିଲେ ।

ଗୁରୁଙ୍କୁ ଯଥେଷ୍ଟ ଗୁରୁ-ଦକ୍ଷିଣା ଦେଇ ଶଙ୍କର ଗୃହସ୍ଥାଶ୍ରମ ଆରମ୍ଭ କରିବାକୁ ଫେରିଲେ । ସେ ଭୂୟାଁମାନଙ୍କ ସର୍ବାଧିନାୟକ ବଂଶର ଉତ୍ତରାଧିକାରୀ ଥିଲେ । ତାଙ୍କର ଗଭୀର ଅଧ୍ୟୟନ, ଜ୍ଞାନ, ଯୁବସୁଲଭ ପାରଙ୍ଗମତା ଥିଲା । ସେ ଇଚ୍ଛା କରିଥିଲେ କାଳ-କାଳାଧରି ଅସଙ୍ଗଠିତ ରହିଥିବା ସମସ୍ତ ଭୂୟାଁଗୋଷ୍ଠୀଙ୍କୁ ସଂଗଠିତ କରି ଗୋଟିଏ ସଯୁକ୍ତ ରାଷ୍ଟ୍ର ଗଠନ

କରିପାରିଥାନ୍ତେ ଏବଂ ସେ ଖ୍ରୀଷ୍ଟ ତ୍ରୟୋଦଶ ଶତାବ୍ଦୀର ଦ୍ୱିତୀୟ ଭାଗଠାରୁ ପୂର୍ବପଟେ ସୁଦୃଢ଼ ଶକ୍ତିରୂପେ ଗଢ଼ିଉଠିଥିବା ଆହୋମ ରାଜ୍ୟ ଏବଂ କାଛାରୀମାନଙ୍କ ରାଜ୍ୟଭଳି ବିଭିନ୍ନ ଉପଜାତିର ରାଜ୍ୟମାନଙ୍କ ବିରୁଦ୍ଧରେ ନିଜ ଶକ୍ତି ଜାହିର କରିବାକୁ ସମର୍ଥ ହୋଇଥାନ୍ତା । ତାଙ୍କର ବନ୍ଧୁବାନ୍ଧବ ନିକଟ ସମ୍ପର୍କୀୟମାନେ ଖୁବ୍ ଆଶା କରିଥିଲେ ଯେ, ସେ ଅନ୍ତତଃ ଜଣେ ଉତ୍ତମ ଶାସକ ହୋଇ ବାହାରିବେ; ମାତ୍ର ଶଙ୍କର ଶିରୋମଣି ଆସନରେ ବସି ରାଜକାର୍ଯ୍ୟ ଶାସନ ଜଞ୍ଜାଳରେ ବ୍ୟସ୍ତ ରହିବା ଅପେକ୍ଷା ବିଦ୍ୟାନୁରାଗୀ ଜୀବନକୁ ଅଧିକ ପସନ୍ଦ କରୁଥିଲେ । ତାଙ୍କର ଆତ୍ମୀୟମାନେ ତାଙ୍କୁ ଶୀଘ୍ର ବିବାହ କରି ଶାସନ ଦାୟିତ୍ୱ ଗ୍ରହଣ କରିବାକୁ ଜିଦ୍ ଧରି ବସିଲେ ଏବଂ ସେମାନଙ୍କର ଏହି ବାଧ୍ୟବାଧକତାର ହିଁ ଜୟ ହେଲା । ଶଙ୍କର ବରଭୂୟାଁ ଦାୟିତ୍ୱ ଗ୍ରହଣ କଲେ ଏବଂ ଅତି ଅଳ୍ପ ବୟସର ଥିବାରୁ 'ଡେକାଗିରି' ବା 'ଟୋକା ମାଲିକ' ନାମରେ ପରିଚିତ ହେଲେ । ସେ ସୂର୍ଯ୍ୟବତୀ ନାମ୍ନୀ ଗୋଟିଏ ସୁନ୍ଦରୀ କାୟସ୍ଥ କନ୍ୟାକୁ ବିବାହ କରିଥିଲେ । ସୂର୍ଯ୍ୟବତୀ କିନ୍ତୁ ଗୋଟିଏ କନ୍ୟା ସନ୍ତାନ ପ୍ରସବ କରିବା ପରେ ପରେ ଇହଲୀଳା ସମ୍ବରଣ କଲେ । ସେ ଝିଅଟିର ନାମ ମନୁ ବା ହରିପ୍ରିୟା । ଏହି ଘଟଣା ପୁଣି ଥରେ ତାଙ୍କ ମନରେ ଗଭୀରତର ସଂସାର-ବିରାଗୀ ଭାବ ଆଣିଦେଲା । ସେ ଭାରତର ବିଭିନ୍ନ ପୁଣ୍ୟ କ୍ଷେତ୍ରକୁ ତୀର୍ଥଯାତ୍ରାରେ ଯିବାକୁ ଶ୍ରେୟସ୍କର ମନେକଲେ । ମାତ୍ର ଝିଅଟିକୁ ହରି ନାମକ ଜଣେ ଯୁବକ ଭୂୟାଁଙ୍କ ସହିତ ବିବାହ ଦେବା ପର୍ଯ୍ୟନ୍ତ ତାଙ୍କୁ ଆଉ କେତେବର୍ଷ ଅପେକ୍ଷା କରିବାକୁ ପଡ଼ିଥିଲା ।

ଶଙ୍କରଦେବ ୧୪୮୧ ସାଲରେ ୩୨ ବର୍ଷ ବୟସରେ ତୀର୍ଥ-ପର୍ଯ୍ୟଟନରେ ଗଲେ । ସେ ତାଙ୍କ ଗୃହସ୍ଥଳୀର ଦାୟିତ୍ୱ ଜାମାତାଙ୍କ ଉପରେ ଏବଂ ବର-ଭୂୟାଁର କାର୍ଯ୍ୟଭାର ତାଙ୍କ କକା ଜୟନ୍ତ ଦଳପତି ଓ ମାଧବ ଦଳପତିଙ୍କ ଉପରେ ନ୍ୟସ୍ତ କରିଗଲେ । ଏ ତୀର୍ଥଯାତ୍ରାରେ ଯେଉଁ ୧୭ଜଣ ତାଙ୍କର ସହଗାମୀ ହୋଇଥିଲେ ସେମାନଙ୍କ ମଧ୍ୟରେ ଥିଲେ ମହେନ୍ଦ୍ର କନ୍ଦଲୀ, ଏବଂ ତାଙ୍କ କୁଳ-ପୁରୋହିତଙ୍କ ପୁତ୍ର ଓ ସାରା ଜୀବନର ବନ୍ଧୁ ରାମରାମ

ବିପ୍ର । ଏହି ଧାର୍ମିକଗୋଷ୍ଠୀ ସମଗ୍ର ଉତ୍ତର ଭାରତ ଭ୍ରମଣ କରି ମନ୍ଦିର ଓ ତୀର୍ଥ, ବିଶେଷକରି ବିଷ୍ଣୁକ୍ଷେତ୍ରମାନ ପରିଦର୍ଶନ କରିଥିଲେ । ତାପରେ ତୀର୍ଥଯାତ୍ରୀମାନେ ପୁରୀ ଦର୍ଶନରେ ଯାଇ ସେଠାରେ ବର୍ଷ ପରେ ବର୍ଷ ଅତିବାହିତ କରିଥିଲେ । ଓଡ଼ିଶାର ଏହି କ୍ଷେତ୍ରରେ ସାରା ଭାରତର ବିଭିନ୍ନ ପ୍ରାନ୍ତରୁ ତୀର୍ଥଯାତ୍ରୀମାନଙ୍କର ସମାଗମ ହୋଇଥାଏ । ସେମାନେ ବିଭିନ୍ନ ଧର୍ମୀୟ ମତବାଦକୁ ଲଳିତ ମଧୁର ସ୍ୱର-ସବଳିତ ଗୀତ-କବିତା-ମାଧ୍ୟମରେ ପ୍ରଚାର କରନ୍ତି । ଏହିଠାରେ ହିଁ କବି ଓ ଘୋର ସଂସାର-ବିରାଗୀ ଶଙ୍କରଦେବଙ୍କ ନିକଟରେ ଜ୍ଞାନ ଭକ୍ତିମାର୍ଗ ଅର୍ଥାତ୍ ପରମପୁରୁଷଙ୍କ ସହ ପ୍ରଣୟ ଓ ତଦାନୁଷଙ୍ଗିକ ସତ୍ୟାନୁଭୂତିର ମାର୍ଗ ଉନ୍ମୋଚିତ ହୋଇଥିଲା । କଥିତ ଅଛି, ପୁରୀ ବଡ଼ଦେଉଳରେ ଥିବା ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସେ ତାଙ୍କର ଗୁରୁ ଓ ଏକମାତ୍ର ଉପାସ୍ୟରୂପେ ଗ୍ରହଣ କରିଥିଲେ । କବିଙ୍କ ପରି ସେ କୌଣସି ମନୁଷ୍ୟଙ୍କୁ ଗୁରୁ କରି ନ ଥିଲେ ଏବଂ ସେଥିଯୋଗୁଁ ତାଙ୍କ ସମସାମୟିକ ବ୍ୟକ୍ତିବିଶେଷଙ୍କ ଦ୍ୱାରା ସମାଲୋଚିତ ହେଉଥିଲେ । ଏଇ ତୀର୍ଥଯାତ୍ରାରୁ ସେ ଘରକୁ ଫେରିଲେ ବିକାଶୋନ୍ମୁଖ ନବ୍ୟ-ବୈଷ୍ଣବ-ଧର୍ମ ପ୍ରତି ଗଭୀର ଆସ୍ଥା ଏବଂ ତତ୍ ସହଜାତ ମଧୁର ପଦାବଳୀକୁ ସାଙ୍ଗରେ ନେଇ । ତାଙ୍କର ଗୋଟିଏ ସଙ୍ଗୀତରେ ଏହି ପଦାବଳୀକୁ ଲକ୍ଷ୍ୟକରି ସେ ଉଲ୍ଲେଖ କରିଅଛନ୍ତି ଯେ ଓଡ଼ିଶା, ବାରାଣସୀ ଓ ଅନ୍ୟତ୍ର ଧର୍ମାତ୍ମା ପୁରୁଷମାନେ କବିମାନଙ୍କ ରଚିତ ଅସଂଖ୍ୟ କବିତା ଗାନକରିଥାନ୍ତି । ସେ ସବୁ ଶୁଣି ତାଙ୍କ କଳ୍ପନା-ଶକ୍ତି ଉଦ୍ଦୀପିତ ହୋଇଉଠିଲା ଓ ତାଙ୍କୁ ସାଂସାରିକ ଦୁଃଖ ଓ ସମ୍ଭୋଗରୁ ଦୂରକୁ ଦୂରକୁ ନେଇଗଲା । ଗଙ୍ଗାର ଉପରିଭାଗରେ ବଦରିକାଶ୍ରମଠାରେ ସେ ତାଙ୍କ ସର୍ବପ୍ରଥମାବସ୍ଥାରେ ଲେଖିଥିବା ବରଗୀତ ମଧ୍ୟରୁ ଗୋଟିକରେ ଲେଖିଥିଲେ—

ରେ ମନ, ଶ୍ରୀରାମ ଚରଣରେ ବିଶ୍ରାମ ନିଅ ।
ଦେଖିପାରୁନାହଁକି ଅନ୍ତିମ କାଳ ପାଖେଇ ଆସୁଛି ?
ରେ ମନ, ସରିଆସୁଛି କ୍ଷଣେ କ୍ଷଣେ ଆୟୁଷ

ମନେରଖ କେଉଁ ମୁହୂର୍ତ୍ତରେ ଜୀବନ ଉଡ଼ିଯିବ ।
ରେ ମନ, କାଳରୂପୀ ସାପ ସବୁ ଗ୍ରାସ କରି ଚାଲିଛି ।
ଜାଣିଥା, ମୃତ୍ୟୁ ପାଦେ ପାଦେ ମାଡ଼ି ଆସୁଛି ।
ରେ ମନ, ଏ ମାଟି-ଶରୀର ତୋର ନିଶ୍ଚୟ ଝଡ଼ିପଡ଼ିବ ।

ତେଣୁ ମାୟା ପଟଳକୁ ଭେଦକରି ରାମଙ୍କ ଶରଣ ନିଅ । ରେ ମନ, ତୁ ତ ଅନ୍ଧ; ମିଛ ମାୟା ସଂସାରକୁ ଦେଖି ମଧ୍ୟ ଦେଖୁନାହୁଁ । ରେ ମନ ! କାହିଁକି ଗାଢ଼ ସୁଖନିଦ୍ରାରେ ପଡ଼ିରହିଛୁ । ଉଠ, ଗୋବିନ୍ଦଙ୍କୁ ଚିନ୍ତା କର । ରେ ମନ, ଶଙ୍କର ଏହା ଜାଣିଛି ଓ କହୁଛି—

"ରାମଙ୍କ ବିନା ଅନ୍ୟ ଭରସା ନାହିଁ ।"

ଆଗରୁ ମହାନ୍ ଗ୍ରନ୍ଥ ଭାଗବତ ପୁରାଣରେ ଅବଗାହନ ଥିବାରୁ ବର୍ତ୍ତମାନ ସେ ତାହାକୁ ଏକ ନୂତନ ଆଲୋକରେ ଦେଖିଲେ । ପୁରୀ ଗୋବର୍ଦ୍ଧନ ମଠର ମହନ୍ତ ଶ୍ରୀଧର ସ୍ୱାମୀଙ୍କ ଭାଗବତ-ଭାବାର୍ଥ-ଦୀପିକା ନାମକ ଟୀକାରୁ ପ୍ରାଞ୍ଜଳ ବ୍ୟାଖ୍ୟା ଉକ୍ତ ଗ୍ରନ୍ଥ ଉପରେ ଯେଉଁ ଆଲୋକପାତ କରିଥିଲା, ସେହି ଆଲୋକରେ ତାକୁ ସେ ଗ୍ରହଣ କଲେ ।

ଭ୍ରମଣାସକ୍ତି ଓ ଅଧିକରୁ ଅଧିକ ଆଲୋକପ୍ରାପ୍ତି ନିମନ୍ତେ ତୃଷ୍ଣା ବାରବର୍ଷ କାଳ ତାଙ୍କୁ ବହୁ ସ୍ଥାନ ବୁଲାଇଲା । ତାଙ୍କର କେତେକ ଜୀବନୀ-ଲେଖକଙ୍କର ମତ ଯେ ଭ୍ରମଣକାଳ ମଧ୍ୟରେ ଶଙ୍କରଦେବ କେତେକ ଧର୍ମାନ୍ତର ଗ୍ରହଣକାରୀଙ୍କୁ ଗ୍ରହଣ କରିଥିଲେ । ଜଣେ ଜୀବନୀ ଲେଖକ ବୃନ୍ଦାବନର ରୂପଗୋସ୍ୱାମୀ ଓ ସନାତନ ଗୋସ୍ୱାମୀଙ୍କୁ ଏମାନଙ୍କ ଭିତରେ ଅନ୍ତର୍ଭୁକ୍ତ କରନ୍ତି । ଉକ୍ତ ବର୍ଣ୍ଣନା ଅସମ୍ଭବ ବୋଧ ହେଲେ ମଧ୍ୟ ରୂପଗୋସ୍ୱାମୀଙ୍କ ନାଟକ 'ବିଦଗ୍ଧ ମାଧବ'ର ନାନ୍ଦୀ ପ୍ରସ୍ତାବନା ଶେଷରେ ଥିବା ନିମ୍ନୋକ୍ତ କଥାଗୁଡ଼ିକ କୌତୂହଳପ୍ରଦ ବୋଧହୁଏ । ତାହା ହେଉଛି—'ମୁଁ' ଆଜି ପ୍ରଭୁଙ୍କର ଭକ୍ତ ରୂପରେ ଅବତାର ଗ୍ରହଣ କରିଥିବା ଭଗବାନ ଶ୍ରୀ ଶଙ୍କରଦେବଙ୍କ ଦ୍ୱାରା ପୁନଶ୍ଚ ସ୍ୱପ୍ନାବିଷ୍ଟ ହୋଇଛି ଏ ନାଟକଟି ଲେଖିବାପାଇଁ ।'

ଶଙ୍କରଦେବ ଦୀର୍ଘ ଭ୍ରମଣରୁ ଫେରି ଘରେ ପହଞ୍ଚିଲାବେଳକୁ ତାଙ୍କର

ପିତାମହୀ ତଥାପି ପୁଣି ବଞ୍ଚିଥିଲେ । ସେ ଧରିବସିଲେ, ଶଙ୍କର ପୁଣି ବିବାହ କରି ସାଧୁ ଉତ୍ତମ ଗୃହସ୍ଥ ଜୀବନ ଯାପନ କରନ୍ତୁ । ଏଣେ ଭୂୟାଁମାନେ ମଧ୍ୟ ଶାସନଭାର ଗ୍ରହଣ କରିବାକୁ ତାଙ୍କୁ ବାଧ୍ୟ କଲେ ।

କିନ୍ତୁ ଶଙ୍କରଙ୍କ ଅନ୍ତର ଆଉ ଏକ ରାଜ୍ୟର ଆଲୋକରେ ଉଦ୍ଭାସିତ ହେଉଥିଲା—ସେ ରାଜ୍ୟ ପରମେଶ୍ୱରଙ୍କର । ସମଗ୍ର ଉତ୍ତର-ଭାରତରେ ସେତେବେଳେ ନବ ବୈଷ୍ଣବ ଆନ୍ଦୋଳନର ଉଦାର ଭାବଧାରାଜନିତ ନବ ଜୀବନର ସ୍ପନ୍ଦନ ସେ ଦେଖିଆସିଥିଲେ । ସେ ତାଙ୍କ ଜୀବନର ଲକ୍ଷ୍ୟ ସମ୍ପର୍କରେ ନିଷ୍ପତ୍ତି ନେଇ ସାରିଥିଲେ ଏବଂ ବର୍ତ୍ତମାନ ସେ ତାଙ୍କ ନିଷ୍ପତ୍ତିକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଚେଷ୍ଟିତ ହୋଇ ଉଠିଲେ । ସେ ଜାଣିଥିଲେ, ରାଜ୍ୟ ଶାସନ ବା ଗୃହସ୍ଥଳୀର ଦାୟିତ୍ୱ ସେଥିରେ ଅନ୍ତରାୟ ହେବ; ତଥାପି ସେ ତାଙ୍କର ଆତ୍ମୀୟ-ସ୍ୱଜନମାନଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ହେତୁ ସେ ଦାୟିତ୍ୱକୁ ଏଡ଼ି ପାରି ନ ଥିଲେ । ସେ ୧୪୯୭ ସାଲରେ କାଳିନ୍ଦୀଙ୍କୁ ବିବାହ କଲେ ଏବଂ ତାର ଅବ୍ୟବହିତ ପୂର୍ବରୁ ଶିରୋମଣି ଭୂୟାଁ ଦାୟିତ୍ୱ ଗ୍ରହଣ କଲେ; କିନ୍ତୁ ଧର୍ମଗ୍ରନ୍ଥମାନଙ୍କରୁ ସେ ତାଙ୍କର ମନକୁ ଛଡ଼ାଇ ନେଇ ପାରିଲେ ନାହିଁ । ଏକ ନିର୍ଜନ ସ୍ଥାନରେ ସେ ଗୋଟିଏ କ୍ଷୁଦ୍ର ମନ୍ଦିର ନିର୍ମାଣ କରି ସେଠାରେ ଅନ୍ୟ ଲୋକମାନଙ୍କ ସଙ୍ଗେ ବସି ଶାସ୍ତ୍ରାଲୋଚନା କରୁଥିଲେ ଓ ସମୂହ ପ୍ରାର୍ଥନା କରୁଥିଲେ । ଏହି ଅନୁଷ୍ଠାନ ହିଁ ଥିଲା ପରବର୍ତ୍ତୀ କାଳରେ ବୈଦିକ ଯୁଗର ଯଜ୍ଞାଧିବେଶନ (ଯଥା 'ଶତପଥ ବ୍ରାହ୍ମଣ'ବର୍ଣ୍ଣିତ ପଞ୍ଚରାତ୍ର ସତ୍ର) କିମ୍ବା ତତ୍ପରବର୍ତ୍ତୀ କାଳର ଜ୍ଞାନାଲୋଚନା ସଭା (ବ୍ରହ୍ମ ସତ୍ର, ଯହିଁରେ ବ୍ରହ୍ମାଙ୍କର ଚରମ ସତ୍ୟ ସମ୍ପର୍କରେ ଆଲୋଚନା କରାଯାଇଥାଏ) ଛାଞ୍ଚାରେ ଗଠିତ ପ୍ରସିଦ୍ଧ 'ସତ୍ର' ଅନୁଷ୍ଠାନର ମୂଳ ଉତ୍ସ । ଏହି ସମୟରେ ଜଗଦୀଶ ମିଶ୍ର ନାମକ ତ୍ରିହୁତନିବାସୀ ଜଣେ ଧର୍ମପ୍ରାଣ ବ୍ୟକ୍ତି ପୁରୀରୁ ଆସିଥିଲେ । ସେ ତାଙ୍କ ସାଙ୍ଗରେ ଭାବାର୍ଥ-ଦୀପିକା-ଟୀକା ସଙ୍କଳିତ ଭାଗବତ ପୁରାଣରୁ ଖଣ୍ଡିଏ ଆଣିଥିଲେ । ଏ ଧର୍ମ-ପ୍ରାଣ ବ୍ୟକ୍ତି ଭଗବଦ୍ଭକ୍ତି-ରତ୍ନାକରର ସଙ୍କଳୟିତା ବିଷ୍ଣୁପୁରୀ ସନ୍ନ୍ୟାସୀଙ୍କର

ପ୍ରଶିଦ୍ଧ ଏବଂ କଥିତ ଅଛି, ସେ ଏ ଗ୍ରନ୍ଥ ଆଣିବା କାର୍ଯ୍ୟ ପ୍ରଭୁ ଜଗନ୍ନାଥଙ୍କ ଆଦେଶରେ କରିଥିଲେ । ଏଥିରୁ ସରଳ ଭାବରେ ଏହାହିଁ ଧରିନିଆଯାଇ-ପାରେ ଯେ ପୋଥି ଖଣ୍ଡିକ ମିଳିଲେ ତୁରନ୍ତ ତାଙ୍କ ପାଖକୁ ପଠାଇ ଦେବାପାଇଁ ଶଙ୍କର ବୋଧହୁଏ ପୁରୀରେ କାହାକୁ କହିଆସିଥିଲେ । ପ୍ରାୟ ବର୍ଷେକାଳ ଶ୍ରୀଧର ବ୍ୟାଖ୍ୟାନୁସରଣରେ ଉକ୍ତ ପୁରାଣ ଉପରେ ଆଲୋଚନା ଚାଲିଲା । ସେତେବେଳେ ଜଗଦୀଶ ଶଙ୍କରଦେବଙ୍କ ସହିତ ବରଦୋବାରେ ରହୁଥିଲେ । ବର୍ତ୍ତମାନ ଶଙ୍କରଙ୍କ ମନରେ ଦୃଢ଼ ଧାରଣା ହୋଇସାରିଥିଲା ଯେ, ପୁରାଣର ବାଣୀ ଅର୍ଥାତ୍ କୃଷ୍ଣ-ବିଷ୍ଣୁଙ୍କର ଏକ ଶରଣ ଦୀକ୍ଷାରୂପକ ଧର୍ମମତର ବାଣୀ ସର୍ବୋତ୍କୃଷ୍ଟ ଓ ସର୍ବଶ୍ରେଷ୍ଠ ଅଟେ । ସେ ତାଙ୍କ ଧର୍ମ-ମତର ପ୍ରଧାନ ନୀତିଗୁଡ଼ିକ ଅବଧାରିତ କରିବାପାଇଁ ତିନିଗୋଟି ମୌଳିକ ଉପାଦାନର ସମ୍ମିଶ୍ରଣ କରିଥିଲେ; ଯଥା—ଭାଗବତରୁ ଗୃହୀତ ସତ୍‌ସଙ୍ଗ ଅର୍ଥାତ୍ ସାଧୁ ଭକ୍ତମାନଙ୍କ ସଙ୍ଗ, ପଦ୍ମପୁରାଣ ଉତ୍ତରଖଣ୍ଡରୁ ଗୃହୀତ ନାମ ଅର୍ଥାତ୍ ଭଗବାନଙ୍କ ନାମ କୀର୍ତ୍ତନ, ଶ୍ରୀମଦ୍ ଭଗବତ୍ ଗୀତାରେ ପ୍ରତିପାଦିତ ଏକ ଭଗବାନଙ୍କଠାରେ ଐକାନ୍ତିକ ଭକ୍ତି ଅର୍ପଣ ବା ଏକଶରଣ । ସେ ଭକ୍ତି ସିଦ୍ଧାନ୍ତ ବା ପ୍ରେମମୂଳକ ଧର୍ମତତ୍ତ୍ୱ ସହଜ, ସରଳ ଓ ଦେଶପ୍ରଚଳିତ ଭାଷାରେ ବିଭିନ୍ନ ରାଗରାଗିଣୀ ଦେଇ ପଦ୍ୟାକାରରେ ବ୍ୟାଖ୍ୟାନ କରିବା ଏବଂ ଧର୍ମସଭା ଜରିଆରେ ପ୍ରଚାର କରିବାକୁ କର୍ତ୍ତବ୍ୟରୂପେ ଗ୍ରହଣ କରିଥିଲେ । ସେ ଯେତେବେଳେ ଦେଖିଲେ, ଲୋକେ ଏ ନୂତନ ଧର୍ମପ୍ରତି ଏକପ୍ରକାର ସ୍ୱତଃପ୍ରବୃତ୍ତ ହୋଇ ଆକୃଷ୍ଟ ହେଉଛନ୍ତି, ସେ ତେଣିକି ଧାରାବାହିକ ଭାବରେ ଲୋକଙ୍କୁ ତାଙ୍କ ଧର୍ମରେ ଦୀକ୍ଷିତ କରିବା କାର୍ଯ୍ୟରେ ଲାଗିପଡ଼ିଲେ ।

ଏହି ସମୟରେ ଶଙ୍କରଦେବ ତାଙ୍କର ପ୍ରଥମ ନାଟକ 'ଚିହ୍ନ ଯାତ୍ରା' ଅର୍ଥାତ୍ ଚିତ୍ରପଟ-ନାଟକ ରଚନା କରିଥିବାର କଥିତ ହୁଏ । ପୃଷ୍ଠପଟ ପାଇଁ ତୁଳାରେ ତିଆରି କାଗଜରେ ସେ ବିଷ୍ଣୁଙ୍କର ଦିବ୍ୟଧାମ ବୈକୁଣ୍ଠର ଚିତ୍ରଣ କରିଥିଲେ । ନାଟକର ଆନୁଷଙ୍ଗିକ ସଙ୍ଗୀତ ଓ ନୃତ୍ୟ ସେ ତାଙ୍କର ଆତ୍ମୀୟ

ତଥା ଅନୁଗାମୀମାନଙ୍କୁ ଅଭ୍ୟାସ କରାଉଥିଲେ ଓ ନୂଆ ପ୍ରକାରର ବାଦ୍ୟଯନ୍ତ୍ର ନିର୍ମାଣ କରାଇଥିଲେ । ନାଟକର କେତେକ ସ୍ଥଳରେ ସେ ନିଜେ ସୂତ୍ରଧର (ପରିଚାଳକ-ନିର୍ଦ୍ଦେଶକ) ଏବଂ ବିଷ୍ଣୁ ଭୂମିକାରେ ଅଭିନୟ କରିଥିଲେ ଏବଂ ଏହା ଶେଷ କରିବାକୁ ମୋଟ ସାତ ଦିନ ଲାଗିଥିଲା । ଏ ସାଡ଼ମ୍ବର ନାଟ୍ୟ ସମାରୋହ ଅନେକଙ୍କୁ ଶଙ୍କରଙ୍କ ଶିଷ୍ୟତ୍ୱ ଗ୍ରହଣ କରିବାପାଇଁ ଆକୃଷ୍ଟ କରିଥିଲା । ସେ ଜଣେ ସ୍ୱାଧୀନ ଓ ନିର୍ଭୀକ ଧର୍ମପ୍ରଚାରକ ହୋଇପାରିଲେ ଏବଂ ନିଜ ଘରୁ ଆରମ୍ଭ କରି ତାଙ୍କ ନିଜ ଲୋକଙ୍କୁ ପ୍ରଥମେ ତାଙ୍କ ନୂତନ ପ୍ରତିଷ୍ଠିତ ଧର୍ମରେ ଦୀକ୍ଷିତ କଲେ ।

ମୁଁ ଅନ୍ୟତ୍ର କହିଛି, ଶଙ୍କରଦେବଙ୍କ ବୈଷ୍ଣବ-ଆନ୍ଦୋଳନ ଓ ତତ୍ସଙ୍ଗେ ସାଂସ୍କୃତିକ କ୍ଷେତ୍ରରେ ପୁନରଭ୍ୟୁଦୟ ଏହିପ୍ରକାରେ ତାଙ୍କର ଜନ୍ମ-ସ୍ଥାନ ବରଦୋବାରେ ଅବସ୍ଥାନ କରୁଥିବା ସମୟରେ ଆରମ୍ଭ ହୋଇଥିଲା; ଯେତେବେଳେକି ତାଙ୍କ ଚତୁର୍ଦ୍ଦିଗରେ ବାରଭୂୟାଁ ଶାସକମାନେ ଛୋଟ ଛୋଟ ରାଜ୍ୟଖଣ୍ଡମାନ ଶାସନ କରୁଥିଲେ । ଏହିଠାରେ ହିଁ ଶଙ୍କର ତାଙ୍କ ଧର୍ମର ପ୍ରଧାନ ନୀତିଗୁଡ଼ିକ ଏବଂ ସାହିତ୍ୟ ଓ ସଙ୍ଗୀତ ମାଧ୍ୟମରେ ସେଗୁଡ଼ିକର ପ୍ରଚାର କରିବାର ପ୍ରଣାଳୀ ଓ କୌଶଳ ସ୍ଥିର କରିଥିଲେ । ସେ ବରଗୀତ ନାମକ କ୍ଷୁଦ୍ର ଗୀତି କବିତା, ଅପେକ୍ଷାକୃତ ଦୀର୍ଘତର କୀର୍ତ୍ତନ ଓ ଅନ୍ୟପ୍ରକାରର କବିତାମାନ ରଚନା କରିଥିଲେ; କିନ୍ତୁ ଧର୍ମ ଓ ସଂସ୍କୃତିର ପୁନଃ ସଂସ୍ଥାପନର ଆରମ୍ଭ ସେ ପର୍ଯ୍ୟନ୍ତ ପୂର୍ଣ୍ଣମାତ୍ରାରେ ହୋଇ ନଥିଲା ।

ଇତିମଧ୍ୟରେ ଅଶାନ୍ତିର ସମୟ ଦେଖାଦେଇଥିଲା । ଭୂୟାଁମାନଙ୍କ ରାଜ୍ୟ ଉଚ୍ଚତ-ବର୍ମୀ ଉପଜାତିର କଚାରିମାନଙ୍କ ରାଜ୍ୟକୁ ଲାଗି ରହିଥିଲା । ଗୋଚର ଓ କୃଷି ଜମି ନେଇ ଦୁଇ କ୍ଷୁଦ୍ର ଶକ୍ତି ମଧ୍ୟରେ ସ୍ଥାୟୀ ବିବାଦ ଲାଗିରହିଥିଲା; ଯଦିଓ ମଝିରେ ମଝିରେ ବନ୍ଧୁତା ଓ ସଦ୍‌ଭାବ ମଧ୍ୟ ଦେଖା ଦେଉଥିଲା । ଶଙ୍କରଦେବ ପ୍ରଥମେ ଶିରୋମଣି ଭୂୟାଁ ଦାୟିତ୍ୱ ଗ୍ରହଣ କଲାବେଳେ ବିବାଦ ଉତ୍କଟ ଆକାର ଧାରଣ କରିଥିଲା । ସେ ଅସୀମ

କୌଶଳ ଓ ସହନଶୀଳତାର ସହିତ ପରିସ୍ଥିତିର ସମାଧାନ ବ୍ୟବସ୍ଥା କରିଥିଲେ । ବର୍ତ୍ତମାନ ସେ ସବୁ ଦାୟିତ୍ୱରୁ ଅବ୍ୟାହତି ନେଉଥିବାରୁ ଏବଂ ଆଧ୍ୟାତ୍ମିକ ଚିନ୍ତାରେ ଅଧିକରୁ ଅଧିକ ମନୋନିବେଶ କରୁଥିବାରୁ ତାଙ୍କର ଯେଉଁ ଆତ୍ମୀୟମାନେ ମାତ୍ରାଳ ମୂଳକ ବୁଝାସୁଝା କରୁଥିଲେ, ସେମାନେ ନ୍ରୁଟିପୂର୍ଣ୍ଣ ଭାବରେ କାର୍ଯ୍ୟ ପରିଚାଳନା କଲେ । କଚ୍ଛାରୀମାନଙ୍କ ସଙ୍ଗେ ବିରୋଧର ଅପରିହାର୍ଯ୍ୟ ଫଳସ୍ୱରୂପ ଶାନ୍ତିର ଅଭାବ ଦେଖାଗଲା । ଶଙ୍କର-ଦେବ ସେଆଡ଼କୁ ଦୃଷ୍ଟି ନଦେବାରୁ ଭୂୟାଁମାନେ ଅପରପକ୍ଷରୁ ବହୁ ଲୋକକ୍ଷୟ ଘଟାଇଲେ । ସେ ଯେତେବେଳେ ଦୁଃଖର ସହିତ ଅନୁଭବ କଲେ ଯେ କଚ୍ଛାରୀମାନଙ୍କ ସଙ୍ଗେ ଶାନ୍ତି ସ୍ଥାପନ କରିବା ଆଉ ସମ୍ଭବ ନୁହେଁ, ସେତେବେଳେ ସେ ତାଙ୍କର ପଡ଼ୋଶୀ ଭୂୟାଁମାନଙ୍କୁ ପରାମର୍ଶ ଦେଲେ ଯେ ସେମାନେ ସେ ଅଞ୍ଚଳ ସସମ୍ମାନ ପରିତ୍ୟାଗ କରି ବ୍ରହ୍ମପୁତ୍ରର ଠିକ୍ ଉତ୍ତରକୁ ଲାଗିଥିବା ଅପର ଭୂୟାଁ ରାଜ୍ୟକୁ ଚାଲିଯିବା ଉଚିତ । ଏ ଘଟଣା ୧୫୧୬-୧୭ ଖ୍ରୀଷ୍ଟାବ୍ଦରେ ଘଟିଥିଲା । ଏ ଘଟଣା ମଧ୍ୟ ଆସାମରେ ବ୍ରହ୍ମପୁତ୍ର ନଦୀର ଦକ୍ଷିଣ ତୀରବର୍ତ୍ତୀ ଅଞ୍ଚଳରେ ଭୂୟାଁ ଶାସନର ଅବସାନ ସଙ୍ଗେ ସଙ୍ଗେ ସେମାନଙ୍କ ରାଜନୈତିକ ପ୍ରାଧାନ୍ୟର ଶେଷାବଶେଷର ବିଲୋପ ଘଟାଇଲା । ଶଙ୍କରଦେବ ଓ ତାଙ୍କର ଅନୁଚରମାନେ ଉତ୍ତରାଞ୍ଚଳବାସୀ ଭୂୟାଁମାନଙ୍କ ସହିତ ଅଳ୍ପ କେତେ ମାସ ପାଇଁ ରହିଥିଲେ । ତା ପରେ ସେ ବିଶ୍ୱସିଂହଙ୍କ ନେତୃତ୍ୱରେ ମାଡ଼ିଆସୁଥିବା କୋଚଶକ୍ତିର ସମ୍ମୁଖରେ ନିରାପଦ ମଣିଲେ ନାହିଁ । ତେଣୁ ସେମାନେ ଆହୋମ ରାଜ୍ୟ ଭିତରକୁ ଚାଲିଗଲେ ଏବଂ ଆଧୁନିକ ବିଶ୍ୱନାଥଘାଟ ନିକଟବର୍ତ୍ତୀ ଗାଙ୍ଗମୌ ନାମକ ସ୍ଥାନରେ ଆସ୍ଥାନ ପକାଇଲେ । କିନ୍ତୁ ଏ ସ୍ଥାନଟି କୋଚ ତଥା ଉତ୍ତର ପର୍ବତମାଳାରେ ବାସ କରୁଥିବା ଦଫ୍ଲାମାନଙ୍କ ହାତପହଞ୍ଚ ସୀମା ଭିତରେ ଥିଲା । ଏଭଳି ସଙ୍କଟରେ ପଡ଼ି ସେମାନେ ବ୍ରହ୍ମପୁତ୍ର ନଦୀର ମାଜୁଲି ନାମକ ଦ୍ୱୀପ ଉଦ୍ଦେଶ୍ୟରେ ଆହୁରି ପୂର୍ବକୁ ଘୁଞ୍ଚିଗଲେ—ଏହି ଭରସାରେ ଯେ, ଜଳ ସେମାନଙ୍କୁ ସମସ୍ତ ସମ୍ଭାବ୍ୟ ଆକ୍ରମଣରୁ ରକ୍ଷାକରିବ ।

ଭୂୟାଁ ଓ ବୈଷ୍ଣବମାନେ ଧୂଓ୍ୱାହାଟ ବା ବେଲଗୁଡ଼ିଠାରେ ଘର କରି ରହୁଥିଲେ । ଏ ସ୍ଥାନଟି ପ୍ରାୟ ଚାରି ଶତାବ୍ଦୀ ପରେ ୧୯୧୫ ସାଲରେ ବର୍ଷାକାଳୀନ ବନ୍ୟା ଓ ବ୍ରହ୍ମପୁତ୍ର ନଦୀର ମୃତ୍ତିକା କ୍ଷୟଦ୍ୱାରା ଲୋପ ପାଇଗଲା । ଏହି ସ୍ଥାନରେ ସେମାନେ ବଡ଼ ନିରାପଦ ଅନୁଭବ କରୁଥିଲେ ଏବଂ ଶଙ୍କରଦେବଙ୍କ ଧର୍ମ ସମ୍ପ୍ରଦାୟ ଏଠାରେ ଅତମାତ୍ରାରେ ସମୃଦ୍ଧି ଲାଭ କରିଥିଲେ । ଏଠାରେ ତାଙ୍କର ସବୁଠୁଁ ବଡ଼ ଲାଭ ହେଲା ଯେ ସେ ତାଙ୍କର ସବୁଠୁଁ ବଳି ପ୍ରିୟ ଶିଷ୍ୟ ଓ ମୁଖ୍ୟ ଧର୍ମପ୍ରଚାରକ ମାଧବ ଦେବଙ୍କୁ ପାଇଲେ । ସେତେବେଳେ ମାଧବ ଦେବ ବତିଶ ବର୍ଷ ବୟସର ଜଣେ କାୟସ୍ଥ ଯୁବକ; ମନରେ ବିଦ୍ୟାର ଅହଙ୍କାର ଏବଂ ନୈଷ୍ଠିକ ଶାକ୍ତ । ସେ ବୟୋଜ୍ୟେଷ୍ଠ ବୈଷ୍ଣବ (ଶଙ୍କର)ଙ୍କ ନୂତନ ଧର୍ମ ବିରୁଦ୍ଧରେ ଯୁଦ୍ଧ ଆହ୍ୱାନ ଜଣାଇବା ଉଦ୍ଦେଶ୍ୟରେ ତାଙ୍କ ଭଗ୍ନୀପତି ଓ ଶଙ୍କରଦେବଙ୍କ ଶିଷ୍ୟ ରାମଦାସଙ୍କ ସାଥୀରେ ଆସିଥିଲେ । ମାତ୍ର ସେ ଶୀଘ୍ର ବୁଝିପାରିଲେ ଯେ ତାଙ୍କୁ ଜଣେ ଦୁର୍ଦ୍ଧର୍ଷ ପ୍ରବଳ ପ୍ରତିପକ୍ଷ ବିରୁଦ୍ଧରେ ଯୁଦ୍ଧ କରିବାକୁ ପଡ଼ୁଛି । ଶାକ୍ତ ଧର୍ମ ଓ ରକ୍ତବଳିର ସମର୍ଥନରେ ସେ ଯେତିକି ଯୁକ୍ତି ବାଢ଼ିଲେ ଶଙ୍କରଦେବ ସେଗୁଡ଼ିକୁ ଗୋଟି ଗୋଟିକରି ଖଣ୍ଡନ କରିଥିଲେ; କାରଣ ସେ ଜୀବବଳିକୁ ଦୃଢ଼ ଭାବରେ ନିଷେଧ କରିଥିଲେ । ବାକ୍‌ଯୁଦ୍ଧ ଦୁହିଁଙ୍କର ଉତ୍ତେଜନାର ସହିତ ସାଢ଼େ ଚାରି ଘଣ୍ଟା ଚାଲିବା ପରେ ଶଙ୍କରଦେବ ଭାଗବତ ପୁରାଣର ୪ଥ ସ୍କନ୍ଦର ୩୧ଶ ଅଧ୍ୟାୟର ୧୪ ସଂଖ୍ୟକ ଶ୍ଳୋକଟି ଆବୃତ୍ତି କରିଥିଲେ; ଯଥା—ଯେପରି ଗଛ ମୂଳରେ ପାଣି ଢାଳିବାଦ୍ୱାରା ଶାଖା ପଲ୍ଲବ ଖାଦ୍ୟ ପାଇ ବଞ୍ଚନ୍ତି, ଯେପରି କେବଳ ପେଟରେ ଖାଦ୍ୟ ଦେଲେ ସମସ୍ତ ଅଙ୍ଗ-ପ୍ରତ୍ୟଙ୍ଗ ବଞ୍ଚି ରହନ୍ତି, ସେହିପରି କେବଳ ଅଚ୍ୟୁତ (ବିଷ୍ଣୁ) ଙ୍କୁ ପୂଜା ଆରାଧନା କଲେ, ତଦ୍ଦ୍ୱାରା ସମସ୍ତ ଦେବାଦେବୀ ସନ୍ତୋଷ ଲାଭ କରନ୍ତି ।

ଏକଶରଣ -ଦୀକ୍ଷା ବିରୁଦ୍ଧରେ ମାଧବଙ୍କର ସମସ୍ତ ଆକ୍ରମଣ ପଣ୍ଡ ହୋଇଗଲା । ସେ ବୁଝିଲେ ଯେ ଶଙ୍କରଦେବଙ୍କ ଜ୍ଞାନ ହିଁ ପ୍ରକୃତ ଜ୍ଞାନ ।

ତେଣୁ ସେ ତାଙ୍କୁ ଗୁରୁରୂପେ ଗ୍ରହଣ କରି ତାଙ୍କ ପାଦତଳେ ପଡ଼ିଗଲେ । ସେହିଠାରୁ ତାଙ୍କ ଜୀବନ ଧର୍ମ, ଗୁରୁ ଓ ସଂଘ ନିକଟରେ ପୂର୍ଣ୍ଣତଃ ଉତ୍ସର୍ଗୀତ ହେଲା । ଅଳ୍ପ କେତେ ଦିନ ତଳେ ନେଘେରୀର ରାଜକାର୍ଯ୍ୟ ନୌଘାଟୀ ନିକଟରେ ବାସକରୁଥିବା ଜଣେ କାୟସ୍ଥଙ୍କର କନ୍ୟା ସଙ୍ଗେ ତାଙ୍କର ବିବାହ ନିମନ୍ତେ ନିର୍ବନ୍ଧ କରାଯାଇଥିଲା । ସଂଘର କାର୍ଯ୍ୟ ବାଧାପ୍ରାପ୍ତ ହେବ ଭାବି ସେହି ବିବାହ ପ୍ରସ୍ତାବ ଭାଙ୍ଗି ଦେବା ପାଇଁ ସେ ଏକ ସାଧାରଣ ଛଳନାର ଆଶ୍ରୟ ନେଇଥିଲେ । ସେ ଗୃହ ତ୍ୟାଗ କରି ଗୁରୁଙ୍କ ନିକଟରେ ଜଣେ ସନ୍ନ୍ୟାସୀ ଭାବରେ ବାସ କଲେ । ଏଣେ ଶଙ୍କରଦେବ ଏହି ବିଦ୍ୱାନ୍ ଯୁବକଙ୍କୁ ପ୍ରଧାନ ବଳରୂପେ ପାଇଥିଲେ । ସେ ଗୁରୁଙ୍କର ଦୈନନ୍ଦିନ କାର୍ଯ୍ୟ-କଳାପରେ ଏପରି ଜଣେ ଅନ୍ତରଙ୍ଗ ନିଷ୍ଠାବାନ୍ ସହଚର ହୋଇ ପଡ଼ି-ଥିଲେ ଯେ ଗୁରୁ ତାଙ୍କୁ ପ୍ରାଣବାନ୍ଧବ ବୋଲି ସମ୍ବୋଧନ କରୁଥିଲେ । ମାଧବ ଦେବ ଜଣେ ଉତ୍ତମ ପ୍ରବକ୍ତା ଥିଲେ । ଧର୍ମ-ସମ୍ମେଳନମାନଙ୍କରେ ଗାନ କରାଯାଉଥିବା ସଙ୍ଗୀତ ଏଣିକି ଅଧିକ ମଧୁର ହେଲା ଓ ବହୁ ଲୋକ ଆକୃଷ୍ଟ ହେଲେ । ଭକ୍ତମାନଙ୍କର ଭ୍ରାତୃସଂଖ୍ୟା ବଢ଼ି ଚାଲିଲା ।

ଶଙ୍କରଦେବଙ୍କ ଧର୍ମନୀତି ଯୁଗଯୁଗାନ୍ତରବ୍ୟାପୀ ବ୍ରାହ୍ମଣ୍ୟଧର୍ମର ଉଗ୍ର ନୈଷ୍ଠିକବାଦ ବିରୁଦ୍ଧରେ ଆହ୍ୱାନ ଦେବାପାଇଁ ଏକାଧିକ ମାର୍ଗରେ କାର୍ଯ୍ୟ କରୁଥିଲା । ଭକ୍ତିର ଦ୍ୱାର ଜାତି ଓ ପ୍ରତିପତ୍ତି ନିର୍ବିଶେଷରେ ସମସ୍ତଙ୍କ ପାଇଁ ଉନ୍ମୁକ୍ତ । ଭକ୍ତି ବ୍ରାହ୍ମଣ ତଥା ଚଣ୍ଡାଳକୁ ଧର୍ମକ୍ଷେତ୍ରରେ ସମାନ ଆସନ ଦେଇଥାଏ । ଶଙ୍କରଦେବ ଘୋଷଣା କରିଥିଲେ, "ଚଣ୍ଡାଳ ପର୍ଯ୍ୟନ୍ତ କରି, ହରି ଭକ୍ତି ଅଧିକାରୀ ।" ଆଚଣ୍ଡାଳ ସମସ୍ତଙ୍କର ହରିଙ୍କୁ ଭକ୍ତି କରିବାର ଅଧିକାର ଅଛି । ପରମାତ୍ମାଙ୍କୁ ଭକ୍ତି ନିବେଦନ କରିବାପାଇଁ କାହାରି ବିରାଟ ଧର୍ମ-ଶାସ୍ତ୍ରରେ ପଣ୍ଡିତ ହେବା ଆବଶ୍ୟକ ନାହିଁ । ଶଙ୍କରଦେବ ଭାଗବତ ପୁରାଣ ପ୍ରଭୃତି ଧର୍ମଶାସ୍ତ୍ରମାନ ସରଳଭାବେ ଅସମୀୟା ଭାଷାରେ ସଙ୍ଗୀତ ଓ ପଦ୍ୟାକାରରେ ଅନୁବାଦ କଲେ । ଏତଦ୍ୱାରା ସମାଜରେ ସର୍ବନିମ୍ନ ଶ୍ରେଣୀର ଦ୍ୱାର ପର୍ଯ୍ୟନ୍ତ ଧର୍ମ ପହଞ୍ଚିପାରିଲା । କାରଣ ପ୍ରତ୍ୟେକେ ସେ ସବୁ ସଂଗୀତ

ଗାନ କରିପାରୁଥିଲେ, ପଦ୍ୟ ଆବୃତ୍ତି କରିପାରୁଥିଲେ ଏବଂ ତହିଁରୁ ଆନନ୍ଦ ପାଉଥିଲେ । ଅଧିକନ୍ତୁ ସନ୍ଥ ଶଙ୍କର ଘୋଷଣା କରିଥିଲେ, ସରଳପ୍ରାଣରେ ଏହି ଗାନ ଓ ଆବୃତ୍ତି ଏବଂ ଈଶ୍ୱରାନୁରକ୍ତି ମନୁଷ୍ୟକୁ ମୋକ୍ଷ ପ୍ରାପ୍ତି ଦଗରେ ଆଗେଇନିଏ । ଯଦିବା ସେ ତାଙ୍କ ଏକଶରଣମତ ସଙ୍ଗେ ମେଳ ଖାଉ-ଥିବା ବ୍ରାହ୍ମଣ୍ୟ ପ୍ରଥାମାନ ବର୍ଜନ କରି ନ ଥିଲେ, ତଥାପି ତାଙ୍କର ଶିକ୍ଷା ପ୍ରତିଷ୍ଠିତ ପୁରୋହିତଗୋଷ୍ଠୀକୁ ବିଚଳିତ କରୁଥିଲା । କାରଣ ଏ ନୂତନ ଧର୍ମ ଗୋଟିଏ ନୂତନ ପୁରୋହିତଗୋଷ୍ଠୀ ସୃଷ୍ଟି କଲା ଏବଂ ପାରମ୍ପରିକ ଗୋଷ୍ଠୀର ପ୍ରାଧାନ୍ୟକୁ ବହୁ ପରିମାଣରେ ଖର୍ବ କଲା । ବିଶେଷତଃ ଅଣବୈଷ୍ଣବ ସମ୍ପ୍ରଦାୟ ଏ ନୂତନ ଆହ୍ୱାନଦ୍ୱାରା ପ୍ରବଳ ଭାବରେ କ୍ଷତିଗ୍ରସ୍ତ ହେଲେ । ଗୋଟିଏ ତାନ୍ତ୍ରିକ ଧର୍ମର ଦେଶ ପକ୍ଷରେ ଏ ଘଟଣାର ବିଶେଷତ୍ୱ କେତେ ତାହା ବର୍ଣ୍ଣନାର ଅତୀତ । ଯାହାହେଉ, କ୍ଷତିଗ୍ରସ୍ତ ସମ୍ପ୍ରଦାୟ ଆହ୍ୱାନକୁ ଗ୍ରହଣ କଲେ ଏବଂ ଶଙ୍କର-ଦେବଙ୍କ ସଙ୍ଗେ ପ୍ରକାଶ୍ୟ ଶତ୍ରୁତା କଲେ । ତାଙ୍କ ଅନୁଗାମୀମାନଙ୍କୁ ଗାଳି ଓ ନିର୍ଯାତନା ଦେଲେ । ସେମାନେ ପଥଗାମୀ ବୈଷ୍ଣବମାନଙ୍କୁ ପଥର ଢେଲା ଫିଙ୍ଗୁଥିଲେ; ଅଶ୍ଳୀଳ ଭାଷାରେ ଗାଳି ଦେଉଥିଲେ; ଆଉ ଯେଉଁଠି ପାଉଥିଲେ ସେଠି ତାଙ୍କ ଧର୍ମ ଉପରେ ଗାଳି ବର୍ଷଣ କରୁଥିଲେ । ଏ ନୂତନ ଧର୍ମଦ୍ୱାରା ଖାଲି ପୁରୋହିତଗୋଷ୍ଠୀ ଯେ ଆର୍ଥିକ କ୍ଷତିଗ୍ରସ୍ତ ହେଉଥିଲେ ସେତିକି ନୁହେଁ, ସେମାନଙ୍କ ଛଡ଼ା ବଡ଼ ବଡ଼ ବ୍ରାହ୍ମଣ ପଣ୍ଡିତମାନେ, ଯେଉଁମାନେ ଉଚ୍ଚ ସମ୍ମାନ ଓ ଭାରତୀ, କନ୍ଦଲୀ, ଉପାଧ୍ୟାୟ, ମିଶ୍ର, ଆଚାର୍ଯ୍ୟ ଭଳି ଗର୍ବିତ ଉପାଧିର ଅଧିକାରୀ ଥିଲେ, ଶଙ୍କରଦେବ ଓ ମାଧବଦେବଙ୍କ ପାଣ୍ଡିତ୍ୟର ପରାକାଷ୍ଠା ହେତୁ ସେମାନଙ୍କ ଖ୍ୟାତି ମଧ୍ୟ ବିପନ୍ନ ହୋଇପଡ଼ିଲା । ଆହୁରି ମଧ୍ୟ ବୈଷ୍ଣବମାନଙ୍କୁ ପାଷଣ୍ଡ ବା ତାନ୍ତ୍ରିକ ବୌଦ୍ଧମାନଙ୍କର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଶଙ୍କରଦେବ 'ପାଷଣ୍ଡ ମର୍ଦ୍ଦନ' (ବିଧର୍ମୀଦମନ) ନାମକ ଗୋଟିଏ କବିତା ରଚନା କରିଥିଲେ । ଏ କବିତା ସେମାନଙ୍କୁ ସଫଳତାର ସହିତ ପଦାରେ ପକାଇଦେଇଥିଲା ଏବଂ ସେମାନଙ୍କୁ ବୈଷ୍ଣବମାନଙ୍କ କର୍ମ-

କେନ୍ଦ୍ରରୁ ଦୂରକୁ ବିତାଡ଼ିତ କରି ଦେଇଥିଲା । ଯେତେବେଳେ ହିନ୍ଦୁ-ଗୋଷ୍ଠୀ ଭିତରେ ଶତ୍ରୁତା ବଢ଼ିବଢ଼ି ଅସମ୍ଭାଳ ଅବସ୍ଥାକୁ ଆସିଗଲା ଶଙ୍କରଦେବ ତାଙ୍କର ଜଣେ ଆତ୍ମୀୟଙ୍କ ଘରଠାରେ ଗୋଟିଏ ଧର୍ମ ସମ୍ମିଳନୀ ଡକାଇ ସେଠାରେ ନେତୃସ୍ଥାନୀୟ ବ୍ରାହ୍ମଣ ପଣ୍ଡିତମାନଙ୍କୁ ଭେଟିବାର ବ୍ୟବସ୍ଥା କଲେ । ସେଠାରେ ଗୋଟିଏ ପୂର୍ଣ୍ଣାଙ୍ଗ ତର୍କସଭା ଅନୁଷ୍ଠିତ ହୋଇଥିଲା । ପ୍ରବର୍ତ୍ତନାମୂଳକ ପ୍ରଶ୍ନ ପଚାରି ସନ୍ଥ ଶଙ୍କର ତାଙ୍କର ଧର୍ମଗତ ଓ ଦାର୍ଶନିକ ମତବାଦ ଯେ ଯଥାର୍ଥ, ଏପରିକି ପାରମ୍ପରିକ ଦୃଷ୍ଟିକୋଣରୁ ମଧ୍ୟ ଠିକ୍, ଏ କଥା ପଣ୍ଡିତମାନଙ୍କ ଦ୍ୱାରା ସ୍ୱୀକାର କରାଇନେଲେ । ଏହି ସମ୍ମୁଖ ସଂଘର୍ଷ ଫଳରେ ସନ୍ଥ ଓ ତାଙ୍କ ଶିଷ୍ୟମାନଙ୍କର ମର୍ଯ୍ୟାଦା ବଢ଼ିଯାଇଥିଲା ।

ଜ୍ଞାନ-ବିଜ୍ଞାନ କ୍ଷେତ୍ରରେ ଏ ପ୍ରକାର ଉଲ୍ଲେଖଯୋଗ୍ୟ ପରାଜୟର ଗ୍ଲାନି ଭୋଗ କରି ମଧ୍ୟ ପୁରୋହିତଗୋଷ୍ଠୀ ଯୁଦ୍ଧ-ବିରତି ଘୋଷଣା କଲେ ନାହିଁ । ଏହି ଧର୍ମ-ବିଦ୍ରୋହ ଦମନ କରିବା ପାଇଁ ସେମାନଙ୍କର ଏକମାତ୍ର ଭରସା ହେଲେ ଆହୋମ ଶାସକମାନେ, ଯେଉଁମାନେ କି ସେପର୍ଯ୍ୟନ୍ତ ହିନ୍ଦୁଧର୍ମ ଗ୍ରହଣ ନ କରି ତାଙ୍କର ପାରମ୍ପରିକ ଧର୍ମ ପୋଷଣ କରୁଥିଲେ । ପୁରୋହିତମାନେ ରାଜା ସୁହୁମ୍ମୁଙ୍ଗ (୧୪୯୭-୧୫୩୯) ଙ୍କ ଦ୍ୱାରସ୍ଥ ହେଲେ ଓ ଅଭିଯୋଗ କଲେ ଯେ ବୈଷ୍ଣବମାନେ ସେମାନଙ୍କ ପରମ୍ପରାରେ ଚଳି-ଆସୁଥିବା ଧର୍ମାଚରଣ ଉପରେ ଅବାଞ୍ଛିତ ହସ୍ତକ୍ଷେପ କରୁଛନ୍ତି । ଆହୁରି ସେମାନେ ରାଜାଙ୍କ ମନରେ ଏପରି ଧାରଣା ସୃଷ୍ଟି କରିବାକୁ ଚେଷ୍ଟା କଲେ ଯେ ବୈଷ୍ଣବମାନଙ୍କର ଏ କାର୍ଯ୍ୟ ରାଜ୍ୟକୁ ଧୀରେ ଧୀରେ ବିରାଟ ଦୈବ-ଦୁର୍ବିପାକ ଡାକି ଆଣିବ । ସ୍ୱର୍ଗଦେବ (ଅହୋମ ରାଜା) ସମ୍ଭବତଃ ତାଙ୍କ ରାଜ୍ୟର ଗୋଟିଏ ଅଂଶରେ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷର ସମ୍ବାଦ ପାଇ ଅତିମାତ୍ରାରେ ବିଚଳିତ ହୋଇପଡ଼ିଥିଲେ । ଏହି ଅଞ୍ଚଳର କିଛି ସାମରିକ ଗୁରୁତ୍ୱ ଥିଲା; କାରଣ ପଶ୍ଚିମପଟୁ କୋଚ୍‌ମାନଙ୍କ ଦ୍ୱାରା ଆସନ୍ନ ଆକ୍ରମଣର ଆଶଙ୍କା ଥିଲା ଏବଂ ଭୂୟାଁ ଓ ଉପଜାତିର ଲୋକ,

ଯେଉଁମାନଙ୍କ ମଧ୍ୟରୁ କେତେକ ବଶ୍ୟତା ସ୍ୱୀକାର କରିଥିଲେ ହେଁ ଆଉ କେତେକ ଉତ୍ତର ଦିଗର ପାହାଡ଼ ଜଙ୍ଗଲ ଭିତରେ ବାସ କରୁଥିଲେ, ସେମାନଙ୍କଠାରୁ ବିପଦର ସମ୍ଭାବନା ଥିଲା । ରାଜ୍ୟର ଏ ଅଂଶରେ ଏ ପ୍ରକାର ଅନିଶ୍ଚିତ ରାଜନୈତିକ ଅବସ୍ଥା ହେତୁ ୧୫୧୨ ସାଲରେ ଫୁଲବାରୀ ନାମକ ସ୍ଥାନରେ ଜଣେ ସ୍ୱତନ୍ତ୍ର ସୀମାନ୍ତ-ରକ୍ଷକଙ୍କୁ ଅବସ୍ଥାପିତ କରାଯାଇଥିଲା । ତାଙ୍କ ଅଧୀନସ୍ଥ ଅଞ୍ଚଳର ସୀମା ୧୫୨୮ରେ ନାରାୟଣ-ପୁର ପର୍ଯ୍ୟନ୍ତ ବଢ଼ାଇଦିଆଯାଇଥିଲା । ରାଜା ବୈଷ୍ଣବ-ନେତାଙ୍କର ବିଚାର ନିମନ୍ତେ ସଙ୍ଗେ ସଙ୍ଗେ ଆଦେଶ କରିଦେଲେ । ତାଙ୍କୁ ତୁରନ୍ତ ରାଜଧାନୀକୁ ଡକାଇ ଆଣି ପଚରାଗଲା ଯେ ସେ ବୌଦ୍ଧ-ଅନାଚାର ଭଳି ଅଧର୍ମର ପ୍ରଚାର କରୁଛନ୍ତି ବୋଲି ଯେଉଁ ସମ୍ବାଦ ମିଳୁଛି, ତଦନୁସାରେ ତାଙ୍କୁ କାହିଁକି ଦଣ୍ଡ ନଦିଆଯିବ । ଯାହାହେଉ, ବିଚାର ବଡ଼ ସଂକ୍ଷେପରେ ସରିଯାଇଥିଲା ଏବଂ ଶଙ୍କରଦେବ ସମ୍ମାନର ସହିତ ଖଲାସ ହୋଇଯାଇ ଥିଲେ । ତାଙ୍କର ଧାର୍ମିକ ରୀତି, ନୀତିରେ କୌଣସି ଦୋଷ ଦେଖାଯାଇ ନଥିଲା । ଏହା ଫଳରେ ରାଜା ବରଂ ବାଦୀ ପୁରୋହିତମାନଙ୍କ ଉପରେ ବିମୁଖ ହୋଇଥିଲେ; କାରଣ ଜଣେ ଋଷିପ୍ରାଣ ଲୋକ ବିରୁଦ୍ଧରେ ସେମାନେ ଗୁଡ଼ାଏ ମିଥ୍ୟା ଅଭିଯୋଗ ଆଣିଥିଲେ ବୋଲି ଧରାପଡ଼ିଯାଇଥିଲା ।

ଶଙ୍କରଦେବଙ୍କ ଅନୁଗାମୀ ଭୂୟାଁମାନେ ବହୁଆଗରୁ ସେମାନଙ୍କ ରାଜନୀତିକ ଭୂମିକା ପରିତ୍ୟାଗ କରିଥିଲେ ହେଁ ତଥାପି ତାଙ୍କ ଭିତରୁ କେତେକଙ୍କର ସେମାନେ ପାଇଥିବା ଯତ୍‌ସାମାନ୍ୟ ସ୍ୱାୟତ୍ତ ଶାସନ ଅଧିକାର ବଳରେ ଆହୋମ ଶାସକମାନଙ୍କ ସହିତ ଶାସନଗତ ସମ୍ପର୍କ ଥିଲା । କାରଣ ସେହି ଆହୋମ ରାଜାଙ୍କଠାରୁ ଶଙ୍କରଦେବଙ୍କର ଜଣେ ସମ୍ପର୍କୀୟ ଭାଇ ତାଙ୍କ ଧର୍ମାନୁରକ୍ତି ହେତୁ 'ଧର୍ମ ରାୟ' ଉପାଧି ପାଇଥିଲେ । ଶଙ୍କରଦେବଙ୍କ ଜ୍ଞାତି ହରି ଶହେ ଲୋକଙ୍କ ଉପରେ ସର୍ଦ୍ଦାରି କରୁଥିଲେ ବୋଲି କଥିତ ଅଛି । ବୋଧହୁଏ ଏ ଶହେ ଲୋକର ଅର୍ଥ ଏକ ଶହ ଦଳ ପାଇକ ଅର୍ଥାତ୍ ରାଜ୍ୟର ସାମରିକ ଓ ତଦ୍ରୂପ ଅନ୍ୟ କର୍ତ୍ତବ୍ୟ ସମ୍ପାଦନପାଇଁ ନିଯୁକ୍ତ

ହୋଇଥିବା ଗୃରଶାହ ବସୁବନ୍ତ ନାଗରିକ । ଥରେ ଧୁବ୍ରୀହାଟ ଓ ନାରାୟଣ-ପୁରର ଭୂୟାଁମାନଙ୍କୁ ହାତୀ ଖେଦାରେ (ହାତୀ ଧରା ଅଭିଯାନ) ଯୋଗ ଦେବାପାଇଁ ରାଜଧାନୀରୁ ଆଦେଶ ହୋଇଥିଲା । ସେ ଆଦେଶ ପଛରେ କୌଣସି ଚକ୍ରାନ୍ତ ଥିଲା କି ନାହିଁ ଜଣାପଡ଼େନା । ହୁଏତ ଭୂୟାଁମାନେ ଏ କାର୍ଯ୍ୟରେ ଯଥାଶକ୍ତି କାମ କଲେ ନାହିଁ କିମ୍ବା ଅନଭିଜ୍ଞତା ହେତୁ ଠିକ୍ ଭାବରେ ଆଡ଼ି ଜଗି ପାରିଲେ ନାହିଁ । ଫଳରେ ବନ୍ଧୁଆ ହାତୀ ଗୁଡ଼ାକ ତାଙ୍କର ଜଗିଥିବା ପାଖ ଦେଇ ଘେରାଢ଼ ଭିତରୁ ଖସି ପଳାଇଲେ । ଏଥିପାଇଁ ଜଣେ ହର୍ଣ୍ଣିକ ହରି ଓ ମାଧବ ଦେବଙ୍କୁ ବନ୍ଦୀ କରି ରାଜଧାନୀ ଗଡ଼ଗାଁଓକୁ ନେଇଗଲେ । ସେଠାରେ ସେମାନଙ୍କର ବିଚାର ହେଲା ଓ ସେମାନେ ଦୋଷୀ ସାବ୍ୟସ୍ତ ହେଲେ । ହରି ଘାତକର ଖଣ୍ଡାରେ ପ୍ରାଣଦଣ୍ଡ ଭୋଗିଲେ । ମାଧବଦେବ ଜଣେ ସାମାନ୍ୟ ସନ୍ନ୍ୟାସୀ ଥିବାରୁ ଉତ୍ତମ ଆଚରଣ ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇ ଅଟକବନ୍ଦୀ ରହିଲେ । ସେ ପାଖପଡ଼ୋଶୀ ଗାଁମାନଙ୍କରେ ଭିକମାଗି ପେଟ ପୋଷୁଥିଲେ ଏବଂ କେତେବେଳେ କେମିତି ରାଜପୁରୁଷମାନଙ୍କୁ ରାମାୟଣ ଶୁଣାଉଥିଲେ । ପ୍ରାୟ ଛଅ ମାସ ପରେ ତାଙ୍କୁ ମୁକ୍ତି ଦିଆଗଲା । ଖଲାସ ହେବା ପରେ ସେ ଚାଲି ଚାଲି ଧୁବ୍ରୀହାଟ ଗଲେ ଓ ଗୁରୁଙ୍କୁ ହରିର ପ୍ରାଣଦଣ୍ଡ ସମ୍ବାଦ ଦେଲେ । ଏ ସମ୍ବାଦ ସନ୍ଥ ଶଙ୍କରଙ୍କ ପ୍ରାଣରେ ଗଭୀର ନିର୍ବେଦତା ଆଣିଦେଲା । ସେ ସ୍ଥିର କଲେ ଯେ ଅହୋମ ରାଜ୍ୟରେ ରହିବା ସେମାନଙ୍କ ପକ୍ଷରେ ଆଉ ସମ୍ଭବ ନୁହେଁ ।

କୋଚବେହାରର ରାଜା ବିଶ୍ୱସିଂହ ୧୫୩୪ ଖ୍ରୀଷ୍ଟାବ୍ଦରେ ଦେହତ୍ୟାଗ କଲେ । ତାଙ୍କ ପୁତ୍ର ମଲ୍ଲଦେବ, ନରନାରାୟଣ ବୋଲି ନୂତନ ନାମ ଗ୍ରହଣ କରି ସିଂହାସନ ଆରୋହଣ କଲେ । ନରନାରାୟଣଙ୍କର ଭାଇ ଶୁକ୍ଳଧ୍ୱଜ ବା ଚିଲାରାୟ ଯୁବରାଜ ବା ଶ୍ରେଷ୍ଠ-ରାଜା ରୂପେ ଘୋଷିତ ହେଲେ ଓ କୋଚବାହିନୀର ସେନାପତି ହେଲେ । ଉଭୟ ରାଜଭ୍ରାତା ବାରାଣସୀରେ ଉଚ୍ଚଶିକ୍ଷା ପାଇଥିଲେ, ଯାହା ଫଳରେ ନରନାରାୟଣ ସଂସ୍କୃତରେ ସ୍ତୋତ୍ରମାନ ରଚନା କରି ପାରୁଥିଲେ ଏବଂ ଚିଲାରାୟ ଜୟଦେବଙ୍କ

ଗୀତଗୋବିନ୍ଦ ଉପରେ ସାରବନ୍ତ ଭାଷ୍ୟ ପ୍ରଣୟନ କରିପାରିଥିଲେ । ଆହୁରି ମଧ୍ୟ ସେମାନେ ସାହିତ୍ୟ ଓ କଳାର ପୃଷ୍ଠପୋଷକ ଥିଲେ । ୧୫୪୬ ଖ୍ରୀଷ୍ଟାବ୍ଦରେ ପିତା ବିଶ୍ୱସିଂହଙ୍କର ଅପୂର୍ଣ୍ଣ ବାସନା ପୂରଣ କରିବା ଉଦ୍ଦେଶ୍ୟରେ ଚିଲାରାୟ ବିପୁଳ ସେନା ସହ ଆହୋମ ରାଜ୍ୟ ଭିତରକୁ ଧାଡ଼ି ଦେଲେ । ବିଭିନ୍ନ ସ୍ଥାନରେ କେତେଗୁଡ଼ିଏ ଯୁଦ୍ଧ ହେଲା ଏବଂ ସବୁ ଯୁଦ୍ଧରେ ଆହୋମମାନେ ସାଧାରଣତଃ ପରାଜୟ ଭୋଗିଲେ । ତା ପରବର୍ଷ କୋଚ ସେନାପତି ନାରାୟଣପୁର ପର୍ଯ୍ୟନ୍ତ ମାଡ଼ିଗଲେ ଏବଂ ସେ ଗ୍ରାମକୁ ଦୁର୍ଗବନ୍ଦୀ କଲେ । ଏହା ଦେଖି ଆହୋମ ରାଜା ଶୁକ୍ଲେନମୁଙ୍ଗ (୧୫୩୯-୫୨) କୋଚ ଶିବିରର ପଶ୍ଚାଦ୍‌ଭାଗରେ ଗୋଟିଏ କ୍ଷୁଦ୍ର ନଦୀ ଉପରେ ତାଙ୍କ ଶିବିର ସ୍ଥାପନ କଲେ । ଏତଦ୍ଦ୍ୱାରା ସେ ଆକ୍ରମଣ ପାଇଁ କୋଚ ପକ୍ଷକୁ ବାଧ୍ୟ କଲେ । ଏ ସଂଘର୍ଷରେ କୋଚ ବାହିନୀ କାର୍ଯ୍ୟତଃ ନିଶ୍ଚିହ୍ନ ହୋଇଗଲା ଓ ପ୍ରଧାନ ସେନାଧ୍ୟକ୍ଷ ପ୍ରାଣ ନେଇ ପଳାଇଗଲେ ।

ଏହି ସନ୍ଧିକ୍ଷଣରେ ଶଙ୍କରଦେବ ତାଙ୍କ ଅନୁଗାମୀମାନଙ୍କ ସଙ୍ଗରେ ଧରି ନରନାରାୟଣଙ୍କ ତଦାନୀନ୍ତନ ରାଜ୍ୟ କାମରୂପ ଭିତରକୁ ଖସି ପଳାଇ ଯାଇଥିଲେ । ସନ୍ଥଙ୍କ ରାଜା ଓ ସେନାପତିଙ୍କ ବଦାନ୍ୟତା ଓ ଉଦାରତା ସମ୍ପର୍କରେ ଶୁଣି ଆଗରୁ ଆକୃଷ୍ଟ ହୋଇଥିଲେ । ତା ଛଡ଼ା କାମରୂପର ଯେଉଁ ଭୂୟାଁମାନଙ୍କର ବିଶ୍ୱସିଂହଙ୍କ ସଙ୍ଗେ ବିରୋଧ ଭାବ ଥିଲା, ସେମାନେ ସବୁ ଏବେ ତାଙ୍କ ପୁଅମାନଙ୍କ ପାଖକୁ ଆସି ଶାନ୍ତ ସ୍ଥାପନ କରୁଥିବା, ସେନା ବିଭାଗରେ କିମ୍ବା ଅନ୍ୟ ଯେକୌଣସି ବିଭାଗରେ ତାଙ୍କ ଅଧୀନରେ ଚାକିରି କରିବାକୁ ସମ୍ମତ ହୋଇଥିବା କଥା ମଧ୍ୟ ତାଙ୍କୁ ଭଲଭାବରେ ଜଣାଥିଲା । ଏହି ଭୂୟାଁମାନଙ୍କ ମଧ୍ୟରୁ ଗାଭରୁ-ଖାଁ ନାମକ ଜଣେ ଯୋଦ୍ଧା କୋଚ ରାଜାଙ୍କଠାରୁ ଅନୁମତି ନେଇ ଗୋଟିଏ କ୍ଷୁଦ୍ର ସୈନ୍ୟ ଫୌଜ ସହିତ ଆହୋମ ରାଜ୍ୟର ସଲା ଘାଟି ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ । ଶଙ୍କରଦେବ, ଅନ୍ୟାନ୍ୟ ଭୂୟାଁ ଓ ବୈଷ୍ଣବମାନେ ଏ ଖବର ପାଇ ସେମାନଙ୍କର ଯେଉଁ ପୁଟୁଳି ଯାହା କିଛି ଥିଲା ନୌକାମାନଙ୍କରେ ବୋଝେଇ

କରି ଧୁବାହାଟ ଗ୍ରାମ ଗ୍ରହଣ କରିବାକୁ ବାହାରିଲେ । ଗାଭରୁ-ଗାଁ ମହାଭକ୍ତ-ମାନେ କୋଚରାଜ୍ୟରେ ନିରାପଦରେ ପହଞ୍ଚିବା ପର୍ଯ୍ୟନ୍ତ ସେମାନଙ୍କୁ ରକ୍ଷୀବାହିନୀ ଯୋଗାଇଥିଲେ । ବାଟରେ ସେମାନେ କେତେ ଜାଗାରେ ଅଳ୍ପ ସମୟ ପାଇଁ ରହି ରହି ଶେଷରେ ଆଧୁନିକ ବରପେଟା ସହର ଅନ୍ତର୍ଗତ ସେ କାଳର ଚୂନପୋଡ଼ା ନାମକ ସ୍ଥାନରେ ବସତି ସ୍ଥାପନ କଲେ ।

ଏହି ସ୍ଥାନରେ ଶଙ୍କରଦେବଙ୍କ ପ୍ରାଥମିକ କାର୍ଯ୍ୟ କଳାପ ମଧ୍ୟରେ ତାଙ୍କର ବର୍ତ୍ତମାନ ସୁଦ୍ଧା ମିଳୁଥିବା ପ୍ରଥମ ନାଟକ 'ବିପ୍ର-ପତ୍ନୀ-ପ୍ରସାଦ' (ବ୍ରାହ୍ମଣ ମହିଳାମାନଙ୍କର କୃଷ୍ଣଙ୍କୁ ପ୍ରସାଦ ଅର୍ପଣ) ପ୍ରଣୟନ ଅନ୍ୟତମ ଅଟେ । ଏଥିରେ ଯାଗ ଯଜ୍ଞମୂଳକ ଧର୍ମାଚରଣକୁ ନିନ୍ଦା କରି ଭକ୍ତିର ଉଚ୍ଚ ପ୍ରଶଂସା କରାଯାଇଥିଲା ଏବଂ ଏହା ଥିଲା ଧୁବାହାଟର ଉଗ୍ରପନ୍ଥୀ ନୈଷ୍ଠିକମାନଙ୍କ କଟୁ ସମାଲୋଚନାର ସମୁଚିତ ଉତ୍ତର । ବର୍ତ୍ତମାନ ସେ ଦୂର ଓ ନିକଟରୁ ଲୋକମାନଙ୍କୁ ତାଙ୍କ ଧର୍ମ ସମ୍ପ୍ରଦାୟ ପ୍ରତି ଆକୃଷ୍ଟ କରିବାରେ ଲାଗିଲେ । ଏ ଦିଗରେ ତାଙ୍କର ଅନ୍ୟତମ ଶ୍ରେଷ୍ଠ ଲାଭ ହେଉଛି ଜଣେ ଧନବନ୍ତ ତଥା ପ୍ରତିଭାବନ୍ତ ମାଧବ ଭବାନନ୍ଦଙ୍କ ଶିଷ୍ୟତ୍ୱ । ଗୁରୁ ତାଙ୍କୁ ନୂତନ ନାମ ଦେଇଥିଲେ ନାରାୟଣ ଏବଂ ଉତ୍ତର କାଳରେ ସେ 'ଠାକୁର ଆତା' ନାମରେ ପରିଚିତ ହୋଇଥିଲେ । ସେ ଜଣେ ବିଚକ୍ଷଣ ଲୋକ ଓ ଶଙ୍କରଦେବଙ୍କ ମନ୍ତ୍ରରେ ଦୀକ୍ଷିତ କରି ସେ ଅନେକ ନୂଆ ଲୋକଙ୍କୁ ତାଙ୍କ ଗୋଷ୍ଠୀଭୁକ୍ତ କରିଥିଲେ ।

ମହାତ୍ମା ଆଉ ଦୁଇଟି ଜାଗାରେ କେତେ ସମୟ ଅବସ୍ଥାନ କରି ଶେଷରେ ପାଟବାଉସୀ ନାମକ ସ୍ଥାନରେ ସ୍ଥାୟୀ ବାସସ୍ଥାନ ପ୍ରତିଷ୍ଠା କରିଥିଲେ । ଏବେ ସୁଦ୍ଧା ସେ ସ୍ଥାନ ପ୍ରଭୁଙ୍କ ଶେଷ ଜୀବନର ଅଠର କିମ୍ବା କୋଡ଼ିଏ ବର୍ଷର ନିବାସସ୍ଥଳୀ ବୋଲି ପୂଜିତ ହେଉଛି । କୋଚରାଜ୍ୟରେ ଅତି-ବାହିତ ହୋଇଥିବା ତାଙ୍କ ଜୀବନକାଳ ଅପେକ୍ଷାକୃତ ନିରୁପଦ୍ରବ ଥିଲା । ସେହି ନିରୁପଦ୍ରବତା ହିଁ ତାଙ୍କ ଜୀବନର ଲକ୍ଷ୍ୟ ଚୂଡ଼ାନ୍ତ ଭାବରେ ପରିପୂରଣ

କରିବାର ସୁଯୋଗ ଦେଇଥିଲା । ତାଙ୍କର ମୁଖ୍ୟ ସାହିତ୍ୟକ କୃତିଗୁଡ଼ିକ ଯଥା—ରୁକ୍ମିଣୀ ହରଣ, ପାରିଜାତ ହରଣ, କାଳୀୟଦମନ, କେଳିଗୋପାଳ ଆଦି ନାଟକ ଚତୁଷ୍ଟୟ, ଭାଗବତ ପୁରାଣର ବିଭିନ୍ନ ଅଂଶ ବିଶେଷ ଏବଂ ରାମାୟଣ ଉତ୍ତରକାଣ୍ଡର ଭାବାନୁବାଦ ଏହିଠାରେ ହିଁ ରଚିତ ହୋଇଥିଲା । ତାଙ୍କର ଅତି ଲୋକପ୍ରିୟ ରଚନା 'କୀର୍ତ୍ତନ ଘୋଷା' ଏହିଠାରେ ପୂର୍ଣ୍ଣାଙ୍ଗ ହୋଇଥିଲା । ତାଙ୍କର ତତ୍ତ୍ୱମୂଳକ ସଂସ୍କୃତ ନିବନ୍ଧ 'ଭକ୍ତି ରତ୍ନାକର' ମଧ୍ୟ ଏହିଠାରେ ଲେଖା ହୋଇଥିଲା । ଯେଉଁ ନୂତନ ଶିଷ୍ୟମାନେ ବର୍ତ୍ତମାନ ତାଙ୍କ ସଙ୍ଗେ ଯୋଗ ଦେଇଥିଲେ ସେମାନଙ୍କ ମଧ୍ୟରେ ଥିଲେ ପରବର୍ତ୍ତୀ-କାଳୀନ ଦୁଇ ବିଭକ୍ତ ଶାଖାର ମୁଖ୍ୟ ଦାମୋଦରଦେବ (୧୪୮୮-୧୫୯୮) ଓ ହରିଦେବ (୧୪୯୩-୧୫୬୮) ଏବଂ ସୁକବି ଅନନ୍ତ କନ୍ଦଳୀ । ଏ ତିନିହେଁ ଜାତିରେ ବ୍ରାହ୍ମଣ ଥିଲେ । ଜଣେ କଛାରି ରାଜାଙ୍କୁ ମଧ୍ୟ ଦୀକ୍ଷିତ କରାଯାଇ ଥିଲା । ଦୁର୍ଭାଗ୍ୟବଶତଃ ତାହାଙ୍କ ନାମର ଉଲ୍ଲେଖ ନାହିଁ ।

ପାଟବାଉସୀଠାରୁ, ପ୍ରାୟ ୧୫୫୦ ଖ୍ରୀଷ୍ଟାବ୍ଦ ପାଖାପାଖି, ଶଙ୍କରଦେବ ତାଙ୍କର ଦ୍ୱିତୀୟ ତୀର୍ଥଯାତ୍ରାରେ ବାହାରିଲେ । ଏଥର ସେ କେବଳ ପୁରୀ ପର୍ଯ୍ୟନ୍ତ ଯାଇଥିଲେ । ଏହାର ପ୍ରାକ୍‌କାଳରେ କୋଚ୍ ସେନାଧ୍ୟକ୍ଷ ଚିଲାରାୟଙ୍କର ଶଙ୍କରଦେବଙ୍କ ସମ୍ପର୍କୀୟ ଭାଇ ରାମରାୟଙ୍କ କନ୍ୟା କମଳପ୍ରିୟା ବା ଭୁବନେଶ୍ୱରୀଙ୍କ ସହିତ ଦୈବାତ୍ ସାକ୍ଷାତ ହୁଏ ଓ ସେ ତାଙ୍କୁ ବିବାହ କରନ୍ତି, ଗୋଆଲପଡ଼ା ଜିଲ୍ଲାର ପଶ୍ଚିମ ସୀମାରେ ଅବସ୍ଥିତ ରାମରାୟକୁଠି ନାମରେ ପରେ ନାମିତ ହୋଇଥିବା ଗୋଟିଏ ସ୍ଥାନରେ । ସନ୍ତୁଜା ବଂଶୋଦ୍ଧରଣତ ଭକ୍ତଙ୍କ ସମ୍ଭିବ୍ୟାହାରରେ ଗୋଟିଏ ଶୁଭ ସୁନ୍ଦର ମାର୍ଗଶୀର ପ୍ରଭାତରେ ତାଙ୍କର ଦୀର୍ଘ ଯାତ୍ରା ଆରମ୍ଭ କରିଥିଲେ ଓ ପରବର୍ତ୍ତୀ ବୈଶାଖରେ ଗୃହ ପ୍ରତ୍ୟାବର୍ତ୍ତନ କରିଥିଲେ । କେତେକ ଜୀବନୀ ଲେଖକ ଆମ୍ଭମାନଙ୍କର ବିଶ୍ୱାସ ଜନ୍ମାଇବାକୁ ଚେଷ୍ଟା କରନ୍ତି ଯେ ବାଟରେ ନବଦ୍ୱୀପଠାରେ କିମ୍ବା ପୁରୀଠାରେ ତାଙ୍କର ଶ୍ରୀ ଚୈତନ୍ୟଙ୍କ ସଙ୍ଗେ ସାକ୍ଷାତ ହୋଇଥିଲା; କିନ୍ତୁ ଏହା ଗୋଟିଏ ଅବାସ୍ତବ ଉଦ୍ଭଟ କଳ୍ପନାପର ବୋଧହୁଏ । ପୁଣି କେତେକ ପୁରୁଣା ଲେଖକ ଚେଷ୍ଟା

କରିଛନ୍ତି ରାମାନନ୍ଦ (ଯେ କି ଆଗରୁ ୧୪୬୧ ଖ୍ରୀଷ୍ଟାବ୍ଦରୁ ମରିସାରିଥିଲେ), ହରିବ୍ୟାସ (ବୋଧହୁଏ ହରିବ୍ୟାସ ମୁନି—ନିମ୍ବାର୍କ ଗୋଷ୍ଠୀ ସନ୍ନ୍ୟାସୀ ମାନଙ୍କର ମୁଖ୍ୟ—ଯେ କି ବଲ୍ଲଭାଚାର୍ଯ୍ୟ ଓ ଚୈତନ୍ୟଙ୍କର ସମସାମୟିକ ଥିଲେ ଓ ତାଙ୍କ ଧର୍ମ ସମ୍ପ୍ରଦାୟ ପାଇଁ ସଙ୍କୀର୍ତ୍ତନ ଧରଣର ସ୍ତୋତ୍ରମାନ ରଚନା କରିଥିଲେ) ଏବଂ ଏପରିକି କେତେକ ପୂର୍ବୋଲ୍ଲିଖିତ ବ୍ୟକ୍ତିଙ୍କୁ ସୁଦ୍ଧା ତାଙ୍କର ସମସାମୟିକ ବୋଲି ପ୍ରତିପାଦିତ କରିବା ପାଇଁ । ଜୀବନୀ ଲେଖକମାନେ ଆହୁରି ମଧ୍ୟ ନିର୍ଣ୍ଣୟ କରନ୍ତି ଯେ ଶଙ୍କରଦେବ ଗୟା ଦେଇ ପୁରୀ ଯାଉଥିବା ବାଟରେ କବିରଙ୍କ ମଠ ପରିଦର୍ଶନ କରିଥିଲେ ଏବଂ ସେଠାରେ କବିରଙ୍କ ଝିଅର ଝିଅକୁ ସାକ୍ଷାତ କରିଥିଲେ । କବିରଙ୍କ ଔରସରେ ଲୋଇ ନାମିକା ଜଣେ ସ୍ତ୍ରୀ ଗର୍ଭରୁ କମାଳୀ ଜନ୍ମ ହୋଇଥିବା ବିଷୟକ ଜନଶ୍ରୁତିରେ ମତାନୈକ୍ୟ ଦେଖାଯାଏ ଏବଂ କମାଲୀର କୌଣସି ସନ୍ତାନ ଥିବା ସମ୍ପର୍କରେ ମଧ୍ୟ ଲୋକମୁଖରୁ କିଛି ଶୁଣାଯାଏ ନାହିଁ । ଅସମୀୟ ଜୀବନୀ ଲେଖକମାନଙ୍କ ମତରେ ଶଙ୍କରଦେବ ଉତ୍ତର-ଭାରତର ଏହି ରହସ୍ୟବାଦୀ କବିଙ୍କୁ କେବଳ ଜଣେ ଭକ୍ତ ଓ ଦୃଢ଼ ଏକେଶ୍ୱରବାଦୀ ବୋଲି ଗ୍ରହଣ କରିଥିଲେ ଯଦିଓ ଜନ୍ମତଃ ସେ ଥିଲେ ଜଣେ ମୁସଲମାନ । କବିର ଜଣେ ଭକ୍ତ ଥିଲେ; କିନ୍ତୁ ସେ ସୁଫିବାଦ ଓ ବେଦାନ୍ତର ଅଦ୍ୱୈତ-ବାଦ ଦ୍ୱାରା ପ୍ରଭାବିତ ହୋଇଥିଲେ । ସେ ରହସ୍ୟବାଦୀ ଥିଲେ ଓ ଅସୀମ ଅନନ୍ତ ପରଂବ୍ରହ୍ମଙ୍କ ସଙ୍ଗେ ମିଳନ ପ୍ରାର୍ଥନା କରୁଥିଲେ । ଶଙ୍କରଙ୍କ ରଚନା-ବଳୀରେ ' ଅଦ୍ୱୈତବାଦର ପ୍ରଭାବ ସମ୍ପର୍କରେ ସନ୍ଦେହର ଅବକାଶ ନାହିଁ, ଯଦିଓ ସେଥିରେ କିଛି ଆଦର୍ଶବାଦ ଏବଂ ଗଭୀର ଭକ୍ତିଭାବର ସମନ୍ୱୟ ଘଟିଛି । କବିରଙ୍କୁ ନିଗୁରା (ଗୁରୁହୀନ) ବୋଲି କୁହାଯାଏ । ତାଙ୍କ ପରି ଆସାମର ସନ୍ଥ ଶଙ୍କରଙ୍କର ମଧ୍ୟ କୌଣସି ଧର୍ମଗୁରୁ ନଥିଲେ । କବିର ହିନ୍ଦୁ ମୁସଲମାନ ଭେଦଭାବର ନିରାକରଣ ପାଇଁ ଆପ୍ରାଣ ଚେଷ୍ଟା କରି-ଥିଲେ । ଶଙ୍କର ଜାତିଭେଦ ଉଠାଇ ଦେବାକୁ ସାହସ କରି ନଥିଲେ ହେଁ ସବୁ ଜାତିରୁ ଧର୍ମାନ୍ତରିତ ଲୋକଙ୍କୁ ଗ୍ରହଣ କରୁଥିଲେ । ସେହି ଧର୍ମାନ୍ତରିତ

ଲୋକମାନଙ୍କ ଭିତରେ ଉପଜାତିର ଲୋକ ବି ଥିଲେ । ଚାନ୍ଦସାଇ ନାମକ ଜଣେ ମୁସଲମାନ ଦରଜୀ ବି ଥିଲେ ଯେକି ଆଧ୍ୟାତ୍ମିକ ସିଦ୍ଧିଲାଭର ଉଚ୍ଚ ସୋପାନକୁ ଉଠିଥିଲେବୋଲି କୁହାଯାଏ ।

ପୁଣିଥରୁ ଫେରି ଶଙ୍କରଦେବ ତାଙ୍କର ପୂର୍ବାଭ୍ୟାସ ମତେ ଧର୍ମ ସଭା, ନୂତନ ଶିଷ୍ୟ ଗ୍ରହଣ ଓ ଗ୍ରନ୍ଥରଚନା ପ୍ରଭୃତି କାର୍ଯ୍ୟରେ ପୁନର୍ବାର ଆତ୍ମ-ନିୟୋଗ କରିଥିଲେ । ତାଙ୍କର ବିଶ୍ୱାସ ଆସିଥିଲା ଯେ ତାଙ୍କ କାର୍ଯ୍ୟ ନିମନ୍ତେ ଯେଉଁ ଶାନ୍ତିପୂର୍ଣ୍ଣ ବାୟୁମଣ୍ଡଳ ଆବଶ୍ୟକ ସେଥିପାଇଁ ସେ ରାଜା ନର-ନାରାୟଣ ଓ ଦେଓ୍ୱାନ ଚିଲ୍ଲରାୟଙ୍କପରି ସୁଶିକ୍ଷିତ ବ୍ୟକ୍ତିଙ୍କ ଉପରେ ନିର୍ଭର କରିପାରନ୍ତି । ସେ ବୈଷ୍ଣବ ଆନ୍ଦୋଳନର ସଫଳତା ଏବଂ ତାଙ୍କ ସମ୍ପ୍ରଦାୟର ପୂର୍ଣ୍ଣ ବିକାଶ ଦେଖିପାରିଥିଲେ । କିନ୍ତୁ ତାଙ୍କ ନୂତନ ଧର୍ମର ଦ୍ରୁତ ବର୍ଦ୍ଧିଷ୍ଣୁ ଲୋକପ୍ରିୟତା ପୁଣି ନୂତନ ଶତ୍ରୁତା ଡାକି ଆଣିଲା । ପ୍ରାଚୀନ ପୁରୋହିତଗୋଷ୍ଠୀର ଯେଉଁମାନେ ଶଙ୍କରଦେବଙ୍କ ଧର୍ମଶିକ୍ଷାକୁ ସହ୍ୟ କରିପାରୁନଥିଲେ ସେମାନେ ତାଙ୍କ ବିରୁଦ୍ଧରେ ଅତ୍ୟନ୍ତ ବିରକ୍ତିକର ଅପପ୍ରଚାର ଚଳାଇଲେ । ସେମାନେ ତାଙ୍କ ମତବାଦର ପରଂପରା ବିରୋଧୀ ଆଭିମୁଖ୍ୟ ପ୍ରତି ତୀବ୍ର କଟାକ୍ଷ କରୁଥିଲେ ଓ ସର୍ବୋପରି ତାଙ୍କ କାର୍ଯ୍ୟ-କଳାପର ଅତିରଞ୍ଜିତ ବିବରଣୀମାନ ଶୁଣାଇ ନରନାରାୟଣଙ୍କ ଭଳି ସୁଶାସକ ରାଜାଙ୍କର କର୍ଣ୍ଣ କଳୁଷିତ କରିପକାଇଲେ । ରାଜା ଏ ସବୁ ଉତ୍ତେଜନାମୂଳକ ସମ୍ବାଦ ଶୁଣି କ୍ରୋଧାନ୍ଧ ହୋଇପଡ଼ିଲେ ଓ କାଳବିଳମ୍ବ ନକରି ଦଳେ ସିପାହୀ ପଠାଇଦେଲେ ଧର୍ମଦ୍ରୋହୀଙ୍କୁ ଦୃଢ଼ ଶୃଙ୍ଖଳାବଦ୍ଧ କରି ଘୋଷାରି ଆଣିବାପାଇଁ । ସିଂହାସନ ମଣ୍ଡଣି ସୁନ୍ଦର ମୁଚୁଳି ଉପରେ କରାଘାତ କରି ସେ ଚିତ୍କାର କରି ଉଠିଲେ—"ମୁଁ ଶଙ୍କରକୁ ହତ୍ୟା କରିବି, ତା ଚମଡ଼ାରେ ଢୋଲ ତିଆରି କରି ତାହାରି ଶରୀରର ହାଡ଼ରେ ବଜାଇବି ।" ସନ୍ଥଜୀ ରାଜାଙ୍କ ନିଷ୍ଠୁର ଆଦେଶର ଗନ୍ଧ ପାଇ ସିପାହୀମାନେ ପାଟବାଉସୀରେ ପହଞ୍ଚିବା ପୂର୍ବରୁ ତାଙ୍କ ଘରୁ ଖସି ପଳାଇ ଗଲେ । ତାଙ୍କର ଦୁଇଜଣ ଶିଷ୍ୟ ନାରାୟଣ ଠାକୁର ଓ ଗୋକୁଳଚାନ୍ଦ ଧରା ପଡ଼ି-

ଗଲେ । ସେମାନଙ୍କୁ ରାଜଧାନୀକୁ ଧରି ନିଆଗଲା ଓ ସେମାନଙ୍କଠାରୁ
ଶଙ୍କରଙ୍କ ଆତ୍ମଗୋପନ କରିଥିବା ସ୍ଥାନର ସୂଚନା ପାଇବା ପାଇଁ ଓ ଶଙ୍କର
ସମାଜବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଥିବାର ସ୍ୱୀକାରୋକ୍ତି ଆଦାୟ
କରିବା ପାଇଁ ସେମାନଙ୍କ ପ୍ରତି କଠୋର ଶାରୀରିକ ନିର୍ଯ୍ୟାତନା ପ୍ରୟୋଗ
କରାଯାଇଥିଲା । କିନ୍ତୁ ବୈଷ୍ଣବଦ୍ୱୟ ତାଙ୍କ ଗୁରୁ କେଉଁଠାରେ ରହିଥିବା
ସମ୍ବାଦ ଦେଲେ ନାହିଁ କିମ୍ବା ସେ ଦୋଷଯୁକ୍ତ କାର୍ଯ୍ୟ କରୁଥିଲେ ବୋଲି
ସ୍ୱୀକାର କଲେ ନାହିଁ । ତେଣୁ ସେମାନଙ୍କୁ କେତେକ ଭୁଟିଆ ସୌଦାଗରଙ୍କୁ
ଘୋଡ଼ା ବଦଳରେ ବିକି କରି ଦିଆଗଲା । କିନ୍ତୁ ଭୁଟିଆମାନେ ଦୁହିଙ୍କର
ଈଶ୍ୱର ବିଶ୍ୱାସରେ ବିମୁଗ୍ଧ ହୋଇ ତାଙ୍କୁ ଛାଡ଼ି ଦେଲେ । ଏ ଦୁଇଜଣ
ଅପରାଧୀ ଯେଉଁ ରାଜରକ୍ଷୀଙ୍କ ଦାୟିତ୍ୱରେ ଥିଲେ ସେ ଏକଶତ ମୁଦ୍ରା
ଦେଇ ଧର୍ମାନ୍ତର ଗ୍ରହଣ କଲେ ।

ଶଙ୍କରଦେବ ତାଙ୍କ ଲୁଚିବାସ୍ଥାନରୁ ବାହାରି ପ୍ରାୟ ଅଢ଼େଇମାସ ଖୋଲା
ଖୋଲି ବୁଲିଛନ୍ତି କି ନାହିଁ ଏହି ସମୟରେ ପୁଣି ଥରେ ତାଙ୍କୁ ବାନ୍ଧି କରି
ଆଣିବାକୁ ରାଜାଙ୍କୁ ପ୍ରରୋଚିତ କରାଗଲା । ରାଜଗୁରୁ କଣ୍ଠଭୂଷଣ ଓ ସେନା-
ଧ୍ୟକ୍ଷ ଚିଲାରାୟଙ୍କ ଅଧୀନରେ ଚାକିରି କରୁଥିବା ଶଙ୍କରଦେବଙ୍କ ପୁତ୍ର ରାମା-
ନନ୍ଦ ଏ ବିଷୟ ସେନାଧ୍ୟକ୍ଷଙ୍କୁ ଜଣାଇଦେଲେ । ଚିଲାରାୟ ତାଙ୍କ ନିଜ
ଲୋକଙ୍କୁ ପାଟବାଉସୀ ପଠାଇ ସନ୍ଥଙ୍କୁ ନୌକାରେ ନେଇ ତାଙ୍କ ଜନ୍ମସ୍ଥାନ
ଫୁଲବାରିରେ ଛାଡ଼ିଦେଲେ ।

ବର୍ତ୍ତମାନ ନରନାରାୟଣ ସନ୍ଥଙ୍କୁ ତାଙ୍କ ନିକଟରେ ଅର୍ପଣ କରିବା
ପାଇଁ ଭାଇଙ୍କୁ ଆଦେଶ କଲେ ଓ ତତ୍‌ସଙ୍ଗେ ସଙ୍ଗେ ପ୍ରତିଶ୍ରୁତି ଦେଲେ ଯେ
ବିଧିବଦ୍ଧ ବିଚାର ହେବା ପୂର୍ବରୁ ଧର୍ମଗୁରୁଙ୍କ ପ୍ରତି କୌଣସି ଅନ୍ୟାୟ କରା-
ଯିବ ନାହିଁ । ତଦନୁସାରେ ଶଙ୍କରଦେବ ତାଙ୍କ ବ୍ୟକ୍ତିଗତ ଭୃତ୍ୟ ଛଡ଼ା
ଅନ୍ୟ କୌଣସି ସାହାଯ୍ୟକାରୀକୁ ସଙ୍ଗରେ ନନେଇ କୋଚ ରାଜଦର-
ବାରରେ ଉପସ୍ଥିତ ହୋଇଗଲେ । ଏଣେ ଚିଲାରାୟ ତାଙ୍କର ଦଳେ ଘୋଡ଼ା-
ସବାର ସିପାହୀଙ୍କୁ ଅଳ୍ପ ଅଳ୍ପ ଦୂର ଛଡ଼ାଛଡ଼ିରେ ରଖାଇଥାନ୍ତି । ଏହି

ଐତିହାସିକ ସାକ୍ଷାତର ଅଗ୍ରଗତି ସମ୍ପର୍କରେ ଖବର ଆଣିଦେବା ପାଇଁ ଶଙ୍କରଦେବ ତାଙ୍କ ପ୍ରସିଦ୍ଧ ଭଜନ "ମଧୁ ଦାନବ ଦାରଣ ଦେବବରମ୍" ଫୁଟ୍‌କ ତାଳ ସଂଗେ ଗାଇ ଗାଇ ଦରବାରକୁ ଅଗ୍ରସର ହୋଇଥିଲେ । ପ୍ରବେଶଦ୍ୱାରର ସୋପାନ ଆରୋହଣ କଲାବେଳେ ସେଇ ଭଜନ ତାଙ୍କ ମୁଖରୁ ନିର୍ଗତ ହେଉଥିଲା । ତାଙ୍କର ମହାନାଦ୍ୟ ଉପସ୍ଥିତ ଚତୁର୍ଦ୍ଦିଗରେ ଏପରି ଗୋଟିଏ ଆଲୋଡ଼ନ ସୃଷ୍ଟି କଲା ଯେ ରାଜା ଶଙ୍କରଙ୍କ ବସିବା ପାଇଁ ତାଙ୍କ ସମ୍ମୁଖରେ ଗୋଟିଏ ସୁଆସନର ବ୍ୟବସ୍ଥା କରିଦେବାକୁ ଆଦେଶ କଲେ—ଯଦି ବା ଏ ପ୍ରକାର ପ୍ରଥା ସେ ପର୍ଯ୍ୟନ୍ତ ଚଳଣିରେ ନ ଥିଲା ।

ଯୁକ୍ତିତର୍କ ଆରମ୍ଭ ହେବା ପୂର୍ବରୁ ସନ୍ଥଜୀ ଗୋଟିଏ ବରଗୀତ ଗାଇଥିଲେ, "ନାରାୟଣ କାହେ ଭକତି କରୁଁ ତେରା"—ଯହିଁରେ ଦେବାଧିଦେବ ନାରାୟଣଙ୍କୁ ତାଙ୍କର ଶରୀରରୂପୀ ସର୍ବଭୂତରେ ଦୟା ନିମନ୍ତେ ପ୍ରାର୍ଥନା କରାଯାଇଛି । ତାହା ସଂଗେ ସଂଗେ ସେ ରାଜାଙ୍କର ଶୌର୍ଯ୍ୟବୀର୍ଯ୍ୟର ପ୍ରଶସ୍ତି ମଧ୍ୟ ଗାଇଥିଲେ । ରାଜା ନିଜେ ଆଠଟି ମୂଳ ସଂସ୍କୃତ ଶ୍ଲୋକର ଟୀକାସ୍ୱରୂପ ଅଳ୍ପକେତେ ଧାଡ଼ି ଯେ ଲେଖିଥିଲେ ତାହା ଶଙ୍କରଦେବଙ୍କୁ ଦେଖାଇବାରୁ ସେ ସମଗ୍ର ବିଷୟଟିର ଏପରି ଗୋଟିଏ ଶୁଦ୍ଧ ସୁଖବୋଧ ବ୍ୟାଖ୍ୟା କଲେ ଯେ ଉପସ୍ଥିତ ଜନତା ତାଙ୍କ ଜ୍ଞାନର ଗଭୀରତା ଓ ବ୍ୟାପ୍ତି ସଂଦର୍ଶନରେ ସ୍ତମ୍ଭୀଭୂତ ହୋଇପଡ଼ିଲେ । ନରନାରାୟଣ ସନ୍ଥଜୀଙ୍କର ତେଜୋଦ୍ଦୀପ୍ତ ବ୍ୟକ୍ତିତ୍ୱ ଆଗରେ ସଂଗେ ସଂଗେ ନିଷ୍ପ୍ରଭ ହୋଇପଡ଼ିଲେ ଓ ପୂର୍ବରୁ ତାଙ୍କ ପ୍ରତି ଯେ ହୃଦୟହୀନତା ପ୍ରଦର୍ଶନ କରିଥିଲେ ସେଥିପାଇଁ କ୍ଷମା ଭିକ୍ଷା କରିବାକୁ ବ୍ୟଗ୍ର ହୋଇପଡ଼ିଲେ । ସେତିକି ନୁହେଁ, ସେ ଧର୍ମାତ୍ମା ଅତିଥିଙ୍କ ପାଇଁ କଣ କରିପାରିବେ ଜାଣିବାକୁ ଚାହିଁଥିଲେ । ଶଙ୍କରଦେବ ଉତ୍ତରରେ କହିଥିଲେ—ସେ ଆଉ କିଛି ଚାହୁଁ ନାହାନ୍ତି; ଅପରପକ୍ଷରୁ ତାଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗଗୁଡ଼ିକର ଉତ୍ତର ଦେବାକୁ ସୁଯୋଗ ଦିଆଯାଉ । ରାଜା ସେହି ଅନୁସାରେ ପ୍ରସ୍ତାବ ଦେଲେ ଯେ ସନ୍ଥଜୀ ପ୍ରତିଦିନ ସକାଳେ ତାଙ୍କ ଦରବାରକୁ ଆସି ପ୍ରାଚୀନପନ୍ଥୀ ପୁରୋହିତ ପଣ୍ଡିତମାନଙ୍କ

ସଙ୍ଗେ ବିତର୍କରେ ଯୋଗଦେବେ, ଅପରାହ୍ଣରେ କେବଳ ଚିଲାରାୟଙ୍କ ଦରବାରରେ ଆଲୋଚନାରେ ଭାଗନେବେ । ଶଙ୍କରଦେବ ଏ ପ୍ରସ୍ତାବରେ ରାଜି ହେଲେ ଏବଂ ପ୍ରତିଦିନ ସକାଳେ ଦରବାରରେ ପ୍ରତିପକ୍ଷମାନଙ୍କ ଉପରେ ଅଭୂତପୂର୍ବ ବିଜୟ ହାସଲ କରିବାରେ ଲାଗିଲେ । ପ୍ରତିଦିନ ସେ ଯେଉଁ ନୂଆ ନୂଆ ଗୀତ ରଚନା କରି ଆଣି ଦରବାରରେ ଉପହାର ଦେଉଥିଲେ ସେ ସବୁ ରାଜା ଓ ପାରିଷଦମାନଙ୍କ ମନରେ ଏପରି ମଧୁର ଆକର୍ଷଣ ସୃଷ୍ଟି କରୁଥିଲା ଯେ ସେମାନେ ପରଦିନକୁ ଚାହିଁରହୁଥିଲେ ତାଙ୍କ ମଧୁସ୍ୱରା କଣ୍ଠରୁ ସଙ୍ଗୀତ ସଙ୍ଗେ ସଙ୍ଗେ ପ୍ରତିଦିନର ପୂର୍ବାହ୍ଣ ତର୍କସଭାରେ ତାଙ୍କର ବିଜୟ ପ୍ରଖ୍ୟାପକ ଅକାଟ୍ୟ ଯୁକ୍ତି ଓ ତନ୍ନିହିତ ଗମ୍ଭୀର ପାଣ୍ଡିତ୍ୟ ଶ୍ରବଣ କରିବା ପାଇଁ । ରାଜା ସନ୍ଥଜୀଙ୍କର ଜ୍ଞାନର ଗଭୀରତା ଓ ଧର୍ମମତର ଶ୍ରେଷ୍ଠତ୍ୱ ସମ୍ପର୍କରେ ଦୃଢ଼ ଅବହିତ ହେବା ପରେ ଉଭୟେ ପରସ୍ପରର ପରମ ବନ୍ଧୁ ହୋଇପଡ଼ିଲେ ଓ ସେ ବନ୍ଧୁତା ଶେଷ ପର୍ଯ୍ୟନ୍ତ ରହିଥିଲା । ଅନିଚ୍ଛାସତ୍ତ୍ୱେ ଶଙ୍କରଦେବଙ୍କୁ ପ୍ରତିଦିନ ବହୁମୂଲ୍ୟ ରାଜଦତ୍ତ ଉପହାରର ବୋଝ ନେଇ ବସାକୁ ଫେରିବାକୁ ପଡ଼ୁଥିଲା । ଏସବୁରୁ ପୁରୋହିତଗୋଷ୍ଠୀ ନିଜର ମୂଳୋଚ୍ଛେଦ ଆଖିଆଗରେ ଦେଖି ପାରିଲେ । ସେମାନେ ଶଙ୍କରଦେବଙ୍କୁ ଅନୁନୟ କଲେ ସେମାନଙ୍କ ଅନ୍ନସଂସ୍ଥାନ ପନ୍ଥାକୁ ଏପରି ଧ୍ୱଂସ କରିନଦେବାପାଇଁ । ସନ୍ଥଜୀ ସେମାନଙ୍କୁ ଆଶ୍ୱାସନା ଦେଇ କହିଲେ ଯେ—ସେ ବ୍ରାହ୍ମଣମାନଙ୍କର ଶତ୍ରୁ ନୁହନ୍ତି ବା ସେମାନଙ୍କର କୌଣସି କ୍ଷତି କରିବେ ନାହିଁ । ତା ସଙ୍ଗେ ସଙ୍ଗେ ସେ ସେମାନଙ୍କୁ ସତର୍କ କରିଦେଇଥିଲେ ଯେ ଯଦି ତାଙ୍କ ପ୍ରତି ଯୁଦ୍ଧ ଆହ୍ୱାନ ଆସେ, ସେ ତହିଁରେ ମୁକାବିଲା କରିବାକୁ ବାଧ୍ୟ ହେବେ । ଏହା ସତ୍ତ୍ୱେ ବିରୋଧୀ ପଣ୍ଡିତମାନେ ବୈଷ୍ଣବମାନଙ୍କୁ ହଇରାଣ କରିବା ଅଭ୍ୟାସ ଛାଡ଼ି ନଥିଲେ; କିନ୍ତୁ ରାଜା ଓ ସେନାଧ୍ୟକ୍ଷ ଉଭୟେ ତାଙ୍କର ବନ୍ଧୁ ଓ ପୃଷ୍ଠପୋଷକ ଥିବାରୁ ଶଙ୍କରଦେବ ଓ ତାଙ୍କ ଅନୁଗାମୀମାନେ ସଂପୂର୍ଣ୍ଣ ନିରାପଦ ଭାବରେ ବିଚରଣ କରୁଥିଲେ । ଏଣିକି କାମରୂପ ଓ କୋଚବିହାରରେ ନବ ପ୍ରବର୍ତ୍ତିତ ବୈଷ୍ଣବ ସଂସ୍ଥା ଶକ୍ତିଶାଳୀ

ଭାବରେ ଅଭିବୃଦ୍ଧି ପଥରେ ଗଲଲ ।

ରାଜା ଓ ଧର୍ମଗୁରୁଙ୍କ ମଧ୍ୟରେ ଏ ଆନନ୍ଦଦାୟକ ମିଳନ ପରଠାରୁ ଗୁରୁଙ୍କ ବିଭିନ୍ନ ଘଟଣାରେ ରାଜଧାନୀ କୋଚବେହାର ଓ ବୈଷ୍ଣବ ଆନ୍ଦୋଳନର କେନ୍ଦ୍ର ପାଟବାଉସୀ ମଧ୍ୟରେ ଯୋଗସୂତ୍ରର କାର୍ଯ୍ୟ କରୁଥିଲା ପରି ଜଣାଯାଏ । ସେ ରାଜଧାନୀ-ରହଣି ସମୟରେ ଫୁଲବାଗରେ ଅବସ୍ଥାନ କରୁଥିଲେ ଓ ଦିନବେଳେ ନରନାରାୟଣଙ୍କ ଦରବାରରେ ଉପସ୍ଥିତ ରହୁଥିଲେ । ସେ ଯାହାହେଉ ଚିଲାରାୟ ତାଙ୍କ ପାଇଁ ରାଜଧାନୀ ନିକଟରେ ଗୋଟିଏ କ୍ଷୁଦ୍ର ସତ୍ର ନିର୍ମାଣ କରିଦେଇଥିଲେ । ଏହା ପରେ ଭେଲା ବା ଭେଲାଡଙ୍ଗା ସତ୍ର ନାମରେ ପରିଚିତ ହୋଇଥିଲା । ଗୁରୁଜୀଙ୍କର ଅନେକ ଦିନୁ ଶତବର୍ଷ ପୂର୍ତ୍ତି ହୋଇ ଯାଇଥିଲା ଓ ସେ ଅତି ବୃଦ୍ଧ ହୋଇ ପଡ଼ିଥିଲେ । ତେଣୁ ଚିଲାରାୟ 'ଜନ୍ମପୁରାଣ' ନାମକ ସଂସ୍କୃତ ଗ୍ରନ୍ଥଟି ଅସମୀୟା ଭାଷାରେ ଅନୁବାଦ କରିବାକୁ ଚାହିଁବାରୁ ସେ ସେହି କାର୍ଯ୍ୟ ତାଙ୍କର ସୁଯୋଗ୍ୟ ଶିଷ୍ୟ ମାଧବଦେବଙ୍କ ଦ୍ୱାରା ପଦ୍ୟାକାରରେ କରାଇ ଦେଇଥିଲେ । ଆଉ ମଧ୍ୟ ରାଜପୁରୁଷଙ୍କ ଅନୁରୋଧକ୍ରମେ ସେ ତାନ୍ତିକୁଚି (ବର୍ତ୍ତମାନ ବରପେଟା)ର ତନ୍ତୀମାନଙ୍କ ଦ୍ୱାରା ଗ୍ରିଶ ଗଜ ଲମ୍ବର ଖଣ୍ଡେ ଲୁଗା ବୁଣାଇ ସେଥିରେ କୃଷ୍ଣଙ୍କର ବୃନ୍ଦାବନର ବାଲ୍ୟଲୀଳା କଂସବଧ ପର୍ଯ୍ୟନ୍ତ ଚିତ୍ର କରାଇଦେଇଥିଲେ ।

ଏହି ଚିତ୍ରିତ ବସ୍ତ୍ର ବୃନ୍ଦାବନୀ ବସ୍ତ୍ର ନାମ ଧାରଣ କରିଥିଲା । ସେହି ସମୟରେ ରାଜାଙ୍କ ଦରବାରରେ ଶାନ୍ତିପୁର (ନବଦ୍ୱୀପ) ରୁ ଗୋଟିଏ ଷାଠିଏ ଜଣିଆ ପଣ୍ଡିତ ଦଳ ସଙ୍ଗରେ ନେଇ ଆସିଥିବା ପଣ୍ଡିତ କବିଚନ୍ଦ୍ର ଦ୍ୱିଜଙ୍କ ସହିତ ତାଙ୍କର ପାଣ୍ଡିତ୍ୟ-ଯୁଦ୍ଧ ହୋଇଥିଲା । ଏହି ପଣ୍ଡିତମାନେ ଯୁକ୍ତି କରିଥିଲେ ଯେ ଶଙ୍କରଦେବ ଅବ୍ରାହ୍ମଣ ଥିବାରୁ ତାଙ୍କର ଭାଗବତ ପୁରାଣକୁ ସ୍ପର୍ଶ କରିବା ଉଚିତ ହୋଇନାହିଁ । ଏ ଘଟଣାରେ ମଧ୍ୟ ଶଙ୍କର ଦେବଙ୍କ ବିଜୟରେ ଏ ବିବାଦର ଅବସାନ ହୋଇଥିଲା । ସେ ପାଟବାଉସୀଠାରେ 'କଂସବଧ ନାଟକ' ରଚନା କରିଥିଲେବୋଲି କଥିତ ହୁଏ ।

କିନ୍ତୁ ଏହାର ଗୀତଗୁଡ଼ିକ ବ୍ୟତୀତ ଆଉ କିଛି ବର୍ତ୍ତମାନ ମିଳୁନାହିଁ ।

୧୪୮୯ ଶକାବ୍ଦ ଫାଲ୍‌ଗୁନ ମାସରେ ଶଙ୍କରଦେବ ପାଟବାଉସୀଠାରୁ କୋଚବେହାରକୁ ତାଙ୍କର ଶେଷ ଯାତ୍ରା କରିଥିଲେ । ସେଠାରେ ସେ ମାଧବଦେବଙ୍କର ଗଣକ୍‌କୁଚି ସତ୍ର‌ରେ ରାତିକ ପାଇଁ ରହିଥିଲେ ଓ ପ୍ରିୟତମ ଶିଷ୍ୟଙ୍କ ସଙ୍ଗେ ଶେଷ ହାର୍ଦ୍ଦିକ ଆଳାପ ଆଲୋଚନା କରିଥିଲେ । ସେ ଯେଉଁ ଆଲୋକ ବର୍ତ୍ତିକା ଜାଳିଥିଲେ ତାକୁ ଜାଳି ରଖିବା ପାଇଁ ଶିଷ୍ୟଙ୍କୁ ଅନୁରୋଧ କରିଥିଲେ ଏବଂ ତାଙ୍କୁ ପ୍ରବୋଧନା ଦେଇଥିଲେ ଯେ ସେ ତାଙ୍କୁ ଏକା ଛାଡ଼ିଦେଇ ଯାଉନାହାନ୍ତି । ସେ ଯେତେବେଳେ ଚାହିଁବେ ସେତେବେଳେ ତାଙ୍କୁ ତାଙ୍କ କବିତାମାନଙ୍କ ମଧ୍ୟରେ ପାଇବେ । ପରଦିନ ପ୍ରତ୍ୟୁଷରେ ସେ ତାଙ୍କ ଅନୁଗାମୀମାନଙ୍କଠାରୁ ବିଦାୟ ନେଇ ବ୍ରହ୍ମପୁତ୍ର ନଦୀବକ୍ଷରେ ନୌକାଯାତ୍ରା କରିଥିଲେ ।

ଭେଲାଡଙ୍ଗାରେ ପହଞ୍ଚି ସେ ସେଠାରେ ଛଅମାସ ଅବସ୍ଥାନ କରିଥିଲେ । ସେଠାରେ ସେ ପୂର୍ବାହ୍ନ୍‌ରେ ନରନାରାୟଣଙ୍କ ଦରବାରରେ ଏବଂ ଅପରାହ୍ନ୍‌ରେ ଚିଲାରାୟଙ୍କ ଦରବାରରେ ଯୋଗଦେଉଥିଲେ । ସେତେବେଳକୁ ସେ ବାର୍ଦ୍ଧକ୍ୟର ଶେଷ ସୀମାରେ ପହଞ୍ଚିଥିଲେ । ଏହିଠାରେ ଚିଲାରାୟଙ୍କ ନିର୍ଦ୍ଦେଶରେ ଲିଖିତ ଓ ତାଙ୍କ ନର୍ତ୍ତକ ବା ଅଭିନେତାମାନଙ୍କ ଦ୍ୱାରା ଅଭିନୀତ ଶଙ୍କର ରଚିତ ନାଟକ 'ରାମବିଜୟ' ତାଙ୍କ ଜୀବନର ଅନ୍ତିମ କୀର୍ତ୍ତିଧ୍ୱଜ ବୋଲି ମନେହୁଏ । ଏଥିରେ ଏ ନାଟକର ରଚନାକାଳ, ଗୁରୁଙ୍କ ଜୀବନର ଶେଷ ବର୍ଷ, ୧୪୯୦ ଶକାବ୍ଦ ଓ ସେନାଧ୍ୟକ୍ଷ, ଯାହାଙ୍କୁ ନୃପତିପ୍ରଧାନ କୁହାଯାଉଥିଲା, ତାହାର ଉଲ୍ଲେଖ ଦେଖିବାକୁ ମିଳେ ।

ଗୁରୁଦେବଙ୍କ ଜୀବନର ଶେଷ ମୁହୂର୍ତ୍ତ ଦ୍ରୁତ ଆଗେଇଆସୁଥିଲା । ତାଙ୍କ ତିନି ପୁଅଙ୍କ ମଧ୍ୟରୁ ଦ୍ୱିତୀୟ କମଳଲୋଚନ ଆଗରୁ ମରିଯାଇଥିଲେ, ଜ୍ୟେଷ୍ଠ ରାମାନନ୍ଦ କୋଚବେହାରରେ ସେ ପର୍ଯ୍ୟନ୍ତ ଚିଲାରାୟଙ୍କ କାର୍ଯ୍ୟାଳୟରେ ଚାକିରି କରୁଥିଲେ ଏବଂ କନିଷ୍ଠ ହରିଚରଣ ସେପରି କିଛି ଉନ୍ନତି କରି ନପାରି ତାଙ୍କ ମାଆ କାଳିନ୍ଦୀଙ୍କ ପାଖରେ ରହୁଥିଲେ । ମାତ୍ର ସନ୍ତୁଷ୍ଟ ମାଧବ

ଦେବଙ୍କ ଉପରେ ଭରସା ରଖିଥିଲେ ଯେ ସେ ତାଙ୍କର ଉପଯୁକ୍ତ ଆଧ୍ୟାତ୍ମିକ ଉତ୍ତରାଧିକାରୀ ହେବେ ! ଏ କଥା ମଧ୍ୟ ସେ ସ୍ପଷ୍ଟ କହୁଥାଉଥିଲେ । କେତେକ ମହଲର ଧାରଣା ଯେ, ନୂତନ ବୈଷ୍ଣବ ଧର୍ମରେ ଦୀକ୍ଷିତ ହେବାପାଇଁ ନରନାରାୟଣ ଅନୁରୋଧ କରିଥିଲେ, ମାତ୍ର ସନ୍ଥଜୀ ସେଥିରେ ଅମତ ହୋଇଥିଲେ—କାରଣ ରାଜା ଓ ପେଷାଦାର ବ୍ରାହ୍ମଣ ପୁରୋହିତ-ମାନଙ୍କୁ ତାଙ୍କ ଧର୍ମରେ ଗ୍ରହଣ କରିବାକୁ ସେ ଉଚିତ ମନେକରୁନଥିଲେ । ସେ ଭାବୁଥିଲେ, ଏମାନେ କୌଣସି ନା କୌଣସି ଘଟଣାରେ ଏକଶରଣ ମାର୍ଗର ମୂଳ ଆଦର୍ଶର ବିପରୀତ ବିରୁଦ୍ଧାଚରଣ କରିବେ । ରାଜାଙ୍କର ଧର୍ମ ଗ୍ରହଣପାଇଁ ଏପରି ଜିଦ୍ ହିଁ ସନ୍ଥଜୀଙ୍କର ମୃତ୍ୟୁକୁ କ୍ଷିପ୍ରତର କରିବାପାଇଁ ଦାୟୀ ବୋଲି ଉକ୍ତ ମହଲର ଧାରଣା । ସେ ଯାହାହେଉ, ଶଙ୍କରଦେବଙ୍କ ମହାପ୍ରସ୍ଥାନ ଆକସ୍ମିକ ଭାବରେ ଆସିଗଲା । ୧୪୯୦ ଶକାବ୍ଦ ବା ୧୫୬୯ ଖ୍ରୀଷ୍ଟାବ୍ଦ ଭାଦ୍ର (ସେପ୍ଟେମ୍ବର) ୭ କିମ୍ବା ୨୧ ତାରିଖ ଗୁରୁବାର ଦିନ ତାଙ୍କର ଘଟଣାବହୁଳ ଦୀର୍ଘ ଜୀବନର ଅବସାନ ହେଲା । ତାଙ୍କର ଦେହାବଶେଷ ତୋରୋଗ୍ନ ନାମକ କ୍ଷୁଦ୍ର ନଦୀ ତଟରେ ଦାହ କରାଯାଇ ଥିଲା । ରାଜା ଚନ୍ଦନକାଠ, ଘିଅ ଓ ଅନ୍ୟାନ୍ୟ ଆବଶ୍ୟକ ଦ୍ରବ୍ୟସମ୍ଭାର ଶବସଂସ୍କାର ପାଇଁ ପଠାଇଥିଲେ ।

ଶଙ୍କରଦେବଙ୍କ ବୈଷ୍ଣବ ସମ୍ପ୍ରଦାୟ

ଶଙ୍କରଦେବ ମାଧବଦେବଙ୍କୁ ଉତ୍ତରାଧିକାରୀ ମନୋନୀତ କରି ତାଙ୍କର ଧର୍ମ ସମ୍ପ୍ରଦାୟ ସମର୍ପି ଦେଇ ଗଲେ । ମାଧବଦେବ ସୁନ୍ଦରୀଦିୟା (ବରପେଟା) ଠାରେ ତାଙ୍କ ସତ୍ର ପ୍ରତିଷ୍ଠା କଲେ । ଏଠାରେ ସେ ଅନ୍ୟାନ୍ୟ ରଚନା ମଧ୍ୟରେ ତାଙ୍କର ମୁଖ୍ୟ କୃତି 'ନାମଘୋଷା' ରଚନା କରିଥିଲେ । ସେ ତାଙ୍କ ସତ୍ର ଚତୁର୍ଦ୍ଦିଗରେ ବିଭିନ୍ନ ସ୍ଥାନକୁ ସମୟେ ସମୟେ ବୁଲି ଯାଉଥିଲେ । ନାଟ୍ୟାଭିନୟର ପ୍ରାଥମିକ ଉଦ୍ଦେଶ୍ୟ ନେଇ ସେ ଯେଉଁ ମନ୍ଦିରଟି ନିର୍ମାଣ କରିଥିଲେ ତାହା ଅଳ୍ପ ଦିନ ପରେ ଗୋଟିଏ ସତ୍ରରେ ପରିଣତ ହେଲା— ଯାହାର ନାମ ଥିଲା ବରପେଟା ସତ୍ର । ବିରୋଧୀ ଲୋକେ ସବୁବେଳେ ତାଙ୍କ ପଛରେ ଲାଗି ରହିଥିଲେ । ସେମାନେ ରଘୁଦେବ ନାରାୟଣଙ୍କ (୧୫୮୧-୧୬୦୩) ଦରବାରରେ ଅଭିଯୋଗ ଆଣିଲେ ଯେ ମାଧବଦେବ ଗୋଟିଏ ବ୍ୟଭିଚାରୀ ଧର୍ମ ପ୍ରଚାର କରୁଅଛନ୍ତି । ଏ ରଘୁଦେବ ହେଉଛନ୍ତି ଶୁକ୍ଳଧ୍ୱଜଙ୍କ ପୁଅ । ସେ ଆଗରୁ, ତାଙ୍କ ପିତାଙ୍କ ମୃତ୍ୟୁ ପରେ, ବଡ଼ବାପା ନରନାରାୟଣଙ୍କ ସଙ୍ଗେ କଳହ କରିଥିଲେ ଏବଂ ନିଜକୁ କାମରୂପ (ବିଶ୍ୱସିଂହ, ନରନାରାୟଣ ଓ ଚିଲାରାୟଙ୍କ ଦ୍ୱାରା ଗଠିତ କୋଚ ରାଜ୍ୟର ପୂର୍ବାର୍ଦ୍ଧ)ର ସ୍ୱାଧୀନ ରାଜା ବୋଲି ଘୋଷଣା କରିଥିଲେ । ଦିନେ ଦଳେ ସିପାହୀ ବରପେଟା ସତ୍ର ଉପରେ ଚଢ଼ାଉ କରି ଅନ୍ତେବାସୀ ବୈଷ୍ଣବମାନଙ୍କର ଯତ୍ସାମାନ୍ୟ ସମ୍ପତ୍ତିପତ୍ର ଜବତ କରିନେଲେ ଏବଂ ମାଧବଦେବ ଓ ଆଉ କେତେକ ସନ୍ନ୍ୟାସୀଙ୍କୁ ନୌକାରେ ବସାଇ ରାଜଧାନୀ ବିଜୟପୁରକୁ ନେଇଯାଇଥିଲେ । କିନ୍ତୁ ପ୍ରକାଶ୍ୟ ବିଚାରାଳୟରେ ବିଚାର ପାଇଁ ମାଧବଦେବଙ୍କୁ ଡକା ଯିବା ପୂର୍ବରୁ ବିରୋଧୀ

ପଣ୍ଡିତମାନେ ସେମାନଙ୍କ ଅଭିଯୋଗ ପ୍ରତ୍ୟାହାର କଲେ । ମାଧବଦେବ ସସମ୍ମାନ ମୁକ୍ତ ହେଲେ ଓ ସନ୍ନ୍ୟାସୀମାନେ ତାଙ୍କ ସମ୍ପତ୍ତି ଫେରସ୍ତ ପାଇଲେ । ତା ସତ୍ତ୍ୱେ ଖାମଖିଆଲି ରାଜା ଅଳ୍ପ କେତେ ଦିନ ପରେ ମାଧବଦେବଙ୍କ ନିକଟକୁ ଏକ ଆଦେଶନାମା ପଠାଇଲେ ଯେ ସେ ଅନତି ବିଳମ୍ବେ ବରପେଟା ତ୍ୟାଗ କରି ହାଜୋଠାରେ ହୟଗ୍ରୀବ-ମାଧବ ମନ୍ଦିରରେ ଅବସ୍ଥାନ କରନ୍ତୁ । କିନ୍ତୁ ସେଠାରେ ଦେବତା ମାଧବଙ୍କ ଅପେକ୍ଷା ସନ୍ଥ ମାଧବ ଅଧିକ ଲୋକଙ୍କୁ ଆକର୍ଷଣ କଲେ ।

ଏଥିରେ ସଦ୍ୟ ବିପଦର ସମ୍ଭାବନା ଆଶଙ୍କା କରି ମାଧବଦେବ ରଘୁଦେବଙ୍କ ରାଜ୍ୟ ଛାଡ଼ିବା ପାଇଁ ହଠାତ୍ ନିଷ୍ପତ୍ତି ନେଲେ । ତଦନୁସାରେ ସେ ସୀମା ପାରି ହୋଇ କୋଚବେହାର ରାଜ୍ୟକୁ ଚାଲିଗଲେ । ସେଠାରେ ନରନାରାୟଣଙ୍କର ପୁତ୍ର ଲକ୍ଷ୍ମୀନାରାୟଣ (୧୫୮୭-୧୬୨୭) ସେତେବେଳକୁ ରାଜୁତି କରୁଥିଲେ । କିନ୍ତୁ ସେଠାରେ ମଧ୍ୟ ସେ ଶାନ୍ତିରେ ରହି ପାରିଲେ ନାହିଁ । କାରଣ ଅନେକ ଲୋକ ଶଙ୍କରଦେବଙ୍କ ଧର୍ମମତ ଗ୍ରହଣ କରିବା କଷ୍ଟକର ମନେକରିଥିଲେ ଏବଂ ବିଶେଷ କରି ଜଣେ କାଜି ତାଙ୍କୁ ଶୁଭ ଦୃଷ୍ଟିରେ ଦେଖୁ ନ ଥିଲେ, ଯେହେତୁ ସେ ତାଙ୍କ ଭ୍ରାତୃସଙ୍ଘ ବାହାରେ ଅନ୍ୟ କାହା ସଙ୍ଗେ ପଂକ୍ତି ଭୋଜନରେ ବସିବାକୁ ଅସ୍ୱୀକୃତ ହେଉଥିଲେ । ମାଧବଦେବଙ୍କୁ ରାଜଦରବାରରେ ରୁକ୍ଷ କର୍କଶ ବାଗ୍‌ବିତଣ୍ଡାର ସମ୍ମୁଖୀନ ହେବାକୁ ପଡ଼ିଲା । ହେଲେହେଁ ତାଙ୍କ ଜ୍ଞାନର ଗମ୍ଭୀରତା ସେହି ଆପଦ କାଳରେ ବିଶେଷ ଦରକାରରେ ଆସିଥିଲା । ଲକ୍ଷ୍ମୀନାରାୟଣ ରାଜଧାନୀର ଦୁଇଟି ସତ୍ର ସହିତ ନୂତନ ଧର୍ମକୁ ରାଜଧର୍ମରୂପେ ଘୋଷଣା କଲେ । ଏ ସନ୍ଥ ତାଙ୍କ ଗୁରୁଙ୍କ ଭଳି କୋଚବେହାରରେ ୧୫୯୬ ଖ୍ରୀଷ୍ଟାବ୍ଦରେ ଦେହରକ୍ଷା କଲେ ।

ଶଙ୍କରଦେବ ତାଙ୍କର ବ୍ରାହ୍ମଣ ଶିଷ୍ୟ ଦାମୋଦରଦେବଙ୍କୁ ଦୀକ୍ଷା ଦାନ ଅଧିକାର ଦେଇଥିଲେ—ଯେହେତୁ ବ୍ରାହ୍ମଣ ଜାତିରୁ ଆସୁଥିବା ନୂତନ ଦୀକ୍ଷାପ୍ରାର୍ଥୀମାନଙ୍କ ନିମନ୍ତେ ଏହାର ବିଶେଷ ଆବଶ୍ୟକତା ଥିଲା । ଗୁରୁଙ୍କ

ମୃତ୍ୟୁର ଅବ୍ୟବହିତ ପରେ କିନ୍ତୁ ମତଭେଦ ଦେଖା ଦେଇଥିଲା । ଦାମୋଦରଦେବ ମୁଖ୍ୟ ସଂସ୍ଥାରୁ ଅଲଗା ହୋଇଯାଇ ଭିନ୍ନ ମତବାଦୀ ସ୍ୱତନ୍ତ୍ର ଗୋଷ୍ଠୀ ଗଢ଼ିଲେ । କାମରୂପର ତତ୍କାଳୀନ ରାଜା ପରୀକ୍ଷିତ ନାରାୟଣଙ୍କ ନିକଟରେ ଆବେଦନ କରାଗଲା ଯେ "ଏ ବ୍ରାହ୍ମଣ ଶୂଦ୍ର-ଧର୍ମ ଗ୍ରହଣ କରିବା ଦ୍ୱାରା ଓ ଦେବାଦେବୀ ପୂଜା ବିରୁଦ୍ଧରେ ପ୍ରଚାର କରିବା ଦ୍ୱାରା ଦେଶକୁ ଅନାଚାର ଆଣିଛି ।" ରାଜା ସେ ସନ୍ଥଙ୍କୁ (ଦାମୋଦର ଦେବ) ରାଜ୍ୟରୁ ବହିଷ୍କାର ଆଦେଶ ଦେଲେ । ସେ କୋଚବେହାରର ରାଜଧାନୀକୁ ପଳାଇ ଯାଇ ସେଠାରେ ନିଜ ଉଦ୍ୟମରେ ବୈକୁଣ୍ଠପୁର ସତ୍ର ନିର୍ମାଣ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆସାମର ତିନିଜଣ-ଯାକ ଶ୍ରେଷ୍ଠ ବୈଷ୍ଣବାଚାର୍ଯ୍ୟ କୋଚବେହାରରେ ଦେହରକ୍ଷା କରିଥିଲେ, ଯେଉଁ କୋଚବେହାର ରାଜନୈତିକ ଇତିହାସର ବିଚିତ୍ର ନ୍ୟାୟରେ ଆଜି ଆଉ ଏ ରାଜ୍ୟର ଅଙ୍ଗ ନୁହେଁ ।

ଦାମୋଦରଦେବଙ୍କ ପରି ଆଉ ଜଣେ ଦଳତ୍ୟାଗୀ ଥିଲେ ହରିଦେବ । ସେ ଆଧୁନିକ କାମରୂପ ଜିଲ୍ଲା ମଧ୍ୟରେ ସୀମାବଦ୍ଧ ଅଳ୍ପ କେତୋଟି ସତ୍ରକୁ ତାଙ୍କ ମତାବଲମ୍ବୀ ବୋଲି ଦାବି କରନ୍ତି । ଶଙ୍କରଦେବଙ୍କ କୁଳପୁରୋହିତ ଓ ବନ୍ଧୁ ରାମରାମ ସାରା ଜୀବନ ତାଙ୍କର ସହାୟକ ଥିଲେ । ରାମରାମଙ୍କ ବଂଶଧରଗଣ ବୈଷ୍ଣବ ସମ୍ପ୍ରଦାୟ ପ୍ରତି ସଦା ଅନୁରକ୍ତ ଏବଂ ପାଟବାଉସୀ ଓ ବରପେଟା ସତ୍ରମାନଙ୍କରେ ସେମାନେ ହିଁ ମହନ୍ତ ହୁଅନ୍ତି ।

ମାଧବଦେବ ଧର୍ମପ୍ରାଣ ଲୋକମାନଙ୍କୁ ଭକ୍ତି ଧର୍ମର ପ୍ରଚାରକ ରୂପେ ବାହାରକୁ ପଠାଉଥିଲେ । ସେମାନଙ୍କ ମଧ୍ୟରେ ମୁଖ୍ୟ ଥିଲେ ଭବାନୀପୁରର ଗୋପାଳଦେବ, ପଦ୍ମ ଆତା ଓ ଦ୍ୱିତୀୟ ଗୋପାଳଦେବ ଯେ କି, ବଂଶୀ ଗୋପାଳ ନାମରେ ଅଧିକ ପରିଚିତ । ବ୍ରାହ୍ମଣ ବଂଶୀଗୋପାଳଙ୍କର ନିଯୁକ୍ତି ଦାମୋଦରଦେବଙ୍କ ଦ୍ୱାରା ମଧ୍ୟ ଅନୁମୋଦିତ ହୋଇଥିଲା । ଏ ତିନିଜଣ-ଯାକ ଧର୍ମ-ପ୍ରଚାରକ ଓ ତାଙ୍କ ସହକାରୀମାନେ ମୁଖ୍ୟତଃ ଆସାମ ବା ଆହୋମ ରାଜ୍ୟ ମଧ୍ୟରେ ସତ୍ରମାନ ପ୍ରତିଷ୍ଠା କରିଥିଲେ । ସେମାନଙ୍କ

ସତ୍ର ମାନଙ୍କ ମଧ୍ୟରୁ କେତେକ ଖୁବ୍ ଧନଶାଳୀ । ଏ ପ୍ରତ୍ୟେକଙ୍କର ଗୋଟିଏ ଗୋଟିଏ ବୃହତ୍ ଓ ବ୍ୟାପକ ଶିଷ୍ୟ ସମ୍ପ୍ରଦାୟ ଥିବାର ଏମାନେ ଦାବି କରନ୍ତି । ମାଧବଦେବଙ୍କ ଭଣଜା ରାମଚରଣ ଓ ମଥୁରା ଦାସ ସୁନ୍ଦରୀଦିଆ ଓ ବରପେଟାରେ ସେ ନିର୍ମାଣ କରିଥିବା ମନ୍ଦିରମାନଙ୍କର ଦାୟିତ୍ୱ ଗ୍ରହଣ କରିଥିଲେ । ଶଙ୍କରଦେବଙ୍କ ତିନିପୁଅଁଯାକ ଅକାଳ ମୃତ୍ୟୁ ମୁଖରେ ପଡ଼ିଥିଲେ । ତାଙ୍କ ନାତି ପୁରୁଷୋତ୍ତମ ଓ ଚତୁର୍ଭୁଜ ଏବଂ ଚତୁର୍ଭୁଜଙ୍କ ସ୍ତ୍ରୀ କନକଲତା ସେମାନଙ୍କର ପ୍ରତିନିଧି ନିଯୁକ୍ତ କରିଥିଲେ । ଏଇ ପ୍ରତିନିଧିମାନେ ବିଭିନ୍ନ ସ୍ଥାନରେ ସତ୍ର ମାନ ସଂଗଠନ କରିଥିଲେ । ଏଇ ସତ୍ର ଗୁଡ଼ିକ ପ୍ରାୟ ଗୋଟିଏ ଗୋଟିଏ ଗୀର୍ଜା ସଂଗଠନ ଭଳି କାର୍ଯ୍ୟ କରୁଥିଲେ ଓ ପ୍ରେରଣା ବା ନିର୍ଦ୍ଦେଶ ନିମନ୍ତେ ସନ୍ଥଙ୍କ ଜନ୍ମସ୍ଥାନ ବରଦୋବା ଉପରେ ନିର୍ଭର କରୁଥିଲେ । ଦାମୋଦରଦେବ ତିନିଜଣ ପ୍ରତିନିଧି ମନୋନୀତ କରିଥିଲେ ଓ ସେମାନେ କାମରୂପସ୍ଥ ସତ୍ର ମାନଙ୍କରେ ଅବସ୍ଥାନ କରୁଥିଲେ; କିନ୍ତୁ ବନମାଳୀଦେବ ନାମକ ଯେଉଁ ବ୍ରାହ୍ମଣ-ବୈଷ୍ଣବ ତାଙ୍କ ବୈକୁଣ୍ଠପୁର ସତ୍ର ରେ ଥିଲେ ସେ ପୂର୍ବକୁ ଉଠିଗଲେ ଓ ସେଠାର ଶାସକ ଆହୋମ ରାଜାଙ୍କ ପୃଷ୍ଠପୋଷକତାରେ ଗୋଟିଏ ଶକ୍ତିଶାଳୀ ସତ୍ର (ଦକ୍ଷିଣପାଟ) ପ୍ରତିଷ୍ଠା କଲେ । କେତେକ ସତ୍ର ଶଙ୍କରଦେବ ଓ ମାଧବଦେବଙ୍କ ସଙ୍ଗେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ଗଠିତ ହୋଇଥିଲା । ସେ ସବୁ ପ୍ରତ୍ୟେକେ ଶାଖା ପ୍ରଶାଖାରେ ବିଭକ୍ତ ହୋଇ କ୍ଷୁଦ୍ର କ୍ଷୁଦ୍ର ଅନୁଷ୍ଠାନରେ ପରିଣତ ହୋଇଥିଲେ ।

ଏହିପରି ପୂର୍ବଭାରତର ତିନୋଟି ଅସମୀୟରାଜ୍ୟ ଆସାମ, କାମରୂପ ଓ କୋଚବେହାର ସପ୍ତଦଶ ଶତାବ୍ଦୀର ଶେଷ ଓ ଅଷ୍ଟାଦଶ ଶତାବ୍ଦୀର ପ୍ରାରମ୍ଭରେ ଜାଲ ଛନ୍ଦିଲପରି ବୈଷ୍ଣବ ସଂଗଠନମାନଙ୍କ ଦ୍ୱାରା ଘୋଟି ହୋଇଯାଇଥିଲା । ପ୍ରାୟ ସମଗ୍ର ହିନ୍ଦୁ ଜନତାକୁ ସେମାନେ ଭାଗ ବାଣ୍ଟି ନେଇଥିଲେ । ଏହି ବୈଷ୍ଣବଧର୍ମାନୁଗାମୀମାନଙ୍କ ମଧ୍ୟରୁ କେତେକ ଧର୍ମର ମୂଳନୀତିରୁ ଗୁରୁତର ଭାବରେ ବିଚ୍ୟୁତ ହୋଇଛନ୍ତି କିମ୍ବା ଗୁରୁଙ୍କ ଦ୍ୱାରା

ନିଷିଦ୍ଧ ବିରୁଦ୍ଧବାଦୀ ଧର୍ମମତ ଭିତରକୁ ଫେରିଯାଇଛନ୍ତି । ଅନ୍ୟମାନେ ଅବଶ୍ୟ ନୂତନ ଧର୍ମର ପ୍ରାଚୀନତା ବିରୋଧୀ ସଂସ୍କାର ପ୍ରବଣତାକୁ ବହୁଦୂର ଆଗେଇ ନେଇଛନ୍ତି । ଭବାନୀପୁରର ଗୋପାଳଦେବଙ୍କ ଅନୁଗାମୀମାନେ ଗୋଟିଏ ମତବାଦ ସୃଷ୍ଟି କରିଥିଲେ, ଯାହାର ବୈଶିଷ୍ଟ୍ୟ ହେଲା ଉଦାରତା, ଗଣତାନ୍ତ୍ରିକ ଆଭିମୁଖ୍ୟ ଓ କଠୋର ନୀତି ନିୟମର ଅତ୍ୟାଚାରରୁ ସ୍ୱାଧୀନତା । ଏ ମତବାଦ ବିଶେଷ ଅଗ୍ରଗତି କରିଛି ଏବଂ ଆସାମର ଉତ୍ତର-ପୂର୍ବ ଭାଗରେ ମୁଖ୍ୟତଃ ବାସକରୁଥିବା ତିବ୍ବତ-ବର୍ମୀ ଲୋକଙ୍କ ମଧ୍ୟରେ ଅନେକଙ୍କୁ ଅନୁଗାମୀ କରାଇପାରିଛି ଓ ବହୁ ସଂଖ୍ୟକ ଭୂତ-ଉପାସକଙ୍କୁ ସଂସ୍କାର କରିଛି । ଗୋପାଳ ଗୋଷ୍ଠୀର ମୋବାମରା ବା ମାୟାମରା ମହନ୍ତଙ୍କ ଅନୁଗାମୀମାନେ ରାଜ-ଅତ୍ୟାଚାର ବିରୁଦ୍ଧରେ ଏକତାବଦ୍ଧ ହୋଇ ବିପ୍ଳବ କରିଥିଲେ (୧୭୬୯) ଓ କେତେ ସମୟ ପାଇଁ ଆହୋମ ଶକ୍ତିକୁ ହଟାଇ ଦେବାରେ ସକ୍ଷମ ହୋଇଥିଲେ । ଅସମୀୟା ବୈଷ୍ଣବ ଧର୍ମର ଇତିହାସ ବହୁ ସଂଘର୍ଷ ଓ ଅତ୍ୟାଚାର ଉତ୍ପୀଡ଼ନର କାହାଣୀରେ ପୂର୍ଣ୍ଣ । ଏହି ପୂର୍ବଭାରତୀୟ ଅଞ୍ଚଳରେ ରାଜନୈତିକ ଇତିହାସର ଗତିଧାରା ମଧ୍ୟ ଥରକୁ ଥର ବିଶେଷ ପରିବର୍ତ୍ତନର ସମ୍ମୁଖୀନ ହୋଇଛି । ତଥାପି ଶଙ୍କରଦେବଙ୍କ କର୍ମ ସାଧନା ଭିତରେ ନବ ଅଭ୍ୟୁଦୟ ଯୁଗର ଯେଉଁ ଅୟମାରମ୍ଭ ହୋଇଥିଲା ତାହା ନାନା ମାର୍ଗରେ ଗତିକରି ପୂର୍ଣ୍ଣତା ପ୍ରାପ୍ତ ହୋଇଛି ଏବଂ ଭାରତର ସାଂସ୍କୃତିକ ମାନଚିତ୍ରରେ ଆସାମ ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନ ନିର୍ଦ୍ଦେଶ କରିଦେଇଛି ।

୪

ଧାର୍ମିକ ମତବାଦ ଓ ଆଚରଣ ବିଧି

ଏ କଥା ସର୍ବଜନ ବିଦିତ ଯେ ଶଙ୍କରଦେବ ତାଙ୍କ ଧର୍ମର ପ୍ରଧାନ ନୀତିମାନ ଭାଗବତ ପୁରାଣ, ଭଗବଦ୍‌ଗୀତା ଓ ପଦ୍ମପୁରାଣ ଅନ୍ତର୍ଗତ ସହସ୍ର ନାମ ଭଳି ପ୍ରାମାଣିକ ଗ୍ରନ୍ଥ ଗୁଡ଼ିକରୁ ଗ୍ରହଣ କରିଥିଲେ । ଉକ୍ତ ପ୍ରଧାନ ନୀତିଗୁଡ଼ିକ ହେଲା—

୧—ସତ୍‌ସଙ୍ଗ (ଭକ୍ତିର ଗୋଟିଏ ସାଧନ ହିସାବରେ ଭକ୍ତମାନଙ୍କ ମିଳନ) ।

୨—ଏକଶରଣ (ସବୁ ଛାଡ଼ି ଏକମାତ୍ର ବିଷ୍ଣୁ-କୃଷ୍ଣ ଭଗବାନଙ୍କ ନିକଟରେ ଆଶ୍ରୟ ପ୍ରାର୍ଥନା)

୩—ନାମ (କୀର୍ତ୍ତନ ବା ଭଜନ—ଭକ୍ତି ନିବେଦନର ମୁଖ୍ୟ ଉପାୟ)

ଅସମୀୟା ଭାଷାରେ ଅନୂଦିତ ଭାଗବତ ପୁରାଣ, ଭଗବଦ୍‌ଗୀତା ଓ ଅନ୍ୟାନ୍ୟ କେତେକ ବୈଷ୍ଣବୀୟ ପୁରାଣ ଶାସ୍ତ୍ରକୁ ବୈଷ୍ଣବ ଭକ୍ତମାନେ ପ୍ରମାଣ ସ୍ୱରୂପ ଗ୍ରହଣ କରିଥିଲେହେଁ, ଶଙ୍କରଦେବ ଓ ମାଧବଦେବଙ୍କ ନିଜର ଲେଖା ତଥା ସେମାନଙ୍କଦ୍ୱାରା ଓ ତାଙ୍କ ବୈଷ୍ଣବ ସଂପ୍ରଦାୟଦ୍ୱାରା ଅନୁମୋଦିତ ଅଉ ଅଳ୍ପ କେତୋଟି ଲେଖାକୁ ଶ୍ରୀମୁଖ ବାଣୀ ଓ ଧର୍ମଶାସ୍ତ୍ରୀୟ ପ୍ରମାଣ ଭାବରେ ଗ୍ରହଣ କରାଯାଇଥାଏ । ସଂସ୍କୃତ ଗ୍ରନ୍ଥମାନଙ୍କ ମଧ୍ୟରୁ କେବଳ ଭାଗବତ ପୁରାଣ ଓ ଭଗବଦ୍‌ଗୀତା ଧର୍ମୋତ୍ସବ-ପାରାୟଣରେ ବ୍ୟବହୃତ ହୋଇଥାଏ । ଆରମ୍ଭରୁ ଏ ଦୁଇଟି ଗ୍ରନ୍ଥର ବ୍ୟାଖ୍ୟାନ ପାଇଁ ତାଙ୍କ ଧର୍ମର ନୀତି ନିୟମ ଗୁଡ଼ିକ ସଙ୍ଗେ ଖାପଖୁଆଇଲା ଭଳି ଆବଶ୍ୟକତା ଅନୁଯାୟୀ ସାମାନ୍ୟ ପରିବର୍ତ୍ତନ କରି ଭାଗବତ ଭାବାର୍ଥଦୀପିକା ଓ ଶ୍ରୀଧର ସ୍ୱାମୀଙ୍କ ସୁବୋଧିନୀ ଟୀକା ବ୍ୟବହୃତ ହୋଇଆସୁଛି ।

ଶଙ୍କରଦେବଙ୍କ ଧର୍ମ ମହାପୁରୁଷୀୟ ଧର୍ମ ନାମରେ ଲୋକରେ ପରିଚିତ । ଏ ମହାପୁରୁଷୀୟ ଶବ୍ଦ ସଂସ୍କୃତ 'ମହାପୁରୁଷିକ'ର ଅନୁକରଣ (ଭା. ପୁ. ୧, ୧୪, ୩୭) । ତାକୁ ଶ୍ରୀଧର ବ୍ୟାଖ୍ୟା କରିଛନ୍ତି 'ମହାପୁରୁଷୋ ବିଷ୍ଣୁଃ ତଦୀୟଃ ମହାପୁରୁଷିକ ବୈକୁଣ୍ଠନାଥାନୁଚରଃ' (ଭା. ପୁ. ୨, ୧, ୧୦) । ପୁଣି ମାଧବଦେବ ଅନୁବାଦ କରିଛନ୍ତି ମହାପୁରୁଷର ସେବକ (ନାମଘୋଷା, ୬୫୦) ଅର୍ଥାତ୍ ପରାତ୍ପର ପୁରୁଷୋତ୍ତମ ବିଷ୍ଣୁ ଯେ କି ପ୍ରକୃତି ଓ ପୁରୁଷର ନିୟନ୍ତା (ପ୍ରକୃତି ପୁରୁଷ ଦୁଇର ନିୟନ୍ତା ମାଧବ, ନାମଘୋଷା, ୪୦୫) ଏବଂ ଯେ ବ୍ରହ୍ମନ୍, ପରମାତ୍ମନ୍ ଓ ଭଗବତ୍ ନାମରେ ବିଦିତ (ନାମଘୋଷା ୧୭୬; ଭା. ପୁ. ୧, ୨, ୧୧) ସେହି ହିଁ ଏକା ଉପାସ୍ୟ ଦେବତା ।

ଶଙ୍କରଦେବଙ୍କ ଭକ୍ତି ଧର୍ମର ଆନୁଷ୍ଠାନିକ ନାମ ଏକଶରଣ-ନାମ ଧର୍ମ । ଏହି ନାମରୁ ହିଁ ଏହାର ମୌଳିକ ନୀତି କ'ଣ ତାହା ବୁଝାପଡ଼େ । ପ୍ରଥମତଃ ଏହା ଏକ ଈଶ୍ୱର, ଅର୍ଥାତ୍ ଏକମାତ୍ର ବିଷ୍ଣୁ, ବିଶେଷ କରି କୃଷ୍ଣାବତାର ବିଷ୍ଣୁଙ୍କ ବ୍ୟତୀତ ଅନ୍ୟ ଦେବାଦେବୀଙ୍କ ପୂଜା କରିବାକୁ ସ୍ୱଧର୍ମାବଲମ୍ବୀମାନଙ୍କୁ ବାରଣ କରେ । ଦ୍ୱିତୀୟତଃ ଏଥିରେ ଭଗବାନଙ୍କର ମହିମା କୀର୍ତ୍ତନ ମଧ୍ୟରେ ତାଙ୍କର ପବିତ୍ର ନାମ ଉଚ୍ଚାରଣ ଭକ୍ତିଧର୍ମର ପ୍ରଧାନ ଅଙ୍ଗରୂପେ ସୂଚିତ ହୁଏ । ଭଗବାନଙ୍କଠାରେ ଅଚଳାଭକ୍ତି ନିବେଦନ ନିମନ୍ତେ ଭଗବାନ ଶ୍ରୀକୃଷ୍ଣଙ୍କର ଶ୍ରୀମୁଖବାଣୀ (ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ,—୧୮.୬୬) ଯାହାକୁ ରାମାନୁଜପନ୍ଥୀମାନେ ଭଗବତ୍ ଗୀତାର ଚରମଶ୍ଳୋକ ବା ଉପସଂହାରକ ଶ୍ଳୋକ ବୋଲି କହନ୍ତି, ତାହା ସ୍ମରଣୀୟ ବୋଲି ପ୍ରଖ୍ୟାପିତ ହୋଇଛି । ଭଟ୍ଟଦେବ ନାମକ ଜଣେ ବ୍ରାହ୍ମଣ କବି ଅନେକ ତତ୍ତ୍ୱସମ୍ପର୍କିତ ପ୍ରମାଣ ଉଦ୍ଧାର କରି କହିଛନ୍ତି ଯେ, ଉପାସନ ପଞ୍ଚଯଜ୍ଞରେ ପଞ୍ଚଦେବତାଙ୍କୁ ପୂଜାର୍ପଣ କରିବା ଉଚିତ ନୁହେଁ । କାରଣ ତଦ୍ଦ୍ୱାରା 'ଏକଶରଣ'ର ବିରୁଦ୍ଧାଚରଣ କରାଯିବ । ତେଣୁ ଏକମାତ୍ର ବିଷ୍ଣୁଙ୍କୁ ହିଁ ପୂଜା କରିବା ଉଚିତ,

ଯାହାଦ୍ୱାରା କି ସବୁ ଦେବତା ସନ୍ତୁଷ୍ଟ ହେବେ (ଭା. ପୁ.—୪. ୩୧. ୧୪)। ଭକ୍ତ ଅନ୍ୟ ଦେବମୂର୍ତ୍ତିମାନଙ୍କୁ ସଭ୍ରମପୂର୍ଣ୍ଣ ଦୃଷ୍ଟିରେ କିମ୍ବା ଘୃଣାପୂର୍ଣ୍ଣ ଦୃଷ୍ଟିରେ ଦେଖିବ ନାହିଁ, ଅଥବା ସେମାନଙ୍କ ପୂଜା ସ୍ଥାନକୁ ମଧ୍ୟ ଯିବ ନାହିଁ (ଶଙ୍କରଦେବ, ଭାଗବତ, ପୃ-୬)। ଅନ୍ୟ ମତାବଲମ୍ବୀମାନଙ୍କ ପ୍ରତି ଶତ୍ରୁଭାବ ପ୍ରଦର୍ଶନ ନକରି ନିଜକୁ ବିଷ୍ଣୁଙ୍କ ଆରାଧନାରେ ଲିପ୍ତ ରଖିବ, ଯେହେତୁ ବିଷ୍ଣୁହିଁ କେବଳ ଶୁଦ୍ଧ-ସତ୍ତ୍ୱ ଅର୍ଥାତ୍ ଅନାବିଲ ପବିତ୍ର ସତ୍ତ୍ୱ-ସମ୍ପନ୍ନ ('ନାରାୟଣକଳାଃ ଶାନ୍ତ ଭଜନ୍ତି ହି ଅନସୂୟବଃ'—ଭାଗବତ, ୧. ୨. ୨୬)। ସର୍ବୋପରି ଏହା ଗୋଟିଏ ଅନାବିଲ ନିଷ୍କପଟ ପ୍ରେମ, ବିଶ୍ୱାସ ଓ ଭକ୍ତିର ଧର୍ମ। ଏ ପ୍ରେମ ଓ ତାହାର ଲକ୍ଷ୍ୟକୁ ପୁଣି ସତ୍ ରଖିବାକୁ ହେଲେ ତାକୁ ଅବ୍ୟଭିଚାରିଣୀ ବା ସତୀ ନାରୀର ପ୍ରେମ ଭଳି ବିଶୁଦ୍ଧ, ନିର୍ମଳ, ନିଷ୍କାମ ଓ ଫଳାକାଙ୍କ୍ଷାରହିତ ରଖିବାକୁ ହେବ। ଏପରିକି ସେ ପ୍ରେମର ପ୍ରତିଦାନରେ ସର୍ବଶ୍ରେଷ୍ଠ ସ୍ୱର୍ଗ କାମନା ସୁଦ୍ଧା ରହିବ ନାହିଁ ('ଅହୈତୁକୀ ଅବ୍ୟବହିତା ଯା ଭକ୍ତିଃ ପୁରୁଷୋତ୍ତମେ'—ଭାଗ ୩. ୨୯. ୧୨)। ବସ୍ତୁତଃ ଆଦର୍ଶ ଭକ୍ତ ଆତ୍ମାର ମୁକ୍ତି ପାଇଁ ବ୍ୟାକୁଳ ନୁହେଁ (ମୁକ୍ତିଂ ନ ସ୍ପୃହ)।

ଭକ୍ତି ନବଧା—ଶ୍ରବଣ, କୀର୍ତ୍ତନ, ସ୍ମରଣ, ପାଦସେବନ, ଅର୍ଚ୍ଚନ, ବନ୍ଦନ, ଦାସ୍ୟ, ସଖ୍ୟ ଓ ଆତ୍ମ-ନିବେଦନ। ଶଙ୍କରଦେବ ବିଚାରୁଥିଲେ ଯେ, ଏ ନବବିଧ ଭକ୍ତି ମଧ୍ୟରୁ କେବଳ ଶ୍ରବଣ ଓ କୀର୍ତ୍ତନ ଏ ଦୁଇଟି ସର୍ବଶ୍ରେଷ୍ଠ ଓ ପୂର୍ଣ୍ଣତା ପ୍ରାପ୍ତି ଦିଗରେ ମନୁଷ୍ୟର ଧର୍ମସାଧନ ପକ୍ଷେ ଯଥେଷ୍ଟ। ସେ ଦୁଇଟି ମାର୍ଗ ସମାଜର ସର୍ବୋଚ୍ଚ ଓ ସର୍ବନିମ୍ନ ଉଭୟଙ୍କ ପକ୍ଷରେ ସମଭାବରେ ସହଜଗମ୍ୟ। ଏଥିପାଇଁ ଉପାସକଙ୍କୁ କୌଣସି କଠୋର ଧର୍ମାନୁଶାସନ ଅନୁସରଣ କରିବାକୁ ପଡ଼େନାହିଁ ଏବଂ ବିଧି-ବ୍ୟବସ୍ଥା ପାଳନରେ ଚିତ୍ତଭ୍ରମ ମଧ୍ୟ ଅନେକାଂଶରେ ଅପସାରିତ ହୋଇଯାଏ। ନୂତନ ସାଧକ (ପ୍ରାକୃତ ଭକ୍ତ) ଯଦି ଇଚ୍ଛାକରେ, ବିଷ୍ଣୁ-କୃଷ୍ଣଙ୍କ ପ୍ରତିମା ପୂଜା କରିପାରେ; କାରଣ ନବଧା ଭକ୍ତି ମଧ୍ୟରେ ଅର୍ଚ୍ଚନା ମଧ୍ୟ ସ୍ୱୀକୃତ ହୋଇଛି। କିନ୍ତୁ ଭଗବାନଙ୍କର ଅନୁଭବଗମ୍ୟ ସାକାର ବିଗ୍ରହ ମାଟି, ପଥର ନୁହେଁ। ତାଙ୍କର ଏକନିଷ୍ଠ

ଭକ୍ତହିଁ ଭଗବାନଙ୍କ ସ୍ୱରୂପ । ତେଣୁ ସର୍ବଭାବରେ ସର୍ବାନ୍ତଃକରଣରେ ଭକ୍ତଙ୍କର ସାନ୍ନିଧ୍ୟ ଖୋଜିବାକୁ ପଡ଼ିବ । ଯେ ଭକ୍ତକୁ ଘୃଣାକରେ ଏବଂ ମୁକ୍ତି ପ୍ରାର୍ଥନା କରିବାପାଇଁ ମୂର୍ତ୍ତି ନିକଟକୁ ଦୌଡ଼େ, ସେ ବଳଦଠାରୁ ମଧ୍ୟ ଅଧମ (ଗରୁଡ଼ୋ ଅଧମ, ଶଙ୍କରଦେବ, କୀର୍ତ୍ତନଘୋଷା ୩. ୬୧. ସ ଏବ ଗୋଖରଃ, ଭାଗବତ ୧୦. ୮୪. ୧୩) । ଅଧିକନ୍ତୁ ଭଗବାନଙ୍କର ଶବ୍ଦ ଛଡ଼ା ଅନ୍ୟ ରୂପ ନାହିଁ (ମନ୍ତ୍ର ମୂର୍ତ୍ତିଂ ଅମୂର୍ତ୍ତିକମ୍—ଭାଗ ବତ୍ ୧. ୫. ୩୮) । ତେଣୁ ଆଦର୍ଶ ଭକ୍ତ ଭଗବାନ୍‌ଙ୍କୁ ହୃଦୟର-ଅର୍ଘ୍ୟଦେଇ ଅନ୍ତରରେ ପୂଜାକରେ—(ଶଙ୍କରଦେବଙ୍କ ଭକ୍ତି-ରତ୍ନାକର ୯, ଏବଂ ଉଦ୍ଧୋଦ୍ଧୃତ ଭାଗବତ ୧୧. ୨୭. ୧୫) । ରହସ୍ୟବାଦୀଙ୍କ ଭଳି ଶଙ୍କରଦେବ ବୁଝିଥିଲେ, ଈଶ୍ୱର ସୃଷ୍ଟିର ସକଳଜୀବଙ୍କ ହୃଦୟରେ ପରିବ୍ୟାପ୍ତ । ଆମେ ଯେତେବେଳେ ଏ ସତ୍ୟକୁ ଭୁଲିଯାଉ, କେବଳ ସେତିକବେଳେ ତାଙ୍କୁ ବାହାରେ ଖୋଜୁ (କୀର୍ତ୍ତନ ଘୋଷା ୮. ୧୧) । ଶଙ୍କରଦେବଙ୍କ ସଂସ୍ଥାରେ ମୂର୍ତ୍ତିପୂଜା ଉପରେ ପ୍ରାଧାନ୍ୟ ଦିଆଯାଏ ନାହିଁ ଏବଂ ଯେ କେହି ଭକ୍ତ ଚାହିଁଲେ ସେ ସାମାନ୍ୟ କର୍ମୀଙ୍କୁ ବାଦ୍ ଦେଇପାରୁଥିଲା ।

ସତ୍ର ମାନଙ୍କର ପ୍ରଧାନ କାର୍ଯ୍ୟ ଥିଲା—ସମବେତ ପ୍ରାର୍ଥନା ପରିଚାଳନା । ସାରାଦିନବ୍ୟାପୀ ଏହି କାର୍ଯ୍ୟକ୍ରମ ତିନଠାରୁ ଚଉଦ ଭାଗରେ ବିଭକ୍ତ ହୋଇଥାଏ ଏବଂ ପ୍ରତ୍ୟେକ ଭାଗକୁ ପ୍ରସଙ୍ଗ ବା ନାମ-ପ୍ରସଙ୍ଗ କୁହାଯାଇଥାଏ । ଏହି ସମୂହ ଭଜନ ସମ୍ମେଳନ ଗୃହରେ (କୀର୍ତ୍ତନ-ଗୃହ, ନାମ-ଘର) କରାଯାଏ । ସେଠାରେ ପୂଜାର ବସ୍ତୁରୂପେ ଗୁରୁ-ଆସନ ଓ ଧର୍ମଗୁରୁମାନଙ୍କ ରଚିତ ପ୍ରାଚୀନ ପୋଥି କେତେଖଣ୍ଡି ରଖାଯାଏ । ଏହା ହିଁ ନାମ ଧର୍ମର ଆଚରଣ ବିଧି । ଭକ୍ତର ଦୀକ୍ଷା ଗ୍ରହଣ ବା ମନ୍ତ୍ରୋପଦେଶବେଳେ ମହନ୍ତ ନୂତନ ଦୀକ୍ଷା ନେଉଥିବା ବ୍ୟକ୍ତିକୁ ଯେ ଗୁପ୍ତମନ୍ତ୍ର ଦିଅନ୍ତି, ତାହା ଭଗବାନଙ୍କର ଚାରି ଗୋଟି ନାମ—ରାମ, କୃଷ୍ଣ, ହରି, ନାରାୟଣ । ଦୀକ୍ଷିତ ବ୍ୟକ୍ତି ପକ୍ଷରେ ଚାରୋଟି ବସ୍ତୁ ବା ସତ୍ୟର ଶକ୍ତିରେ ହାର୍ଦ୍ଦିକ ବିଶ୍ୱାସ ସ୍ଥାପନ ପାଇଁ ସାଧନା କରିବା ଓ ସେମାନଙ୍କ ନିକଟରେ ସର୍ବତୋଭାବେ

ଆତ୍ମ-ସମର୍ପଣ କରିବା ଅବଶ୍ୟ ପାଳନୀୟ ଥିଲା । ସେ ବସ୍ତୁ ଚତୁଷ୍ଟୟ ହେଲେ—

୧ । ନାମ—ଈଶ୍ୱରଙ୍କ ପବିତ୍ର ନାମ ।

୨ । ଦେବ—ବିଷ୍ଣୁ କୃଷ୍ଣ—ଜୀବର ଏକମାତ୍ର ଆଶ୍ରୟ ।

୩ । ଗୁରୁ—ଧର୍ମୋପଦେଶ ଦେଇ ଯେ ଅସ୍ଥିରପଦ ଶିଷ୍ୟକୁ ବାଟ ଧରାଇ ପ୍ରଭୁଙ୍କ ନିକଟରେ ପହଞ୍ଚାଇଦିଅନ୍ତି ।

୪ । ଭକ୍ତ—ଅନ୍ତରଙ୍ଗ ମୈତ୍ରୀଭାବରେ ଯେଉଁମାନଙ୍କ ସଙ୍ଗ ଓ ସାହଚର୍ଯ୍ୟରେ ପ୍ରେମମୟ ଭଗବାନଙ୍କୁ ଅନ୍ବେଷଣ କରିବାକୁ ହୁଏ ।

ଭକ୍ତିର ବିଭିନ୍ନ ବିଭାଗ ମଧ୍ୟରୁ ଶଙ୍କରଦେବ ଦାସ୍ୟ ଭକ୍ତି ବା ଭଗବାନଙ୍କ ସଙ୍ଗେ ସେବ୍ୟ-ସେବକ-ସମ୍ପର୍କ-ସମ୍ଭୂଳିତ ଭକ୍ତିର ପ୍ରବକ୍ତା ଥିଲେ । ସେ ମଧୁର ସଖ୍ୟ କିମ୍ବା ବାତ୍ସଲ୍ୟ ଭକ୍ତିର ସମର୍ଥକ ନ ଥିଲେ । ତାଙ୍କ ମତରେ ଭକ୍ତ ନିଜକୁ ଦାସ ଓ ଭଗବାନଙ୍କୁ ଏକମାତ୍ର ପ୍ରଭୁରୂପେ ମନେକରିବ ଏବଂ ପ୍ରଭୁଙ୍କ ଛଡ଼ା ଅନ୍ୟ କାହାରି ତାହାର ସର୍ବାନ୍ତଃକରଣ ସେବା ଓ ଭକ୍ତି ଗ୍ରହଣ କରିବାର ଅଧିକାର ନାହିଁ ବୋଲି ତାକୁ ଧାରଣା କରିବାକୁ ହେବ । ଏହି ବୈଷ୍ଣବ ପରମ୍ପରାରେ ରାଧା-କୃଷ୍ଣ ଆରାଧନା ମାର୍ଗ ଗୃହୀତ ହୁଏ ନାହିଁ କିମ୍ବା ବିଷ୍ଣୁଙ୍କ ପୂଜାରେ ତାଙ୍କର କୌଣସି ଶକ୍ତି (ସ୍ତ୍ରୀରୂପରେ ଶକ୍ତିର ପ୍ରତୀକ) ର ପରିକଳ୍ପନା ସମର୍ଥିତ ହୁଏ ନାହିଁ ।

ଶଙ୍କରଦେବ ଅବ୍ରାହ୍ମଣ ଥିଲେହେଁ ବ୍ରାହ୍ମଣ ଶିଷ୍ୟ ଗ୍ରହଣ କରୁଥିଲେ । ଭକ୍ତ ଶିଷ୍ୟମାନେ ଧର୍ମଗୁରୁଙ୍କୁ ଯେଉଁ ପ୍ରକାର ଦଣ୍ଡ ପ୍ରଣାମ କରିବା କଥା, ଶଙ୍କରଦେବଙ୍କୁ ସେହିପରି କରୁଥିଲେ । ଜାତିପ୍ରଥାର ବୈଦିକ ସମର୍ଥକମାନେ ଶଙ୍କରଦେବଙ୍କର ଯେଉଁସବୁ କାର୍ଯ୍ୟକୁ ଅନୁମୋଦନ କରି ପାରୁ ନ ଥିଲେ, ସେଥିମଧ୍ୟରୁ ଏହା ଥିଲା ଅନ୍ୟତମ । ଏଥିନିମନ୍ତେ ଶଙ୍କରଦେବଙ୍କୁ ଥରେ କୋଚ୍ ଦରବାରରେ କୈଫିୟତ୍ ଦେବାକୁ ପଡ଼ିଥିଲା । ଦାମୋଦରଦେବ* ମଧ୍ୟ ଶୂଦ୍ରର ଧର୍ମ ଗ୍ରହଣ କରିଥିବା ହେତୁ ଦଣ୍ଡିତ ହୋଇଥିଲେ । ସେମାନେ ଯେଉଁ କୈଫିୟତ୍ ଦେଇଥିଲେ ତାହା ହେଉଛି

—ଶୂଦ୍ର ଅନ୍ୟ ଲୋକଙ୍କୁ ବୈଦିକ ମନ୍ତ୍ର ଦେବାକୁ ଅନୁପଯୁକ୍ତ ହୋଇପାରେ; ମାତ୍ର ଯାହାକୁ ଇଚ୍ଛା ତାକୁ ନାମ-ମନ୍ତ୍ର ଦେବାରେ କୌଣସି ବାଧା ନାହିଁ । ତେଣୁ ଶଙ୍କରଦେବଙ୍କ ଧର୍ମ-ସମ୍ପ୍ରଦାୟ ଭିତରେ ଆମେ ଦେଖିବାକୁ ପାଉ ଶୂଦ୍ର ଗୁରୁଙ୍କର ବ୍ରାହ୍ମଣ ଶିଷ୍ୟ; ଏପରିକି ଭାରତର ଅନ୍ୟାନ୍ୟ ପ୍ରାନ୍ତରେ ଯେଉଁମାନେ ଅସ୍ପୃଶ୍ୟ ବିବେଚିତ ହୁଅନ୍ତି ସେହି ଶ୍ରେଣୀର ଲୋକ ବ୍ରାହ୍ମଣ ମହନ୍ତମାନଙ୍କ ଶିଷ୍ୟ ଥିବାର ଦେଖାଯାଏ । ଆମ୍ଭେମାନେ ଆହୁରି ବି ଦେଖିବାକୁ ପାଉ, କୌଣସି ସତ୍ରରେ ଶୂଦ୍ର ମହନ୍ତଙ୍କ ଉତ୍ତରାଧିକାରୀ ହୋଇଛନ୍ତି ଜଣେ ବ୍ରାହ୍ମଣ । ପକ୍ଷାନ୍ତରେ କେହି ହେଲେ ଜାତି ଦୃଷ୍ଟିରୁ ଏ ଧର୍ମରେ ଦୀକ୍ଷିତ ହେବାକୁ ଅନୁପଯୁକ୍ତ ବିବେଚିତ ହୁଏ ନାହିଁ । ଶଙ୍କରଦେବ ଓ ମାଧବଦେବଙ୍କ ଶିଷ୍ୟମାନଙ୍କ ମଧ୍ୟରେ ଥିଲେ ଦୁଇଜଣ ମୁସଲମାନ ଚାନ୍ଦସାଇ ଓ ଜୟହରି, ଜଣେ ଗାରୋ ଗୋବିନ୍ଦ, ଭୁଟିଆ ଜୟାନନ୍ଦ, ହିରା ବା କୁମ୍ଭାର ବ୍ୟବସାୟ କରୁଥିବା ଜୟନ୍ତୀର ମାଧବ, କୈବର୍ତ୍ତ ବୋଲି ବିଶ୍ୱାସ କରାଯାଉଥିବା ଶ୍ରୀରାମ ଓ ବଣିଆ ଦାମୋଦର । ଜଣେ ପରବର୍ତ୍ତୀ ମହନ୍ତ ଶ୍ରୀରାମ ଦେବ କେତେକ ନାଗାଙ୍କୁ ଦୀକ୍ଷା ଦେଇଥିଲେ । ଆହୋମ, କୋଚ୍, ମିରି, କଛାରୀ, ମରାନ ଏବଂ ଅନ୍ୟାନ୍ୟ ଅନେକ ଉପଜାତିର ଲୋକ ଶଙ୍କରଦେବଙ୍କ ବୈଷ୍ଣବଧର୍ମକୁ ସ୍ୱଚ୍ଛନ୍ଦରେ ଧର୍ମାନ୍ତରିତ ହୋଇଥିଲେ । ଏ ଧର୍ମର ଉଦାରତାପୂର୍ଣ୍ଣ ଆଭିମୁଖ୍ୟ ହିଁ ବିଭିନ୍ନ ଶ୍ରେଣୀର ଲୋକଙ୍କୁ ଗୋଟିଏ ଆଧ୍ୟାତ୍ମିକ ମୈତ୍ରୀ ଭାବରେ ଏକତାବଦ୍ଧ କରିପାରିଥିଲା ଓ ଗୋଟିଏ ସାଂସ୍କୃତିକ ସମନ୍ୱୟ ସଂଗଠିତ କରିପାରିଥିଲା ।

ଶଙ୍କରଦେବ ଗୃହୀ ଥିଲେ ଏବଂ ମାଧବଦେବ ଅବିବାହିତ ଜୀବନ ଯାପନ କରିଥିଲେ । ଭଗବାନଙ୍କୁ ଲାଭ କରିବାକୁ ସଂସାର ତ୍ୟାଗ କରିବା ଆବଶ୍ୟକ ନୁହେଁ ବୋଲି ସେମାନେ ଶିକ୍ଷା ଦେଉଥିଲେ । ବୋଧହୁଏ ମାଧବଦେବଙ୍କର ବ୍ୟକ୍ତିଗତ ଜୀବନର ଆଦର୍ଶ ଗୋଟିଏ ତ୍ୟାଗୀ ବା ସନ୍ନ୍ୟାସୀଗୋଷ୍ଠୀ (କେବଳୀୟା) ସୃଷ୍ଟି କରିଥିଲା । ସେମାନଙ୍କ ଦ୍ୱାରା ସତ୍ର

ମଧ୍ୟରେ ଗୋଟିଏ କେନ୍ଦ୍ରିକ ସଂସ୍ଥା ଗଠିତ ହୋଇଥିଲା । ତାହାହେଲେହେଁ ବିବାହିତ ବା ସନ୍ନ୍ୟାସୀଙ୍କ ଭିତରୁ ଏସବୁ ଅନୁଷ୍ଠାନମାନଙ୍କର ଧର୍ମଗୁରୁ ବା ସାଧାରଣ ଧର୍ମଯାଜକ ହେବାରେ କୌଣସି ବାଛ-ବିଚାର ନ ଥିଲା । ଏଥିରେ ମାତା ପ୍ରଥା ନ ଥିଲା ଏବଂ ସ୍ତ୍ରୀମାନଙ୍କୁ ସାଧାରଣତଃ ସମୁହ ପ୍ରାର୍ଥନା ସଭାରେ ପୁରୁଷମାନଙ୍କ ସଙ୍ଗେ ମିଶିବାକୁ ଦିଆ ଯାଉ ନ ଥିଲା । ଅବଶ୍ୟ ସ୍ତ୍ରୀମାନେ ମହନ୍ତ ଗାଦି ଅଧିକାର କରିଥିବାର ଦୃଷ୍ଟାନ୍ତ ଅଛି । ଶଙ୍କରଦେବଙ୍କ ନାତୁଣୀ-ବୋହୂ କନକଲତାଙ୍କର ସତ୍ର ପ୍ରଥାର ଅଭିବୃଦ୍ଧିରେ ବିଶିଷ୍ଟ ଅବଦାନ ରହିଛି । ସେ ବରଦୋବା-ଗୋଷ୍ଠୀର ସତ୍ରମାନ ସଙ୍ଗଠିତ କରିଥିଲେ ଏବଂ ନିଜ ପକ୍ଷରୁ ତାଙ୍କର ପ୍ରତିନିଧି ସ୍ୱରୂପ ବାରଜଣ ସହକାରୀ ନିଯୁକ୍ତ କରିଥିଲେ, ଯଦିଓ ଏମାନେ ସମସ୍ତେ ଥିଲେ ପୁରୁଷ ।

୫

ସାମାଜିକ ପୁନର୍ଗଠନ

ଶଙ୍କରଦେବ ଜାତିଭେଦ ପ୍ରଥା ଲୋପ କରି ନ ଥିଲେ ବା କରି ପାରି-ନଥିଲେ; କିନ୍ତୁ ଭକ୍ତି-ଆନ୍ଦୋଳନ ଏ ଭେଦବାଦର କୁତ୍ସିତତା ଅନେକ ପରିମାଣରେ କମାଇ ଦେଇଥିଲା । ବୈଷ୍ଣବ ସମ୍ମେଳନରେ ଭ୍ରାତୃସଂଘର ପ୍ରତ୍ୟେକ ସଭ୍ୟ ସମାନ ବିବେଚିତ ହେଉଥିଲେ । ସମୂହ ପ୍ରାର୍ଥନା ଓ ଗ୍ରନ୍ଥ ପାରାୟଣ ଅନୁଷ୍ଠାନ ଏ କାର୍ଯ୍ୟ ପାଇଁ ଯୋଗ୍ୟତା ଥିବା ଯେକୌଣସି ବ୍ୟକ୍ତି-ଦ୍ୱାରା ପରିଚାଳିତ ହେଉଥିଲା । ସେଥିପାଇଁ ପୁରୁଣାକାଳିଆ ଢଙ୍ଗରେ ସାମାଜିକ ସ୍ତର ବା ଜାତି-ଅଜାତି ବିଗ୍ଭର ହେଉ ନ ଥିଲା । ତାଙ୍କ ଗୋଷ୍ଠୀ-ଅନ୍ତର୍ଭୁକ୍ତ ଯେ କୌଣସି ଜାତିର ଲୋକ ଠାକୁର ପ୍ରସାଦ ବାଣ୍ଟି ପାରୁଥିଲା । ପ୍ରାଚୀନ-ପନ୍ଥୀ ନୈଷ୍ଠିକ ଗୋଷ୍ଠୀଙ୍କ ଉତ୍ପୀଡ଼ନ ସତ୍ତ୍ୱେ ଲୋକେ ପ୍ରେମ-ଭକ୍ତିର ବାଣୀ ଶୁଣିବା ପାଇଁ ଦଳ ଦଳ ହୋଇ ଶଙ୍କରଦେବଙ୍କ ନିକଟକୁ ଦୌଡ଼ୁଥିଲେ ଏବଂ ସେଠାରେ ସମସ୍ତେ ଏକ ଭଗବାନଙ୍କ ସନ୍ତାନ ଭାବରେ ମିଳିତ ହେଉଥିଲେ ।

ଏହିପରି ଶଙ୍କରଦେବ ଗୋଟିଏ ମହାନ୍ ପରିବର୍ତ୍ତନ ଓ ଅନ୍ତଃ-ଶୁଦ୍ଧି ଘଟାଇଥିଲେ । ସେ ମଧ୍ୟ ଲୋକଙ୍କୁ ପରିଷ୍କାର-ପରିଚ୍ଛନ୍ନତା ଓ ଉଚିତ ସାମାଜିକ ବ୍ୟବହାର ସମ୍ପର୍କରେ ଶିକ୍ଷା ଦେଉଥିଲେ । ଦୀକ୍ଷା ଗ୍ରହଣ ଦିନ-ଠାରୁ ଭକ୍ତ-ଜୀବନ ଉତ୍ସର୍ଗୀକୃତ ଜୀବନରେ ପରିଣତ ହୋଇଥାଏ । ଦୀକ୍ଷା ଗ୍ରହଣ ସଙ୍ଗେ ଦୀକ୍ଷିତ ବ୍ୟକ୍ତିଙ୍କୁ ଭିନ୍ନଭିନ୍ନ ଭାବରେ ବାହ୍ୟ ତଥା ଆଭ୍ୟନ୍ତରୀଣ ଶୁଚିତା ବା ନିର୍ମଳ ଜୀବନଧାରା ସମ୍ପର୍କରେ ଉପଦେଶ ଦିଆଯାଇଥାଏ ଏବଂ ଦୀକ୍ଷିତ ବ୍ୟକ୍ତିକୁ ତାହା ସର୍ବାଧିକ ନିଷ୍ଠାର ସହିତ ପାଳନ କରିବାକୁ ପଡ଼ିଥାଏ । ସାଧାରଣ ସଦାଚାର ବା ଉତ୍ତମ ଆଚରଣ ଅନେକାଂଶରେ ବାହ୍ୟ

ନିର୍ମଳତା (ଶୌଚ-ଶୁଦ୍ଧି) ରେ ପର୍ଯ୍ୟବସିତ ଥିଲା । ଏଥିପାଇଁ ପ୍ରଚୁର ଜଳ ଦ୍ୱାରା ଗାତ୍ରମାର୍ଜନାର ଆବଶ୍ୟକତା ପଡ଼ୁଥାଏ । ଦୀକ୍ଷିତ ବ୍ୟକ୍ତି ଏ ସମ୍ପର୍କୀୟ ଆଚରଣଦ୍ୱାରା ସ୍ପଷ୍ଟ ବାରି ହୋଇ ପଡ଼ୁଥିଲେ । ଭୋଜନ ପୂର୍ବରୁ ସର୍ବାଙ୍ଗ ଶୌଚ ଭକ୍ତର ଦୈନିକ କାର୍ଯ୍ୟ-ନିର୍ଘଣ୍ଟର ଅପରିହାର୍ଯ୍ୟ ଅଙ୍ଗ ଥିଲା । ଧର୍ମରେ ଗୃହୀତ ହେବା ସମୟରେ ଲୋକକୁ ତାର ପୁରାତନ କୁତ୍ସିତ ଅଭ୍ୟାସ ସବୁ ପରିତ୍ୟାଗ କରିବାକୁ ପଡୁଥିଲା, (ଯଥା—ମାଦକ ଦ୍ରବ୍ୟ ସେବନ, ଅପବିତ୍ର ପଶୁପକ୍ଷୀ ପାଳନ, ଅଫିମ ପାଇଁ ପପି ଚାଷ ଇତ୍ୟାଦି) ଯଦିଓ ଜୀବ-ସୃଷ୍ଟି ପ୍ରତି କରୁଣା ପ୍ରଦର୍ଶନର ସଙ୍କେତ ସ୍ୱରୂପ ଜୀବହତ୍ୟାକୁ ନିରୁତ୍ସାହିତ କରା-ଯାଉଥିଲା; ତଥାପି ସନ୍ନ୍ୟାସୀଠାରୁ ସାଧାରଣ ଶିଷ୍ୟ ପର୍ଯ୍ୟନ୍ତ ମାଛ ଓ ମୃଗ ମାଂସ ଖାଇପାରୁଥିଲେ । ମହାନ୍ ଧର୍ମାଗ୍ରଣୀ ଶଙ୍କରଦେବ ଏହି ପ୍ରକାର ଗୋଟିଏ ସୁଷମ ଜୀବନାଦର୍ଶ ସମାଜ ଆଗରେ ଉପସ୍ଥାପନ କରିଥିଲେ, ଯହିଁରେ ଅହେତୁକ ବ୍ୟକ୍ତିଗତ ନଥିଲା କି କଠୋର ସନ୍ନ୍ୟାସ ଓ ଆତ୍ମନିଗ୍ରହ ମଧ୍ୟ ନ ଥିଲା । ତାଙ୍କର ଉପାସନା ପଦ୍ଧତିରେ ଉପାସ୍ୟ ଦେବତାଙ୍କ ସଙ୍ଗେ ରାଧା ବା ଅନ୍ୟ କୌଣସି ନାରୀ ଶକ୍ତିର ପ୍ରବେଶ ଅସ୍ୱୀକାର କରିବା ଦ୍ୱାରା ଏବଂ ସତ୍ର ର ଶାନ୍ତିପୂର୍ଣ୍ଣ ଜୀବନ ତଥା ପ୍ରାର୍ଥନା ସଭାରୁ ସ୍ତ୍ରୀମାନଙ୍କୁ ବର୍ଜନ କରିବା ଦ୍ୱାରା ଶଙ୍କରଦେବ ତାଙ୍କ ଧର୍ମ ପନ୍ଥାକୁ ସମ୍ଭାବ୍ୟ ଅଧଃପତନ ମୁଖରୁ ରକ୍ଷାକରିଥିଲେ ।

ଲୋକ ସାଧାରଣଙ୍କ ସାମାଜିକ ଜୀବନରେ ସତ୍ର ଗୁଡ଼ିକ ଗୋଟିଏ ପ୍ରଧାନ ଭୂମିକା ଗ୍ରହଣ କରିଥିଲା । ଆହୋମ ରାଜା ଓ ସାମନ୍ତମାନେ ବୈଷ୍ଣବ ଧର୍ମ ଗ୍ରହଣ କରିବା ଦ୍ୱାରା ଗୋଟିଏ ସାମାଜିକ ଶକ୍ତି ହିସାବରେ ଏ ଅନୁଷ୍ଠାନ ଖୁବ୍ ସୁଦୃଢ଼ ହୋଇପଡ଼ିଥିଲା । ଅସମୀୟା ହିନ୍ଦୁ ମାନଙ୍କ ପାଇଁ ଦୁଇଟି ଆନୁଗତ୍ୟ ଅପରିହାର୍ଯ୍ୟ ହୋଇପଡ଼ିଥିଲା—ଗୋଟିଏ ରାଜ୍ୟ ଏବଂ ରାଜାଙ୍କ ପ୍ରତି ଭୌତିକ ଆନୁଗତ୍ୟ ଓ ଅନ୍ୟଟି ଧର୍ମ ଓ ସତ୍ର ାଧ୍ୟକ୍ଷ ଗୁରୁଙ୍କ ପ୍ରତି ଆଧ୍ୟାତ୍ମିକ ଆନୁଗତ୍ୟ । ଲୋକପ୍ରଚଳିତ ପ୍ରବାଦ "ରାଜାର ଖାଜନା ଗୁରୁର କର" ଅର୍ଥାତ୍ "ରାଜାଙ୍କୁ ଭୂରାଜସ୍ୱ ଓ ସତ୍ର ର ଅଧ୍ୟକ୍ଷ ଗୁରୁଙ୍କୁ ଧର୍ମ-

କର" ସୂଚାଇ ଦିଏ, ଲୋକେ ସେମାନଙ୍କର ଦ୍ୱୈତ ଆନୁଗତ୍ୟ ସଂପର୍କରେ କପରି ସଚେତନ ଥିଲେ । ଏ ଧର୍ମାନୁଗତ୍ୟ ବା ଧର୍ମାନୁବନ୍ଧନ ଲୋକଙ୍କୁ ଦେଇଥିଲା ଏକ ସ୍ୱତନ୍ତ୍ର ମର୍ଯ୍ୟାଦା, ଜୀବନ ପ୍ରତି ଏକ ସୁନିୟନ୍ତ୍ରିତ ଦୃଷ୍ଟି-ଭଙ୍ଗୀ ଓ ସୁରକ୍ଷାବଧାନତା ଏବଂ ସେମାନଙ୍କୁ କରୁଥିଲା ଈଶ୍ୱର ଭୀରୁ ଓ ନୀତିବାଦୀ । ଏ ଧର୍ମ ଗ୍ରହଣ କରିବା ଅର୍ଥ ସେମାନେ ବୁଝୁଥିଲେ ଯେ ସମଧର୍ମୀ-ମାନେ ସମସ୍ତେ ସମାନସ୍କନ୍ଧ ଏବଂ କେହି ସାମାଜିକ ଭେଦଭାବର ବଶବର୍ତ୍ତୀ ନୁହନ୍ତି । ଅନ୍ୟପ୍ରତି ସହନଶୀଳତା ଆସାମରେ ଏକ ଗୃଐହିକ ବ୍ୟତିକ୍ରମ ପରିବର୍ତ୍ତେ ଗୋଟିଏ ସାଧାରଣ ନୀତିରେ ପରିଣତ ହୋଇଥିଲା । ଅବଶ୍ୟ ଇତିହାସରେ ଉତ୍ତେଜନାପୂର୍ଣ୍ଣ ତିକ୍ତ ମୁହୂର୍ତ୍ତ ଆସିଥିଲା ଯେତେବେଳେ ଧର୍ମ ସଂକ୍ରାନ୍ତ ବିଷୟରେ ହସ୍ତକ୍ଷେପକୁ ସଶସ୍ତ୍ର ସଂଘର୍ଷର ମଧ୍ୟ ସମ୍ମୁଖୀନ ହେବାକୁ ପଡ଼ିଥିଲା; ମାତ୍ର ଏ ଉତ୍ତେଜନା ଓ ତିକ୍ତତା ଆସିଥିଲା ଆସାମର ଏହି ନିଜସ୍ୱ ବୈଷ୍ଣବ ଧର୍ମ ଓ ତାହାର ଶାଖା ପ୍ରଶାଖା ଗୁଡ଼ିକ ଦେଶରେ ଗୋଟିଏ ଅତି ଶକ୍ତିଶାଳୀ ଓ ସର୍ବବ୍ୟାପ୍ତ ଶକ୍ତିରେ ପରିଣତ ହୋଇଥିଲାବେଳେ ଦେଶର ଧର୍ମଜୀବନ ଭିତରକୁ କେତେକ ବିଜାତୀୟ ଉପାଦାନ ପ୍ରବେଶ କରାଇବାର ଫଳ ସ୍ୱରୂପ । ଏହା ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ମୋଆମରିଆ ବୈଷ୍ଣବ ମାନଙ୍କ ବିଦ୍ରୋହ ବେଳେ ଦେଖାଦେଇଥିଲା । ଏଣେ ରାଜପକ୍ଷ ଅନୁଗାମୀଙ୍କ ପକ୍ଷ-ପରିବର୍ତ୍ତନ, ବିଶ୍ୱାସଘାତକତା ଓ ଷଡ଼ଯନ୍ତ୍ର ଆଦି ନାନା ବିପର୍ଯ୍ୟୟ ଭୋଗୁଥିଲାବେଳେ ଅଶିକ୍ଷିତ, ଗ୍ରାମୀଣ ବୈଷ୍ଣବ ବିଦ୍ରୋହୀମାନେ ଐକ୍ୟବଦ୍ଧ ହୋଇ ଜଣେ ଲୋକ ଭଳି ଲଢ଼ୁଥିଲେ ଓ ଗୁରୁଙ୍କ ପ୍ରତି ଏକନିଷ୍ଠ ଆନୁଗତ୍ୟ ଦ୍ୱାରା ଉଦ୍‌ବୁଦ୍ଧ ହୋଇ ଗୋଷ୍ଠୀ ଭିତରେ ଉଚ୍ଚ ନୈତିକ ମାନ ରକ୍ଷାକରିଥିଲେ ।

ସତ୍ର ମାନଙ୍କର ସଂଗଠନ ସଙ୍ଗେ ସଙ୍ଗେ ବିକେନ୍ଦ୍ରୀକରଣ ସୂତ୍ରରେ ଗ୍ରାମ ସ୍ତରରେ ତହିଁର ପ୍ରତିରୂପ ଭାବରେ ଗ୍ରାମ୍ୟ ନାମଘରମାନ ପ୍ରତିଷ୍ଠିତ ହୋଇଥିଲା । ଏ ସବୁ ଏକ ପ୍ରକାର ଜଣେ ଜଣେ ଖ୍ରୀଷ୍ଟିୟାନ ଧର୍ମଯାଜକଙ୍କ ଅଧୀନସ୍ଥ ପଲ୍ଲୀ-ଚର୍ଚ୍ଚ ବା ଉପାସନା-ମନ୍ଦିର ଭଳି ଥିଲା । ଆରମ୍ଭରୁ ଏଇ

ନାମଘରଗୁଡ଼ିକ ଗ୍ରାମର ସମସ୍ତ କାର୍ଯ୍ୟ କଳାପର ଶକ୍ତି-କେନ୍ଦ୍ର ସ୍ୱରୂପ ଥିଲା । ଏହା ଥିଲା ଗ୍ରାମର ମିଳନ ମନ୍ଦିର ଓ ରଙ୍ଗାଳୟ । ଗ୍ରାମ ସମାଜର ସଭ୍ୟମାନଙ୍କ ଉପରେ ଏହା ଘନିଷ୍ଠ ଆତ୍ମିକ ନିୟନ୍ତ୍ରଣ ପ୍ରୟୋଗ କରୁଥିଲା ଏବଂ ସେମାନଙ୍କୁ ଅନେକ କୁକାର୍ଯ୍ୟରୁ ନିବୃତ୍ତ କରୁଥିଲା । ବାସ୍ତବରେ ଏ ଅନୁଷ୍ଠାନକୁ ଗ୍ରାମ-ପାର୍ଲିମେଣ୍ଟ—ଏପରିକି ପ୍ରଶସ୍ତ ଗଣତାନ୍ତ୍ରିକ ନୀତି ଦ୍ୱାରା ପରିଚାଳିତ ଶାସନ-ସଂସଦ କୁହାଯାଇପାରେ । ଏହା ପୁଣି ଥିଲା ଗ୍ରାମର ବିଚାରାଳୟ, ଯେଉଁଠାରେ ଗ୍ରାମର ବିବାଦ ଓ ଦୋଷାଦୋଷର ବିଚାର ହୋଇଥାଏ ଏବଂ ଏଠାରେ ଗ୍ରାମର ମୁରବିମାନେ ଯେଉଁ ରାୟ ଦିଅନ୍ତି ତାକୁ ଅମାନ୍ୟ କରିବାର ସାହସ କାହାରି ନ ଥାଏ । ଗ୍ରାମ ପଞ୍ଚାୟତ ସମାଜିକ ବାସନ୍ଦ ବା ସମାଜରୁ ବହିଷ୍କାର ଆଦେଶ ଦେଇ ପାରୁଥିଲା । ତାକୁ ସେକାଳ ସମାଜରେ ଲୋକେ ସବୁଠୁଁ ବେଶି ଭୟ କରୁଥିଲେ । କେବଳ ଜଟିଳ ମାମଲା ଗୁଡ଼ିକ କ୍ଷେତ୍ରରେ ଦୋଷୀ ଯେଉଁ ସତ୍ର ର ସଭ୍ୟ ସେହି ସତ୍ର ର ଅଧ୍ୟକ୍ଷଙ୍କ ନିକଟକୁ କିମ୍ବା ରାଜକୀୟ ବିଚାରାଳୟକୁ ପଠାଇ ଦିଆଯାଉଥିଲା । ଏହିପରି ସତ୍ର ଓ ନାମଘର—ଏ ଦୁଇଟି ଅନୁଷ୍ଠାନ ଜରିଆରେ ଅସମୀୟା ସମାଜ ସୁନ୍ଦର ଓ ପରିଚ୍ଛନ୍ନ ଭାବରେ ସଂଗଠିତ ହୋଇଥିଲା ଏବଂ ଗୁରିଆଡ଼େ ଏ ପ୍ରକାର ଜାଗ୍ରତ ଦୃଷ୍ଟି ରହିଥିବା ହେତୁ ଲୋକଙ୍କର ନୈତିକ ଚରିତ୍ର ବାସ୍ତବିକ ସୁସ୍ଥ ସୁନ୍ଦର ହେବାକୁ ବାଧ୍ୟ ହେଉଥିଲା ।

ବୈଦାନ୍ତିକ ଚିନ୍ତାଧାରା

ଅସମୀୟା ବୈଷ୍ଣବଧର୍ମର ବ୍ରହ୍ମତତ୍ତ୍ୱ, ଦର୍ଶନ, ନୀତିବିଜ୍ଞାନ ଓ ଧର୍ମତତ୍ତ୍ୱର ମୂଲ୍ୟାୟନ ନିମନ୍ତେ ଆମ୍ଭମାନଙ୍କୁ ଶଙ୍କରଦେବଙ୍କ ଅନ୍ୟାନ୍ୟ ଅସମୀୟା ରଚନା ତଥା ବିଶିଷ୍ଟ ଅସମୀୟା ବୈଷ୍ଣବମାନଙ୍କ ଲିଖିତ ଗ୍ରନ୍ଥମାନଙ୍କ ବ୍ୟତୀତ ମୁଖ୍ୟତଃ ତାଙ୍କ ସଂସ୍କୃତ ରଚନା 'ଭକ୍ତିରତ୍ନାକର'ର ଆଶ୍ରୟ ନେବାକୁ ପଡ଼ିବ । କିନ୍ତୁ ଏହା ଈଶ୍ୱରତତ୍ତ୍ୱ ବିଷୟକ ଗ୍ରନ୍ଥ ନୁହେଁ; ପ୍ରକୃତ ଅର୍ଥରେ ଦର୍ଶନଠାରୁ ମଧ୍ୟ ବହୁତ ଦୂରରେ । ଯାହାହେଲେବି ଏହି ସୈଦ୍ଧାନ୍ତିକ ଗ୍ରନ୍ଥ ବ୍ୟାପକ ଜ୍ଞାନ ଓ ସୁନ୍ଦର ବିଶ୍ଳେଷଣାତ୍ମକ ପାଣ୍ଡିତ୍ୟର ପରିଚୟ ଦିଏ, ଯଦିଓ ତାହା ଧର୍ମମତ ବିଶେଷର ସୀମା ମଧ୍ୟରେ ଆବଦ୍ଧ । ଶଙ୍କର କିପରି ଯେ ଏତେ ବିଭିନ୍ନ କିସମର ଗ୍ରନ୍ଥମାନ ଆୟତ୍ତ କରିଥିଲେ ତାହା ପ୍ରଣିଧାନଯୋଗ୍ୟ । ସେତିକି ନୁହେଁ, ବିଭିନ୍ନ ଗ୍ରନ୍ଥରୁ ଆହରଣ କରାଯାଇଥିବା ଉପାଦାନ ଗୁଡ଼ିକ ନିଜ ଗ୍ରନ୍ଥରେ ସେ ଅତ୍ୟନ୍ତ ସୁନ୍ଦର ଓ ଶୃଙ୍ଖଳିତ ଭାବରେ ସଜ୍ଜିତ କରି ରଖିଛନ୍ତି । ଶଙ୍କରଦେବ ଓ ତାଙ୍କ ମତବାଦର ଅନ୍ୟମାନେ ଭାଗବତ ପୁରାଣକୁ ସ୍ଥାନୀୟ ଭାଷାରେ ବ୍ୟାଖ୍ୟା କରି ତାହାକୁ ବେଦାନ୍ତତତ୍ତ୍ୱ ବୋଲି ପ୍ରଚାର କରିଛନ୍ତି (ବେଦାନ୍ତର ଗୁହ୍ୟ) । ପୂର୍ବବର୍ତ୍ତୀ ବୈଷ୍ଣବ ସମ୍ପ୍ରଦାୟ ମଧ୍ୟରୁ କେତେକ ବ୍ରହ୍ମସୂତ୍ର ଉପରେ ଗୋଟିଏ ଲେଖାଁ ଭାଷ୍ୟ ପ୍ରସ୍ତୁତ କରିଛନ୍ତି । ମାତ୍ର ଆସାମର ଶଙ୍କରଦେବ ବା ବଙ୍ଗଳାର ଚୈତନ୍ୟ ପୂର୍ବ ବୈଷ୍ଣବ ସମ୍ପ୍ରଦାୟ-ମାନଙ୍କ ଉଦାହରଣ ଅନୁସରଣ କରିବା ଆବଶ୍ୟକ ମନେ କରି ନାହାନ୍ତି । ଶଙ୍କରଦେବ ତାଙ୍କ 'ଭକ୍ତିରତ୍ନାକର'ରେ, ମାଧବ ଦେବତାଙ୍କ 'ନାମଘୋଷା'ରେ ଏବଂ ଭଟ୍ଟଦେବ ତାଙ୍କ 'ଭକ୍ତି-ବିବେକ'ରେ ଭାଗବତ-ପୁରାଣର ପ୍ରମାଣୋଲ୍ଲେଖ କରି (୧୨. ୧୩. ୧୫) କହିଛନ୍ତି ଯେ, ଏ ପୁରାଣ ସମସ୍ତ ବେଦାନ୍ତର ନିର୍ଯ୍ୟାସ (ସର୍ବବେଦାନ୍ତସାରମ୍) । ଚୈତନ୍ୟଙ୍କ ଧର୍ମର ଦାର୍ଶନିକ ପ୍ରବକ୍ତା ଜୀବଗୋସ୍ୱାମୀ ଘୋଷଣା କରିଛନ୍ତି ଯେ, ଏହି ପୁରାଣ ବ୍ୟାସଙ୍କର ବେଦାନ୍ତ

ସୂତ୍ର ଉପରେ ସ୍ୱରଚିତ ଭାଷ୍ୟ । ସେ ଯାହାହେଉ ଶଙ୍କରଦେବ ବା ଅନ୍ୟମାନେ ତାଙ୍କ ଲେଖାରେ ଯେଉଁ ଶ୍ଳୋକ ଉଦ୍ଧାର କରିଛନ୍ତି ତାହା ବ୍ରହ୍ମସୂତ୍ରର ବିଧିବଦ୍ଧ ଦର୍ଶନ ପ୍ରତି ସୂଚନା ବୋଲି ଗ୍ରହଣ କରିହେବ ନାହିଁ କିମ୍ବା ସେଗୁଡ଼ିକୁ ଉପନିଷଦରେ ବେଦାନ୍ତ ଦର୍ଶନର କ୍ରମବର୍ଦ୍ଧମାନ ଚିନ୍ତାଧାରାର ସୂଚନା ବୋଲି ମଧ୍ୟ କୁହାଯିବ ନାହିଁ । ଶଙ୍କରଦେବ 'ଭକ୍ତିରତ୍ନାକର'ରେ ଓ ତାଙ୍କର ଅନ୍ୟ ସମସ୍ତ ରଚନାରେ ଭାଗବତପୁରାଣ, ଭଗବଦ୍ଗୀତା, ଅନ୍ୟାନ୍ୟ ବିଷ୍ଣୁ ସମ୍ପର୍କିତ ପୁରାଣ ଓ ସାମ୍ପ୍ରଦାୟିକ ରଚନାମାନଙ୍କର ପ୍ରାମାଣିକତା ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଛନ୍ତି ।

ଶଙ୍କରଦେବ ଗୋଟିଏ ସ୍ୱାଧୀନ ଚିନ୍ତାଧାରାର ପ୍ରବର୍ତ୍ତନ ପାଇଁ କୁତ୍ରାପି ଚେଷ୍ଟା କରିନାହାନ୍ତି । ତେଣୁ ତାଙ୍କ ଦାର୍ଶନିକ ଧାରଣାକୁ ଗୋଟିଏ ନାମ ଦେଇ ଭାରତୀୟ ଚିନ୍ତାଧାରାର ଇତିହାସରେ ତାର ସ୍ଥାନ ନିର୍ଦ୍ଦେଶ କରିବା ପୂର୍ବରୁ ଆମକୁ ଯତ୍ର ତତ୍ର ସେଗୁଡ଼ିକୁ ସଂଗ୍ରହ କରି ଏକତ୍ର କରିବାକୁ ହେବ । ଭାଗବତପୁରାଣର ଦାର୍ଶନିକ ଶିକ୍ଷା ସାରକ୍ୟୁହାର ଦର୍ଶାଇଥିବା ମତେ, ପୂର୍ବବର୍ତ୍ତୀ ପୁରାଣମାନଙ୍କରେ ପ୍ରାଧାନ୍ୟ ବିସ୍ତାର କରିଥିବା ଆସ୍ତିକବାଦୀ ସାଂଖ୍ୟ ଦର୍ଶନ ଅପେକ୍ଷା ଶଙ୍କରଙ୍କ ଧର୍ମ ପ୍ରଣାଳୀର ନିକଟତର ମନେହୁଏ । ଅଧିକନ୍ତୁ ପୁରାଣମାନଙ୍କର ବ୍ୟାଖ୍ୟା କରିବାରେ ଶଙ୍କରଦେବ ଓ ଅନ୍ୟାନ୍ୟ ଅସମୀୟା ବୈଷ୍ଣବମାନେ ପୁରୀର ଶଙ୍କରାଚାର୍ଯ୍ୟପନ୍ଥୀ (ଅଦ୍ୱୈତବାଦୀ) ଗୋବର୍ଦ୍ଧନ ମଠର ମହନ୍ତ ଶ୍ରୀଧର ସ୍ୱାମୀଙ୍କ (ଖ୍ରୀ: ୧୪୦୦) ଭାଷ୍ୟ ଉପରେ ଅତ୍ୟଧିକ ନିର୍ଭର କରିଛନ୍ତି ଏବଂ ଭକ୍ତି-ମାର୍ଗର ଭାବପ୍ରବଣତା ସଙ୍ଗେ ଅଦ୍ୱୈତବାଦର ଏକେଶ୍ୱର ଆଦର୍ଶବାଦର ସମନ୍ୱୟ କରି ଏହାକୁ ଏକ ନୂଆ ଛାଞ୍ଚରେ ଢାଳିଛନ୍ତି । ତେଣୁ ଶଙ୍କରଦେବ ଓ ତାଙ୍କର ମତବାଦୀମାନେ ଏକେଶ୍ୱରବାଦ ଆଡ଼କୁ ଢଳିଥିବା ସ୍ୱାଭାବିକ ।

ବ୍ରହ୍ମ ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି, ସ୍ଥିତି ଓ ଲୟର ମୂଳ। ସେ ବ୍ରହ୍ମାଣ୍ଡର ନିଦାନ ତଥା ବାସ୍ତବ କାରଣ (ନିମିତ୍ତ, ଉପାଦାନ କାରଣ) ଅଟନ୍ତି । ଯେପରି ମାଟି ହାଣ୍ଡି ମାଟିରୁ ଭିନ୍ନ ନୁହେଁ, ସ୍ୱର୍ଣ୍ଣାଳଙ୍କାର ସୁନାଠାରୁ ଭିନ୍ନ ନୁହେଁ,

ବ୍ରହ୍ମାଣ୍ଡ ସେହିପରି ବ୍ରହ୍ମରୁ ଅଭିନ୍ନ; ବ୍ରହ୍ମରୁ ଉତ୍ପନ୍ନ ଓ ବ୍ରହ୍ମରେ ହିଁ ଲୀନ-ହୁଏ । ବିଶ୍ୱ-ବ୍ରହ୍ମାଣ୍ଡ ମୂଳତଃ ବ୍ରହ୍ମ ଓ ବ୍ରହ୍ମ ଉପରେ ହିଁ ନିର୍ଭରଶୀଳ । କିନ୍ତୁ ମାଟି ଓ ପାତ୍ର, ସ୍ୱର୍ଣ୍ଣ ଓ ସ୍ୱର୍ଣ୍ଣ ଅଳଙ୍କାର ମଧ୍ୟରେ ସମ୍ବନ୍ଧ ପ୍ରତିପାଦନ, ଯାହା କି କାର୍ଯ୍ୟ ଓ କାରଣର ଅଭେଦତ୍ୱ ପ୍ରତିପାଦନ କରିବାପାଇଁ ଉପସ୍ଥାପିତ କରାଯାଇଛି ଏବଂ ଜୀବକୁ ବ୍ରହ୍ମର ଅଂଶ ବୋଲି ପ୍ରଦର୍ଶନ (ବ୍ରହ୍ମ-ଅଂଶ ଜୀବ)—ଯାହାକି ଶଙ୍କରଦେବ ସ୍ଥଳବିଶେଷରେ କହିଛନ୍ତି—ସେ ସବୁର ଲକ୍ଷ୍ୟ ପରିଣାମବାଦ (ସମବସ୍ତୁରୁ ସମବସ୍ତୁର ଉତ୍ପତ୍ତି) ପରି ବୋଧହୋଇ-ପାରେ; ମାତ୍ର ତାହା ଏ ଭକ୍ତି ଧର୍ମରେ ଶେଷ ସିଦ୍ଧାନ୍ତ ଭାବେ ଗୃହୀତ ହୋଇ, ନାହିଁ । ସେମାନେ ବାରମ୍ବାର ଯେଉଁ ସାଦୃଶ୍ୟମୂଳକ ଉପମାର ଉଲ୍ଲେଖ କରିଛନ୍ତି ତାହା ହେଉଛି ଆପାତ ଦୃଷ୍ଟିରେ ରଜ୍ଜୁରେ ସର୍ପର ପ୍ରତୀତି ଯାହାକି ବିବର୍ତ୍ତବାଦର (ଅର୍ଥାତ୍ ଏକ ବସ୍ତୁରେ ଅନ୍ୟ ବସ୍ତୁର ଆଭାସ) ସୂଚନା ଦିଏ । ଏହିପରି ଶଙ୍କରଦେବଙ୍କର ଚିନ୍ତାଧାରାରେ ଅନ୍ୟାନ୍ୟ ପ୍ରଧାନ ବୈଷ୍ଣବ ଗୋଷ୍ଠୀମାନଙ୍କ ଦ୍ୱାରା ବିବର୍ଜିତ ମାୟାବାଦ ବା ଆଦର୍ଶବାଦ ଗୃହୀତ ହୋଇଛି ଏବଂ ଏହା ଭକ୍ତି ସହିତ ନିରନ୍ତର ସମନ୍ୱିତ ହୋଇଛି ।

ପରିଦୃଶ୍ୟମାନ ମିଥ୍ୟା ସଂସାର ମୂଳରେ ରହି ବ୍ରହ୍ମ ତାହାକୁ ସତ୍ୟର ସାଦୃଶ୍ୟ (ସଦାଭାସ) ପ୍ରଦାନ କରନ୍ତି । ସଂସାର ମିଥ୍ୟା (ଅସତ୍); ମାତ୍ର ସତ୍ୟରୂପୀ ବ୍ରହ୍ମଙ୍କଠାରୁ ଉଦ୍ଭୂତ ଓ ମାୟା ସଙ୍ଗେ ସଂଯୁକ୍ତ (ଅବିଦ୍ୟା ଯୁକ୍ତ) ହୋଇ ସତ୍ୟଭଳି ପ୍ରତୀୟମାନ ହୁଏ (ଅସନ୍ତ ଜଗତଖାନ ତୋମାତ ଉଭବ ଭୈଲ, ସନ୍ତ ହେନ ପ୍ରକାଶେ ସଦାୟ) । ଏହାକୁ କହନ୍ତି ଅଧ୍ୟାସ, ଅର୍ଥାତ୍ ବସ୍ତୁ ନଥିବାଠାରେ ଥିବାପରି ଦେଖାଯିବା । ଏଇ ଅବାସ୍ତବ ରୂପ ପ୍ରଦର୍ଶନ ମାୟାଦ୍ୱାରା ହିଁ ସମ୍ଭବ ହୋଇଥାଏ । ଏ ମାୟା ଭଗବାନଙ୍କର ସେଇ ଶକ୍ତି ଯାହା ବସ୍ତୁକୁ ପ୍ରଚ୍ଛନ୍ନକରି ଅ-ବସ୍ତୁକୁ ପ୍ରକାଶ କରେ (ଅବସ୍ତୁକ ଦେଖାବୟ ବସ୍ତୁକ ଆବରି) । ପ୍ରକୃତ ପକ୍ଷେ ମାୟା, ଅବିଦ୍ୟା ଓ ପ୍ରକୃତି ମଧ୍ୟରେ କୌଣସି ଭେଦ ପ୍ରଦର୍ଶନ କରାଯାଇନାହିଁ, ଯଦିଓ ଶ୍ରୀଧର କହନ୍ତି ଯେ ସେହି ଏକ ପ୍ରକୃତି ଆବରଣ ଶକ୍ତିଯୁକ୍ତ ହେଲେ ଅବିଦ୍ୟା ଓ ଜୀବର

ଉପାଧି ବୋଲି ଏବଂ ବିକ୍ଷେପ ଶକ୍ତିଯୁକ୍ତ ହେଲେ ମାୟା ଏବଂ ଈଶ୍ୱରଙ୍କର ଉପାଧି ବୋଲି କଥିତ ହୁଏ । ଆତ୍ମାକୁ ଆଚ୍ଛନ୍ନ ରଖିଥିବା ଅବିଦ୍ୟା ଯେତେବେଳେ ଅପସାରିତ ହୋଇଯାଏ ସେତେବେଳେ ଜୀବ ନିଜକୁ ନିଜେ ଚିହ୍ନି ପାରେ, ଯେପରିକି ଲୋକ ନିଜ କଣ୍ଠର ହାରକୁ ନିଜେ ଦେଖି-ପାରେ । ମାୟା ଓ ପ୍ରକୃତିକୁ ପ୍ରାୟଶଃ ଈଶ୍ୱରଙ୍କର ଶକ୍ତି ବା ଅର୍ଦ୍ଧାଙ୍ଗିନୀ ରୂପେ ପ୍ରଖ୍ୟାପନ କରାଯାଇଛି । ଈଶ୍ୱର ସର୍ବବ୍ୟାପୀ ହେଲେହେଁ ସଂସାରର ଗୁଣ ବା ଦୋଷ ସଙ୍ଗେ ଲିପ୍ତ ନୁହନ୍ତି । (ଶଙ୍କରଦେବ ଖ୍ର. ପୃ-୨) । ସେ ଅକ୍ଷୟ, ଅର୍ଥାତ୍ ସେ ସଂସାରରେ ଲୀନ ହୁଅନ୍ତି ନାହିଁ; କିନ୍ତୁ ଅନ୍ତରସ୍ଥ ମାୟା ଦ୍ୱାରା ସଂସାରର ସୃଷ୍ଟି, ପାଳନ ଓ ପ୍ରଳୟ ସଂଘଟନ କରାନ୍ତି ।

'ଭକ୍ତିରତ୍ନାକର'ର ୨୨ଶ ଅଧ୍ୟାୟରେ ଈଶ୍ୱର ଓ ଜୀବ ମଧ୍ୟରେ ପ୍ରଭେଦ ପ୍ରମାଣ କରାଯାଇଛି । ଈଶ୍ୱର ତାଙ୍କ ଚିତ୍ ଶକ୍ତି ଦ୍ୱାରା ମାୟାର ନିୟାମକ ଅଟନ୍ତି (ବିଦ୍ୟାଶକ୍ତ୍ୟା ମାୟାନିୟନ୍ତା) ଏବଂ ଜୀବ ମାୟାର କବଳରେ ସର୍ବଦା ବ୍ୟାକୁଳ ହୁଏ । ଜୀବ ଏ ଦୁର୍ଭୋଗରୁ ସେତିକିବେଳେ ମୁକ୍ତ ହୁଏ ଯେତେବେଳେ ସେ ଭଗବତ୍ ପ୍ରେମ ମାଧ୍ୟମରେ ଜ୍ଞାନ ଲାଭ କରେ । ଶଙ୍କରଦେବ 'ଯୋଗସାର' ନାମକ ଗ୍ରନ୍ଥରୁ ଉଦ୍ଧାରକରି କହିଛନ୍ତି ଯେ, ଜୀବ ଅପରିବର୍ତ୍ତନୀୟ, ସର୍ବବ୍ୟାପକ ଓ ଶାନ୍ତିର ଆଧାର (ଅବିକାରୀ ବିଭୁଃ ଶାନ୍ତଃ) ଏବଂ ପରମାତ୍ମାଙ୍କଠାରୁ କୌଣସିମତେ ଭିନ୍ନ ନୁହେଁ । ଭ୍ରାନ୍ତି ଓ ଅଜ୍ଞାନରେ ଆଚ୍ଛନ୍ନ ହୋଇ (ଭ୍ରାନ୍ତ୍ୟଜ୍ଞାନାବୃତ୍ତ) ଜୀବ ନିଜକୁ ନିଜେ ଚିହ୍ନି ପାରେ ନାହିଁ ।

ତେଣୁ ମାୟାବନ୍ଧନରୁ ମୁକ୍ତ ହେବାପାଇଁ ଜୀବ ସାଧନା କରିବା ଉଚିତ । ଶଙ୍କରଦେବ ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ ଭକ୍ତି ହିଁ ମୁକ୍ତି ଲାଭର ସାଧନ । ଈଶ୍ୱରଭକ୍ତି ମନୁଷ୍ୟକୁ ଜ୍ଞାନ ବା ପରିପୂର୍ଣ୍ଣ ଆତ୍ମାନୁଭୂତି ନିକଟରେ ପହଞ୍ଚାଇ ଦିଏ ଏବଂ ଜ୍ଞାନ ମୋକ୍ଷ ନିକଟକୁ ନେଇଯାଏ । ଏଠାରେ ଜ୍ଞାନକୁ ଭକ୍ତିର ଗୋଟିଏ ଅନାୟାସ ଲବ୍ଧ ଫଳ ବା ପ୍ରାକୃତିକ ପରିଣତି ବୋଲି ବିଚାର କରାଯାଇଛି ଏବଂ ଜ୍ଞାନଲାଭ ପରେ

ମୋକ୍ଷ ସ୍ୱତଃ ନିହିତ ସିଦ୍ଧାନ୍ତ ଭଳି ଆପେ ଆପେ ଆସିଯାଏ ବୋଲି ନିର୍ଣ୍ଣୟ କରାଯାଇଛି । କିନ୍ତୁ ଆଦର୍ଶ ଭକ୍ତ ନିର୍ବାଣ ବା ଅନ୍ୟ କୌଣସି ପ୍ରକାର ମୋକ୍ଷର କାମନା କରେ ନାହିଁ ବା ଗ୍ରହଣ କରେ ନାହିଁ । ସେ କେବଳ ସର୍ବାନ୍ତଃକରଣରେ ଈଶ୍ୱରଙ୍କୁ ପ୍ରାର୍ଥନା କରେ—"ମୋତେ ଅକ୍ଷୟ ଭକ୍ତିର ସୁଯୋଗ ଦିଅ, ଯେଉଁ ଭକ୍ତିରେ ମାୟା, ମାନସ (ମନ) ଓ ଅହଂକାର (ଆତ୍ମବଡ଼ିମା)ର ପ୍ରତିବନ୍ଧକ ନ ଥିବ ।

ଏତଦ୍‌ବ୍ୟତୀତ ଶଙ୍କରଦେବ ଭାଗବତପୁରାଣ ଅନୁସାରେ ତଦ୍‌ଗତ ଭାବ ରସାଣିତ ସାଂଖ୍ୟଦର୍ଶନ ତଥା ଯୋଗଦର୍ଶନର ଶରୀରତତ୍ତ୍ୱ ଓ ମନସ୍ତତ୍ତ୍ୱକୁ ଗ୍ରହଣ କରିଥିଲେ । ଏହି ଉଭୟ ପ୍ରଣାଳୀ ଭକ୍ତି ସହିତ ସମ୍ବନ୍ଧାନ୍ୱିତ ଓ ଭକ୍ତିର ସହାୟକ ବୋଲି ସେ ବ୍ୟାଖ୍ୟାନ କରିଛନ୍ତି । ସେ ପର୍ଯ୍ୟନ୍ତ ଆସାମର ଜନମାନସରେ ଭାରତୀୟ ଚିନ୍ତାଧାରା ଗଭୀର ରେଖାପାତ କରିଥିଲା ପରି ମନେହୁଏ ନାହିଁ । ବୈଷ୍ଣବ ଧର୍ମର ପ୍ରବର୍ତ୍ତନ ଫଳରେ ସାଧାରଣ ଜନ-ଚେତନାରେ ବେଦାନ୍ତର ଅନୁପ୍ରବେଶ ଘଟିଥିଲା ଏବଂ କ୍ରମେ ତାହା ନିଜସ୍ୱ ହୋଇଯାଇଥିଲା । ଯଦିଚ ଶଙ୍କରଦେବ, ମାଧବଦେବ ଓ ଅନ୍ୟମାନେ ତାଙ୍କ କବିତାଗୁଡ଼ିକ ସାଧାରଣ ଓ ନିରକ୍ଷର ଜନତା ପାଇଁ ଅଭିପ୍ରେତ ହୋଇ ଥିବା ହେତୁ ସେଥିରେ ଶୁଷ୍କ ଦାର୍ଶନିକ ତତ୍ତ୍ୱକୁ ସ୍ଥାନ ଦେଇ ନାହାନ୍ତି, ତଥାପି ସେ ଭିତରେ ଅନେକ ସ୍ଥଳରେ ବେଦାନ୍ତ ଚିନ୍ତାଧାରାକୁ ଅତି ସରଳ, ପ୍ରାଞ୍ଜଳ ଭାଷାରେ ଲିପିବଦ୍ଧ କରିଛନ୍ତି । ସେଥିଯୋଗୁଁ ସତ୍ରର ସାଧାରଣ ବୈଷ୍ଣବମାନେ ସୁଦ୍ଧା ସଂସାର ଜଞ୍ଜାଳ ଜର୍ଜରିତ ଶିଷ୍ୟ ସଂପ୍ରଦାୟର ସନ୍ଦେହ ଦୂରୀକରଣ ଓ ସାନ୍ତ୍ୱନା ପାଇଁ ସେ ସବୁ ତତ୍ତ୍ୱର ମୌଳିକ ବ୍ୟାଖ୍ୟା କରି-ପାରୁଥିଲେ ।

୭

ସାହିତ୍ୟର ଏକ ମହାନ୍ ଯୁଗ

ଆସାମରେ ଶଙ୍କରଦେବଙ୍କ ଆନ୍ଦୋଳନ ସାଙ୍ଗରେ ଗୋଟିଏ ମହାନ୍ ସାହିତ୍ୟର କୁସୁମିତ ବସନ୍ତକାଳ ଆସିଥିଲା । ଶଙ୍କରଦେବ ଓ ମାଧବ-ଦେବ ସେମାନଙ୍କ ପ୍ରଚାରିତ ଧର୍ମର ଅନୁଶାସନ ଗୁଡ଼ିକର ଉପସ୍ଥାପନ ଓ ବିଶଦ ବ୍ୟାଖ୍ୟାନ ନିମନ୍ତେ ନିଜେ ବହୁ ସଂଖ୍ୟକ ସଙ୍ଗୀତ, ନାଟକ, ପଦ୍ୟ, ଗଳ୍ପ ଓ ଅନ୍ୟାନ୍ୟ ପ୍ରକାରର ସାହିତ୍ୟ ସୃଷ୍ଟି କରିଥିଲେ । ଅନନ୍ତ କନ୍ଦଳୀ, ରାମ ସରସ୍ୱତୀ, ବୈକୁଣ୍ଠନାଥ କବିରତ୍ନ, ଶ୍ରୀଧର କନ୍ଦଳୀ, ଭବାନୀପୁରର ଗୋପାଳଦେବ, ରାମଚରଣ ଠାକୁର, ଦୈତାରି ଠାକୁର, ଗୋପାଳଚରଣ ଦ୍ୱିଜଙ୍କ ଭଳି ଦଳେ କବି ଓ ପଣ୍ଡିତ ଭକ୍ତି ଧର୍ମର ଧ୍ୱଜା ତଳେ ହୁଣ୍ଡ ହୋଇଥିଲେ ଏବଂ ଗୋଟିଏ ଶକ୍ତିଶାଳୀ ସାହିତ୍ୟିକ ଆନ୍ଦୋଳନ ସଙ୍ଗଠିତ କରିଥିଲେ । ସେ ଯୁଗରେ ଥିଲା, ଏକମାତ୍ର ଆଦର୍ଶ—ଭକ୍ତି ଆଦର୍ଶ, ଏକମାତ୍ର ଈଶ୍ୱର—ବିଷ୍ଣୁ-କୃଷ୍ଣ, ଏକମାତ୍ର ନେତା—ଶଙ୍କରଦେବ ଏବଂ ଏକମାତ୍ର ଗ୍ରନ୍ଥ ଭାଗବତ-ପୁରାଣ । ବିଭିନ୍ନ ବୈଷ୍ଣବ ଗ୍ରନ୍ଥରୁ ଆହୃତ ନାନା ବିଷୟ ଭାଗବତ ପୁରାଣର ପରିସରଭୁକ୍ତ କରାଯାଇଥିଲା । ଧର୍ମଗ୍ରନ୍ଥର ଅନୁଶାସନ ଓ ନିର୍ଦ୍ଦେଶ ପ୍ରତି ଆନୁଗତ୍ୟ ବୈଷ୍ଣବମାନଙ୍କର ସୃଜନଶୀଳ ଦକ୍ଷତାକୁ ସୀମିତ କରୁଥିଲା ଏବଂ ସେମାନଙ୍କ କବିପ୍ରତିଭାକୁ ଖର୍ବ କରୁଥିଲା । କିନ୍ତୁ ଏହା ମଧ୍ୟରେ କେବଳ ଶଙ୍କରଦେବ ଓ ମାଧବଦେବଙ୍କ ସାହିତ୍ୟ ସୃଷ୍ଟି ଆଶାନୁରୂପ ହୋଇଥିଲା । ମୂଳଲେଖାର ସମସ୍ତ ସୌନ୍ଦର୍ଯ୍ୟ ଅକ୍ଷୁର୍ଣ୍ଣ ରଖି ଓ ଆବଶ୍ୟକ ସ୍ଥଳେ ନିଜସ୍ୱ ସୃଜନଶୀଳ କଳ୍ପନାର ପ୍ରକ୍ଷେପ କରି ମୌଳିକ ରଚନାମାନଙ୍କୁ ଭାଷାନ୍ତରିତ କରିବାରେ ସେମାନଙ୍କର କ୍ଷମତା ଅନନ୍ୟ ଥିଲା । ସେମାନଙ୍କର ସାହିତ୍ୟିକ ରଚନାବଳୀ ଧର୍ମପ୍ରଚାରର ପ୍ରଧାନ ମାଧ୍ୟମ ରୂପେ କାର୍ଯ୍ୟ କରୁଥିଲା ଓ ଲୋକମାନଙ୍କୁ ଜ୍ଞାନ ଓ ଆନନ୍ଦ ବିତରଣ କରୁଥିଲା । ଶୁଣାଯାଏ, ଶଙ୍କର-ଦେବ ଭାଗବତପୁରାଣର ଦ୍ୱାଦଶ ସ୍କନ୍ଧ ମଧ୍ୟରୁ ଆଠଟି ସ୍କନ୍ଧର ଅନୁବାଦ

କରିଥିଲେ ଏବଂ ଏଥିପାଇଁ ସେ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଥିଲେ । ସ୍ମରଣ ଆଇପାରେ ଯେ, ଉତ୍ତର-ଭାରତର ରାମାନନ୍ଦ ହିଁ ଆଧୁନିକ ଭାରତୀୟ ଭାଷା ମାଧ୍ୟମରେ ଧର୍ମ ପ୍ରଚାରର ଚଳଣି ସୃଷ୍ଟି କରିଥିଲେ । ସେ ତାଙ୍କର ପୂର୍ବବର୍ତ୍ତୀ ଅସମୀୟା କବିମାନଙ୍କଠାରୁ ଉତ୍ତରାଧିକାର ସୂତ୍ରରେ ଭାଷାର ଗୋଟିଏ ସୁନ୍ଦର ସୁସମଞ୍ଜସ ସାହିତ୍ୟିକ ରୂପ ତଥା କେତକ ପଦ୍ୟାଦର୍ଶ ପାଇଥିଲେ । ତାଙ୍କର ଅବ୍ୟବହିତ ପୂର୍ବବର୍ତ୍ତୀ ଅସମୀୟା ସାହିତ୍ୟରେ ଗଳ୍ପ କଥନ ପ୍ରତି ଗୋଟାଏ ପ୍ରବଣତା ଦେଖାଯାଉଥିଲା ଏବଂ ସେ ସମୟରେ ଦୁଇଟିଯାକ ଭାରତୀୟ ମହାକାବ୍ୟ ଓ ଅନ୍ୟ ପୁରାଣମାନଙ୍କରୁ କେତେକ ଭାଗର ଭାଷାନୁବାଦ ହୋଇଥିଲା । କିନ୍ତୁ ସେ କାଳକୁ ନିର୍ଦ୍ଦିଷ୍ଟ ରୂପରେଖ ବା ଆଦର୍ଶ ଥାଇ ଗୋଟିଏ ସାହିତ୍ୟିକ ଆନ୍ଦୋଳନର କାଳ ବୋଲି କୁହାଯାଇ ପାରିବ ନାହିଁ । ଶଙ୍କରଦେବଙ୍କ ଯୁଗ ହିଁ ଗୋଟିଏ ସାହିତ୍ୟିକ ଓ ସାଂସ୍କୃତିକ ପୁନରୁତ୍ଥାନର ସୂଚନା ଦିଏ ।

ତାଙ୍କର ଆଦ୍ୟ ରଚନା 'ହରିଶ୍ଚନ୍ଦ୍ର ଉପାଖ୍ୟାନ' ଓ 'ରୁକ୍ମିଣୀ ହରଣ'ରେ ଶଙ୍କରଦେବ ତାଙ୍କ ପୂର୍ବବର୍ତ୍ତୀ ଅସମୀୟା କବିତାରେ ଦେଖାଦେଇଥିବା ଗଳ୍ପ-ପ୍ରବଣତା ପ୍ରଦର୍ଶନ କରିଛନ୍ତି । ସେ ଭାଗବତପୁରାଣ ଓ ଅନ୍ୟାନ୍ୟ ପୁରାଣମାନଙ୍କର ଯେଉଁ ଅନୁବାଦ କରିଛନ୍ତି ସେଥିରେ ସାହିତ୍ୟିକ ରୂପ ବିନ୍ୟାସ ପ୍ରତି ବିଶେଷ ଦୃଷ୍ଟି ଦିଆଯାଇନାହିଁ, ସ୍ଥାନେ ସ୍ଥାନେ ଶୈଳୀ-ବିହୀନ ଅସମଂଜସ ନିରର୍ଥକ ଓ ଅନାବଶ୍ୟକ ଶବ୍ଦ ପ୍ରୟୋଗ ରହିଛି । ଅବଶ୍ୟ ସେଥି ଭିତରେ ଥିବା ଭକ୍ତି ଧର୍ମର ଉପଦେଶଗୁଡ଼ିକୁ ଭୁଲି ହେବ ନାହିଁ । 'ଭକ୍ତିପ୍ରଦୀପ' କୃଷ୍ଣ-ଭକ୍ତିର ଶ୍ରେଷ୍ଠତ୍ୱ ଦୃଷ୍ଟିରୁ ଅନ୍ୟ ଦେବତାମାନଙ୍କ ପୂଜାକୁ ଅଗ୍ରାହ୍ୟ କରେ ।

ଶଂକରଦେବଙ୍କର ସର୍ବଶ୍ରେଷ୍ଠ ଲୋକପ୍ରିୟ ରଚନା 'କୀର୍ତ୍ତନଘୋଷା' ପଚିଶ ଭାଗରେ ବିଭକ୍ତ । ପ୍ରତ୍ୟେକ ଭାଗ କେତେଗୁଡ଼ିଏ ଲେଖା ଘୋଷା ପଦଯୁକ୍ତ କୀର୍ତ୍ତନର ସମାହାର ଏବଂ ପ୍ରତ୍ୟେକଟି କୌଣସି ଗୋଟିଏ ଗଳ୍ପ ଉପରେ କିମ୍ବା କୌଣସି ପ୍ରସଙ୍ଗ ବିଶେଷର ବ୍ୟାଖ୍ୟାନ ଉପରେ ଆଧାରିତ

ହୋଇଛି । ତାଙ୍କ ‘ଅନାଦି-ପାତନ’ ସୃଷ୍ଟି ତତ୍ତ୍ୱ ସୃଷ୍ଟି ରହସ୍ୟ, ଦର୍ଶନ ଓ ଈଶ୍ୱର-ତତ୍ତ୍ୱ ସଂପର୍କରେ ଗୋଟିଏ ତଥ୍ୟମୂଳକ ଗ୍ରନ୍ଥ । ଛଅଟି ଅନୁରଣାୟମାନ କୀର୍ତ୍ତନ-ଗୀତ ସମ୍ବଳିତ କ୍ଷୁଦ୍ର ଗ୍ରନ୍ଥ ‘ଗୁଣମାଳା’ ମାନସିକ ଉଚ୍ଛ୍ୱାସ ଓ ସଂକ୍ଷିପ୍ତ ଭାବ ପ୍ରକାଶ ଦିଗରୁ ତାଙ୍କର ଗୋଟିଏ ଉଲ୍ଲେଖ-ଯୋଗ୍ୟ ଅସାଧାରଣ କୃତି ।

ଶଙ୍କରଦେବ ଓ ମାଧବଦେବଙ୍କର କେତେକ ଲେଖା ପରସ୍ପରର ପରିପୂରକ । ମାଧବଦେବ ରାମାୟଣର ବାଲକାଣ୍ଡ ଅନୁବାଦ କରିଥିବାସ୍ଥଳେ ଶଙ୍କରଦେବ ଉତ୍ତରକାଣ୍ଡର ଭାବାନୁବାଦ କରିଛନ୍ତି । ଏଥିରେ ସେ ସମସ୍ତ ଅପ୍ରାସଙ୍ଗିକ ଗଳ୍ପ ଭାଗ ବାଦ୍‌ଦେଇ ତାଙ୍କ ପୂର୍ବବର୍ତ୍ତୀ ମାଧବ କନ୍ଦଲୀଙ୍କ ଦ୍ୱାରା ଅନୂଦିତ ମଧ୍ୟବର୍ତ୍ତୀ ଚାରି କାଣ୍ଡ ସଙ୍ଗେ ଯୋଡ଼ିଛନ୍ତି । ଶଙ୍କରଦେବ ୩୪ଟି ସଙ୍ଗୀତ ରଚନା କରିଥିଲେ ଯାହା ପରବର୍ତ୍ତୀ କାଳରେ ‘ବରଗୀତ’ ନାମରେ ଆଖ୍ୟାତ ହୋଇଥିଲା । ମାଧବଦେବ ତା ସାଙ୍ଗକୁ ପରିପୂରକ ଭାବେ ତାଙ୍କ ରଚିତ ୧୫୭ଟି ଗୀତ ଯୋଡ଼ିଲେ । ଶଙ୍କରଦେବଙ୍କ ପଦାବଳୀ ମାନବୀୟ ପ୍ରୟାସର ବ୍ୟର୍ଥତା ଗାନ କରିଛନ୍ତି ଓ ଶ୍ରୋତାମାନଙ୍କୁ ଭକ୍ତିମାର୍ଗର ବାଞ୍ଛନୀୟତା ସମ୍ପର୍କରେ ସଚେତନ କରିଛନ୍ତି । ସେଥିମଧ୍ୟରୁ କେତେକ ସରଳ ଶୁଦ୍ଧ ଉପାସନା-ସଙ୍ଗୀତ ଓ ଉପଦେଶାତ୍ମକ ଶ୍ଳୋକ । ମାଧବଦେବଙ୍କ ସଙ୍ଗୀତ ଗୁଡ଼ିକ ମୁକ୍ତିକଙ୍କାଗ୍ରସ୍ତ । କୃଷ୍ଣଙ୍କ ବାଲଲୀଳା ବର୍ଣ୍ଣନା କରିବାରେ ଓ ଯଶୋଦାଙ୍କ ମଧ୍ୟରେ ଶାଶ୍ୱତ ମାତୃତ୍ୱର ପ୍ରଖ୍ୟାପନ କରିବାରେ ସେ ତାଙ୍କର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି । ଦୁଇଜଣଯାକ ସନ୍ଥ ଆରାଧ୍ୟ ପ୍ରଭୁଙ୍କର ମହିମା କୀର୍ତ୍ତନ କରି ଅନେକଗୁଡ଼ିଏ ସଙ୍ଗୀତ ରଚନା କରିଛନ୍ତି ଯାହାକୁ ଭଟିମା (ଭଜନସଂଗ୍ରହ) କୁହାଯାଏ । ଶଙ୍କରଦେବ ରାଜା ନରନାରାୟଣଙ୍କର ପ୍ରଶସ୍ତି ଗାନ କରି ଦୁଇଟି ଓ ମାଧବଦେବ ଗୁରୁଙ୍କ ମହିମା ଗାନକରି ଗୋଟିଏ ସଙ୍ଗୀତ ରଚନା କରିଛନ୍ତି । ଉଭୟଙ୍କ ରଚିତ ନାଟକାବଳୀ (ଅଙ୍କ, ନାଟ ବା ନାଟକ, ଲୋକକଥାରେ ଅଙ୍କୀୟା ନାଟ) ଗୋଟିଏ ବୈଶିଷ୍ଟ୍ୟ ଧରଣର ରଚନା । ଏଥିରେ ସଂସ୍କୃତ, ପ୍ରାକୃତ ବା ଅନ୍ୟ କୌଣସି ଆଦର୍ଶ ଅନୁସୃତ

ହୋଇନାହିଁ । ଏଥିରେ ଅଙ୍କ ବା ଦୃଶ୍ୟ ବିଭାଗ ନାହିଁ । ପ୍ରାଚୀନ ନାଟକରୁ ଗୃହୀତ ସୂତ୍ରଧାର ଚରିତ୍ର ସେମାନଙ୍କ ନାଟକର ମୁଖ୍ୟ ପାତ୍ର; ସେ ଟୀକା ଟିପ୍ପଣୀ ସହିତ ସମସ୍ତ ନାଟକର ଗୀତ, ନାଚ ଓ ଅଭିନୟ ପରିଚାଳନା କରେ । ନାଟକଗୁଡ଼ିକର କଥନିକା ଗୋଟିଏ କୃତ୍ରିମ ସାହିତ୍ୟିକ ଭାଷାରେ ଲିଖିତ; ଯାହାକି ବରଗୀତ ଓ ଭଜନ ସଙ୍ଗୀତରେ ମଧ୍ୟ ବ୍ୟବହାର କରାଯାଇଛି । ଅସମୀୟା, ମୈଥିଳୀ ଓ ବଙ୍ଗଳା ତଥା ଅନ୍ୟାନ୍ୟ ଭାଷା ସମ୍ମିଶ୍ରିତ ଏହି ଭାଷା ପରବର୍ତ୍ତୀ କାଳରେ ବ୍ରଜାବଳୀ ଭାଷା ବା ବ୍ରଜବୁଲି ନାମରେ ପରିଚିତ ହୋଇଥିଲା । ବଙ୍ଗଳା ଓ ଓଡ଼ିଶାର ବୈଷ୍ଣବ ଗୀତି-କବିତା ଲେଖକମାନେ ବୋଧହୁଏ ପରବର୍ତ୍ତୀ କାଳରେ ସମତ୍ତାଗସ୍ୟ ଏକ ଶୈଳୀ ଭାଷାର ବ୍ୟବହାର କରିଥିଲେ । ଶଙ୍କରଦେବ ଆମ୍ଭମାନଙ୍କ ପାଇଁ ୬ଟି 'ଅଙ୍କ' ରଚିଯାଇଛନ୍ତି—ପତ୍ନୀପ୍ରସାଦ, କାଳୀଦମନ, କେଳିଗୋପାଳ, ରୁକ୍ମିଣୀ ହରଣ, ପାରିଜାତହରଣ ଓ ରାମବିଜୟ । କିନ୍ତୁ କବି ନାଟକୀୟ ବିଷୟ ସଂଯୋଜନାରେ ଗୁରୁଙ୍କଠାରୁ ସାମାନ୍ୟ ପାର୍ଥକ୍ୟ ପ୍ରଦର୍ଶନ କରିଛନ୍ତି । ତାଙ୍କର କ୍ଷୁଦ୍ର ନାଟିକା (ଝୁମୁରା) ଗୁଡ଼ିକ ଅଧିକ ମାତ୍ରାରେ ଯାତ୍ରା ଢାଞ୍ଚାର । ତାଙ୍କର ଗୀତି-କବିତାମାନଙ୍କରେ ଯେପରି ନାଟକ ମାନଙ୍କରେ ମଧ୍ୟ ସେହିପରି ଅନ୍ୟାନ୍ୟ ବିଷୟମାନଙ୍କ ଅପେକ୍ଷା କୃଷ୍ଣଙ୍କ ବୃନ୍ଦାବନ ଲୀଳା ବିଷୟରେ ସେ ଅଧିକ ଅଭିନିବିଷ୍ଟ ଥିଲେ । ସେ ଲେଖିଛନ୍ତି ଅର୍ଜୁନଭଞ୍ଜନ, ଚୋରଧରା, ପିମ୍ପରାଗୁଚା ବା ଭୂମିଲୁଟିଓ୍ୱା ଓ ଭୋଜନବ୍ୟବହାର; ଆଉ ମଧ୍ୟ ବ୍ରହ୍ମାମୋହନ, କୃଷ୍ଣହରଣ, ରାସ-ଝୁମୁରା ଓ କୋଟରଗୋଲଓ୍ୱା । ଆଉ ଦୁଇଟି ରଚନା ତାଙ୍କର ଲେଖା ବୋଲି ଧରାଯାଏ । ସେ ଭାଗବତ ପୁରାଣ ଦଶମ ସ୍କନ୍ଧର ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞ ବର୍ଣ୍ଣନାତ୍ମକ କ୍ଷୁଦ୍ର ଅଂଶଟିକୁ ଅନୁବାଦ କରିଛନ୍ତି । ମାତ୍ର ଏହି ସବୁ ଶଙ୍କରଙ୍କର ଅସମୀୟା କବିତା-ସାହିତ୍ୟ ଓ ଚିନ୍ତାଧାରାକୁ ସର୍ବଶ୍ରେଷ୍ଠ ଦାନ ହେଉଛି ତାଙ୍କର 'ନାମଘୋଷା' ଯାହାକି ତାଙ୍କ ଭକ୍ତିଭାବୁକତାର ପ୍ରାଞ୍ଜଳ ଓ ଗୀତିମୟ ପରିପ୍ରକାଶରେ ଅନବଦ୍ୟ ହୋଇଉଠିଛି ।

ବୈଷ୍ଣବ ଆନ୍ଦୋଳନ ଅବକାଶରେ ଯେଉଁ ସାହିତ୍ୟ ସୃଷ୍ଟି ହୋଇଥିଲା ସେଥି ମଧ୍ୟରେ ଥିଲା ଦୁଇଟି ମହାକାବ୍ୟ—ଭଗବଦ୍‌ଗୀତା, ଭାଗବତ ଆଦି ଅନ୍ୟାନ୍ୟ ପୁରାଣ ଓ ଗୀତଗୋବିନ୍ଦର ବହୁ ଆକ୍ଷରିକ ତଥା ଭାବାନୁବାଦ । ଗୋଟିଏ ସମ୍ପୃକ୍ତ ଜୀବନୀ-ସାହିତ୍ୟ ଧର୍ମଗୁରୁମାନଙ୍କର କାର୍ଯ୍ୟାବଳୀକୁ କେନ୍ଦ୍ର କରି ଗଢ଼ି ଉଠିଥିବା ଆନ୍ଦୋଳନର ପୁଙ୍ଖାନୁପୁଙ୍ଖ ବିବରଣ ବହନ କରି ଶୀଘ୍ର ଅଭିବୃଦ୍ଧି ଲାଭକରିଥିଲା । ମହାଭାରତର ଅସମୀୟା ଅନୁବାଦରେ, ବିଶେଷତଃ ରାମସରସ୍ୱତୀ କୃତ ଅନୁବାଦରେ, ମୂଳ ଆଖ୍ୟାନ ଉପରେ ବହୁତ ନୂଆ ନୂଆ କଥା ପ୍ରକ୍ଷିପ୍ତ ହୋଇଛି । ସରସ୍ୱତୀଙ୍କର ଭୀମ ଚରିତ (ଭୀମଙ୍କ ଅଦ୍ଭୁତ କାର୍ଯ୍ୟ କଳାପ) ଓ ଶ୍ରୀଧର କନ୍ଦଲୀଙ୍କର କାନଖୋଓ୍ୱା (କର୍ଣ୍ଣଖାଦକ) ରେ ସ୍ୱାଧୀନ ମନଗଢ଼ା ଗଳ୍ପ ଗଠନ କରାଯାଇଛି ସମ୍ଭବତଃ ଲୋକାୟତ ଚଳଣୀ ଓ କଥାବସ୍ତୁର ଅନୁପ୍ରେରଣାରେ ।

ଶଙ୍କରଦେବ ଓ ମାଧବଦେବଙ୍କ ବ୍ରଜବୁଲି ଗଦ୍ୟ ପଛକୁ ଆସିଲା ସାହିତ୍ୟିକ ଗଦ୍ୟ । ବୈକୁଣ୍ଠନାଥ କବିରତ୍ନଙ୍କ ଭାଗବତକଥା (ଖ୍ରୀ: ୧୬୯୪-୯୬) ଓ ଗୀତାକଥା (ଖ୍ରୀ: ୧୬୯୬-୯୮) ଓ ଗୋପାଳ ଚରଣ ଦ୍ୱିଜଙ୍କର ଭକ୍ତିରତ୍ନାକର-କଥାରେ (ଖ୍ରୀ: ୧୭୦୦) ଏ ପ୍ରକାର ଗଦ୍ୟ ରଚନା ଦେଖାଯାଏ । ଏ ଦୁଇଜଣ ଲେଖକ କବିସୁଲଭ ସାହିତ୍ୟିକ ଭାଷା ସେମାନଙ୍କ ଲେଖାରେ ପ୍ରୟୋଗ କରିଛନ୍ତି । ଅଧିକ ବାସ୍ତବ ଓ ଆଭିଜାତ୍ୟପୂର୍ଣ୍ଣ ଗଦ୍ୟର ଆବିର୍ଭାବ ହୁଏ ବେନାମୀ ରଚନା ବୈଷ୍ଣବ ଚରିତାବଳୀରେ । ଏହାର ପ୍ରଚଳନର ଆରମ୍ଭ ହୁଏ ନିତ୍ୟ ବ୍ୟବହାର୍ଯ୍ୟ ଖାଣ୍ଟି ବୁରୁଞ୍ଜୀ ଗଦ୍ୟରେ, ଆହୋମମାନଙ୍କର ବଂଶାନୁଚରିତ ଯେଉଁ ସମୟରେ ଲେଖାହେଲା ପ୍ରାୟ ସେହି ସମୟରେ । ଆଧୁନିକ ଆର୍ଯ୍ୟ ଭାରତୀୟ-ଭାଷାଗୋଷ୍ଠୀର ପୂର୍ବସୀମାନ୍ତୀୟ ସଭ୍ୟ ଆସାମୀୟ ଭାଷା ପକ୍ଷରେ ଗଦ୍ୟସାହିତ୍ୟର ଏ ବିକାଶ କାଳ ଦୃଷ୍ଟିରୁ ଅତି ଗୁରୁତ୍ୱପୂର୍ଣ୍ଣ ନିଶ୍ଚୟ ।

ଆସାମର କେତେକ ବୈଷ୍ଣବ ଗୋଷ୍ଠୀ ଭିତରେ କୌଣସି ସନ୍ଥ-ମହନ୍ତ ତାଙ୍କ ଗୁରୁଙ୍କ ଶୈଳୀ ଅନୁସରଣରେ ନାଟକଟିଏ ନଲେଖିବା ପର୍ଯ୍ୟନ୍ତ

ମହନ୍ତପଦପାଇଁ ଉପଯୁକ୍ତ ବିବେଚିତ ହେଉ ନଥିଲେ । ଏହାଦ୍ୱାରା ଗୋଟିଏ ସୁଦୃଢ଼ ନାଟ୍ୟ ଆନ୍ଦୋଳନର ଉଦ୍‌ଭବ ହୋଇଥିଲା । କିନ୍ତୁ ଗୁରୁଙ୍କ ଲିଖିତ ନାଟକର ଅଭିନୟ ସର୍ବତ୍ର ସର୍ବାଧିକ ଆଦୃତ ହେଉଥିଲା । ଏହାଛଡ଼ା ବରଗୀତ ଓ ନାମଘୋଷା ଶୈଳୀରେ ଅସଂଖ୍ୟ ସଂଗୀତ ରଚିତହେବାରେ ଲାଗିଲା । ବେଳେବେଳେ ଏପରି ଲେଖିବା ଧର୍ମଗୁରୁମାନଙ୍କ ପକ୍ଷରେ ଗୋଟିଏ ସାଧାରଣ ନିତ୍ୟନୈମିତ୍ତିକ କାର୍ଯ୍ୟରେ ପରିଣତ ହୋଇଥିଲା । ଅବଶ୍ୟ ଶଙ୍କରୋତ୍ତର ଯୁଗରେ ଲିଖିତ ନାଟକ ଓ ସଙ୍ଗୀତର ବେଶି ଭାଗ ପ୍ରଶଂସନୀୟ ହେଲା ଭଳି ସେପରି କୌଣସି ବିଶେଷ ଗୁଣର ଅଧିକାରୀ ନ ଥିଲା । ବୈଷ୍ଣବ କବିତାମାନଙ୍କର ଆଦର୍ଶ ଏତେ ସର୍ବଜନଗ୍ରାହ୍ୟ ହୋଇଥିଲା ଯେ ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀର ଶାକ୍ତ-ସାହିତ୍ୟ ଏବଂ ଏପରିକି ଆହୋମ ଓ କୋଚ୍‌ମାନଙ୍କର ରାଜନୈତିକ ଘଟଣାପୁଞ୍ଜିଗୁଡ଼ିକ ସେହି ଆଦର୍ଶରେ ରୂପାୟିତ ହୋଇଥିଲା ।

୮

ଲଳିତକଳାର ମହାନ୍ ଯୁଗ

ଶାସ୍ତ୍ରୀୟ ସଙ୍ଗୀତର ପରମ୍ପରା

ଭକ୍ତିବାଦର ଭାବାତ୍ମକ ଅନୁପ୍ରେରଣାରେ ସମଗ୍ର ଭାରତୀୟ ଜନସମାଜ ଗୀତି-କବିତା ପ୍ରତି ଆକୃଷ୍ଟ ହୋଇଥିଲେ । ପୂଜା ଆରାଧନାର ପ୍ରଧାନ ପଦ୍ଧତି ଭାବରେ ପ୍ରାର୍ଥନା ଭଜନ ଉପରେ ଗୁରୁତ୍ୱ ଆରୋପ, ଲୋକପ୍ରିୟ ସଙ୍ଗୀତକୁ ଉତ୍ସାହିତ କରିଥିଲା । ଏହା ଲକ୍ଷ୍ୟ କରାଯାଇଛି ଯେ ଦେଶର ଅନେକ ପ୍ରାନ୍ତରେ ଭକ୍ତି ଆନ୍ଦୋଳନ ବିଶେଷ ଭାବରେ ସଙ୍ଗୀତରେ ଧ୍ରୁପଦ ଶୈଳୀର କୃଷ୍ଟିକୁ ଉନ୍ନତ କରିଥିଲା । ଆସାମରେ ମଧ୍ୟ ନୂତନ-ବୈଷ୍ଣବ ଧର୍ମ ସଂଗୀତର ବ୍ୟାପକ ଚର୍ଚ୍ଚାର ପ୍ରବର୍ତ୍ତନ କରିଥିଲା । ଆସାମର ବୈଷ୍ଣବ-ସଂଗୀତ ଗୁଣ ଓ ବୈଚିତ୍ର୍ୟରେ ସମୃଦ୍ଧ ଓ ଉଲ୍ଲେଖଯୋଗ୍ୟ ।

ଶଙ୍କରଦେବ ଯେଉଁ ସବୁ ସଂଗୀତର ଆଦର୍ଶ ପ୍ରବର୍ତ୍ତନ କରିଯାଇଛନ୍ତି, ସେଥିମଧ୍ୟରୁ ବରଗୀତ ଓ ଅଙ୍କୀୟଗୀତ (ଅଙ୍କ ବା ନାଟକରେ ବ୍ୟବହୃତ ଗୀତ) ଦୁଇଟିରେ ପ୍ରାଚୀନ ଭାରତୀୟ ଉଚ୍ଚାଙ୍ଗ ରାଗରାଗିଣୀର ସ୍ୱର ସଂଯୋଜିତ ହୋଇଛି । ଏହି ଦୁଇ ପ୍ରକାର ଗୀତର ଶୀର୍ଷ ଦେଶରେ ରାଗର ନାମ ସୂଚିତ ହୋଇଛି । ସମସ୍ତ ଅଙ୍କୀୟ ଗୀତ ଓ କେତୋଟି ବରଗୀତରେ ତାଳର ଉଲ୍ଲେଖ କରାଯାଇଛି । ବରଗୀତ ଗାଇବାରେ ସବୁବେଳେ ତାଳ ରକ୍ଷା କରାଯାଇ ପାରେନାହିଁ । କାରଣ କୌଣସି ଜଣେ ଭକ୍ତ ସାଧାରଣ ସମକ୍ଷରେ ବା କୌଣସି ମନ୍ଦିରରେ ବରଗୀତ ଛନ୍ଦରେ ଯେତେବେଳେ ଭକ୍ତିର ଉଚ୍ଛ୍ୱାସ ଢାଳି ଗାଉଥାଏ, ସେତେବେଳେ ତା ଗାନ ଆଉ ସାଧାରଣତଃ ତାଳର ନିୟମ ମାନେ ନାହିଁ । ମାତ୍ର ଅନ୍ୟ ସମୟରେ, ବିଶେଷ କରି ମେଳାମହୋତ୍ସବମାନଙ୍କରେ, ବରଗୀତ ଗାନ କରିବାରେ ତାଳ ରକ୍ଷାକରାଯାଇଥାଏ । ଦକ୍ଷିଣ ଭାରତର ତେଭରମ୍ (୭ମ-୯ମ ଶତାବ୍ଦୀ)

ଭଳି ସାଧାରଣତଃ ଏଠାରେ ମଧ୍ୟ ରାଗବିଶେଷ ସଂଗେ ତାଳବିଶେଷର ସଂଯୋଜନ ହୋଇଛି । ଏପରିକି ଲୋକେ ବେଳେବାର ରାଗକୁ ରୂପକ-ବେଲୈବାର ବୋଲି କହିଥାନ୍ତି । କାରଣ ସାଧାରଣତଃ ସେ ରାଗ ରୂପକ ତାଳରେ ଗେୟ । ଅନ୍ୟ ପକ୍ଷରେ ଗୋଟିଏ ସଂଗୀତକୁ ଗୋଟିଏ ରାଗରେ ଗାଇବା ସମୟରେ ଖୁବ୍ କମ୍ ତାଳ ପ୍ରୟୋଗ କରାଯାଇଥିବାର ଦୃଷ୍ଟାନ୍ତ ମଧ୍ୟ ଆମ୍ଭେମାନେ ଦେଖିବାକୁ ପାଉ । ପ୍ରତ୍ୟେକ ସଂଗୀତର ଦ୍ୱିତୀୟ ପଂକ୍ତି ଶେଷରେ ଶବ୍ଦାଂଶ "ଧ୍ରୁଂ" ଦିଆଯାଇଥାଏ, ଯାହାର ଅର୍ଥ ଗୀତର ପ୍ରଥମ ଦୁଇଧାଡ଼ି ଧ୍ରୁବ ବା ଘୋଷା ରୂପେ ବ୍ୟବହୃତ ହେବ ଏବଂ ପରବର୍ତ୍ତୀ ଶ୍ଳୋକ ବା ପଦଗୁଡ଼ିକ ଗାଇଲାବେଳେ ତାହାର ପୁନରାବୃତ୍ତି କରାଯାଉଥିବ । ଗୀତର ଶେଷ ପଦରେ ରଚୟିତାଙ୍କ ନାମ ଭଣିତା କରାଯାଇଥାଏ ।

କେହି କେହି ଅସମୀୟା ରାଗ-ସଂଗୀତକୁ ଶ୍ରେଣୀଭୁକ୍ତ କରିବାପାଇଁ ଏକପ୍ରକାର ଲକ୍ଷ୍ୟହୀନ ପ୍ରୟାସ କରିଛନ୍ତି; କେହି ପ୍ରବନ୍ଧ ସଂଗୀତ ସଂଗେ, କେହିବା ଧ୍ରୁପଦ ସଂଗେ ଯୋଡ଼ିବାପାଇଁ ଚେଷ୍ଟା କରିଛନ୍ତି ଓ ଆହୁରି ପୁଣି କେତେକ ଏ ସଂଗୀତ ଗୁଡ଼ିକୁ ଗୋଟିଏ ସ୍ୱତନ୍ତ୍ର ଶ୍ରେଣୀ ଭାବରେ ଗ୍ରହଣ କରିବାକୁ ଚାହାନ୍ତି । ସଂଗୀତ ଶାସ୍ତ୍ରମାନଙ୍କ ଭଳି ପ୍ରବନ୍ଧ-ଗୀତ (ଏବେ ଯାହାର ନମୁନା କ୍ୱଚିତ୍ କେଉଁଠି ମିଳିଥାଏ)ରେ ଉଦ୍‌ଗ୍ରାହ, ଧ୍ରୁବ, ମେଳାପକ, ଅନ୍ତରା ଓ ଆଭୋଗ ଭଳି ବିଭିନ୍ନ କେତେକ ଭାଗ ଅଛି । କେତେକ ସତ୍ରରେ ରାଗ ସଂଗୀତର ଆଳାପ ବା ଅନିବଦ୍ଧ ଭାଗକୁ ଉଗାର କୁହାଯାଏ । ଏହି ଉଗାରକୁ ଉଦଗ୍ରାହ ସଂଗେ ଚିହ୍ନିତ କରିବାକୁ କେତେକ ଚେଷ୍ଟା କରିଛନ୍ତି । ଏଣେ ପୁଣି "ଧ୍ରୁଂ" ଅକ୍ଷର ଗୀତର ଘୋଷାପଦ ସଂଗେ ଯୁକ୍ତ ହୋଇଥିବାରୁ ଏହାକୁ ପ୍ରବନ୍ଧର ଧ୍ରୁବ ଭାଗର ସଂକେତ ବୋଲି ଅନୁମାନ କରାଯାଏ । କିନ୍ତୁ ଏସବୁ ସମ୍ପର୍କରେ ବହୁତ କିଛି ବିଚାର କରିବାକୁ ବାକି ଅଛି । ଅନ୍ୟ ପକ୍ଷରେ ଧ୍ରୁପଦ ଗୋଷ୍ଠୀର ପ୍ରାରମ୍ଭିକ ଇତିହାସ ଆକବରଙ୍କ ସମସାମୟିକ ମାନସିଂହ ତୋମରଙ୍କ ରାଜତ୍ୱ କାଳକୁ ନିର୍ଦ୍ଦେଶ କରେ । ଏଣେ ପୁଣି ଏ ଶ୍ରେଣୀର ସଂଗୀତର କଳାଦର୍ଶ ଆସାମର

ରାଗ-ସଂଗୀତ ପ୍ରତି ପ୍ରଯୁଜ୍ୟ ହୁଏ ନାହିଁ । ହିନ୍ଦୁସ୍ଥାନୀ କିମ୍ବା କର୍ଣ୍ଣାଟକ ଶୈଳୀ ସଂଗେ ଏହାର ସମ୍ପର୍କ କେତେଦୂର ଏ ପର୍ଯ୍ୟନ୍ତ ଜଣାଯାଇନାହିଁ । ଆପାତତଃ ରାଗର ନାମଗୁଡ଼ିକ ଏ ସବୁ ଗୋଷ୍ଠୀରେ ବା ଅନ୍ତତଃ ସେଥି-ମଧ୍ୟରୁ ଦୁଇଟି ଗୋଷ୍ଠୀରେ ସମାନ । ଧନାଶ୍ରୀ ରାଗ ସମ୍ବଳିତ ବରଗୀତର ଉତ୍ତର-ଭାରତର ଭୀମପଲାସୀ ଓ ଦକ୍ଷିଣ-ଭାରତର ଆଭେରୀ ସଂଗେ ସାଦୃଶ୍ୟ ରହିଛି । ଅସମୀୟା କଲ୍ୟାଣ ଉତ୍ତରାଞ୍ଚଳର ଶୁଦ୍ଧ କଲ୍ୟାଣ ସଂଗେ ତୁଳନୀୟ; ତଥାପି ଚୂଡ଼ାନ୍ତ ବିଶ୍ଳେଷଣ ନିମନ୍ତେ ବିଶେଷଜ୍ଞଙ୍କ ଦ୍ୱାରା ଅନୁସନ୍ଧାନ ଆବଶ୍ୟକ ।

ବରଗୀତ ବା ଅଙ୍କୀୟ ଗୀତର ପୂର୍ଣ୍ଣାଙ୍ଗ ପରିବେଷଣରେ ସ୍ୱଭାବତଃ ରାଗର ଦୁଇଟି ଅଙ୍ଗ ଥାଏ । ଗୋଟିଏ ଆଳାପ ବା ଅନିବଦ୍ଧ ଏବଂ ଅନ୍ୟଟି ଗୀତ ବା ନିବଦ୍ଧ ଭାଗ । ଆଳାପକୁ ସାଧାରଣତଃ ରାଗଦିୟା (ରାଗର ମୌଳିକ ରୂପ ଅବଧାରଣ କରିବା) ବା ରାଗଟଣା (ରାଗର ସଂପ୍ରସାରଣ) କୁହାଯାଇଥାଏ । ଏହି ଆଳାପରେ ରାମ, ହରି, ଗୋବିନ୍ଦ ଭଳି ଶବ୍ଦ ବ୍ୟବହାର କରାଯାଇଥାଏ, ତାନ ବା ସ୍ୱରଗ୍ରାମବ୍ୟଞ୍ଜକ ଶବ୍ଦାଂଶ ବ୍ୟବହାର କରାଯାଏନାହିଁ । ଏଇ ଆଳାପ ସାଧାରଣତଃ ଚାରିଭାଗରେ ବିଭକ୍ତ । ଏଥିରୁ କେବଳ ତୃତୀୟ ଭାଗଟିର ନାମ ଅଛି ତୋଳନି (ସ୍ୱରକୁ ଆରୋହର ଉଚ୍ଚତର ସୀମାକୁ ଉଠାଇବା) ଏବଂ ଏତଦ୍‌ବ୍ୟତୀତ ଅନ୍ୟଭାଗମାନଙ୍କର କୌଣସି ବିଶେଷ ନାମ ନାହିଁ । ଏହି ଚାରିଭାଗକୁ ଆଳାପ ସଂଗୀତର ଚାରିଭାଗ—ଅସ୍ଥାୟୀ, ଅନ୍ତରା ସଂଚାରୀ ଓ ଆଭୋଗ ସଂଗେ ତୁଳନା କରାଯାଇ-ପାରେ । ଆଳାପ ପରେ ଆସେ ଅସଲ ଗୀତ ଏବଂ ଏଥିରେ ଏକ ନିର୍ଦ୍ଦିଷ୍ଟ ତାଳ ସଂଯୋଜିତ ହୋଇଥାଏ । ଏ ତାଳ ପୁଣି ଦୁଇଭାଗରେ ବିଭକ୍ତ । ମୂଳ ବାଜଣା ବା ଗା-ମାନ (ପ୍ରଧାନଭାଗ) ଓ ଘାତ (ତାଳର ମୁଖ୍ୟ ଢାଞ୍ଚାର ବିରାମ୍ବିତ ସଂପ୍ରସାରଣ) ସଂଗୀତ ଗାନ କରାଯିବା ସମୟରେ ଖୋଳ ବା ମୃଦଙ୍ଗ ଓ କରତାଳ ସାହାଯ୍ୟରେ ଗା-ମାନ ବାଦନ କରାଯାଏ । ଗାୟକ ପଦେ ଗାଇସାରି ପରବର୍ତ୍ତୀ ପଦ ଗାଇବା ପୂର୍ବରୁ ଯେଉଁ ସମୟ ନିଏ ସେଇ

ସମସ୍ତ ବ୍ୟବଧାନରେ ମୃଦଙ୍ଗବାଦକ ଘାତର ଜଟିଳ ତାଳ ସବୁ ବଜାଏ ।

ଭାରତୀୟ ସଂଗୀତର ଇତିହାସରେ ଅତି ଆଦିମ କାଳରୁ ସ୍ୱରତାନ ଲୟ ସଂବଳିତ ରାଗମାନଙ୍କୁ ଶାରୀରିକ ରୂପରେ ଦେଖିବାର ଚେଷ୍ଟା ହୋଇ ଆସିଛି । ରାଗମାନଙ୍କରେ ଏଇ ଦେବତ୍ୱ ଆରୋପର ପ୍ରୟାସ - ଷୋଡ଼ଶ ଶତକରେ ନିର୍ଦ୍ଦିଷ୍ଟ ରୂପରେଖ ଗ୍ରହଣ କରିଥିଲା ଓ ନିର୍ଦ୍ଦିଷ୍ଟ ଭାବରେ ଉତ୍ତର ଭାରତର ରାଗମାଳା ଆଲେଖ୍ୟ ଚିତ୍ରଣ ମାଧ୍ୟମରେ ସାଧାରଣରେ ପ୍ରଚ୍ଚରିତ ହୋଇଥିଲା । ଆସାମରେ ଆମେମାନେ ରାଗମାନଙ୍କର ଏପ୍ରକାର ପ୍ରତ୍ୟକ୍ଷ ରୂପ ରାଗ ମଳିତା (ରାଗମାନଙ୍କର ପୌରାଣିକ ଉତ୍ପତ୍ତି ସମ୍ପର୍କରେ ଲିଖିତ କ୍ଷୁଦ୍ର କବିତାବଳି)ରେ ପାଉଁ ।

ଭାରତୀୟ ସଂଗୀତଜ୍ଞମାନେ ଓ ତତ୍ତ୍ୱବିତ୍‌ମାନେ ବିଭିନ୍ନ ସ୍ୱରକୁ ଦିନର ଆଠ ପ୍ରହର ଉପରେ ପୃଥକ୍ ପୃଥକ୍ ଭାବରେ ଆରୋପିତ କରିଛନ୍ତି । କେଉଁ ରାଗ କେଉଁ ପ୍ରହର ପାଇଁ ଉଦ୍ଦିଷ୍ଟ ଏ ବିଷୟରେ କିନ୍ତୁ ମତାନୈକ୍ୟ ଦେଖାଯାଏ । ସତ୍ତ୍ର ସଂଗୀତଜ୍ଞମାନେ ମଧ୍ୟ ତାଙ୍କ ନିଜ ପନ୍ଥାରେ ରାଗମାନଙ୍କର ପ୍ରହର ନିର୍ଣ୍ଣୟ କରିଛନ୍ତି । ଉଦାହରଣସ୍ୱରୂପ ପୂର୍ବୀ ବା ପୂରବୀ ସାଧାରଣତଃ ସନ୍ଧ୍ୟାକାଳୀନ ରାଗ ବୋଲି ଜଣାଥିଲେ ହେଁ ଏ ସଙ୍ଗୀତଜ୍ଞମାନେ ତାହାକୁ ପ୍ରତ୍ୟୁଷ କାଳରେ ନିର୍ଦ୍ଦିଷ୍ଟ କରିଛନ୍ତି ।

ଅସମୀୟା ସଂଗୀତ ସମ୍ପର୍କରେ କୌଣସି ବିଧିବଦ୍ଧ ଆଲୋଚନା ଶାସ୍ତ୍ର ଏ ପର୍ଯ୍ୟନ୍ତ ମିଳିନାହିଁ । ତାଳ ସମ୍ପର୍କୀୟ ଆଲୋଚନା ସମ୍ବଳିତ 'ବାଦ୍ୟ ପ୍ରଦୀପ' ନାମକ ଖଣ୍ଡିଏ ଛନ୍ଦୋବଦ୍ଧ ପାଣ୍ଡୁଲିପି ଆବିଷ୍କୃତ ହୋଇଛି ଏବଂ ଉପସ୍ଥିତ ଲେଖକ ତହିଁର ସଂପାଦନା କରିଛନ୍ତି ।

ପ୍ରାଚୀନ ନୃତ୍ୟପରମ୍ପରା—

ଶଙ୍କରଦେବ, ଯେ କି ତାଙ୍କ ପିତା କୁସୁମବରଙ୍କୁ ଗନ୍ଧର୍ବ-ଅବତାର ବୋଲି କହନ୍ତି, ପ୍ରାଚୀନ ଭାରତୀୟ ନୃତ୍ୟକଳାର ପଦ୍ଧତିବିଶେଷର ଗୋଟିଏ ସମୃଦ୍ଧ ପରମ୍ପରା ରଖିଯାଇଛନ୍ତି । ଗୁରୁଗୋଟି ନିଖିଳ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ସଂସ୍ଥା ମଧ୍ୟରୁ ଅନ୍ୟତମ ବୋଲି ଯେଉଁ ମଣିପୁରୀ ରୀତି ସ୍ୱୀକୃତ ଲଭ

କରିଛି ତାହା ସଙ୍ଗେ ଶଙ୍କରଦେବଙ୍କ ପଦ୍ଧତିର ଅନେକ ସାଦୃଶ୍ୟ ରହିଛି । ଏହା ଯେ କେହି ଅନୁମାନ କରିବାର କଥା ଯେ ସତ୍ର ସଙ୍ଗୀତର ମଣିପୁରୀ ଉପରେ ବରଂ ପ୍ରଭାବ ପଡ଼ିଛି; କିନ୍ତୁ ମଣିପୁରୀର ସତ୍ର ସଙ୍ଗୀତ ଉପରେ ନୁହେଁ । ତାହାର କାରଣ ସତ୍ର ସ୍ୱତ ଆଗରୁ ଆତ୍ମପ୍ରକାଶ ଓ ଆତ୍ମପ୍ରତିଷ୍ଠା କରିସାରିଥିଲା; ଯେହେତୁ ମଣିପୁରର ସ୍ୱତନ୍ତ୍ର ବୈଷ୍ଣବଧର୍ମ, ଯାହା ସଙ୍ଗେ ତାଙ୍କ ଶାସ୍ତ୍ରୀୟ ନୃତ୍ୟ ସଂଯୋଜିତ, ପ୍ରତିଷ୍ଠିତ ହୋଇଥିଲା ମାତ୍ର ଅଷ୍ଟାଦଶ ଶତାବ୍ଦୀରେ । କେଉଁ ମୂଳ ଉପାଦାନ ସତ୍ର-ନୃତ୍ୟର ଉଦ୍ଭାବନରେ ସାହାଯ୍ୟ କରିଥିଲା ଜଣାନାହିଁ । ଏ ନୃତ୍ୟ ଆଧୁନିକମାନଙ୍କ ହାତରେ ସମସ୍ତ ଅବହେଳା ପାଇବା ସତ୍ତ୍ୱେ ଏବେ ମଧ୍ୟ ତାର ନିଜସ୍ୱ ବୈଶିଷ୍ଟ୍ୟ ମଧ୍ୟରେ ବଞ୍ଚାଇ ରଖିଛି—ବିବିଧ ଧରଣର ହସ୍ତମୁଦ୍ରା, ନାନା ଜଟିଳ ଓ ଦ୍ରୁତ ଧରଣର ନୃତ୍ୟ-ପ୍ରଦର୍ଶନ-ରୀତି, ବିଚିତ୍ର ପୋଷାକ ପରିଚ୍ଛଦ ଓ ନାନାପ୍ରକାରର ମୁଖା । ଏଥିରେ ରାଗ ଓ ଅନ୍ୟାନ୍ୟ ସଙ୍ଗୀତପାଇଁ ପ୍ରଧାନତଃ ବାଦ୍ୟ ହୁଏ ଖୋଳ ବା ମୃଦଙ୍ଗ । ନାନାପ୍ରକାରର ଝାଞ୍ଜ କରତାଳ ଉପରେ ନିର୍ଭର କରାଯାଏ । ନାରୀ ନର୍ତ୍ତକୀ ବା ଅଭିନେତ୍ରୀ ଏଥିରେ ଅଂଶ ଗ୍ରହଣ କରନ୍ତି ନାହିଁ, ଯେହେତୁ ସତ୍ରମାନଙ୍କରେ ମାତା-ପ୍ରଥା ନାହିଁ । ଏପରିକି ଗାଁଗଣ୍ଡାରେ ଅଭିନୟ-ମାନଙ୍କରେ ପୁରୁଷପିଲାମାନେ ନାରୀ ଭୂମିକାରେ ଅଭିନୟ କରନ୍ତି ।

ସତ୍ର-ନୃତ୍ୟ ମୁଖ୍ୟତଃ ଶଙ୍କରଦେବ ଓ ମାଧବ ଦେବଙ୍କ ଅଙ୍କ ନାଟକ-ମାନଙ୍କୁ କେନ୍ଦ୍ର କରି ଗଢ଼ି ଉଠିଥିଲା । ଏହି ସବୁ ନାଟକ ଓ ବୈଷ୍ଣବମାନଙ୍କର ଅନ୍ୟାନ୍ୟ ନାଟକ ଯାହା ସେମାନେ ଅଭିନୟ କରୁଥିଲେ ସେଥିରେ କେବଳ ନୃତ୍ୟ ଓ ଗୀତ ଛଡ଼ା ଆଉ କିଛି ନ ଥିଲା । ଅଭିନୟର ମୁଖ୍ୟ ରୂପେ ସୂତ୍ରଧାର-ସୂତ୍ରଧାରୀ, ନାୟକ ରୂପେ କୃଷ୍ଣ ବା ରାମ ଓ ନାରୀ ଭୂମିକାରେ ବୃନ୍ଦାବନ ଗୋପୀମାନେ ନୃତ୍ୟାନୁଷ୍ଠାନର ମୁଖ୍ୟ ନୃତ୍ୟ ଗୁଡ଼ିକର ପ୍ରଦର୍ଶନ କରୁଥିଲେ । ଅନ୍ୟାନ୍ୟ ଉଲ୍ଲେଖଯୋଗ୍ୟ ନୃତ୍ୟାଂଶ ଥିଲା ଯୁଦ୍ଧ ନୃତ୍ୟ ଓ ପ୍ରାରମ୍ଭିକ ସଙ୍ଗୀତର ସହଯୋଗୀ ଚେମାଳୀ ନୃତ୍ୟ (ବୋଧହୁଏ ସଂସ୍କୃତ ପୂର୍ବରଙ୍ଗର ଗୋଟିଏ କୌଶଳପୂର୍ଣ୍ଣ ଅନୁବାଦ) ।

ପଶ୍ଚିମୀୟ ଆଲେଖନ ଚିତ୍ର—

ଭାରତବର୍ଷରେ ବୈଷ୍ଣବଧର୍ମର ନବଜାଗରଣ ଯେଉଁ ସବୁ ମାର୍ଗରେ ଆତ୍ମପ୍ରକାଶ କରିଥିଲା ସେଥିମଧ୍ୟରୁ ଚିତ୍ରଣ-କଳା ଅନ୍ୟତମ । ତୁଳସୀଦାସଙ୍କ 'ରାମଚରିତମାନସ', ଜୟଦେବଙ୍କ 'ଗୀତଗୋବିନ୍ଦ' ଓ ପ୍ରାଚୀନ ଗୁଜୁରାଟୀ 'ବସନ୍ତ-ବିଳାସ' ପ୍ରଭୃତି ବୈଷ୍ଣବ ଓ ଅନ୍ୟ ଗ୍ରନ୍ଥମାନଙ୍କୁ ମଣ୍ଡନ କରିବା ପାଇଁ ଚିତ୍ରଶିଳ୍ପୀମାନଙ୍କୁ ନିୟୋଜିତ କରାଯାଇଥିଲା । ଚିତ୍ରକାରମାନେ କୃଷ୍ଣ ଓ ରାଧାଙ୍କ ଗୁପ୍ତ ପ୍ରଣୟ ଭଳି ବିଷୟବସ୍ତୁ ଉପରେ ବହୁତ ଚିତ୍ର ଅଙ୍କନ କରୁଥିଲେ । ଭାଗବତ ପୁରାଣକୁ, ତାହା ମୂଳ ସଂସ୍କୃତ ହେଉ, ସଟୀକ ସଂସ୍କରଣ ବା ଅନୁବାଦ ହେଉ, ଭାରତର ବିଭିନ୍ନ ପ୍ରାନ୍ତରେ ଚିତ୍ରମଣ୍ଡିତ କରାଯାଉଥିଲା । ୧୬୪୮ ଖ୍ରୀଷ୍ଟାବ୍ଦରେ ଉଦୟପୁର ନଗରରେ ଭାବାର୍ଥ-ଦୀପିକା ସଂଯୋଜିତ ଏହି ପୁରାଣର ଏକ ବହୁଳଭାବେ-ଚିତ୍ରିତ-ପାଣ୍ଡୁଲିପି ପ୍ରସ୍ତୁତ କରାଯାଇଥିଲା । ଉକ୍ତ ସଚିତ୍ର ଗ୍ରନ୍ଥ ପୁନାର ଓରିଏଣ୍ଟାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ ସଂରକ୍ଷିତ ହୋଇ ରହିଛି । ସେହି ଅନୁଷ୍ଠାନରେ ପୁଣି ସୁନ୍ଦର ଚିତ୍ରମଣ୍ଡିତ ୧୯୦୧ ସମ୍ବତ୍‌ରେ ପାର୍ଶୀରେ ଲିଖିତ ଏହି ପୁରାଣର ଖଣ୍ଡିଏ ସଂକ୍ଷିପ୍ତ ଗଦ୍ୟ ପାଣ୍ଡୁଲିପି ରହିଛି । ସମଗ୍ର ପୁରାଣର ସର୍ବାଧିକ ଚିତ୍ତାକର୍ଷକ ଭାଗ ଦଶମ ସ୍କନ୍ଧକୁ ଚିତ୍ରଶିଳ୍ପୀମାନେ ଚିତ୍ରଣ କରିବା ପାଇଁ ବିଶେଷ ଆଗ୍ରହ ପ୍ରଦର୍ଶନ କରୁଥିଲେ । ସପ୍ତଦଶ ଶତାବ୍ଦୀର କ୍ଷୁଦ୍ର ଚିତ୍ରଦ୍ୱାରା ଅଲଙ୍କୃତ ଖଣ୍ଡିଏ ଗୁଜରାଟୀ ପଦ୍ୟାନୁବାଦ ଏବଂ ୨୦୦ କ୍ଷୁଦ୍ର ଚିତ୍ର ଓ ପ୍ରାଚୀନ ଗୁଜୁରାଟୀ ଟୀକା-ସମ୍ବଳିତ ଏହି ସ୍କନ୍ଧର ଆଉ ଖଣ୍ଡିଏ (୧୬୧୧ ଖ୍ରୀ:) ପୋଥି ମିଳିଛି (ନ୍ୟୁ ଇଣ୍ଡିଆନ୍ ଏଣ୍ଟିକ୍ୱେରି-୧, ୪) ।

ଆସାମରେ ମଧ୍ୟ ବୈଷ୍ଣବଗୋସ୍ୱାମୀଦ୍ୱାରା ଧର୍ମଗ୍ରନ୍ଥମାନଙ୍କୁ ଘଟଣା-ବ୍ୟଞ୍ଜକ କ୍ଷୁଦ୍ର ଚିତ୍ରଦ୍ୱାରା ଅଲଂକୃତ କରିବା ପ୍ରଥାର ସୂତ୍ରପାତ ହୋଇଥିଲା । ଶଙ୍କରଦେବ ନିଜେ ଜଣେ ଚିତ୍ରଶିଳ୍ପୀ ଥିବାର ବିଶ୍ୱାସ କରାଯାଏ । ଗୋଟିଏ ଘଟଣାରେ ସେ ତୁଳାପଟ ବା ତୁଳାତୁଳାର କାଗଜନିର୍ମିତ ସିନ୍ ବା ଦୃଶ୍ୟ-ପଟରେ ସପ୍ତ-ବୈକୁଣ୍ଠ ଚିତ୍ରଣ କରିଥିବାର କଥିତ ହୋଇଅଛି । ଆଉ ଏକ

ଘଟଣାରେ ସେ ସିନ୍ଦୂର ଓ ହରତାଳରେ (ହଳଦିଆ ରଙ୍ଗର ବିଷାକ୍ତ ପଦାର୍ଥ) ଗୋଟିଏ ହାତର ଚିତ୍ର ନିର୍ମାଣ କରି ତାହାକୁ ଗୋଟିଏ କାଠର ପୋଥି ରଖିବା ପେଡ଼ି ଉପରେ ଛପାଇ ତାଙ୍କର ପୃଷ୍ଠପୋଷକ ରାଜା ନର-ନାରାୟଣଙ୍କୁ ଉପହାର ଦେଇଥିଲେ । ଏହାଛଡ଼ା ଆହୁରି ମଧ୍ୟ ସେ କୃଷ୍ଣଙ୍କର ବୃନ୍ଦାବନ ଲୀଳାର ଦୃଶ୍ୟାବଳୀ ସହ ଗୋଟିଏ ୧୮୦ ଫୁଟ୍ ଲମ୍ବର ଲୁଗା ବୁଣାଇଥିଲେ, ଯହିଁରେ ପ୍ରତ୍ୟେକଟି କ୍ଷୁଦ୍ର ଛବିର ଶୀର୍ଷକ ଲିପିବଦ୍ଧ ହୋଇଥିଲା । ବର୍ଦୋବା ଗୋଷ୍ଠୀର ବାଲିସତ୍ରରୁ ମିଳିଥିବା ଶଙ୍କରଦେବଙ୍କ ଦ୍ୱାରା ଅନୁବାଦିତ ଭାଗବତ ପୁରାଣ ଦଶମ ସ୍କନ୍ଧର ପ୍ରଥମାର୍ଦ୍ଧ ସମ୍ବଳିତ ଯେଉଁ ପୁସ୍ତକଖଣ୍ଡି ମିଳିଥିଲା, ତହିଁରେ ଥିବା ଚିତ୍ରଗୁଡ଼ିକର ପ୍ରତିଲିପି ଭାଗବତର ସାପ୍ତାହିକ ସଂସ୍କରଣ 'ଚିତ୍ର-ଭାଗବତ'ରେ ପୁନର୍ମୁଦ୍ରଣ କରାଯାଇଛି । ମୂଳ-ପୋଥିଟିରେ ୧୪୬୧ ଶକାବ୍ଦ ବା ୧୫୩୯ ଖ୍ରୀଷ୍ଟାବ୍ଦ ଏହାର ଲିଖନକାଳ ବୋଲି ଯାହା ଉଲ୍ଲେଖ କରାଯାଇଛି, ତାହା କିନ୍ତୁ ଅସମ୍ଭବ ମନେହୁଏ । ଯଥାର୍ଥରେ ପୋଥି ଲେଖାର ସମୟ ସପ୍ତଦଶ ଶତାବ୍ଦୀର ଶେଷ ଆଡ଼କୁ ବୋଲି ଧରାଯାଇପାରେ । ଚିତ୍ରଗୁଡ଼ିକର ଶିଳ୍ପ-କୌଶଳ ଓ ଚିତ୍ରଣ ପରିପାଟୀରେ ସର୍ବଭାରତୀୟ ମୁଦ୍ରା ସ୍ପଷ୍ଟ ପରିଲକ୍ଷିତ ହୁଏ, ଯଦିବା କେଉଁଠି କିପରି ସ୍ଥାନୀୟ ଦେଶୀୟର ବା ଦେଶପ୍ରଚଳିତ ରୀତିର ସ୍ପର୍ଶ ରହିଛି, ଯାହାକି ସ୍ୱାଭାବିକ ବୋଲି ଧରିନିଆଯାଇପାରେ । ଏଠାରେ କେତେକ ପରିମାଣରେ ଦେଶପ୍ରଚଳିତ ପ୍ରଥା ଓ ଶୈଳୀ ପ୍ରୟୋଜନ କଳାକୁ ସୀମିତ କରିଦେବାରେ ଦାୟୀ ହୋଇଛି । ଚିତ୍ରରେ ମୂର୍ତ୍ତିଗୁଡ଼ିକର ମୁଖଚିତ୍ର ଅଧିକାଂଶସ୍ଥଳେ ଗୋଟିଏ ପାଖରେ ଗୋଟିଏ ମାତ୍ର ରେଖାଦ୍ୱାରା ଅଙ୍କିତ ହୋଇଛି । ଶରୀର-ଗଠନତତ୍ତ୍ୱପ୍ରତି ବିଶେଷ ଦୃଷ୍ଟି ଦିଆଯାଇନାହିଁ; ଶରୀର ଓ ମୁଖର ଭାବାଭିବ୍ୟକ୍ତି କ୍ୱଚିତ୍ ସ୍ପଷ୍ଟ ହୋଇଛି । ସଙ୍ଗୀତ ଓ ନୃତ୍ୟ ଅନୁଷ୍ଠାନର ଦୃଶ୍ୟସମୂହର ଚିତ୍ରଣଗୁଡ଼ିକ ଚମତ୍କାର ହୋଇଛି । ସେଥିରେ ମୂର୍ତ୍ତିଗୁଡ଼ିକର ଛନ୍ଦୋଲାସ୍ୟ ଏବଂ ହସ୍ତ ବା ମୁଦ୍ରା ପ୍ରକଟିତ ହୋଇଛି । ଗୋଷ୍ଠୀବଦ୍ଧ ଗତି କ୍ରିୟାଶୀଳ ଭଙ୍ଗୀରେ ଚିତ୍ରିତ ହୋଇଅଛି ।

ସ୍ଥାନବିଶେଷର ପ୍ରାକୃତିକ ବା ଅନ୍ୟ କୌଣସି ପରିପ୍ରେକ୍ଷିତର ପୃଷ୍ଠଭୂମି ଚିତ୍ରଣ ପାଇଁ କ୍ୱଚିତ୍ ଚେଷ୍ଟା ହୋଇଛି କିମ୍ବା ଆଦୌ ଚେଷ୍ଟା ହୋଇନାହିଁ । ଦୃଶ୍ୟଗୁଡ଼ିକର ପୂର୍ବାପର କ୍ରମ ବିଚାର ନକରି ସବୁଯାକ ଚିତ୍ର ବୈଚିତ୍ର୍ୟହୀନ ଭାବରେ ଏକାଠି ଗୋଟିଏ ଭୂମି ଉପରେ 'ଅର୍ଦ୍ଧବୃତ୍ତାକାର' ବା ବଙ୍କାଟଙ୍କା ଘରମାନଙ୍କ ଭିତରେ ଖଞ୍ଜି ଦିଆଯାଇଛି । ବୃକ୍ଷ, ନଦୀ ଓ ହ୍ରଦର ଚିତ୍ରଣର ଢଙ୍ଗ ପାରମ୍ପରିକ ହୋଇଛି । ପର୍ବତଗୁଡ଼ିକ ଭୂ-ବିଜ୍ଞାନର ଛକକଟା ଚିତ୍ରପରି ପରିଦୃଶ୍ୟ ହୁଏ । ଡକ୍ଟର ମୋତିଚନ୍ଦ୍ରଙ୍କ ମତରେ ଶରୀର ଅଙ୍କନରେ କୌଣିକ ଗାତ୍ର, ମତ୍ସ୍ୟାକାର ଚକ୍ଷୁ, ଅର୍ଦ୍ଧ-ବୃତ୍ତାକାର ଭ୍ରୂଲତା, ତୀକ୍ଷ୍ଣ ନାସା, କ୍ରମନିମ୍ନ କପାଳର ଅଙ୍କନ ପ୍ରଣାଳୀ ଗୋଟିଏ ପ୍ରାଚୀନ ପରମ୍ପରାର ସାକ୍ଷ୍ୟ ଦିଏ; କିନ୍ତୁ ଏତଦ୍‌ବ୍ୟତୀତ ଏ ଚିତ୍ର-ଗୁଡ଼ିକରେ ପରିଲକ୍ଷିତ ଗୀତିମୟ ରେଖାଙ୍କନ କୌଶଳ, ସରଳ ରୂପ-ରଚନା, ନାଟକୀୟ ଅଭିବ୍ୟକ୍ତି ଓ ଉଜ୍ଜ୍ୱଳ ବର୍ଣ୍ଣବିଳାସ ଭାଗବତର ଚିତ୍ରଗୁଡ଼ିକୁ ଏପରି ଏକ ମନୋହାରିତ୍ୱ ପ୍ରଦାନ କରିଅଛି, ଯଦ୍ଦ୍ୱାରା ଉଦୟପୁର କିମ୍ବା ଅନ୍ୟାନ୍ୟ ସ୍ଥାନରୁ ମିଳୁଥିବା ଭାଗବତ-ଚିତ୍ରଣଠାରୁ ତାହାର ବୈଶିଷ୍ଟ୍ୟ ପ୍ରତିପାଦିତ ହେଉଛି ।

ଯଥାର୍ଥଭାବରେ କୁହାଯାଇପାରେ ଯେ, ଏ ଚିତ୍ରଗୁଡ଼ିକ କୌଣସି ସତ୍ରରେ ଏବଂ ଖୁବ୍ ସମ୍ଭବ ବାଲସତ୍ରରେ, ଯେଉଁଠାରେ କି ମୂଳ ପାଣ୍ଡୁଲିପି ସଂରକ୍ଷିତ ରହିଥିଲା, ନିର୍ମିତ ହୋଇଥିଲା । ଶ୍ରୀଧର ଭାଷ୍ୟ ସମ୍ବଳିତ ଖଣ୍ଡିଏ ମୂଳ ପୁରାଣ ନଓଗାଁ କରଚୁଙ୍ଗ ସତ୍ରରେ ଅଛି, ଯହିଁରେ ପୃଷ୍ଠାର ପାର୍ଶ୍ୱ-ସ୍ଥାନ ଚିତ୍ରିତ କରାଯାଇଛି । ନାମ୍ବାମରା ସତ୍ରର ନିତ୍ୟାନନ୍ଦ କାୟସ୍ଥଙ୍କ (୧୭୪୪-୫୦) ଦ୍ୱାରା ରଚିତ ଶ୍ରୀଭାଗବତ ମତ୍ସ୍ୟ ଚରିତର ଖଣ୍ଡିଏ ପୋଥି ଦଙ୍ଗଜାସ୍ୱ ସତ୍ରରୁ ମିଳିଛି, ଯହିଁରେ କାଷ୍ଠନିର୍ମିତ ପ୍ରଚ୍ଛଦପଟ ଓ କେତେକ ପରିଶିଷ୍ଟ ପତ୍ରରେ ବିଷ୍ଣୁଙ୍କର ଦଶ ଅବତାର ଓ ଅନ୍ୟାନ୍ୟ କେତେକ ମୂର୍ତ୍ତିର ଚିତ୍ର ଦିଆଯାଇଛି । ରାମାନନ୍ଦ କାୟସ୍ଥଙ୍କ 'କୁମାର-ହରଣ'ର ଖଣ୍ଡେ ପୋଥି ବାରେଦର ସତ୍ରରେ ରଖାଯାଇଛି । ଏଥିରୁ

ଦେଖାଯିବ ଯେ ଅସମୀୟା ବୈଷ୍ଣବଧର୍ମ ତାହାର ଗୋଟିଏ ନିଜସ୍ୱ ଚିତ୍ରକଳା ପରମ୍ପରାର ବିକାଶ ଘଟାଇଥିଲା, ଯାହାକି ପରବର୍ତ୍ତୀ କାଳରେ ୧୭ଶ ଓ ୧୮ଶ ଶତାବ୍ଦୀର କୋଚ୍ ରାଜାମାନଙ୍କ ପୃଷ୍ଠପୋଷକତା ଲାଭକରିଥିଲା ।

କେତେକ ସତ୍ର ରେ ଭିତ୍ତି-ଚିତ୍ର ଓ ସୁନ୍ଦର କାଠ-ଖୋଦାଇ ଦେଖିବାକୁ ମିଳେ, ଯହିଁରେ ଲୋକ-କଳାର ଉପାଦାନ ରହିଛି । ବରପେଟା ସତ୍ର ର ଛାଳିପଡ଼ିଥିବା କୀର୍ତ୍ତନ-ଗୃହ ଧର୍ମଗ୍ରନ୍ଥବର୍ଣ୍ଣିତ ଦୃଶ୍ୟମାନଙ୍କର ସୁନ୍ଦର ସୁନ୍ଦର ଖୋଦନ ଓ ଚିତ୍ରଣମଣ୍ଡିତ କାଠ ପ୍ୟାନେଲମାନଙ୍କ ଦ୍ୱାରା ସୁଶୋଭିତ ହୋଇଥିଲା । ବରପେଟାରେ ହସ୍ତୀଦନ୍ତଖୋଦନ ମଧ୍ୟ ବିକାଶ ଲାଭ କରିଥିଲା । କାଷ୍ଠନିର୍ମିତ ସ୍ତମ୍ଭ, ସ୍ତମ୍ଭ ଫଳକ, ବ୍ୟାସାସନ, ନୈବେଦ୍ୟ ବାଢ଼ିବା ଥାଳ (ସରାଇ) ଓ ନୌକାମାନଙ୍କୁ ମଧ୍ୟ ଚିତ୍ର ମଣ୍ଡିତ କରାଯାଉଥିଲା ।

ଏହିପରି ବୈଷ୍ଣବୀୟ ନବଅଭ୍ୟୁଦୟ ଆସାମର ପରିମାର୍ଜିତ ଓ ବିକାଶ-ପ୍ରାପ୍ତ ଜୀବନଧାରାର ସମସ୍ତ କ୍ଷେତ୍ରକୁ ପରିବ୍ୟାପ୍ତ ହୋଇଥିଲା ଓ ସେଗୁଡ଼ିକୁ ସମୃଦ୍ଧ କରିଥିଲା । ଅଧିକନ୍ତୁ ଏହି ଅଭ୍ୟୁତ୍ଥାନର ନବଯୁଗ ମହାନ୍ ଭାରତ-ବର୍ଷର ଏହି ଅଂଶକୁ ଏକତାବଦ୍ଧ ଓ ଗୌରବମଣ୍ଡିତ କରିବାର ପ୍ରାଣ-ଶକ୍ତି ମଧ୍ୟ ଆଣିଦେଇଥିଲା ।

୯

ଉପସଂହାର

ଉପସଂହାରରେ ମୋ ନିଜ କଥାରୁ ଉଦ୍ଧୃତ ଦେଇ କହିବି—"ଶଙ୍କରଦେବଙ୍କ ଉଦାର ପ୍ରଭାବ ଅସମୀୟା ଲୋକମାନଙ୍କର ସାଂସ୍କୃତିକ ଜୀବନର ସମସ୍ତ କ୍ଷେତ୍ରରେ ଗତ କେତେ ଶତାବ୍ଦୀ ଧରି ଅନୁଭୂତ ହୋଇଆସୁଛି । ସହସ୍ର ସହସ୍ର ଭକ୍ତ ଏବେ ସୁଦ୍ଧା ତାଙ୍କ ପ୍ରିୟତମ ଶିଷ୍ୟ ମାଧବଦେବଙ୍କ ଦ୍ୱାରା ନିମ୍ନୋକ୍ତ ବର୍ଣ୍ଣନାନୁସରଣରେ ଗୁରୁଦେବଙ୍କର ପ୍ରଭାମଣ୍ଡିତ ଅଲୌକିକ ସୌମ୍ୟ ମୂର୍ତ୍ତିକୁ ପ୍ରତିଦିନ ଧ୍ୟାନନେତ୍ରରେ ଦର୍ଶନ କରିଥାଆନ୍ତି—

"ତାଙ୍କର ସୌମ୍ୟଦର୍ଶନ ମୂର୍ତ୍ତି ସର୍ବାଙ୍ଗ ଶୁଭ୍ର ଏବଂ ସୂର୍ଯ୍ୟପ୍ରଭ ଆଭା-ମଣ୍ଡିତ । ସମ୍ମେଳନମାନଙ୍କରେ ତାଙ୍କର ଲୋକାଭିରାମ ଦୃଷ୍ଟି ଯେପରି ସକଳ କଳୁଷ ଧ୍ୱଂସ କରିବାକୁ ସକ୍ଷମ ବୋଧ ହୋଇଥାଏ । ବିନା ଭୂଷଣରେ ସେ ସ୍ୱଭାବ-ସୁନ୍ଦର, ପୁଣି ଗମ୍ଭୀର, ପ୍ରଶାନ୍ତ ଏବଂ ପ୍ରାଜ୍ଞ । ତାଙ୍କ ପଦ୍ମନେତ୍ର ସୁବିଶାଳ ଏବଂ ଅତିମାତ୍ରାରେ ଆକର୍ଷଣୀୟ । ତାଙ୍କର ରୂପକାନ୍ତି ଚନ୍ଦ୍ରାଲୋକ ସଦୃଶ । ଗତି ଗଜଗମନ ପରି ସୁନ୍ଦର ଏବଂ ସ୍ୱର ବଜ୍ରଧ୍ୱନି ପରି ଗମ୍ଭୀର ।

"ଉପରୋକ୍ତ ରୂପ-ଚିତ୍ରଣ କେତେକାଂଶରେ ଅତି-ଅନୁରାଗୀ ହୋଇଥିଲେ ହେଁ ବାସ୍ତବତାଠାରୁ ବିଶେଷ ଦୂରବର୍ତ୍ତୀ ହୋଇ ନ ଥିବ । ଜୀବନୀ-ଲେଖକମାନେ ମଧ୍ୟ ଶଙ୍କରଦେବଙ୍କର ମଧୁର ରୂପଶ୍ରୀ ସମ୍ପର୍କରେ ଏକସ୍ୱରରେ କହିଛନ୍ତି । ଚମତ୍କାର ସ୍ୱାସ୍ଥ୍ୟ ଓ ଶାରୀରିକ ଶକ୍ତିରେ ସେ ସଦା ଉତ୍ଫୁଲ୍ଲ ରହୁଥିଲେ ଏବଂ ଅସାଧାରଣ ବୟସ ୧୨୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିରହିଥିଲେ । ବାଲ୍ୟକାଳରେ ସେ ବ୍ରହ୍ମପୁତ୍ର ନଦୀକୁ ସନ୍ତରଣଦ୍ୱାରା ପାରହୋଇ ପୁଣି ଫେରିଆସିଥିଲେ । ଯୌବନରେ ଶଙ୍କରଦେବ ଗୋଟିଏ ଅରଣା ଷଣ୍ଢକୁ ଶିଙ୍ଗ ଧରି କଚାଡ଼ି ଦେଇଥିଲେ । ହାତରେ ପୋଥିପତ୍ର ଧରି ସେ ଦୁଇଜଣ କଛାରୀ ସୈନ୍ୟଙ୍କୁ ଫିଙ୍ଗିଦେଇ ଆଉ ଦଳେ ଅନୁଧାବନକାରୀ ସୈନ୍ୟଙ୍କ ଆଗରେ ଦୌଡ଼ି ପଳାଇଥିଲେ । ତାଙ୍କର ଉଚ୍ଚତା ଅସାଧାରଣ ଥିଲା ।

ତାଙ୍କର ତେଜୋଦୀପ୍ତ ବ୍ୟକ୍ତିତ୍ୱ ଏପରି ଥିଲା ଯେ, ଶକ୍ତିଶାଳୀ ଯୁବକ ମାଧବଦେବ, ଯେ କି ସନ୍ଥଙ୍କ ଆଗରେ ନିଜକୁ ନ୍ୟୂନ ନ କରିବାପାଇଁ ସଂକଳ୍ପବଦ୍ଧ ହୋଇଥିଲେ, ପ୍ରଥମ ଦର୍ଶନରେ ହିଁ ନିସ୍ତେଜ ହୋଇପଡ଼ିଲେ ଏବଂ ସଙ୍ଗେ ସଙ୍ଗେ ତାଙ୍କ ପାଦତଳେ ପଡ଼ିଗଲେ । ନରନାରାୟଣ ପ୍ରଥମରୁ ଶତ୍ରୁଭାବାପନ୍ନ ଥାଇ ମଧ୍ୟ ପ୍ରଥମ ସାକ୍ଷାତ୍‌ରୁ ଶଙ୍କରଦେବଙ୍କୁ ଶୁଭଦୃଷ୍ଟିରେ ଦେଖିଲେ ।

"ଶଙ୍କରଦେବଙ୍କ ଜ୍ଞାନର ପ୍ରଖରତା ଓ ଉତ୍କର୍ଷ ତାଙ୍କ ଶାରୀରିକ ଶକ୍ତି ଓ ସୌନ୍ଦର୍ଯ୍ୟର ଅନୁରୂପ ଥିଲା । ସେ ଜଣେ ସର୍ବଶାସ୍ତ୍ରଦର୍ଶୀ ପ୍ରତିଭାବାନ୍ ବ୍ୟକ୍ତି ଥିଲେ ଏବଂ ତାଙ୍କ ମଧ୍ୟରେ ଅନେକ ଅଦ୍ଭୁତ ଗୁଣର ସମନ୍ୱୟ ଘଟିଥିଲା । ସେ ଏକାଧାରରେ ଥିଲେ ଜଣେ ଶାସକ (ଶିରୋମଣି ଭୂୟାଁ ଭାବରେ ଏବଂ ପରେ କୋଚ ରାଜାଙ୍କର ଗୋମାସ୍ତା ଭାବରେ), ସମାଜ-ସଂସ୍କାରକ, କବି, ନାଟ୍ୟକାର, ଚିତ୍ରଶିଳ୍ପୀ, ସଙ୍ଗୀତଜ୍ଞ ଏବଂ ନୃତ୍ୟ-ନାଟକର ଅଭିନେତା । ତାଙ୍କର ଅଧ୍ୟୟନ ବ୍ୟାପକ ଓ ଗଭୀର ଥିଲା ଏବଂ ଜ୍ଞାନ ଧାରଣଶକ୍ତି ଦୃଢ଼ ଓ ନିରଳସ ଥିଲା । ଧର୍ମ ସମ୍ପର୍କୀୟ ବିତର୍କରେ ସେ ପ୍ରତିପକ୍ଷକୁ ନିଷ୍ଠାତ୍ମକ ଓ ପ୍ରବର୍ତ୍ତନାମୂଳକ ତର୍କଦ୍ୱାରା ପରାଜିତ କରୁଥିଲେ । ଅନେକ ସମୟରେ ବିପକ୍ଷମାନେ ଯେଉଁ ଯୁକ୍ତିମାନ ତାଙ୍କସହ ଯୁକ୍ତିରେ ଉପସ୍ଥାପିତ କରୁଥିଲେ, ସେ ତାକୁ ହିଁ ନିଜ ସପକ୍ଷରେ ବ୍ୟବହାରରେ ଲଗାଉଥିଲେ ଏବଂ ଏହାଦ୍ୱାରା ପ୍ରତିପକ୍ଷମାନେ ଆପେ ଆପେ ତାଙ୍କ ସିଦ୍ଧାନ୍ତକୁ ଢଳିପଡ଼ୁଥିଲେ । ତୀବ୍ର ବିରୋଧର ସମ୍ମୁଖୀନ ହୋଇ ନିଜ ଧର୍ମମତକୁ ଦୃଢ଼ ଭିତ୍ତି ଉପରେ ସ୍ଥାପନ କରିବା ପଥରେ ତାଙ୍କର ସାଂଗଠନିକ ଦକ୍ଷତା ସ୍ୱତଃ ବିକଶିତ ହୋଇଉଠିଥିଲା । ମାଧବଦେବଙ୍କ ବର୍ଣ୍ଣନାମତେ ଯଦିଓ ସେ ଧର୍ମ-ବିରୋଧୀମାନଙ୍କ ପକ୍ଷରେ ଆତଙ୍କର କାରଣ ଥିଲେ ତାଙ୍କଠାରେ ଏପରି ଏକ ଚିତ୍ତାକର୍ଷକ ବ୍ୟକ୍ତିତ୍ୱ ଥିଲା ଯେ, ସେ ଛଦ୍ୱାର ପାଖରେ ଥିବା ଲୋକମାନଙ୍କୁ ମୁଗ୍ଧ ଓ ସନ୍ତୁଷ୍ଟ କରିପାରୁଥିଲେ । ସେ ଜଣେ ସ୍ୱୀ ଥାଇ, ନିଜକୁ ଏବଂ ନିଜର ଯାହା କିଛି ଥିଲା, ସବୁ

ଭଗବାନଙ୍କୁ ଅର୍ପଣ କରିଦେଇଥିଲେ ଏବଂ ସଂସାରର ସକଳ ଆନନ୍ଦ ଓ ସକଳ ଦୁଃଖରୁ ନିଜକୁ ଅଲଗା ରଖିଥିଲେ । ତାଙ୍କ ଦୁଃଖ-ସୁଖ ଅନୁଗାମୀମାନଙ୍କ ଦୁଃଖ-ସୁଖ ଉପରେ ନିର୍ଭର କରୁଥିଲା । ଶିଷ୍ୟମାନଙ୍କ ସହିତ ନିସ୍ପୃହ ଭାବରେ ଭକ୍ତିଚର୍ଚ୍ଚାରେ ତାଙ୍କର ଆନନ୍ଦ ନିହିତ ଥିଲା । ସର୍ବଦା ଗ୍ରନ୍ଥ ରଚନାର ଓ ଧର୍ମ, ଦର୍ଶନ ସମ୍ପର୍କୀୟ ଆଲୋଚନାରେ ବ୍ୟସ୍ତ ରହୁଥିଲେ ମଧ୍ଯ ସେ ହାସ୍ୟ ପରିହାସରୁ ବଞ୍ଚିତ ନ ଥିଲେ । ତାଙ୍କ ବର୍ଣ୍ଣନା ଭିତରେ, ନାଟକ ରଚନାରେ ଓ ସାଧାରଣ ଆଳାପ ଭିତରେ ଏ ରସିକତା ଫୁଟିଉଠୁଥିଲା ।

"ଶଙ୍କରଦେବ ପ୍ରେମଧର୍ମର ବାର୍ତ୍ତା ତାଙ୍କ ଲୋକମାନଙ୍କ ନିକଟରେ ଆଣି ପହଞ୍ଚାଇଥିଲେ । ସେ ଉଗ୍ର ରକ୍ଷଣଶୀଳତାର ଅତ୍ୟାଗ୍ରହରୁ ସାଧାରଣ ମନୁଷ୍ୟର ଆତ୍ମାକୁ ମୁକ୍ତି ଦେଇଥିଲେ ଏବଂ ପ୍ରତ୍ୟେକ ବ୍ୟକ୍ତିକୁ ନିର୍ଦ୍ଦେଶ କରୁଥିଲେ—'ନିର୍ମଳ ନିଷ୍କପଟ ହୃଦୟରେ ଡାକ, ଭଗବାନ ନିଶ୍ଚୟ ଶୁଣିବେ ।' ତାଙ୍କର ଧର୍ମ ସମ୍ପର୍କୀୟ କାର୍ଯ୍ୟକଳାପ ଗୋଟିଏ ଋଦ୍ଧିମନ୍ତ ଓ ବୈଚିତ୍ର୍ୟପୂର୍ଣ୍ଣ ସଂସ୍କୃତି ଓ ସାହିତ୍ୟର ବିକାଶ ପାଇଁ ମୂଳଦୁଆ ପକାଇଥିଲା । ସାଧାରଣ ଲୋକ, ଯେଉଁମାନେ ଉପତ୍ୟକା ପଶ୍ଚାଦ୍‌ବର୍ତ୍ତୀ ବନସ୍ତ ଭିତରେ ବା ପର୍ବତ ଉପରେ ବାସ କରନ୍ତି, ସେମାନେ ଏବେ ଉଚ୍ଚ ଜାତିମାନଙ୍କ ନାକଟେକାରୁ ମୁକ୍ତି ପାଇ ସରଳୀକୃତ ଗଣତାନ୍ତ୍ରିକ ହିନ୍ଦୁ ଧର୍ମକୁ ଆଦରିଲେ । ଏ ନୂଆ ଧର୍ମକୁ ତାନ୍ତ୍ରିକ ଧର୍ମର ବିକୃତ ରୂପ ଓ ବେଳେ ବେଳେ ଭୟଙ୍କର ରୂପ ସଙ୍ଗେ ଯୁଦ୍ଧ କରିବାକୁ ପଡ଼ିଥିଲା । ହେଲେହେଁ ଶଙ୍କରଦେବଙ୍କ ଜୀବନ କାଳ ମଧ୍ୟରେ ହିଁ ତାଙ୍କ ଧର୍ମ ଦୃଢ଼ ଆସ୍ଥାନ ଜମାଇପାରିଥିଲା ।

"ମହାତ୍ମା ଶଙ୍କରଦେବଙ୍କ ଆନ୍ଦୋଳନ ଏହିପ୍ରକାରେ ଜୀବନର ଗୋଟିଏ ନୂତନ ଓ ଅର୍ଥପୂର୍ଣ୍ଣ ଆଭିମୁଖ୍ୟ ଏବଂ ସାମାଜିକ ଚଳଣି ଉପରେ ସୁସ୍ପଷ୍ଟ ଭାବରେ ଗୋଟିଏ ମଙ୍ଗଳମୟ ପ୍ରଭାବ ସୃଷ୍ଟି କରିଥିଲା । ଏ ଆନ୍ଦୋଳନ ସଙ୍ଗୀତ ଓ ଚିତ୍ରକଳା ଭଳି ସାହିତ୍ୟ ଓ ସ୍ଥାପତ୍ୟକଳାର ପୁନର୍ଜାଗରଣର ଗତିକୁ ତ୍ୱରାନ୍ୱିତ କରାଇଥିଲା । ଧର୍ମୀୟ ସ୍ୱୈରଚାରିତାର ଅନୁଗତ ଦାସ ଭାବରେ ନୁହେଁ, ବ୍ୟକ୍ତିଗତ ଧର୍ମ-ସାଧନାର, ମନୁଷ୍ୟର ବ୍ୟକ୍ତିସତ୍ତାର ମହତ୍ତ୍ୱ

ପରିପୋଷିତ ହୋଇଥିଲା । ଆସାମ ଜନକୁ ପୁଣ୍ୟଭୂମି ଭାରତବର୍ଷର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଅବଧାରଣ କରିପାରିଲେ ଏବଂ ସେ ଅବସ୍ଥାରରେ ଗୌରବ ଅନୁଭବ କଲେ । ସଂସ୍କୃତ ଧର୍ମଗ୍ରନ୍ଥମାନ 'ଆଉ ଗୋଟିଏ ଜାତଗୋଷ୍ଠୀ ହାତରେ, ସାଧାରଣ ଜନତାର ଦୃଷ୍ଟି ଅନ୍ତରାଳରେ, ଗୋପନସ୍ଥ ହୋଇ ରହିଲା ନାହିଁ । ଧର୍ମତତ୍ତ୍ୱ ଓ ଦର୍ଶନକୁ ବୋଧଗମ୍ୟ କରିବା ପାଇଁ ଦେଶପ୍ରଚଳିତ ଭାଷାର ବ୍ୟବହାର ହିଁ ଗୁପ୍ତ ଧର୍ମମତର ତତ୍କାଳୀନ ଅଭିଭାବକମାନଙ୍କ ପ୍ରତି ଗୋଟିଏ ଆହ୍ୱାନରୂପ କାର୍ଯ୍ୟ କଲା । ସେମାନେ ଏ ଦୁଃସଂଦେହ ଆହ୍ୱାନର ଗୁରୁତ୍ୱ ବୁଝିଲେ ଓ ବହୁ ପ୍ରତିବାଦ କଲେ । ନୂତନ ମାନବବାଦ ଅସଂଖ୍ୟ ରକ୍ତବଳି, ନରବଳି ଓ ହୀନ ସମାଜର ସେତେବେଳର ତଳଣିରେ ଥିବା ଉଗ୍ର ନୈଷ୍ଠିକବାଦ ଅତଳକୁ ବହୁଧା ବହିଷ୍କୃତ କେଶରେ ଦୂରିଲା । ଅସମୀୟା ଭଳି ଗୋଟିଏ ଅର୍ଦ୍ଧ ଭାରତୀୟ ଭାଷା, ଯାହାକି ଏତେ ଦିନ ତିବ୍ବତ-ବର୍ମା ମହାସମୁଦ୍ର ମଧ୍ୟରେ ଗୋଟିଏ ଟାପୁଭଳି ରହିଥିଲା, ତାହାକୁ ନୂତନ ବୈଷ୍ଣବଧର୍ମ ପ୍ରଚାରର ମାଧ୍ୟମରୂପେ ବ୍ୟବହାର କରାଯିବାରୁ ତାହା ସେ ପ୍ରାନ୍ତର ସମସ୍ତ ଲୋକଙ୍କ ସାଧାରଣ ଭାଷାରୂପେ ଆତ୍ମପ୍ରକାଶ କଲା । ପ୍ରାଚୀନ କାମରୂପ ରାଜ୍ୟ ବର୍ତ୍ତମାନର ବହୁତ ପରିବର୍ତ୍ତନ ଭିତର ଦେଇ ଗତି କରୁଥିଲା ଏବଂ ଏକ ରାଜନୈତିକ ଓ ସାମାଜିକ ଅବଲମ୍ବନ ଲାଭ କରୁଥିଲା, ଯାହାକି ଶଙ୍କରଦେବଙ୍କ ପ୍ରବର୍ତ୍ତିତ ସାଂସ୍କୃତିକ ଆନ୍ଦୋଳନ କାଳରେ ଏଥିପାଇଁ ଏକ ଯଥାର୍ଥ ଅବକାଶ ଲାଭ କରିଥିଲା । ଫଳରେ ଗୋଟିଏ ସଂଗଠିତ ରାଜ୍ୟ ଭାବରେ ଆଧୁନିକ ଆସାମର ପ୍ରଥମ ସମ୍ଭାବନା ସେତେବେଳେ ଦେଖାଦେଇଥିଲା ।"*

**Sankaradeva and His Times, Gauhati University, 1964, pp. 121-22, 378.*

ସଂଗୀତ ଓ କବିତା ସଂଗ୍ରହ

ନାରାୟଣ, କାହେ ଭକତି କରୁ ତେରା (୧)

(ରାଗ—ଧନଶ୍ରୀ)

ନାରାୟଣ, କାହେ ଭକତି କରୁ ତେରା ।”
ମେର ପାମର ମନ ମାଧବ ଘନେ ଘନ
ଘାରୁକ ପାପ ନାଗ୍ରେଡ଼ା ।। ଧ୍ରୁବ ।।
ଯତ ଜୀବ ଜଙ୍ଗମ କୀଟ ପତଙ୍ଗମ
ଅଗ ଜଗ ନଗ ତେରି କାୟା ।।
ସବକହୁ ମାରି ପୂରତ ଓହ୍ନ ଉଦର
ନାହ୍ନ ନରତ ଭୂତ-ଦାୟା ।।
ଈଶ-ସ୍ୱରୂପେ ହରି ସବ ଘଟେ ବୈଠହ
ଜୈସନ ଗଗନ ବ୍ୟାପି ।
ନନ୍ଦାବାଦ ପୈଶୁନ୍ୟ ହିଂସା ହରି
ତେରି କରହୁ ହାମୁ ପାପୀ ।।
କାକୁ ଶଂକର କର କରହୁ କରୁଣା ନାଥ
ଜୋନୋ ଶ୍ରୁରହୁ ରାମ-ବାଣୀ ।
ସବ ଅପରାଧକ ବାଧକ ରୁବା ନାମ
ତାହେ ଶରଣ ଲେହୁ ଜାନ ।।

*

(୧) ଏହା ଗୋଟିଏ ବରଗୀତ ଏବଂ ତାଙ୍କର ପ୍ରଥମ ପୁତ୍ର ହେବାର ସମ୍ବାଦ ପାଇ ସେ ରଚନା କରିଥିଲେ ।

ହେ ନାରାୟଣ, ମୁଁ କିପରି ତୁମକୁ ଭକ୍ତି କରିବି ?
ହେ ମାଧବ, ମୋର ମନ୍ଦମତି ବାରମ୍ବାର ଘାତକ
ହେବାକୁ ଯାଉଛି ।
ଏବଂ ଏହା ପାପବୃତ୍ତି ତ୍ୟାଗ କରୁନାହିଁ ।
ବିଚରଣଶୀଳ ସକଳ ଜୀବ, କୀଟପତଙ୍ଗ,
ସମସ୍ତ ସ୍ଥିତିଶୀଳ ଉଦ୍ଭିଦ ଓ ପର୍ବତଶ୍ରେଣୀ ଏବଂ
ସାମଗ୍ରିକ ଭାବରେ ଏ ପୃଥିବୀ ତୁମର ଶରୀର ଅଟେ ।
କିନ୍ତୁ ସମସ୍ତ ଜୀବଜନ୍ତୁଙ୍କୁ ଗିଳି ମୁଁ ମୋର ଉଦର ପୂରଣ କରୁଛି;
ମୁଁ ସେମାନଙ୍କ ପ୍ରତି ଦୟା କରୁନାହିଁ ।
ହେ ହରି, ଈଶ୍ୱର ରୂପରେ ତୁମେ ସକଳ ଘଟରେ ବାସ କରୁଛ ।
ପୁଣି ତୁମେ ଆକାଶବ୍ୟାପୀ ରହିଛ (୧) ।
ମୁଁ ପାପୀ ତୁମକୁ କଟୁବଚନ ପ୍ରୟୋଗ କରୁଛି
ଓ ହିଂସା କରୁଛି ।
ଶଙ୍କରର ଏହା ହିଁ ନିବେଦନ,
ହେ କରୁଣା ନାଥ,
ମୁଁ ଯେପରି ରାମଙ୍କ ପବିତ୍ର ନାମକୁ ନଭୁଲେ ।
ତୁମ ନାମ ସବୁ ଅପରାଧ ନାଶକାରୀ
ଏବଂ ଏଥିପାଇଁ
ମୁଁ ତୁମଠାରେ ଶରଣ ପଶୁଛି ॥

(୧) ଆତ୍ମନ୍ ଅର୍ଥାତ୍ ପରମାତ୍ମାଙ୍କୁ ଅନନ୍ତ ବ୍ରହ୍ମାଣ୍ଡ ମହାଶୂନ୍ୟ (ମହାକାଶ) ସଙ୍ଗେ ଓ ଜୀବ ବା ବ୍ୟକ୍ତିଗତ ଜୀବାତ୍ମାକୁ ଘଟ ମଧ୍ୟରେ ଆବଦ୍ଧ ସେହି ମହାକାଶ ସଙ୍ଗେ ତୁଳନାକରାଯାଇଛି ।

ପାର୍ଥେ ପର ହର, କରୁହେ। କାତର (୧)

(ରାଗ—କେଦାର)

ପାର୍ଥେ ପର ହର କରୁହେ। କାତର ପ୍ରାଣ ରାଖିବ ମୋର ?
ବିଷୟ-ବିଷଧର-ବିଷେ ଜରଜର, ଜୀବନ ନାରହେ ଥୋର ॥ ଧ୍ରୁ ॥

ଅଥିର ଧନ ଜନ ଜୀବନ ଯୌବନ
ଅଥିର ଏହୁ ସଂସାର ।
ପୁତ୍ର ପରିବାର ସବହୁ ଅସାର
କରବୋ କାହେର ସାର ॥
କମଳ-ଦଳ-ଜଳ ଚିତ୍ତ ଚଞ୍ଚଳ
ଥିର ନୋହେ ତିଲ ଏକ ।
ନାହି ଭୟ ଭବ ଭ୍ରେଗେ ହରି ହରି
ପରମପଦ ପରତେକ ॥
କହତୁ ଶଙ୍କର ଏ ଦୁଖ-ସାଗର
ପାର କର ହୃଷୀକେଶ ।
ତୁହୁ ଗତି ମତି ଦେହୁ ଶ୍ରୀ-ପତି
ତତ୍ତ୍ୱ-ମନ୍ତ୍ର ଉପଦେଶ ॥

✻

ହେ ମୋର ପ୍ରଭୁ, ତୁମ୍ଭ ପାଦତଳେ ପଡ଼ି ଅନୁତାପ-ଦଗ୍ଧ ହୃଦୟର ସହିତ ପ୍ରାର୍ଥନା କରୁଛି, ମୋ ଆତ୍ମାକୁ ରକ୍ଷାକର, ମୋ ଜୀବନ ସଂସାର-ଜଞ୍ଜାଳ-ରୂପକ ବିଷଧର ସର୍ପର ବିଷରେ ଶେଷ ହେବା ଉପରେ ।

(୧) ଏହା ଗୋଟିଏ ବରଗୀତ ।

ଏ ପୃଥିବୀ ପୃଷ୍ଠରେ ସମସ୍ତ ଅସ୍ଥାୟୀ ଏବଂ ଅସ୍ଥିର ।
ଧନ ଆତ୍ମୀୟ ସ୍ୱଜନ, ଜୀବନ, ଯୌବନ, ନିଜେ ପୃଥିବୀ ମଧ୍ୟ—
ପୁତ୍ର ପରିବାର ସମସ୍ତ ତ ଅସ୍ଥିର, କାହା ଉପରେ ମୁଁ ବିଶ୍ୱାସ କରିବ ?
ନଳିନୀ ଦଳଗତ ଜଳବିନ୍ଦୁ ବତ୍ ଅର୍ଥାତ୍ ପଦ୍ମପତ୍ରରେ ପାଣି ଟୋପାପରି
ମନ ମୋର ଚଞ୍ଚଳ ।
ଏହାର ସ୍ଥିରତା ନାହିଁ ।
ଆପଣଙ୍କର କରୁଣାରେ ଲେଶମାତ୍ର ଅନିଶ୍ଚୟତା ନାହିଁ,
ତେଣୁ ଭୟର କାରଣ ନାହିଁ ।
ଆପଣଙ୍କ ପଦଚ୍ଛାୟା ତଳେ—
ମୁଁ, ଶଙ୍କର ପ୍ରାର୍ଥନା କରୁଛୁ, ହେ ହୃଷୀକେଶ, ହେ ମୋ ହୃଦୟ ନିବାସୀ,
ଏ ଦୁଃଖମୟ ସଂସାରରୁ ମୋତେ ମୁକ୍ତ ଲାଭ କରିବାର ବାଟ ଦେଖାଅ ।
ମୋର ହୃଦୟକୁ ତୁମର ଅଭିମୁଖୀ କର । ମୋତେ ତୁମ ପାଖକୁ ନିଅ ।
ହେ ସକଳ କରୁଣା ଓ କଲ୍ୟାଣର ପ୍ରଭୁ,
ମୋତେ ପ୍ରସନ୍ନ ହୋଇ ଦିଅ ସତ୍ୟ, ସତ୍‌ମାର୍ଗ
ଏବଂ ସଦୟ ନିର୍ଦ୍ଦେଶ
ତୁମେ ମୋର ମନ, ତୁମେ ମୋର ଭାଗ୍ୟ,
ତୁମେ ମୋର ଧର୍ମୋପଦେଶକ ।
ଶଙ୍କର କହୁଛୁ, ଦୁଃଖର ସଂସାର ପାରହେବାକୁ
ମୋତେ ପଥ ଦେଖାଅ ।

ସୋଇ ସୋଇ ଠାକୁର ମୋଇ (୧)

(ରାଗ—ଗୌଣ୍ଡ)

ସୋଇ ସୋଇ ଠାକୁର ମୋଇ ଜୋ ହରି ପରକାଶା ।
ନାମ ଧରତ ରୂପ ସୁରତ ତାକେର ହାମୁ ଦାସା ।।ଧ୍ରୁ।।

ପଣ୍ଡିତେ ପଢ଼େ ଶାସ୍ତ୍ର ମାତ୍ର ସାର ଭକତେ ଲୟେ ।
ଅନ୍ତରଜଲ ଫୁଟୟ କମଲ ମଧୁ ମଧୁକରେ ପିୟେ ।।
ଜାହେ ଭକତ ତାହେ ମୁକତ ଭକତେ ଏ ତତ୍ତ୍ୱ ଜାନା ।
ଜୈସେ ବଣିକ ଚନ୍ଦ୍ରାମଣିକ ଜାନୟା ଗୁଣ ବଖାନା ।।
କୃଷ୍ଣ-କିଙ୍କର ଶଙ୍କର କହ ଭଜ ଗୋବିନ୍ଦକ ପାୟ ।
ସୋହ ପଣ୍ଡିତ ସୋହ ମଣ୍ଡିତ ଜୋ ହରି-ଗୁଣ ଗାୟ ।।

❊

ସେହି, ସେହି କେବଳ ମୋର ପ୍ରଭୁ
ଯେ ହରି ଗୁଣ ଗାଏ ।

ମୁଁ କେବଳ ତାହାର ଦାସ—
ଯେ ବିଭୁ ନାମ ଗାନ କରେ
ଏବଂ ବିଭୁ ରୂପ ଧ୍ୟାନ କରେ ।

(୧) ଏହା ଗୋଟିଏ ବରଗୀତ ।

ପଣ୍ଡିତ ଶାସ୍ତ୍ର ଅଧ୍ୟୟନ କରନ୍ତି,
କିନ୍ତୁ ଭକ୍ତ ଏହାର ସାର ଗ୍ରହଣ କରେ,
ଠିକ୍ ଯେପରି ଜଳ ପଦ୍ମକୁ ଫୁଟାଏ ଓ ନିଜ ଉପରେ
ଭସାଇ ରଖେ,
କିନ୍ତୁ ଭ୍ରମର ତାହାର ମଧୁ ପାନକରେ ।
ଭକ୍ତି ଯହିଁ ମୁକ୍ତି ତହିଁ—
ଭକ୍ତ ହିଁ କେବଳ ଏ ସତ୍ୟ ଜାଣେ ।
ଯେପରି ଚନ୍ଦ୍ରକ୍ଷ୍ମ ବଣିକ ହିଁ କେବଳ
ଚନ୍ଦ୍ରାମଣିକୁ ଚହ୍ନେ ଓ ତାହାର ଗୁଣ ବଖାଣେ ।
କୃଷ୍ଣ-କିଙ୍କର ଶଙ୍କର କହୁଚି
ଗୋବିନ୍ଦ ପାଦରେ ତୁମର ପ୍ରେମ ଅର୍ପଣ କର;
କାରଣ ସେଇ ହିଁ ପଣ୍ଡିତ ସେଇ ସମ୍ମାନିତ—
ଯେ ହରି-ମହିମା କୀର୍ତ୍ତନ କରେ ।

ଓଜା ଯୋକା ପନ୍ଥ ନହେରି (୧)

(ରାଗ—ଧନାଶ୍ରୀ)

ଓଜା, ଯୋକା ପନ୍ଥ ନାହେରି ।
କୋଟି କରମ କାଇ ହରିକୋ ନାହି ପାଇ
ପରଲ ଭବ ବେରି ବେରି ॥ ଧ୍ରୁ ॥
ତପ ଜପ ତୀରଥ କରସି ଗୟା କାଶୀ ବାସି ବୟସ ଗଁବାଇ,
ଜ୍ଞାନ ଯୋଗ ସୁଗୁତ ମତ ମୋହିତ ବନ ଭକତ ଗତି ନାଇ ॥

(୧) ଏହା ଗୋଟିଏ ବରଗୀତ ।

ରାମ ନାମ ମହି ନିଖିଲ ପୁଣ୍ୟ ରହି ଓହି ନିଗମ-ତତ୍ତ୍ୱ ବାଣୀ
କଳିକୋ ପରମ ଧରମ ହରି-ନାମ ପଢ଼ି ପୁନୁ ମରମ ନଜାନି ॥
କୃଷ୍ଣ-କିଙ୍କର କହି କ୍ଷଣିକ ଦେହାରହି ନରତନୁ ପୁନୁହି ନପାଇ
କରମ-ଗରବ ସବ ଦୂର କରି ହରିଚରଣ ଚିନ୍ତ ଚଉ ଲାଇ ॥

*

ହେ ପଣ୍ଡିତ, ସୋଜା ପଥ ଦେଖୁନାହଁ କାହିଁକି ?
କୋଟି କର୍ମ କରି ହରିଙ୍କୁ ତ ପାଇଲ ନାହିଁ !

ବାରମ୍ବାର ପୁନର୍ଜନ୍ମ ଚକ୍ରରେ ପଡ଼ିଲ
ତମେ ମନ୍ତ୍ର ଜପ କରିଛ, ତପସ୍ୟା କରିଛ,
ତୀର୍ଥ ଦର୍ଶନ ମଧ୍ୟ କରିଛ,
ଏବଂ ଗୟା, କାଶୀରେ ବୟସ କଟାଇଛ,
ଯୋଗ ଓ ତର୍କଶାସ୍ତ୍ର ଆୟୁତ୍ତ କରିଛ ।

ତଥାପି ମତି ତୁମର ମୋହାଚ୍ଛନ୍ନ,
ଯେହେତୁ ଭକ୍ତି ବିନା ମୁକ୍ତି ନାହିଁ ।
ରାମ ନାମ ମଧ୍ୟରେ ନିଖିଳ ପୁଣ୍ୟ ନିହିତ
ଏହା ହିଁ ନିଖିଳ ଧର୍ମଶାସ୍ତ୍ରର ତତ୍ତ୍ୱବାଣୀ ।

କଳିଯୁଗରେ ହରିନାମ ହିଁ ପରମ ଧର୍ମ
ତମେ ଏହା ପଢ଼ିଛ
ତଥାପି ଏହାର ମର୍ମ ବୁଝିନାହଁ ।

ଏହି କୃଷ୍ଣ-ଦାସ କହୁଛି
ଏ ଦେହ ମୁହୂର୍ତ୍ତିକେ ଟଳିପଡ଼ିବ ।
ଆଉ ଥରେ ନର ଶରୀର ମିଳିବ ନାହିଁ ।
କର୍ମକର୍ମିଣି ଅନୁଷ୍ଠାନର ଗର୍ବ ଦୂର କରି
ସମସ୍ତ ଚିତ୍ତ ନିବିଷ୍ଟ କରି
ହରି ଚରଣ ଧ୍ୟାନରେ ।

ହେରହୁ ମାଇ, ଚଲଲି ବିପିନେ ମଧାଇ (୧)

(ରାଗ—ଧନଶ୍ରୀ)

ହେରହୁ ମାଇ, ଚଲଲି ବିପିନେ ମଧାଇ ।
ବେଣୁ ବିଷାଣ ନିସାନେ ଆବତ
ହରଷେ ହରଷେ ଧେନୁ ଧାଇ ॥ ଧ୍ରୁବ ॥
ଓହି ଜଗମୋହନ କହ୍ନେ ଦଧି-ଓଦନ
ଗୋ-ଧନ ଆଗୁ ବୁଲାଇ ।
ବଂକିମ ନୟନ ସରୋରୁହ ହାସି
ହେରଇତେ ଭୁବନ ଭୁଲାଇ ॥
ମଦନ-ଦମନ-ରୂପ ପେଖି ପୁଲୁ ପୁଲୁ
ମୁରୁଛି ପରସ୍ତ ସୁରନାରୀ
ସୋହି ଜଗଜୀବ-ବିୟୋଗ ଅବ ସହବ
କୈସନ ଚିତ୍ତ ହମାରି ॥

(୧) ଏହା ଗୋଟିଏ ବରଗୀତ ।

ହରି-ବିରହାନଳ-ଆକୁଳ ଗୋପିନୀ
ଦରଶନ ଦିବସେ ନପାଇ ।
ହରି-ଗୁଣ କହି ହରି ପ୍ରେମେ ଝୁରୟ ନୀର
ଶଙ୍କର ଏହୁ ରସ ଗାଇ ॥

❊

ଗୋ ଜନନୀ, ମାଧବ ବଣକୁ ଚାଲିଲେ
ଶିଙ୍ଗା ଓ ବେଣୁ ବଜାଇ ।
ଚାହିଁ ଦେଖ ଆସୁଛନ୍ତି ସେ
ଗୋରୁମାନେ ଆନନ୍ଦରେ ତାଙ୍କ ସଙ୍ଗେ ଚାଲିଛନ୍ତି ।

ଏହି ଯେ ବିଶ୍ୱ ଆନନ୍ଦଦାତା
କାନ୍ଧରେ ଦଧି ଓ ଅନ୍ନର ଭାର ବହିଛନ୍ତି,
ଏବଂ ଗୋରୁମାନଙ୍କୁ ଆଗରେ ଓଡ଼ାଉଛନ୍ତି ।

ତାଙ୍କର ଭ୍ରୁକୁଟି କୁଟିଳ ପଦ୍ମନୟନରେ ବଙ୍କିମ ହାସ
ଦେଖି ନିଖିଳ ଜଗତ ବିମୋହିତ ହେଉଛି ।

ତାଙ୍କ ମଦନ-ଦର୍ପ-ଗଞ୍ଜନ ରୂପଶ୍ରୀ ବାରମ୍ବାର ଦେଖି,
ନଗରର ନାରୀମାନେ ମୂର୍ଚ୍ଛାଗତ ହୋଇପଡ଼ନ୍ତି ।

ସେହି ଜଗଜ୍ଜୀବନଙ୍କର ବିରହକୁ ଆମ୍ଭମାନଙ୍କର
ହୃଦୟ କିପରି ସହିବ ?

୭

ଗୋପୀମାନେ ବନଯାକ କୃଷ୍ଣଙ୍କୁ ନଦେଖି
ହରିବିରହାନଳରେ ଆକୁଳ ହୋଇପଡ଼ିଛନ୍ତି ।
ହରି ଗୁଣ-ଗାନରେ ମଗ୍ନ ରହି
ଅବିରଳ ପ୍ରେମ ଅଶ୍ରୁ ସେମାନଙ୍କ ନେତ୍ରରୁ ଝରୁଛି ।
ଶଙ୍କର ଏ ରସ ଗାନକରୁଛି ।

କହ ରେ ଉଦ୍ଧବ, କହ ପ୍ରାଣେର ବାନ୍ଧବ ହେ (୧)

(ରାଗ—ତୁର ବସନ୍ତ)

କହ ରେ ଉଦ୍ଧବ କହ ପ୍ରାଣେର ବାନ୍ଧବ ହେ ପ୍ରାଣକୃଷ୍ଣ କବେ ଆବେ ।
ପୁଛୟେ ଗୋପୀ ପ୍ରେମ-ଆକୁଳ-ଭାବେ ନାହି ଚେତନ ଗାବେ ।।ଧ୍ରୁବ।।
ବାଛୁରି-ଧ୍ୱନି ସୁନି ଗୋବତ୍ସ ପେଖି
ଲଗେ ଆଗି ଗାବେ ଉଦ୍ଧବ ସଖି ।।
କାଳିନ୍ଦୀ ଦେଖି ସଖି ଫୁଟୟେ ବୁକ ।
ଏଥାୟେ ଖେଲାଇଛିଲ ସେ ଗୃନ୍ଦମୁଖ ।।
ହରିଲ ନୟନ-ସୁଖ ।।

---

(୧) ଏ ସଙ୍ଗୀତରେ ତଥା ଅନ୍ୟ ସଙ୍ଗୀତମାନଙ୍କରେ ମାଧବ, ହରି ପ୍ରଭୃତି ନାମ କୃଷ୍ଣ ଅର୍ଥରେ ନିର୍ବିଶେଷ ଭାବରେ ପ୍ରଯୁକ୍ତ ହୋଇଛି । ବ୍ରଜର ଗୋପନାରୀମାନେ ଯେଉଁମାନେ କୃଷ୍ଣଙ୍କ ପ୍ରତି ଅତ୍ୟନ୍ତ ଆସକ୍ତ ଥିଲେ ଏବଂ ତନ୍ମୟ ହୋଇପଡ଼ିଥିଲେ, କୃଷ୍ଣ ଅକସ୍ମାତ ଭାବରେ ସେମାନଙ୍କୁ ଛାଡ଼ି ଚାଲିଯିବାରୁ ସେମାନେ ବ୍ୟଥିତ ହୋଇପଡ଼ିଛନ୍ତି । ସେମାନେ ମଥୁରାଠାରୁ ବ୍ରଜକୁ ଆସିଥିବା କୃଷ୍ଣଙ୍କର ଦୂତ ଉଦ୍ଧବଙ୍କୁ ଭେଟୁଛନ୍ତି ।

ବୃନ୍ଦାବନ ବୈରି ହାମାର ଭେଲ ।
ପେଖିତେ ନାହିଁରେ ଗୋପାଳ-କେଲି ।
ଧ୍ୱଜ ବଜ୍ର ଯବ ଅଙ୍କୁଶ ଚିହ୍ନ ।
ତଥାୟେ କାନ୍ଦୋ ହାମୁ ଲୋଟାୟା କାୟ ॥
ଗୁଣ-ଗୋବିନ୍ଦ ଗାଇ ॥

କୃଷ୍ଣ-ସୂର୍ଯ୍ୟ ବିନେ ବ୍ରଜ ଆନ୍ଧାର ।
ନେଦେଖୌଁ ଏ ଦୁଖ-ଅବଧି-ପାର ॥
ଆର କି ପେଖବୋ ଗୋପାଳ-ପ୍ରାଣ ।
କୃଷ୍ଣ-କିଙ୍କର ଶଙ୍କର ଭଣ ॥
ହରବୋ ହୃଦୟେ ଜାନ ॥

*

ହେ ଉଦ୍ଧବ, ହେ ପ୍ରାଣବାନ୍ଧବ, ଆମମାନଙ୍କୁ କହ
ଆମମାନଙ୍କର ପ୍ରାଣରୂପୀ କୃଷ୍ଣ କେବେ ଆସିବେ ?
ପ୍ରେମାକୁଳ ଭାବରେ ଚେତନାଶୂନ୍ୟ ଶରୀରରେ
ଗୋପୀମାନେ ପଡ଼ିରହିଛନ୍ତି ।
ବଂଶୀନାଦ ଶୁଣି ଗୋବତ୍ସଗଣଙ୍କୁ ଦେଖିଲେ, ଉଦ୍ଧବ,
ହେ ବନ୍ଧୁ, ଶରୀରରେ ନିଆଁ ଜଳଉଠେ ।
କାଳିନ୍ଦୀକୁ ଦେଖି ହେ ବନ୍ଧୁ,
ବୁକୁ ଫାଟିଯାଏ ।
ଏଇଠି ଏଇ କାଳିନ୍ଦୀ ପୁଳିନରେ ସେ ଚନ୍ଦ୍ରମାମୁଖ ଯେ ଖେଳୁଥିଲା ।
ସେଇ ନେତ୍ରାନନ୍ଦ ପ୍ରତିମା ଅପହୃତ ହୋଇଗଲା ।

ବୃନ୍ଦାବନ ଆଜ ଆମର ଶତ୍ରୁ ହୋଇଛି ।
ସବୁବେଳେ ତାକୁ ଆଖି ଆଗରେ ଦେଖି—
ଆମେମାନେ ଗୋପାଳ-କେଳି ଭୁଲିପାରୁନାହୁଁ ।
ଏଇଠି ଆମେ ମାଟି ଉପରେ ଧ୍ୱଜ, ବଜ୍ର, ଯବ ଓ ଅଙ୍କୁଶ ଚିହ୍ନ ଦେଖି,
(୧)

ତା ଉପରେ ପଡ଼ି ଗଡ଼ି କାନ୍ଦୁଛୁ—
ଗୋବିନ୍ଦ ଗୁଣ ଗାଇ ।

କୃଷ୍ଣ-ସୂର୍ଯ୍ୟ ବିନେ ବ୍ରଜ ଅନ୍ଧାର
ନ ଦେଖୁ ଏ ଦୁଃଖ ଅବଧି ପାର ।
ଆଉ କି ଦେଖିବୁ ପ୍ରାଣ-ଗୋପାଳ ?
କୃଷ୍ଣ-କିଙ୍କର ଶଙ୍କର ଭଣଇ,
ହରିଙ୍କୁ ହୃଦୟେ ଖାଳ ।

ନମୋ ନମୋ ମାଧବ, ବଧିର ବଧିଦାତା (୨)

ନମୋ ନମୋ ମାଧବ ବଧିର ବଧି-ଦାତା ।
ତୁମି ଜଗତର ଗତି ମତି ପିତା ମାତା ॥
ତୁମି ପରମାତ୍ମା ଜଗତର ଈଶ ଏକ ।
ଏକୋ ବସ୍ତୁ ନାହିକେ ତୋମାତ ବ୍ୟତିରେକ ॥

---

(୧) ବୈଷ୍ଣବସମ୍ପ୍ରଦାୟରେ ଯେ କୃଷ୍ଣଙ୍କ ତଳପାଦରେ ଧ୍ୱଜ (ପତାକା), ବଜ୍ର (ଇନ୍ଦ୍ରଙ୍କ ଆୟୁଧ), ଯବ (ଯବ ଶସ୍ୟକଣା), ପଦ୍ମ ଓ ଅଙ୍କୁଶ (ହସ୍ତୀ ଚଳାଇବା ଅସ୍ତ୍ରବିଶେଷ)—ଏହି ୫ଟି ମଙ୍ଗଳମୟ ଚିହ୍ନ ଅଙ୍କିତ ।
(୨) ଏହା ଶିବଙ୍କର କୃଷ୍ଣଙ୍କୁ ପ୍ରାର୍ଥନା । କୀର୍ତ୍ତନଘୋଷାର "ହରମୋହନ" (ଶିବଙ୍କର ସମ୍ମୋହନ) ପଦ୍ୟରୁ ଗୃହୀତ ।

ତୁମି କାର୍ଯ୍ୟ କାରଣ ସମସ୍ତେ ଚରାଚର ।
ସୁବର୍ଣ୍ଣ କୁଣ୍ଡଳେ ଯେନ ନାହିକେ ଅନ୍ତର ॥
ତୁମି ପଶୁ ପକ୍ଷୀ ସୁରାସୁର ତରୁ ତୃଣ ।
ଅଜ୍ଞାନତାଂ ମୂଢ଼ ଜନେ ଦେଖେ ଭିନାଭିନ ॥
ତୋମାରେ‌ସେ ମାୟାୟେ ମୋହିତ ସର୍ବକ୍ଷଣେ ।
ତୁମି ଆତ୍ମା ତୋମାକ ନଜାନେ ଏକୋ ଜନେ ॥
ସମସ୍ତେ ଭୂତର ତୁମି ଆଛା ହୃଦସ୍ଥିତ ।
ତତ୍ତ୍ୱ ନପାଇ ତୋମାକ ବିଚୃରେ ବାହିରତ ॥
ତୁମିସେ କେବଲେ ସତ୍ୟ ମିଥ୍ୟା ସବେ ଆନ ।
ଜ୍ଞାନି ଜ୍ଞାନୀଗଣେ କରେ ହୃଦସ୍ଥିତ ଧ୍ୟାନ ॥
ନବାଞ୍ଛୋହୋ ସୁଖ ଭୋଗ ନମାଗୋ ମୁକୁତି ।
ତୋମାର ଚରଣେ ମାତ୍ର ଥାକୋକ ଭକତି ॥
ମୁଖେ ଲୌକ ନାମ ମୋର କର୍ଣେ ତବ କଥା ।
ହୃଦସ୍ଥିତ ପାଦପଦ୍ମ ଥାକୋକ ସର୍ବଥା ॥
ସଜ୍ଜନର ସଙ୍ଗ ନୁଗୁଚୈକ ସର୍ବକ୍ଷଣେ ।
ଏତେକ ପ୍ରସାଦ ମାଗୋଂ ତୋମାର ଚରଣେ ॥

✻

ନମୋ ନମୋ ପ୍ରଭୁ ହେ ବିଶ୍ୱର ବିଶ୍ୱଦାତା ।
ତୁମେ ଜଗତର ଗତି, ମତି, ପିତାମାତା ॥
ତୁମେ ପରମାତ୍ମା ଜଗତର ଈଶ ଏକ ।
ନାହିଁ ଅନ୍ୟ କିଛୁ ସତ୍ୟ ତୁମ ବ୍ୟତିରେକ ॥
ତୁମେ କାର୍ଯ୍ୟ କାରଣ ସକଳ ଚରାଚର ।
କୁଣ୍ଡଳେ ବର୍ଣ୍ଣସୁ ଯଥା ନଥାଏ ଅନ୍ତର ॥

ତୁମେ ପଶୁପକ୍ଷୀ ସୁରାସୁର ତରୁ ତୃଣ,
ଅଜ୍ଞାନତଃ ମୂଢ଼ଜନ ଦେଖେ ଭିନ୍ନାଭିନ୍ନ ॥
ତୁମର ମାୟାରେ ମୋହିତ ସର୍ବକ୍ଷଣେ ।
ତୁମେ ଯେ ତାହାର ଆତ୍ମା ନଜାଣଇ ଜଣେ ॥
ସବୁର ଅନ୍ତରେ ତୁମେ କରଅଛ ଘର,
ତତ୍ତ୍ୱ ନପାଇ ତୁମ୍ଭଙ୍କୁ ଖୋଜୁଛୁ ବାହାର ॥
ତୁମ୍ଭେହିଁ କେବଳ ସତ୍ୟ, ମିଥ୍ୟା ସବୁ ଆନ ।
ଜାଣି ଜ୍ଞାନୀଗଣ କରନ୍ତି ହୃଦୟେ ଧ୍ୟାନ ॥
ନ ବାଞ୍ଛଇ ସୁଖଭୋଗ ନମାଗେ ମୁକତ ।
ତୁମର ଚରଣେ ମାତ୍ର ଆଶ୍ରୁ ହେ ଭକତ ॥
ମୁଖେ ତବ ନାମ, ମୋର କର୍ଣ୍ଣେ ତବ କଥା ।
ହୃଦେ ତବ ପାଦପଦ୍ମ ରହୁ ଯେ ସର୍ବଥା ॥
ସଜ୍ଜନର ସଙ୍ଗ ମିଳୁଥାଉ ସର୍ବକ୍ଷଣେ ।
ଏତେକ ପ୍ରସାଦ ମାଗେ ତୁମର ଚରଣେ ॥

କୈତ ପାଇବୋ ପ୍ରାଣ-ଗୋପାଲ ଆମି (୧)

ଘୋଷା—କୈତ ପାଇବୋ ପ୍ରାଣ-ଗୋପାଲ ଆମି ।
ହରାଇଲ ଅରୁଣଲୋଚନ ସ୍ୱାମୀ ॥

---

(୧) ଏହା କୀର୍ତ୍ତନ-ଘୋଷାର ରାସକ୍ରୀଡ଼ା ବର୍ଣ୍ଣନାରୁ ଗୃହୀତ । ବ୍ରଜ ଗୋପାଙ୍ଗନାମାନେ କୌଣସି ଏକ ରାକାରଜନୀରେ ବୃନ୍ଦାବନରେ କୃଷ୍ଣଙ୍କୁ ବେଷ୍ଟନ କରି ରହନ୍ତି ତାଙ୍କ ପ୍ରେମ-ଲାଭ ଆକାଙ୍କ୍ଷାରେ ମାତ୍ର କୃଷ୍ଣ ସେମାନଙ୍କ ଗର୍ବ ଭାବ ଦେଖି ହଠାତ୍ ବନ ମଧ୍ୟରେ ଅନ୍ତର୍ଦ୍ଧାନ ହୋଇଯାଆନ୍ତି । ତେଣୁ ଗୋପୀମାନେ କୃଷ୍ଣ-ପ୍ରେମରେ ସେମାନଙ୍କର ଗର୍ବଭାବକୁ ବାହୁନ ବିଳାପ କରୁଛନ୍ତି ।

ପଦ— ଉଚ୍ଚ ବୃକ୍ଷ ଦେଖି ସୋଧେ ସାଦର ।
ଶୁଣନ୍ତୋ ଅଶ୍ୱତ୍ଥ ବଟ ପାକଡ଼ ॥
ଯାହାନ୍ତେ ଦେଖିଲ ନନ୍ଦ-କୁମାର ।
ନେଲ୍ତ ଚୁରି କରି ଚତ୍ତ ଆମାର ॥

ହେ କୁରୁବକ ଅଶୋକ ଚମ୍ପା ।
କହନ୍ତୋ କଥା କରି ଅନୁକମ୍ପା ॥
ମାନନୀର ଦର୍ପ କରିୟା ଚୂର ।
ନଜାନୋ କୃଷ୍ଣ ଯାନ୍ତ କତ ଦୂର ॥

ଅବା ତୁଳସୀ ସମିଧାନ ଧନ୍ୟା ।
ତୁମି ଗୋବନ୍ଦର ଚରଣ-ପ୍ରିୟା ॥
ଯାହାନ୍ତେ ଦେଖିଲ ନନ୍ଦ-କୁମାର ।
ପ୍ରାଣତୋ ଅଧିକ ପ୍ରିୟ ଆମାର ॥

ହେ ଜାଇ ଯୂଥି ସଖୀ ମାଲତୀ ।
କୃଷ୍ଣ-ପରଶେ କି ଲଭିଲ ଗତ ॥
ସମସ୍ତେ ଗୋପୀର ଜୀବନ-ଧନ ।
ଦେଖିଲ ଯାହାନ୍ତେ ନନ୍ଦନନ୍ଦନ ॥

ହେ ଆମ ଜାମୁ ବେଲ ବକୁଳ ।
ନାହି ଉପକାରୀ ତୋମାର ତୁଲ ॥
କୃଷ୍ଣର ବିରହେ ଦେଖୋ ଆନ୍ଧାର ।
କବା କୈକ ଗେଲ ପ୍ରାଣ ଆମାର ॥

କାନୋ ତପ ଅବା କରିଲ ଭୂମି ।
କୃଷ୍ଣର ଚରଣ ପରଶେ ତୁମି ॥
ମିଲି ଅଛେ ଆତ ଆନନ୍ଦ ଭାବ ।
ଦେଖୋ ରୋମାଞ୍ଚିତ ତୋମାର ଗାବ ॥

ପୂର୍ବେତୋ ବରାହେ ଆସ୍ତୁ ଆଲିଙ୍ଗି ।
ତୁମ୍ଭି ସର୍ବ କାଲେ କୃଷ୍ଣର ସଙ୍ଗୀ ॥
ଦେଖିଲୁ କୃଷ୍ଣକ ଜାନୋ ନିଶ୍ଚୟ ।
କହୁଯ୍ୟୋ ଆମାତ ହୁଯ୍ୟୋ ସଦୟ ॥
ମୃଗପତ୍ନୀ ସଖୀ ଦେଖିଲ ହରି ।
ତୋମାର ନେତ୍ରର ଆନନ୍ଦ କରି ॥
ଯାନ୍ତ ପ୍ରିୟା ସମେ ଗଢ-ବିଲସେ ।
ହେର କୁନ୍ଦ-ଗନ୍ଧ-କୁଙ୍କୁମ ବାସେ ॥
କତୋ ଗୋପୀ ବୋଲେ ଶୁନଯ୍ୟୋ ବାଣୀ ।
ଲତାତେ କୃଷ୍ଣର ପୁଷ୍ପେ ଜହାନି ॥
କୃଷ୍ଣର ନଖର ପରଶ ପାଇ ।
ଦେଖା ପୁଲକିତ ସମସ୍ତ କାୟ ॥
ବୋଲେ ବାଲ ସବେ ଉନ୍ମତ୍ତଭାବେ ।
କୃଷ୍ଣକ ବନତ ବିଚରି ଗୃବେ ॥
କୃଷ୍ଣ-ଗୁଣ ଗାନ୍ତେ ପ୍ରେମ ଉପଜେ ।
କୃଷ୍ଣତେ ମନ ସମୁଦାୟ ମଜେ ॥
ସମସ୍ତେ ବିହ୍ୱଲ ହୁୟା ଗୋପିନୋ ।
କରେ କୃଷ୍ଣ-ଲୀଲ କତୋ ଆପୁନ ॥
କୃଷ୍ଣର କିଙ୍କରେ ଶଙ୍କରେ ଭଣେ ।
ବୋଲ ହରି ହରି ସମସ୍ତ ଜନେ ॥

*

କେଉଁଠି ପାଇବୁ ଆମ ପ୍ରାଣର ଗୋପାଳଙ୍କୁ ଖୋଜି
ହୃଦୟିବସିଛୁ ଅରୁଣଲୋଚନ ପ୍ରଭୁଙ୍କୁ ଆଜି ॥

ଉଚ୍ଚ ବୃକ୍ଷ ଦେଖି କରି ସାଦରେ ପୁଚ୍ଛନ୍ତି ।
ଶୁଣ ହେ ଅଶ୍ୱତ୍ଥ ବଟ ରସାଳ ବ୍ରତତି ॥
ଦେଖିଛ କି ତୁମ୍ଭେ ନନ୍ଦକୁମାର ।
ନାଏ ଚୋରି କରି ଚିତ୍ତ ଆମ୍ଭର ॥

ହେ କୁରୁବକ, ହେ ଅଶୋକ ଚମ୍ପା ।
କଥା କହ ହେ କରି ଅନୁକମ୍ପା ॥
ମାନିନୀର ଦର୍ପ କରିଣ ଚୂର ।
ନ ଜାଣୁ କୃଷ୍ଣ ଗଲେ କେତେ ଦୂର ॥

ହେ ତୁଳସୀ, ତୁମେ ଗୋବିନ୍ଦର ଚରଣପ୍ରିୟ ।
ତମେ ଆମମାନଙ୍କୁ ଉତ୍ତର ଦିଅ ॥
ଯାନ୍ତେ ଦେଖିଲ କି ନନ୍ଦକୁମାର ।
ପ୍ରାଣରୁ ଅଧିକ ପ୍ରିୟ ଆମ୍ଭର ॥

ହେ ଜାଇ ଯୂଥିକା ସଖୀ ମାଳତୀ ।
କୃଷ୍ଣ ପରଶେ ଲଭିଲ କି ଗତି ॥
ସବୁ ଗୋପୀଙ୍କର ଜୀବନଧନ ।
ଯାନ୍ତେ ଦେଖିଲ କି ନନ୍ଦ-ନନ୍ଦନ ॥

ହେ ଆମ୍ବ ଜାମୁ ବେଲ ବକୁଳ ।
ନାହିଁ ଉପକାରୀ ତୁମ୍ଭର-ତୁଲ ॥
କୃଷ୍ଣର ବିରହେ ସବ ଅନ୍ଧାର ।
କହ କାହିଁଗଲେ ପ୍ରାଣ ଆମ୍ଭର ॥

ହେ ଭୂମି, କି ତପସ୍ୟା କରି ।
କୃଷ୍ଣ ଚରଣ-ସ୍ପର୍ଶରେ ତୁମରି ॥
ପରମାନନ୍ଦ ଭାବ ଜାତ ହୋଇଛୁ ।
ତେଣୁ ତୁମ ଅଙ୍ଗରେ ରୋମାଞ୍ଚ ଦେଖାଦେଇଛୁ ॥

ପୂର୍ବ୍ବେ ତ ବହୁନ୍ଧେ ଅଛ ଆଲିଙ୍ଗି ।
ସର୍ବକାଳେ ତୁମେ କୃଷ୍ଣର ସଙ୍ଗୀ ॥

ଦେଖିଅଛ କୃଷ୍ଣ କାନ୍ତି ନିଶ୍ଚୟ ।
କହନ୍ତେ ଆମ୍ଭରେ ହୋଇ ସଦୟ ॥

ସଖୀ ମୃଗ-ପତ୍ନୀ ଦେଖିଛ ହରି ।
ନେତ୍ରରେ ତୁମ୍ଭର ଆନନ୍ଦ ଭରି ॥

ଯାନ୍ତେ ପ୍ରିୟା ସଙ୍ଗେ ଗଜ-ବିଳାସେ ।
ଦେଖ କୁନ୍ଦ-ଗନ୍ଧ କୁଙ୍କୁମ ବାସେ ॥

(ସେ ଗୋଟିଏ ସଖୀଙ୍କୁ ସାଙ୍ଗରେ ଧରି ଲୀଳା-ଚପଳ-ଗତିରେ ଯାଉଥିଲା-ବେଳେ ତୁମ ନେତ୍ରରେ ଆନନ୍ଦ ଭରି ଦେଇ ଯାଇଛନ୍ତି; କାରଣ ଦେଖୁନ୍ଥ ତ କୁନ୍ଦ ଓ କୁଙ୍କୁମର ଗୋଟିଏ ସୁରଭି ପ୍ରବାହ ସେ ପଛରେ ଛାଡ଼ିଯାଇଛନ୍ତି ।)

କେଉଁ ଗୋପୀ ବୋଲେ ଶୁଣ ମୋ ବାଣୀ ।
ଲତାନ୍ତୁ ପୁଛିବା କୃଷ୍ଣ-କାହାଣୀ ॥
କୃଷ୍ଣଙ୍କ ନଖର ପରଶ ପାଇ ।
ଦେଖ ପୁଲକିତ ତା ସର୍ବ ଦେହି ॥

ବୋଲନ୍ତି ବାଳାଏ ଉନ୍ମତ୍ତ ଭାବେ ।
କୃଷ୍ଣରେ ଖୋଜନ୍ତି ବନସ୍ତେ ସର୍ବେ ॥
କୃଷ୍ଣ ଗୁଣ ଗାନେ ପ୍ରେମ ଉପୁଜେ ।
କୃଷ୍ଣରେ ମନ ପରିପୂର୍ଣ୍ଣ ମଜ୍ଜେ ॥

ସର୍ବ ଗୋପବାଳୀ ବିହ୍ୱଳ ଚିତ୍ତ ।
ରଚି କୃଷ୍ଣଲୀଳା ଗାଆନ୍ତି ଗୀତ ॥
କୃଷ୍ଣର କିଙ୍କର ଶଙ୍କର ଭଣେ ।
ବୋଲ ହରି ହରି ସମସ୍ତ ଜନେ ॥

ସଂଗୀତ ଓ କବିତା ସଂଗ୍ରହ

ହର, ହରସ୍ୱୋ କ୍ଲେଶ, ହେ ହୃଷୀ (୧)

ଘୋଷା ॥ ହର ହରସ୍ୱୋ କ୍ଲେଶ ହେ
ହୃଷୀକେଶ କରୁଣା ସାଗର ।
ମାୟା-ମହୋଦଧି ମାଝେ ମଜ୍ଜିଲେହୋ
ମାଧବ ମୋକ ଉଦ୍ଧର ॥

ପଦ ॥ ବୁଦ୍ଧି ଅହଙ୍କାରେ ଆବରିଲେ ଅତି
ମହାମୂଢ଼ ଭୈଲେ ସ୍ୱାମୀ ।
ତୋମାର ଅଖଣ୍ଡ ଆନନ୍ଦ-ରୂପକ
କେମତେ ଜାନବୋ ଆମି ॥
ଦୀନ-ଦୟାଶୀଲ ଦୟେ ଉପଦେଶ
ତୋମାର ଚରଣେ ଧରେ ।
ଶ୍ରବଣ-କୀର୍ତ୍ତନ ସ୍ମରଣ-ଭକତି
ସଦାୟେ ଯିମତେ କରେ ॥
ମିଥ୍ୟା ତର୍କବାଦେ ଭୈଲ ଅନ୍ଧକାର
ତାତେ ଭ୍ରମୋ ମନ୍ଦମତି ।
ତୁୟ ଜ୍ଞାନ-ପନ୍ଥ ଖୁଜିୟା ନପାଓ
କରି ହରି ମୋର ଗତି ॥
ତୁୟ ଗୁଣ-ନାମ ମୁଖେ ନଗ୍ରହୋକ
କୃପା କରି ଚକ୍ରପାଣି ।
ମାଧବ ବାମନ ଗୋବିନ୍ଦ ବୋଲନ୍ତେ
ମୁକୁତ ହେବୋ କୈସାନ ॥

---

(୧) କୀର୍ତ୍ତନ-ଘୋଷାଗ୍ରନ୍ଥର ବେଦ-ସ୍ତୁତି (ବେଦୋକ୍ତ ନାରାୟଣ ସ୍ତୁତି) ବିଭାଗରୁ ଗୃହୀତ ଗୋଟିଏ କୀର୍ତ୍ତନ ।

ତୁମି ସତ୍ୟ ବ୍ରହ୍ମ ତୋମାତ ପ୍ରକାଶେ
ଜଗତ ଇଟୋ ଅସନ୍ତ ।
ଜଗତତୋ ସଦା ତୁମିଓ ପ୍ରକାଶା
ଅନ୍ତର୍ଯାମୋ ଭଗବନ୍ତ ॥

ଏତେକେସେ ଜ୍ଞାନୀଗଣେ ଅବଶେଷ
ଜଗତକେ ବୋଲେ ହର ।
ଆବେ ଜଗଜୀବ ତୋମାର ଚରଣେ
ଭଜୋ ହୃଦୟତ ଧର ।

ଯତ ତପ ଆଛେ ସମସ୍ତେ କରୋକ
ପରୋକେ ପର୍ବତେ ଉଠି ।
ସମସ୍ତେ ତୀର୍ଥତ ସ୍ନାନସ୍ୟା ଫୁରୋକ
ବେଦକ ପଢୋକ ଗୁଷ୍ଟି ॥

ଯତ ଯଜ୍ଞ ଆଛେ ସମସ୍ତେ ଯଜୋକ
କରୋକ ଯୋଗ ଅଭ୍ୟାସ ।
ହରିର କୀର୍ତ୍ତନ ନକର ତଥାପି
ନେରସ୍ତ ମୁଖର ବାସ ॥

ନାହି ଦେହେନ୍ଦ୍ରିୟ ସମସ୍ତେ କର୍ତ୍ତାର
ଶକ୍ତିକ ଧରି ଏକଲେ ।
ତୁମସି ସର୍ବଜ୍ଞ ତୁମି ସର୍ବକର୍ତ୍ତା
ତୋମାକ ସେବେ ସକଳେ ॥

ଯେନ ଚକ୍ରବର୍ତ୍ତୀ ରଜାକ ଯୋଗାବେ
ସାମନ୍ତକେ କର-ଭର !
ବ୍ରହ୍ମା ଆଦି କରି ଦେବର ଈଶ୍ୱର
ତହ୍ନୁ ପାବେ ନମସ୍କାର ॥

ତୋମାରେସେ ମାୟା କର୍ମେ ବନ୍ଦୀ ହୁୟା
ସଂସାରେ ଉପଜୋ ମରେ ।
ଦୁଃଖ-ସାଗରତ ତ୍ରାଣ କରି ହର
ତୋମାର ଚରଣେ ଧରେ ॥
ତୁମି ଅନ୍ତର୍ଯାମୀ ସମସ୍ତ ଲୋକର
ତୁମି ମହେଶ୍ୱର ଦେବ ।
ତୁମିସି ସର୍ବଜ୍ଞ ନୃସିଂହ ତୋମାକ
ମନେ କରେ ଆମି ସେବ ॥
ସଂସାର-ଚକ୍ରର କରବତେ ଚରେ
ନେରେ ମହାମୋହ ଭୟ ।
ତୋମାର ଚରଣେ ପଶିଲେ ଶରଣେ
ରକ୍ଷାକର କୃପାମୟ ॥
ତୁମି ମହାଗୁରୁ ତୋମାର ଚରଣେ
ମନ ଯଦ ଲବେ ବାସ ।
ତୋମାର କୃପାୟେ ସବେ ସିଦ୍ଧି ହୈବ
ନଲଗେ ଯୋଗ-ଅଭ୍ୟାସ ॥
ତୁମି ଆତ୍ମା ହେନ ଜାନୟା ତୋମାକ
ଚରେ ଭଜେ ଯିଟୋ ଜନ ।
ତୁଚ୍ଛ ପୁତ୍ର-ଦାରା ବିଷୟ ଭୋଗତ
ନାହି ତାର ପ୍ରୟୋଜନ ॥
ତୋମାର ନାମକ ମୁଖେ ଫୁରେ ଗାଇ
ହୟେ ତନ୍ମୁ ରୂପ ଧରି ।
ଶୁନେ ମାନେ ଧ୍ୱନି ପଲାୟ ପାତକ
ଡାକ ବୋଲ ହରି ହରି ॥

ଶଙ୍କରଦେବ

ହରି ମୋ କ୍ଳେଶ ହରଣ କର ।
ହେ ହୃଷୀକେଶ, କରୁଣାସାଗର,
ମୁଁ ମାୟା-ମହୋଦଧି ମଧ୍ୟରେ ମଜ୍ଜିଲି,
ହେ ମାଧବ, ମୋତେ ଉଦ୍ଧାର କର ।
ବୁଦ୍ଧି ଅହଙ୍କାର ମୋତେ ଆବୋରି ରହିଲେ,
ହେ ସ୍ୱାମୀ, ମୁଁ ମହାମୂଢ଼ ହେଲି ।
ଅଖଣ୍ଡ ଆନନ୍ଦ ରୂପକୁ ତୁମ୍ଭର
ମୁଁ କିପରି ଜାଣିବି ?

ଦୀନ-ଦୟାମୟ ଦିଅ ଉପଦେଶ, ତୁମ୍ଭର ଚରଣେ ରତି
ଶ୍ରବଣ-କୀର୍ତ୍ତନ-ସ୍ମରଣ ଭକତି ଅବିରଳ ରହୁ ମତି ।
ମିଥ୍ୟା ତର୍କବାଦ ଓ ଅନ୍ଧକାର ଘୋଟି କରି
ମୋ ମନ୍ଦମତି ତହିଁରେ ଭ୍ରମୁଛି ।
ତୁମରି ଜ୍ଞାନ-ପଥ ଖୋଜି ଖୋଜି ମିଳୁନାହିଁ,
ହେ ହରି, ମୋତେ ଗତି ମୁକ୍ତି ଦିଅ ।
ତୁମ ଗୁଣ ଓ ନାମ ମୁଖରୁ ନ ଛୁଟୁ ।
ହେ ଚକ୍ରପାଣି ! କୃପା କର ।

ମାଧବ ବାମନ ଗୋବିନ୍ଦ ଉଚ୍ଚାରଣ କରି
ମୁଁ ମୁକ୍ତ ହେବି ॥
ତୁମେ ସତ୍ୟ ବ୍ରହ୍ମ, ତୁମରି ପ୍ରକାଶରେ
ଏ ମିଥ୍ୟା ସଂସାରର ପ୍ରକାଶ ।

ହେ ଅନ୍ତର୍ଯାମୀ ଭଗବାନ,
ତୁମେ ମଧ୍ୟ ଆତ୍ମପ୍ରକାଶ କର ବିଶ୍ୱ ଜଗତମଧ୍ୟରେ ।

ଏହି ହେତୁରୁ ଜ୍ଞାନୀଗଣ ଅବଶେଷ ଜଗତକୁ
ହରି ବୋଲି କହନ୍ତି ।

ହେ ଜଗଜ୍ଜୀବନ,
ଆମ୍ଭେମାନେ ତୁମ ଚରଣକୁ
ହୃଦୟରେ ଦୃଢ଼ ଭାବରେ ଧାରଣ କରି
ପ୍ରେମ ଅର୍ପଣ କରୁଅଛୁ ।

ମନୁଷ୍ୟ ସବୁପ୍ରକାର ତପସ୍ୟା କରୁ
ପର୍ବତ ଶିଖରୁ ଲମ୍ଫ ଦେଉ
ସବୁ ତୀର୍ଥରେ ସ୍ନାନ କରୁ
ମନ ଚୈତନ୍ୟ ଲଗାଇ ବେଦ ପଢ଼ୁ
ଯେତେ ପାରେ ସେତେ ଯଜ୍ଞ କରୁ
ଯେତେ ପାରେ ସେତେ ଯୋଗାଭ୍ୟାସ କରୁ

ତଥାପି ହରି-କୀର୍ତ୍ତନ ନ କରି
ମୃତ୍ୟୁ-ବିଭୀଷିକାରୁ ପରିତ୍ରାଣ ପାଇନପାରେ ।

ତୁମ୍ଭର ଶରୀର ନାହିଁ, ଇନ୍ଦ୍ରିୟ ନାହିଁ
ତଥାପି ତୁମେ ସମଗ୍ର କର୍ତ୍ତୃଶକ୍ତିର ଆଧାର ।

ତୁମେ ସର୍ବଜ୍ଞ, ତୁମେ ସର୍ବକର୍ତ୍ତା,
ଅନ୍ୟ ସମସ୍ତେ କେବଳ ତୁମ୍ଭର ସେବା କରନ୍ତି,
ଯେପରି ସମସ୍ତ ପ୍ରଜା ରାଜଚକ୍ରବର୍ତ୍ତୀଙ୍କୁ
କର ଦିଅନ୍ତି ।

ସେହିପରି ଦେବତାମାନେ ଓ ତାଙ୍କର ମୁଖ୍ୟ ବ୍ରହ୍ମା
ଦେବାଧିରାଜ ଭାବରେ
ତୁମ ପାଦତଳେ ପ୍ରଣତି ଜଣାନ୍ତି ।

ଶଙ୍କରଦେବ

ମାୟାଜନିତ କର୍ମ-ବନ୍ଧନରେ ଆବଦ୍ଧ ହୋଇ
ଆମେମାନେ ସଂସାରରେ ଜନ୍ମ ମରଣ ଚକ୍ରର
ଅନୁବର୍ତ୍ତନ କରୁଛୁ ।

ହେ ହରି, ତୁମ୍ଭର ଚରଣରେ ପ୍ରାର୍ଥନା,
ଆମ୍ଭମାନଙ୍କୁ ଏ ଦୁଃଖ ସମୁଦ୍ରରୁ ତ୍ରାଣ କର ।
ତୁମେ ଅନ୍ତର୍ଯ୍ୟାମୀ
ତୁମେ ସର୍ବଲୋକ ମହେଶ୍ୱର
ତୁମେ ସର୍ବଜ୍ଞ, ତୁମେ ନୃସିଂହ
ଅନ୍ତରର ଅନ୍ତଃସ୍ଥଳରୁ ଆମେ ତୁମକୁ ପ୍ରଣତ ଜଣାଉଛୁ

ସଂସାର-ଚକ୍ରର କରତ ଆମମାନଙ୍କୁ କାଟୁଛି ।

ମହାମୋହ ଓ ଭୟ ଆମକୁ ଛାଡ଼ୁନାହିଁ ।
ହେ କୃପାମୟ, ରକ୍ଷାକର ।

ଆମେମାନେ ତୁମ ଚରଣରେ ଶରଣ ପଶିଲୁ ।

ତୁମେ ମହାଗୁରୁ,
ଯଦି କୌଣସି ଉପାୟରେ ଆମ୍ଭମାନଙ୍କ ମନ
ତୁମ ପାଦପଦ୍ମରେ ବାସ କରିପାରେ,

ତୁମ କରୁଣାରୁ ସର୍ବସିଦ୍ଧି ଲାଭହେବ ।
ଆଉ ଜ୍ଞାନ ବା ଯୋଗ ଅଭ୍ୟାସ ଆବଶ୍ୟକ
ହେବନାହିଁ ।

ଯେ ତୁମକୁ ତାହାର ଆତ୍ମା ବୋଲି ଜାଣି
ଅନ୍ତରରେ ଭଜନ କରେ,

ତୁଚ୍ଛ ପୁତ୍ର-ଦାରା ବିଷୟ ସମ୍ଭୋଗରେ
ତାହାର ପ୍ରୟୋଜନ ନାହିଁ ।

ହୃଦୟରେ ତୁମ ରୂପକୁ ଧରି
ମୁଖରେ ତୁମ ନାମ ଗାଇ ମୁଁ ବୁଲେ ।
ସେ ଧ୍ୱନି ଶୁଣି ସକଳ ପାତକ ପଳାୟନ କରୁ ।
ହରି ହରି ବୋଲ ସମସ୍ତେ ଉଚ୍ଚସ୍ୱରରେ ।

ଉଦ୍ଧବଙ୍କ ସମ୍ମୁଖେ ମାତନ୍ତି କୃଷ୍ଣେ ପାଛେ (୧)

ଉଦ୍ଧବଙ୍କ ସମ୍ମୁଖେ ମାତନ୍ତି କୃଷ୍ଣେ ପାଛେ ।
କର୍ମବନ୍ଧ ଏଡ଼ାଇବେ ପ୍ରବନ୍ଧ ସ୍ୱାର୍ ଆଛେ ॥
ବୈଷ୍ଣବର ସଙ୍ଗ ସିଂହୋ ଲୈବେ ପ୍ରଥମତ ।
ମୋହୋର ଚରିତ୍ର ଶୁନବେକ ଭକତତ ॥
ମୋର ନାମ-କୀର୍ତ୍ତନ କରିବେ ସର୍ବକ୍ଷଣେ ।
ହୃଦୟତ ମୋର ରୂପ ଚିନ୍ତିବେ ଯତନେ ॥
ମୋର ଯଶ ଗାୟା ସ୍ୱିତୋ କରେ ଗୀତ ନୃତ୍ୟ ।
ନାହି ତାର ଚିନ୍ତା ସିଂହୋ ଭୈଲ କୃତକୃତ୍ୟ ॥
ଶୁନିୟୋ ଉଦ୍ଧବ ତୁମି ରହସ୍ୟ ଭକତି ।
କରିବା ଅଭ୍ୟାସ ତୁମି ଥିର କରି ମତି ॥
ସମସ୍ତେ ଭୂତତେ ବ୍ୟାପି ଆଛେ ମଇ ହରି ।
ସବାକୋ ମାନିବା ତୁମି ବିଷ୍ଣୁ-ବୁଦ୍ଧି କରି ॥

---

(୧) ଏହା କୀର୍ତ୍ତନ-ଘୋଷାର ଶ୍ରୀକୃଷ୍ଣଙ୍କ ବୈକୁଣ୍ଠ ପ୍ରୟାଣ ଭାଗରୁ ଗୃହୀତ କୀର୍ତ୍ତନ-ଗୀତ । ଏହା ଭକ୍ତ ଉଦ୍ଧବ ପ୍ରତି ଶ୍ରୀକୃଷ୍ଣଙ୍କର ଶେଷ ବାଣୀ ସୂଚୁଏ ।

୭

ବ୍ରାହ୍ମଣର ଚଣ୍ଡାଳର ନିବଗୃର କୁଳ ।
ଦାତାତ ଚୌରତ ଯେନ ଦୃଷ୍ଟି ଏକତୁଲ ॥
ନୀଚତ ସାଧୁତ ଯାର ଭୈଲ ଏକଜ୍ଞାନ ।
ତାହାକେସେ ପଣ୍ଡିତ ବୁଲିୟ ସର୍ବଜାନ ॥
ବିଶେଷତେ ମନୁଷ୍ୟଗଣତ ଯିଟୋ ନରେ ।
ବିଷ୍ଣୁ-ବୁଦ୍ଧି ସର୍ବଦାୟ ମୋକେ ମାନ୍ୟ କରେ ॥
ଈରଷା ଅସୂୟା ଅହଙ୍କାର ତିରସ୍କାର ।
ସବେ ନଷ୍ଟ ହୋବେ ତେବେ ତାବକ୍ଷଣେ ତାର ॥
ଦେଖି ସଖୀଗଣେ ଜୋନୋ ହାସେ ସବେ ବେଢ଼ି ।
ମଇ ସାଧୁ ଇଟୋ ଚୌର ହେନ ଲଜ୍ଜା ଏରି ॥

କୁକୁର ଚଣ୍ଡାଳ ଗର୍ଦ୍ଦଭରୋ ଆତ୍ମା ରାମ ।
ଜାନିୟା ସବାକୋ ପରି କରିବା ପ୍ରଣାମ ॥

ସମସ୍ତ ଭୂତତ ବିଷ୍ଣୁ-ବୁଦ୍ଧି ନୋହେ ଯାବେ ।
କାୟ ବାକ୍ୟ ମନେ ଅଭ୍ୟାସିବା ଏହିଭାବେ ।
ବିଷ୍ଣୁ-ମୟ ଦେଖେ ଯିଟୋ ସମସ୍ତେ ଜଗତେ ।
ଜୀବନ୍ତେ ମୁକୁତ ହୋବେ ଅଚିରକାଲତେ ॥
ସକଲ ପ୍ରାଣୀକ ଦେଖିବେକ ଆତ୍ମସମ ।
ଉପାୟ ମଧ୍ୟତ ଇଟୋ ଅତି ମୁଖ୍ୟତମ ॥
ମୋର ଇଟୋ ଧର୍ମର ଅଲପରୋ ନାହି ହାନି ।
ସିହେତୁ ସମ୍ୟକେ ମଇ କୈଲୋ ତତ୍ତ୍ୱ-ବାଣୀ ॥

ଦାମ୍ଭିକ ଶଠତ ନକହିବା ଇଟୋ ତତ୍ତ୍ୱ ।
ସଦା ଉପଦେଶ ଦିବା ବୈଷ୍ଣବଜନତ ॥

ସ୍ତ୍ରୀ-ଶୂଦ୍ର କରେ ଯଦି ଆମାତ ଭକତି ।
ତାହାତ କହିବା ଇଟୋ ଜ୍ଞାନ ମହାମତି ॥

ଆଜ ଭକ୍ତ କରି ପଢ଼େ ଯିଠୋ ଜ୍ଞାନୀ ଲୋକେ ।
ମହା ଶୁଦ୍ଧ ହୃଦୟା ଜ୍ଞାନ-ଦୀପେ ଦେଖେ ମୋକେ ॥
ଜାନିଲ ଉଦ୍ଧବ ଆବେ ଦଲେ ଉପଦେଶ ।
ତୋମାର କି ଶୋକ ମୋହ ଗୁଚିଲ ନିଃଶେଷ ॥
ବ୍ରହ୍ମା ହର ହଲାୟୁଧ ଲକ୍ଷ୍ମୀ ପ୍ରିୟ ଜାୟା ।
ପରମ ସୁନ୍ଦର ମୋର ଦେଖା ଇଠୋ କାୟା ॥
ସର୍ବାତୋ ଅଧିକ ତୁମି ମୋର ପ୍ରିୟତମ ।
ନାହି ଆନ ବାନ୍ଧବ ଉଦ୍ଧବ ତୁମି ସମ ॥
ଭକତେସେ ମୋର ହୃଦ ଜାନିବା ନିଶ୍ଚୟ ।
ଭକତଜନର ଜାନା ଆମିସି ହୃଦୟ ॥
ମଇ ବିନା ଭକତେ ନଚିନ୍ତେ କିଛୁ ଆନ ।
ଭକତତ ପରେ ମଇ ନେଦେଖୋହୋ ଆନ ॥

❋

ଏବଂ ତାହାପରେ କୃଷ୍ଣ ଉଦ୍ଧବଙ୍କୁ ସମ୍ବୋଧନ କରି କହିଲେ :
କର୍ମ-ବନ୍ଧ ଏଡ଼ିବାକୁ ଯାହାଂର ପ୍ରଚେଷ୍ଟା ଅଛି
ସେ ପ୍ରଥମତଃ ବୈଷ୍ଣବ-ସଙ୍ଗ ଗ୍ରହଣ କରିବ ।
ଭକ୍ତଠାରୁ ମୋର ଚରିତ୍ର ଶୁଣିବ ।
ସର୍ବକ୍ଷଣେ ମୋର ନାମ-କୀର୍ତ୍ତନ କରିବ ।
ହୃଦୟରେ ମୋର ରୂପ ଚିନ୍ତା କରିବ ।
ଯେ ମୋର ମହିମା କୀର୍ତ୍ତନ କରି ନୃତ୍ୟ-ଗୀତ କରେ

ତାହାର ଚିନ୍ତା କରିବାର କିଛି ନାହିଁ, ସେ ଅବଶ୍ୟ କୃତାର୍ଥ ହେବ ।
ହେ ଉଦ୍ଧବ, ଶୁଣ ତେବେ ଭକ୍ତିର ରହସ୍ୟ,
ଏବଂ ମତି ସ୍ଥିର କରି ଏହା ଅଭ୍ୟାସ କର ।
ମୁଁ ହରି ସର୍ବ ଭୂତରେ ବ୍ୟାପୀ ରହିଛି,
ତେଣୁ ସମସ୍ତଙ୍କୁ ବିଷ୍ଣୁ ଜ୍ଞାନକରି ମାନ୍ୟ କର ।
ସେହି ଏକା ପଣ୍ଡିତ, ସେହି ସର୍ବଜ୍ଞାତା,
ଯାହାଠାରେ ଭିନ୍ନାଭିନ୍ନ ନାହିଁ ।
ବ୍ରାହ୍ମଣ ଓ ଚଣ୍ଡାଳ ମଧ୍ୟରେ
ଯେ ସମଦୃଷ୍ଟି ରଖେ, ଦାତା ଓ ଚୋର ମଧ୍ୟରେ
ଯେ ସମଜ୍ଞାନକରେ, ନୀଚ ଓ ସାଧୁ ମଧ୍ୟରେ
ଯେ ଭିନ୍ନ ଭାବ ଲକ୍ଷ୍ୟ କରେ ନାହିଁ ।
ବିଶେଷତଃ, ଯେଉଁ ବ୍ୟକ୍ତି ସମସ୍ତଙ୍କୁ ବିଷ୍ଣୁ ବିଗ୍ରହ କରେ
ଏବଂ ସବୁବେଳେ ସେହି ଦୃଷ୍ଟିରେ ସମସ୍ତଙ୍କୁ ଶ୍ରଦ୍ଧା କରେ
ସେ ଲୋକର ଈର୍ଷା, ଅସୂୟା, ଅହଙ୍କାର, ଘୃଣା
ତତ୍‌କ୍ଷଣାତ୍ ନଷ୍ଟହୋଇଯାଏ ।
କାଲେ ବନ୍ଧୁଗଣ ଆସିବେ, ବେଢ଼ି କରି ପରିହାସ କରିବେ—
ଏଭଳି ଲାଜ ଭୟ ତ୍ୟାଗ କରି,
ମୁଁ ସାଧୁ, ସେ ଚୋର—ଏ ପ୍ରକାର ଛଳନା ତ୍ୟାଗକରି,
ଶ୍ୱାନ, ଚଣ୍ଡାଳ, ଗର୍ଦ୍ଦଭ ଏ ସମସ୍ତଙ୍କଠାରେ ଏକ ଆନନ୍ଦମୟ
ଆତ୍ମା ବିରାଜିତ, ଏହି ଜ୍ଞାନରେ
ସମସ୍ତଙ୍କ ପାଦତଳେ ପଡ଼ି ପ୍ରଣାମ କର ।
ସମସ୍ତ ଭୂତରେ ବିଷ୍ଣୁ-ଭାବ ଜାତହେବା ପର୍ଯ୍ୟନ୍ତ
ଏହି ଭାବକୁ କାୟମନୋବାକ୍ୟରେ ଅଭ୍ୟାସ କର ।
ସମସ୍ତ ଜଗତକୁ ଯେ ବିଷ୍ଣୁମୟ ଦେଖିବ
ସେ ଅଚିରେ ଜୀବନ୍ମୁକ୍ତ ହେବ ।

ସକଳ ପ୍ରାଣୀଙ୍କୁ ଆତ୍ମସମ ଦେଖିବା
ହେଉଛୁ ସବୁ ସାଧନ ମଧ୍ୟରେ ମୁଖ୍ୟତମ ।
ଏ ଧର୍ମର ସଂଚୟ ମଧ୍ୟ ବୃଥା ଯାଏ ନାହିଁ,
ଯେହେତୁ ଏ ତତ୍ତ୍ୱ-ବାଣୀ ମୁଁ ସମ୍ୟକଭାବେ ତୁମକୁ କହୁଛି,
ଏ ତତ୍ତ୍ୱ ଦାମ୍ଭିକ ଓ ଶଠ ବ୍ୟକ୍ତିଙ୍କୁ କହିବନାହିଁ,
ମାତ୍ର ସବୁବେଳେ ବୈଷ୍ଣବମାନଙ୍କୁ ଉପଦେଶ ଦେବ ।
ସ୍ତ୍ରୀ ଓ ଶୂଦ୍ର ମଧ୍ୟ ଯଦି ମୋତେ ଭକ୍ତି କରନ୍ତି
ହେ ମହାମତି ସେମାନଙ୍କୁ ଏ ଜ୍ଞାନ ପ୍ରଦାନ କରିବ ।
ପ୍ରାଜ୍ଞବ୍ୟକ୍ତି ଯଦି ଭକ୍ତିଭାବରେ ଏହାକୁ ପଢ଼ନ୍ତି
ବିଶୁଦ୍ଧାତ୍ମା ହୋଇ ମୋତେ ଜ୍ଞାନଦୀପର ଆଲୋକରେ ଦେଖିପାରିବେ ।

ହେ ଉଦ୍ଧବ,

ମୁଁ ଯାହା ଉପଦେଶ ଦେଲି ତ ଶୁଣିଲ,
ଏଥିରେ ତୁମର ଶୋକ ମୋହ ଘୁଞ୍ଚିଲାତ ?
ବ୍ରହ୍ମା, ହର, ହଳାୟୁଧ ଓ ମୋର ପ୍ରିୟତମା ପତ୍ନୀ ଲକ୍ଷ୍ମୀ
ଏମାନେ ଏଇ ମୋର ସୁନ୍ଦର କାୟା ଅଟନ୍ତି, ତମେ ଦେଖୁଛ ।

କିନ୍ତୁ—

ସବୁଙ୍କୁଁ ଅଧିକ ତୁମ୍ଭେ ମୋର ପ୍ରିୟତମ
ନାହିଁ ଆନ ବାନ୍ଧବ ଉଦ୍ଧବ ତୁମ୍ଭ ସମ ।
ନିଶ୍ଚିତ ଜାଣ ଭକ୍ତ ମୋର ପ୍ରାଣ
ଆଉର ଜାଣ ମୁଁ ଭକ୍ତର ପ୍ରାଣ ।
ମୋ ବିନା ଭକ୍ତର ଅନ୍ୟ କିଛି ନାହିଁ ।
ମୁଁ ମଧ୍ୟ ଭକ୍ତ ଛଡ଼ା ଅନ୍ୟ କାହା ସଙ୍ଗେ ଜଡ଼ିତ ନୁହେଁ ।"

କୃଷ୍ଣ-ସୂର୍ଯ୍ୟ ଭୈଲନ୍ତ ଉଦିତ (୧)

ଘୋଷା ॥

କୃଷ୍ଣ ସୂର୍ଯ ଭୈଲନ୍ତ ଉଦିତ ।
ନାମ-ଧର୍ମ କରିଲ ବିଦିତ ॥

ପଦ ॥

ସତ୍ୟ ଯୁଗେ ପ୍ରଥମତ ବ୍ରହ୍ମା ଆଦି ଦେବ ଯତ
ହରିନାମ କରିଲ ଗୁପୁତ ।
କିନୋ ଦାୟାମୟ ହରି ନାମକ ବେକତ କରି
କଳି-ପାପ କରାଇଲ ଲୁପୁତ ॥
ଯିଟୋ ମହା ମ୍ଲେଛ ଜାତି ସିଓ ଶୁଦ୍ଧ ହୋବେ ଆତି
ମୁଖେ ମାତ୍ର ହରି-ନାମ ଲୟ ।
କଳିର ଭୟତ ଗୈୟା ନାମତ ଶରଣ ଲୈୟା
ରହିଲ ସମସ୍ତ ଧର୍ମଚୟ ॥
ଇଟୋ କଳି କାଳ ଘୋର ପାପର ନାହିକେ ଓର
ଆଛି ହିତ ଚନ୍ତୁଲ ପ୍ରକାର ।
ଜଗତରେ ପାପ ହରେ ସ୍ମରଣେ ନିସ୍ତାର କରେ
ହେନ ନାମ କରିଲ ପ୍ରଚୁର ॥
ଦୋଷର ସାଗର କଳି ଆଛି ହରିନାମ ଲୈଲି
ଧର୍ମ ଅର୍ଥ ପାବେ ମୋକ୍ଷ କାମ (୨) ।

(୧) ଏହା କୀର୍ତ୍ତନ-ଘୋଷା-ଅନ୍ତର୍ଗତ ଭାଗବତ-ତାତ୍ପର୍ଯ୍ୟ (ଭାଗବତ ପୁରାଣର ସାରତତ୍ତ୍ୱ) ବିଷୟର ଚନୋଟି କୀର୍ତ୍ତନ ମଧ୍ୟରୁ ଗୋଟିଏ । ଏହା ଶଙ୍କରଦେବଙ୍କ ଏକଶରଣ ନାମଧର୍ମ ସିଦ୍ଧାନ୍ତର ସାର ଉନ୍ମୋଚନ ।

(୨) ଧର୍ମ (ସନ୍ମାର୍ଗ), ଅର୍ଥ (ଧନ), କାମ (ଶାରୀରିକ ଅଭିଳାଷ), ମୋକ୍ଷ (ଜୀବନ୍ମୁକ୍ତି)—ମନୁଷ୍ୟ ଜୀବନର ଏହି ଚାରୋଟି ପୁରୁଷାର୍ଥ ।

ସମସ୍ତକେ ଦାସ୍ୟତରେ ଆବେ ଦେବ ଦାମୋଦରେ
ବିଦିତ କରିଲ ହରିନାମ ॥
ମନ୍ତ୍ର ତନ୍ତ୍ର ଯଜ୍ଞ ଯତ ତପ ତୀର୍ଥ କୋଟି ଶତ
ହରି-ନାମ ଅଧିକ ସବାତେ ।
ଜାନୋ ଭାଗ୍ୟ ଜାନୋ ଭାଗ୍ୟ ହେନ ହରି-ନାମ ଲାଗ
ପାଇଲେ ଲୋକ ମୁକୁତ ସାକ୍ଷାତେ ॥
ଯିଙ୍କୋ ନାମ ନେଲେ ମୁଖେ ପାଇଲେ ମୋକ୍ଷ ମହାସୁଖେ
ଜାନା କୃଷ୍ଣ ବୁଦ୍ଧି ଭୈଲ ତାର ।
ଘୁରୁ ଭୈଲ ଜଗତରେ କାରଲୋକ ସିଙ୍କୋ ନାରେ
କୋଟି କୋଟି ପୁରୁଷ ଉଦ୍ଧାର ॥
ପାତକ ଶୃଙ୍ଖାନ ବନ ହରିନାମ ହୁତାଶନ
କ୍ଷେଣେକତେ ଦଗ୍ଧ କରେ ଛନ୍ନ ।
ହେନ ନାମ ପ୍ରଚାରିଲ ପାତକୀଙ୍କ ନିସ୍ତାରିଲ
ପରମ କୃପାଳୁ ନାରାୟଣ ॥
ଦେବରେ ଈଶ୍ୱର ହରି ତାଙ୍କୁ ମହା ଯତ୍ନ କରି
ଲୈଯ୍ୟୋ ଏକ-ଶରଣ ସାକ୍ଷାତ ।
ଯାର ଇଚ୍ଛା ମୋକ୍ଷ ପାଇବେ ନଲାଗେ ଦୂରକୁ ଯାଇବେ
ଆଛା ହରି ସବାର ହୃଦ୍ୟାତ ॥
କୃଷ୍ଣର କିଂକର କହେ ହରି ନାମେ ପାପ ଦହେ
ରାମ-ନାମ ସବାତୋ ଅଧିକ ॥
ଯିଙ୍କୋ ଜନେନାମ ସୁରେ ସକଳ ପାତକେ ତରେ
ଅନାୟାସେ ପାବେ ମୁକୁତିକ ॥
ଜଗତ ନିସ୍ତାର ହେତୁ କରିଲ ଗରୁଡ଼-କେତୁ
ଛବାର ବିଦିତ ହରି ନାମ ।

ଆୟୁ ଯାସ୍ବ ଆଳେ-ଜାଳେ କେତକ୍ଷଣେ ଧରେ କାଳେ
ନିରନ୍ତରେ ବୋଲ ରାମ-ରାମ ॥

❋

କୃଷ୍ଣ-ସୂର୍ଯ୍ୟ ହୋଇଣ ଉଦିତ
ନାମ-ଧର୍ମ କରିଲେ ବିଦିତ
ସତ୍ୟ-ଯୁଗରେ ବ୍ରହ୍ମାଦି ଦେବତାମାନେ
ହରିନାମକୁ ଗୁପ୍ତ ରଖିଥିଲେ ।
ଦୟାମୟ ହରି ତାହାକୁ ପୁନରୁଦ୍ଧାର କରିଛନ୍ତି,
ଏବଂ କଳିଯୁଗର ପାପମାନଙ୍କୁ ଦମନ କରିଛନ୍ତି ।
ଯେତେ ଅପବିତ୍ର ମହାମ୍ଲେଚ୍ଛ ଜାତି ସମସ୍ତେ ଶୁଦ୍ଧ ବା ପବିତ୍ର ହେବେ—
ମୁଖରେ ହରି-ନାମ ଉଚ୍ଚାରଣ କରି ।
କଳିର ଭୟରେ ଧର୍ମନିଚୟ
ଯାଇ ନାମର ଶରଣ ନେଇଛନ୍ତି,
ଏ ଘୋର କଳିକାଳରେ
ପାପର ଉପତ୍ତି ନାହିଁ ।
କୃଷ୍ଣଙ୍କର ଆବିର୍ଭାବ ଲୋକଙ୍କର ମଙ୍ଗଳ ନିମିତ୍ତ ।
ସେ ନାମର ପ୍ରଚାର କଲେ ଯାହା ସଂସାରର ସକଳ ପାପ ଧ୍ୱଂସକରେ
ଏବଂ ଯାହାର ସ୍ମରଣ ଆଣିଦିଏ ମୁକ୍ତି ।
କଳିଯୁଗ ଦୋଷର ସମୁଦ୍ର
ଏ ଯୁଗରେ କେବଳ ହରିନାମ ନେଲେ ଲୋକ ଧର୍ମ ଅର୍ଥ କାମ
ଓ ମୋକ୍ଷ ଚତୁର୍ବର୍ଗ ଲାଭକରିବ ।

ପ୍ରଭୁ ଦାମୋଦର ଜଗତକୁ କରୁଣା ପ୍ରଦର୍ଶନ କରି
ହରି-ନାମ ପ୍ରକଟ କଲେ ।
ହରିନାମ ଶତକୋଟି ମନ୍ତ୍ର ତନ୍ତ୍ର ଯଜ୍ଞ ତପସ୍ୟା ଓ ତୀର୍ଥ ଅପେକ୍ଷା ଶ୍ରେଷ୍ଠ ।
ଆହା କି ଭାଗ୍ୟ ! ଏହି ହରିନାମ ଯୋଗୁଁ
ଲୋକେ ସାକ୍ଷାତ୍ ମୁକ୍ତି ଲାଭ କଲେ ।
ଯେ ଅନବରତ ମୁଖରେ କୃଷ୍ଣନାମ ନିଏ
ସେ ସହଜରେ ମୋକ୍ଷ ଲାଭ କରେ ।
ଜାଣିଥାଅ—କୃଷ୍ଣ ଯା ଉପରେ ତୁଷ୍ଟ ହୁଅନ୍ତି
ସେ ଜଗତର ଗୁରୁ ହୁଏ ଏବଂ
ତାହାର କୋଟି ପୁରୁଷକୁ ଉଦ୍ଧାର କରେ ।
ପାତକରୂପକ ଶୁଷ୍କତରୁପୂର୍ଣ୍ଣ ବନକୁ କୃଷ୍ଣନାମ ହୁତାଶନ ସମ
ମୁହୂର୍ତ୍ତିକେ ଭସ୍ମୀଭୂତ କରିଦିଏ ।
ପରମ କୃପାଳୁ ନାରାୟଣ ଏହି ନାମ ପ୍ରଚାର କରି
ପାତକୀମାନଙ୍କୁ ଉଦ୍ଧାର କରିଛନ୍ତି ।
ହରି ଦେବତାମାନଙ୍କର ଦେବତା, ପରମେଶ୍ୱର ।
ଯାହାଙ୍କର ମୋକ୍ଷ କାମନା ଅଛି,
ତାଙ୍କଠାରେ ଐକାନ୍ତିକ ଭାବରେ ଶରଣାପନ୍ନ ହୁଅ ।
ଏଥିପାଇଁ ଦୂର-ପଥ ଯାତ୍ରା କରିବାକୁ ପଡ଼େନାହିଁ,
କାରଣ ହରି ସକଳ ହୃଦୟରେ ନିବାସ କରି ରହିଛନ୍ତି ।
କୃଷ୍ଣ-କିଂକର କହୁଛି, ହରିନାମ ପାପ ଧ୍ୱଂସ କରେ ।
ରାମନାମ ସଂସାରରେ ସାର ବା ସର୍ବଶ୍ରେଷ୍ଠ ।
ଯେଉଁ ଲୋକ ନାମ ସ୍ମରଣ କରେ
ସେ ସକଳ ପାତକରୁ ତରିଯାଏ ।
ଏବଂ ମୁକ୍ତି ତା ପକ୍ଷରେ ସହଜ ଲଭ୍ୟ ହୁଏ ।

ଗରୁଡ଼ଧ୍ୱଜ (ନାରାୟଣ) ଜଗତ ନିସ୍ତାର ପାଇଁ
ହରିନାମ ପ୍ରକାଶ କରିଛନ୍ତି ।
ଆୟୁ ତ ବୃଥାରେ ନିଃଶେଷ ହୋଇଯାଉଛି
କାଲି କେଉଁ ମୁହୂର୍ତ୍ତରେ ଆସି ଧରିନେବ ତ ଜଣାନାହିଁ
ତେଣୁ ନିରନ୍ତର ବୋଲ ରାମ ରାମ ।
ଅବିରତ ରାମ ରାମ ସ୍ମରଣ କର ।

ବୈଶମ୍ପାୟନ ବଦନ୍ତି ଶୁଣନ୍ୟୋ ଜନ୍ମେଜୟ (୧)

ବୈଶମ୍ପାୟନ ବୋଲନ୍ତି ଶୁଣନ୍ୟୋ ଜନ୍ମେଜୟ ।
ଏହିମତେ ଯାନ୍ତି ଯେବେ ଦେବକୀ-ତନୟ ।।
ନାରୀଗଣେ ଶୁଣିଲେକ କୃଷ୍ଣ ଆସିବାର ।
ଝଟୁକି-ମୁଟୁକି କରି ପିନ୍ଧେ ଅଳଙ୍କାର ।।
ଅଧା ଆଢ଼ା ବାଢ଼ା ସବେ ପଧୁଲିକ ଜାଉଁ ।
ମାଧବ ଗୋସାଇଁ ଆସେ କୋଇ ଭରି ଗୁଉଁ ।।
କୃଷ୍ଣକ ଦେଖିବେ ଲାଗି ବହ୍ୱଲ ସ୍ୱଭାବେ ।
ଲାବରୀ-ଲବରୀ କରି ଚାନ୍ଦରି ବାଜାବେ ।।
ପିନ୍ଧିଲ ଅଞ୍ଜନ ମାଥା ଏକ ନୟନତ ।
କେହୋଜନ ଏକ ପାବେ ନ ଲେକ ଆଲତା ।।

(୧) 'ରୁକ୍ମିଣୀ-ହରଣ'ରୁ ଗୃହୀତ । କୃଷ୍ଣ ଭୀଷ୍ମକଙ୍କ ରାଜଧାନୀ କୁଣ୍ଡିନ ନଗରରେ ପ୍ରବେଶ କଲାବେଳେ ନଗରବାସୀ ମହିଳାମାନଙ୍କ ମଧ୍ୟରେ ଯେ ଅଲୋଡ଼ନ ସୃଷ୍ଟି ହୋଇଥିଲା ଏହା ତହିଁର ବର୍ଣ୍ଣନା ।

ଏତେକତେ କୃଷ୍ଣ ଆସିବାର ବାର୍ତ୍ତା ପାଇ ।
ସେହିମତେ ଉଠି ନବରଙ୍ଗେ କଟୋ ଜାସ୍ୱ ॥

ସ୍ୱପରୀତ କର କଟୋ ପିନ୍ଧେ ଅଳଙ୍କାର ।
ମାର୍ଗିତ ଆରେସ୍ୱ କଟୋ ପାଟସରୀ ହାର ॥

ଭରିତ ମୁକୁଟ ଆଁରେ ନୂପୁରକ ମାଥେ ।
କୃଷ୍ଣଙ୍କ ଗ୍ରହ୍ନବେ ଲାଗି ଚଳେ ଆଥେ-ବେଥେ ॥

କେତେଜନୋ ଓଭତାଇ ପିନ୍ଧିଲ କାପଡ଼ ।
ଅଂଚଳିକ ତଳ କରି ଖୁମ୍ପହ୍ନ ଉପର ॥

ଏତେକତେ ସ୍ତ୍ରୀଜନେକ ଆସି ପାଇଲା ହିତ ।
ଧାଲେକ ନିବର ଖୁଞ୍ଚନକ ହାତେ ଧରି ॥
ପିନ୍ଧିବାକୁ ଲାଗି ବସ୍ତ୍ର ନେଲା ଭଲ ଗୁଛି ।
ଗାଧଣ୍ଡ କାପଡ଼ ପେଲାଇ ଅବେ ସୋଲାକାଇ ॥
ଏତେକତେ ସ୍ତ୍ରୀନେ ହରି ଆସେ ଗୃଜବାଟେ ।
ସମୋହିତ ହୁସ୍ୱା କଟୋ ଜାସ୍ୱ ଉଲଙ୍ଗଟେ ॥
କେତେଜନୋ ସୁଖେ ଶୈୟା ଆଛିଲ ଘୁମନ୍ତି ।
ଧାଲେକ ନିବର ଚକମକ କରି ଉଠି ॥
ଧାଲିପାଲି କରେ ସ୍ତନ କେଶ ଆଉଳା ଜାଉଳା ।
କେଁୟା ଧାଇ ଗୁଲା ସବେ ଚଳେ ଯେନ ବାଉଳା ॥
କେତେଜନୋ ଦେଖାଦେ ଅଙ୍ଗୁଳି ଧ୍ୱପଦେଶୀ ।
ଏହ୍ନେନେ ସେ କୃଷ୍ଣ ଗୋସାଇଁ ଜାନ୍ତି ନଥେ ଦର୍ଶ ॥
ଦେଖିହ୍ନୁକ ରୂପ କେନ ନୟନର ସୁଖ ।
ସ୍ତ୍ରୀମାତ ତନୁ ହାସୋଂ ହାସୋଂ କରେ ମୁଖ ॥
ଏନେତେ ମୁଗ୍ଧ ଗୋକୁଳର ଗୋପୀଗଣ ।
[illegible] ଦେଖିସ୍ୱା କେନେ ତାପରେ [illegible] ମନ ॥

ଶଙ୍କରଦେବ

ତେନୟ ଦେଖିଲେ ଯେନ ଶ୍ରୁଜ ଆଗ୍ରେଂ କାଣେ ।
ଏହି ବୁଲି ଜର୍ଜରିତ ଭୈଲ କାମବାଣେ ॥
କାହାରେ ଲଗିଲ ଆତି ମାଧବତ ଧ୍ୟାନ ।
ବାହୁବେ ଆଲିଙ୍ଗି ଯେନ କରେ ନେନ୍ଧେ ପାନ ॥
ଏକଦୃଷ୍ଟି କରି କେହ୍ନୋଜନୀ ଗୃଇଥାକେ ।
ଚକ୍ଷୁ ବଲାଇ କୃଷ୍ଣେ କୋନୋ ଗୃହିବେ ଆମାକେ ॥
ଅତିଶୟ ଭୋଲ ହୁୟା କତୋଜନୋ ଉଠି ।
ଟାନ-ଛଲେ କୃଷ୍ଣକ ଦେଖାବେ କାଷ-ପିଠି ॥
ସ୍ତନକ ଦେଖାବେ ହାସ୍ୟ କରି ମୁଖ ଢାକି ।
ବସ୍ତ୍ର କାଢି କରି ଟେର ଚକ୍ଷୁ ଗୃହି ଥାକି ॥
ବିମୋହିତ ହୁୟା କତୋ ମାଧବକ ଦେଖି ।
ଚିତ୍ରର ପୁତଲି ଯେନ ନଲ୍ଗସୟ ଆଖି ॥
ମଦନେ ପୀଡ଼ିଲ ଆତି ସହିବେ ନପାରେ ।
ବିମୋହିତ ହୁୟା ଆଲିଗତେ ଚୁମା ପାରେ ।
ଏହିମତେ ବିମୋହିତ ଭୈଲ ଯତ ନାରୀ ।
ଏକଭିତି ନଗୃଇ ରଙ୍ଗେ ଚଲନ୍ତ ମୁରାରି ॥

❋

କହନ୍ତ ବୈଶମ୍ପାୟନ ଶ୍ରୁଣ ଜନ୍ମେଜୟ
ଏହିମତେ ଆସନ୍ତେ ଦେବକୀ ତନୟ ।
ନାରୀଗଣେ ଶ୍ରୁଣିଲେ କୃଷ୍ଣର ଆସିବାର
ଅତି ତରତରେ ସେ ପିନ୍ଧନ୍ତ ଅଳଙ୍କାର ।

ଆସ ଗୋ ମାଆ ଭଉଣୀ ଦେହଲୀରେ ରହି
ଦେଖିବା ନୟନ ଭରି ମାଧବ ଗୋସାଇଁ ।

କୃଷ୍ଣଙ୍କୁ ଦେଖିବା ପାଇଁ ବହ୍ୱଳିତ ମନ
ଘରୁ ବାହାର ହେବାକୁ ହୁଅନ୍ତି ଉଚ୍ଛନ୍ନ ।
ଏପରି ହେଲଯେ କିଏ ଗୋଟିଏ ଆଖିରେ ଅଞ୍ଜନ ଲଗାଇଛି
କିଏ ବା ଗୋଟିଏ ପାଦରେ ଅଳତା ପିନ୍ଧିଛି ।
କୃଷ୍ଣ ଆସିବା ଶୁଣି ସେହି ଅବସ୍ଥାରେ ବାହାରିପଡ଼ିଲେ ।

କେତେକ ବିପରୀତ କରି ଅଳଙ୍କାର ପିନ୍ଧିଛନ୍ତି ।
କିଏ ସାତସରି ହାର ଅଣ୍ଟାରେ ପିନ୍ଧିଛି,
ଶିରୋଭୂଷଣ ପାଦରେ ଓ ନୂପୁର ମୁଣ୍ଡରେ ଲଗାଇଛି,
କୃଷ୍ଣଙ୍କୁ ଦେଖିବବୋଲି ଅସ୍ତବ୍ୟସ୍ତ ହୋଇ ବାହାରିପଡ଼ିଛି ।
କେତେ ସ୍ତ୍ରୀ ସେମାନଙ୍କ ଶାଢ଼ୀ ଓଲଟାକରି ପିନ୍ଧିଛନ୍ତି,
ଅଞ୍ଚଳ ଭାଗ ତଳକୁ ଓ ପିନ୍ଧିବା ଭାଗ ଉପରକୁ ହୋଇଛି ।
ଏତକବେଳେ ଶୁଣିଦେଲେ କୃଷ୍ଣ ଆସିଗଲେ,
ଖୋଷଣି ନ ଖୋଷି ହାତରେ ଧରି ଦୌଡ଼ିଗଲେ ।

କେହି କେହି ଭଲ ଲୁଗା ବାଛି ଲୁଗା ବଦଳାଇବାକୁ
ପିନ୍ଧିଥିବା ଲୁଗା ଛାଡ଼ିଦେଇଥିଲେ ।
ଏମନ୍ତ ସମୟରେ ଶୁଣିଲେ କୃଷ୍ଣ ରାଜମାର୍ଗରେ ଆସିଗଲେଣି ।
ବିମୋହିତ ଅବସ୍ଥାରେ ସେମାନେ ସେଇ ଉଲଗ୍ନ ଦେହରେ
ରାସ୍ତାକୁ ବାହାରିପଡ଼ିଲେ ।
କେତେ ସ୍ତ୍ରୀ ସୁଖନିଦ୍ରାରେ ଶୋଇଥିଲେ
ନିଦରୁ ଉଠିପଡ଼ି ଅସମ୍ଭାଳ ହୋଇ ଦୌଡ଼ିଲେ ।
ଦୋଦୁଲ୍ୟମାନ ଉରଜ, ଅବିନ୍ୟସ୍ତ କେଶପାଶ
କାହାନ୍ତି ହରି ? ବୋଲି ପାଟିକରି ପାଗଳପରି ଦୌଡ଼ିଛନ୍ତି ।

କେତେଜଣ ଅଙ୍ଗୁଳି ନିର୍ଦ୍ଦେଶ କରି କହୁଛନ୍ତି—
ଦେଖଗୋ, ପ୍ରଭୁ କୃଷ୍ଣ ରଥରେ ବସି ଯାଉଛନ୍ତି ।
କି ନୟନ-ମୋହନ ରୂପ,
ହସ ହସ ମୁଖ, ସୁନ୍ଦର ସୁକୁମାର ତନୁ ।
ଏହି ରୂପରେ ଏ ଗୋପନାରୀମାନଙ୍କୁ ମୋହୁଥିଲେ ।
ଯାଙ୍କୁ ଦେଖି କାହା ମନ ଅସ୍ଥି ହୋଇ ରହିବ ।
ଯାହା ଶୁଣିଥିଲେ ଏତ ସେହି ରୂପ ॥
ଏହା କହି ସେମାନେ କାମବାଣରେ ଜର୍ଜରିତ ହୋଇପଡ଼ିଲେ ॥
କେତେକ ସ୍ତ୍ରୀ ମାଧବଙ୍କ ଧ୍ୟାନରେ ଏତେ
ତନ୍ମୟ ହୋଇପଡ଼ିଲେ ଯେ
ସେମାନେ ଭାବିଲେ କୃଷ୍ଣଙ୍କୁ ବାହୁପାଶରେ ଆଲିଙ୍ଗନ କରି
ତାଙ୍କ ରୂପ ସୁଷମାକୁ ନେତ୍ରପଥରେ ପାନ କରୁଛନ୍ତି ।
କେତେ ନାରୀ ଏକଦୃଷ୍ଟିରେ କୃଷ୍ଣଙ୍କୁ ଚାହିଁରହିଲେ ।
ନେତ୍ରପସାରି କୃଷ୍ଣ ଆମ୍ଭମାନଙ୍କୁ ଚାହିଁବେ ପରା
ଏହି ଭାବନାରେ
ଅତିବିହ୍ୱଳ ହୋଇ କେତେକ ନାରୀ ଠିଆହୋଇପଡ଼ିଲେ ।
ସେହି ଉଠିବା ଅବସ୍ଥାରେ ଟାଣି ହେବା ଛଳରେ
କୃଷ୍ଣଙ୍କୁ ନଗ୍ନ ପୃଷ୍ଠ ଦେଖାଇବାପାଇଁ
ମୃଦୁ ହାସ୍ୟ କରି, ମୁଖ ଆବୃତ କରି, ଅନାବୃତ ବକ୍ଷୋଜ
ଦେଖାଉଥାନ୍ତି—
ଆକର୍ଣ୍ଣବିସ୍ତୃତ କଟାକ୍ଷପାତ ସହିତ ।
ମାଧବଙ୍କୁ ଦେଖି ବିମୋହିତ ହୋଇ କେତେକ
ଚକ୍ଷୁ ସ୍ଥିରକରି ଚିତ୍ରପିତୁଳା ପରି ରହିଥାନ୍ତି ।
ଅନ୍ୟମାନେ ମଦନ-ଶରରେ ଆହତହୋଇ
ଆଉ ଧୈର୍ଯ୍ୟ ରଖିପାରିଲେ ନାହିଁ ।

ବାହ୍ୟ-ଚେତନା ହରାଇ ଶୂନ୍ୟକୁ ଚୁମ୍ବନ ଦେବାରେ ଲାଗିଲେ ।
ଏହି ପ୍ରକାରେ ସମସ୍ତ ନାରୀ-ସମାଜ ବିମୋହିତ ହୋଇପଡ଼ିଲେ ।
ମାତ୍ର ମୁରାର ପାର୍ଶ୍ୱକୁ ଦୃଷ୍ଟି ନ ଦେଇ
ଆନନ୍ଦରେ ଅଗ୍ରସର ହେଲେ ॥

ପରି ପୂନୁ ଭାଟ ଚପୟୁ କହ ବାଣୀ (୧)

ପରି ପୂନୁ ଭାଟ ଚପୟୁ କହ ବାଣୀ ।
କୃଷ୍ଣକ ଆଗୁ ରୂପ ବର୍ଖାନ ॥
ଜୟ ଯଦୁନନ୍ଦନ ଦେବକୁ ଦେବ ।
ତୋହାର ଚରଣେ କରହୁ ବହୁ ସେବ ॥
ତୋହି ମହିମା କହତୁ ନାହି ଅନ୍ତ ।
ପୂରଲ ପରମା କୀରତ ଦିଗନ୍ତ ॥
ତୁହୁ ସମ ପୁରୁଷ କତହୁ ନାହି ପାଇ ।
ସୁନ ଅବ ବଚନେକ ବୋଲେହୋ ଗୋସାଇଁ ॥
ହାମାକୁ କୁଣ୍ଡିଲ ନଗରୀ ଅନୁପାମ ।
ଆଛେ କନ୍ୟା ଏକ ରୁକ୍ମଣୀ ନାମ ॥
ଭୀଷ୍ମକ-ରାଜ-ନନ୍ଦନୀ ବରବାଲ ।
ବାଢ଼ୟ ନବ ଜୋନ ଚନ୍ଦ୍ରକ କାଲ ॥

---

୧ । ଏହା ରୁକ୍ମଣୀ-ହରଣ ନାଟକରୁ ଗୃହୀତ । ଜନୈକ ଯାଯାବର ଭାଟ ଭୀଷ୍ମକଙ୍କ ରାଜଧାନୀ କୁଣ୍ଡିନରୁ ଦ୍ୱାରକା ଯାତ୍ରା କରେ; କୃଷ୍ଣଙ୍କ ସଙ୍ଗେ ସାକ୍ଷାତ କରେ ଏବଂ ତାଙ୍କୁ ଭୀଷ୍ମକଙ୍କ କନ୍ୟା ରୁକ୍ମଣୀଙ୍କ ଅପୂର୍ବ ରୂପର ବର୍ଣ୍ଣନା ଦିଏ ।

କି କହବ ରମଣୀକ ରୂପ ପରଚୁର ।
ବୟନକ ପେଖି ଚନ୍ଦ ଭେଲ ଦୁର ॥

ନୟନକ ପେଖି ପାଇ ବର ଲଜ୍ଜ
କର୍ଯ୍ୟୁଲ ଝାମ୍ପ କମଲ ଜଲ ମାଜ ॥

ବନ୍ଧୁଲି ଅଧିକ ଅଧର କରୁ କାନ୍ତ ।
ଓଁତିମ ମୋତିମ ଦଶନକ ପାନ୍ତ ॥

ସୁବଲିତ ଭୁଜ-ଯୁଗ ରତନ ମୋଲାନ ।
ଉରୁ କରକର କଟି ଡମରୁକ ଠାନ ॥

ନବ-ପଲ୍ଲବ-ରୁଚ ପଦ ଯୁଗ ସୋହେ ।
ଦେଖିତେ ସୁର ନର ମୁନି ମନ ମୋହେ ॥

ବାଣୀ ଅମିୟା ରୂପ ଗୁଣେ ନୋହେ ହୀନ ।
ରାଜ କୁମାରୀକ ବୟସ ନବୀନ ॥

ଜତନୁ ଯତନେ ବିଧି କଏଲା ନିରମାଣ ।
ସେ କନ୍ୟା ହବେ ପ୍ରଭୁ ତୋହାର ସମାନ ॥

କହଲୁ ସ୍ୱରୂପ ଅଂଦ ବଚନ ବଗୁର ।
ହୋବୟ ଗୃହିଣୀ ଜବ ରୁକମିଣୀ ନାରୀ ॥

ତବ ଗୃହବାସ ସାଫଲ ହୋବେ ନାଥ ।
କହଲ ଭାଟ ଉପର କରି ହାତ ॥

କୃଷ୍ଣର କିଙ୍କର ଓହି ଶଙ୍କର ବୋଲ ।
କହୁ ଅବ ନର ସବ ହରି ହରି ବୋଲ ।

※

ଯାଯାବର ଶ୍ରୀ କୃଷ୍ଣଙ୍କ ଚରଣ ବନ୍ଦନା କରି
ତା ବକ୍ତବ୍ୟ ସାଙ୍ଗୀତିକ ଭଙ୍ଗୀରେ କହୁଛି
ରୁକ୍ମିଣୀଙ୍କର ରୂପ ଲାବଣ୍ୟର ଚିତ୍ର ପ୍ରଦାନ କରି ।
ହେ ଯଦୁନନ୍ଦନ, ହେ ଦେବାଧିଦେବ, ଆପଣଙ୍କର ଜୟ ହେଉ ।
ଆପଣଙ୍କ ଚରଣରେ ମୁଁ ବହୁ ପ୍ରଣତି ନିବେଦନ କରୁଛି ।
ଆପଣଙ୍କ ମହିମାର ଅନ୍ତ ନାହିଁ ।
ଆପଣଙ୍କ ବିଶାଳ କୀର୍ତ୍ତି ଦିଗନ୍ତବିସ୍ତୃତ
ଆପଣଙ୍କ ସମ ସୁପୁରୁଷ ନିତାନ୍ତ ଦୁର୍ଲଭ ।
ହେ ପ୍ରଭୁ, ଏବେ ମୋର ଗୋଟିଏ କଥା ଶୁଣନ୍ତୁ ।
ମୋ ଘର ଅନୁପମ ନଗରୀ କୁଣ୍ଡିନରେ ।
ସେଠାରେ ରୁକ୍ମିଣୀ ନାମରେ ଏକ ସୁନ୍ଦରୀ କନ୍ୟା ଅଛି ।
ସେ କନ୍ୟା-ଲଲାମ ରାଜା ଭୀଷ୍ମକଙ୍କ ଦୁହିତା ଅଟନ୍ତି ।
ନବଯୁବତୀ ଚନ୍ଦ୍ର-କଳାପରି ବଢ଼ି ଆସୁଛନ୍ତି ।
ମୁଁ ତାଙ୍କର ରୂପ-ପ୍ରାଚୁର୍ଯ୍ୟ କିପରି ବର୍ଣ୍ଣନା କରିବି ?
ଯାହାଙ୍କର ମୁଖ ଶୋଭା ଦେଖି ଚନ୍ଦ୍ର ଦୂରକୁ ପଳାଇଗଲା,
ଯାହାଙ୍କର ନେତ୍ର-ଶୋଭାରେ କମଳ ଲଜ୍ଜିତ ହୋଇ
ଗଭୀର ଜଳରେ ବାସ ନେଲା ।
ଯାହାଙ୍କ ଅଧରର କାନ୍ତି ବନ୍ଧୁଲି ପୁଷ୍ପକୁ ନିନ୍ଦା କରୁଛି
ଦଶନପନ୍ତି ସୁନ୍ଦର-ମୁକ୍ତା-ପନ୍ତି ସଦୃଶ
ସୁବଳିତ ବାହୁଯୁଗ ସ୍ୱର୍ଣ୍ଣ-ପଦ୍ମ-ମୃଣାଳ ସଦୃଶ

କଦଳୀ-ଜାତ ସଦୃଶ ଉରୁ
ଡମ୍ବରୁମଧ୍ୟା କଟିଦେଶ
ନବ-ପଲ୍ଲବ-ରୁଚ ପଦଯୁଗ ଶୋଭାପାଉଛି
ଯାହା ଦେଖିଲେ ସୁର-ନର-ମୁନି ମନ ମୋହିତ ହେବ ।
ତାଙ୍କ ବାଣୀ ଯେପରି ସ୍ୱର୍ଗର ଅମୀୟସୁଧାର
ଗୁଣ ଗୌରବ ତାଙ୍କର ସାମାନ୍ୟ ନୁହେଁ
ରାଜକୁମାରୀ ନବୀନବୟସୀ
ବିଧାତା ସେ କନ୍ୟାକୁ କେତେ ଯତ୍ନ କେତେ ଆୟାସରେ
ନିର୍ମାଣକରିଛି ।

ହେ ପ୍ରଭୁ, ସେ କନ୍ୟା କେବଳ ଆପଣଙ୍କ ଯୋଗ୍ୟା ।
ମୁଁ ଏ ସ୍ୱରୂପ-ସତ୍ୟ ବଚନ ବିପ୍ରରସିକ ଭାଷାରେ କହୁଛି ।
ସେ ରୁକ୍ମିଣୀ ନାମ୍ନୀ ଯଦି ଆପଣଙ୍କ ଗୃହିଣୀ ହୁଏ
ତାହେଲେ, ହେ ନାଥ, ଆପଣଙ୍କ ଗାର୍ହସ୍ଥ୍ୟ ଜୀବନ
ସାଫଲ୍ୟମଣ୍ଡିତ ହେବ ।

ଏକଥା ଭାଟ ହସ୍ତଉତ୍ତୋଳନ ପୂର୍ବକ ଜଣାଇଲା ।
କୃଷ୍ଣ-କିଙ୍କର ଶଙ୍କର କହୁଛି
ସମସ୍ତେ ଏବେ ହରି ହରି ଧ୍ୱନି କର ।

ହରି, ହରି, କିନା ଭେଲ ରାଜକୁମାରୀ (୧)

ରାଗ—ଗୌରୀ ରୂପକ ତାଳ

ହରି ହରି କିନା ଭେଲ ରାଜକୁମାରୀ
କମଳ-ନୟନ ପୂରି ବାରି ଝୁରିବତି
ଘନ ଘନ ଫୋକାରେ ମୁରାରି ॥ ଧ୍ରୁଂ ॥
କରତ କତନୁ ତେରି ନାରୀ ନିକାରୁ
ମୋହେ ବିରହ ଦହେ ଆଗି ।
ତୁହୁ ଜବ ଜୀବନ ବାଲ ଗ୍ରେଉହ
ହଉଁ ତବ ତୁବା ବିଧ-ଭାଗୀ ॥
ତେରି ଦରଶନ କୈସନ ହୋଇ
ସୁମରତେ ତନୁ ମନ ତାବେ ।
'ମଲଲ ଅଧିକନୁ ହରିକୋ ଆକୁଲ
କୃଷ୍ଣ-କିଙ୍କର 'ରସ ଗାବେ ।

---

(୧) ଏହା 'ରୁକ୍ମିଣୀହରଣ' ନାଟକର ଗୋଟିଏ ସଙ୍ଗୀତ । ରୁକ୍ମିଣୀ ଶ୍ରୀକୃଷ୍ଣଙ୍କୁ ବିବାହ କରିବାର ସଙ୍କଳ୍ପ ଜଣାଇଁ ତାଙ୍କୁ ପତ୍ର ଲେଖିଥିଲେ ଏବଂ ତତ୍ ସଙ୍ଗେ ସଙ୍ଗେ ଚେଦିରାଜ୍ୟର ଦୁଷ୍ଟମତି ରାଜା ଶିଶୁପାଳ ସଙ୍ଗେ ତାଙ୍କର ବିବାହ ଦେବାପାଇଁ ଯେ ଷଡ଼ଯନ୍ତ୍ର ଚାଲିଚି ତଦ୍ଦ୍ୱାରା ତାଙ୍କ ସଙ୍କଳ୍ପରେ ଯେ ବାଧା ସୃଷ୍ଟି ହେଉଚି ସେ କଥା ମଧ୍ୟ ସେ ଜଣାଇଥିଲେ । ସେ ପତ୍ର ପାଇ ରୁକ୍ମିଣୀଙ୍କ ସମ୍ପର୍କରେ କୃଷ୍ଣ ଯେ ଘୋର ଚିନ୍ତାରେ ପଡ଼ିଛନ୍ତି ସଂଶିତ ସଙ୍ଗୀତଟି ତାହାର ଅଭିବ୍ୟକ୍ତି ।

✵

ହେ ଭଗବାନ ! ରାଜକୁମାରୀର କି ଦଶା ହେଲା !
ତାହାର କମଳ ନୟନ ଭରି
ବାରି ଝରୁଥିବ ।
ମୁରାରି ଏହି କଥା କହି
ବାରମ୍ବାର ଦୀର୍ଘଶ୍ୱାସ ତ୍ୟାଗ କରୁଥିଲେ ।
ମୋ ବିରହ–ଅନଳ କି ଯନ୍ତ୍ରଣା ତୋତେ ଦେଉନଥିବ !
ରେ ସୁନ୍ଦରୀ, ତୁ ଯେବେ ଜୀବନ ହାରିଦେଉ
ମୁହିଁ ତୋର ବଧଭାଗୀହେବି ପରା !
ମୁଁ କିପରି ତୋ ଦର୍ଶନ ପାଇବି ?
ତୋ ସ୍ମରଣରେ ମଧ୍ୟ
ମୋ ଶରୀର ଓ ପ୍ରାଣ ଜଳିପୋଡ଼ିଯାଉଛି ।
ହରିଙ୍କ ବ୍ୟାକୁଳତା ବେଳୁବେଳ ତୀବ୍ରତର ହେଲା ।
ଏ ରସ କୃଷ୍ଣଙ୍କର ଦାସ ଗାନ କରୁଛି ।

ଦୈବକୀ-ଉଦରେ ଉଦୟ ହୋଇ ଦେବା (୧)

ଦୈବକୀ-ଉଦରେ ଉଦୟ ହୋଇ ଦେବା
କଲ ଭକତଙ୍କ ତ୍ରାଣ ।
ଅଘ ବକ ଧେନୁକ କେଶୀ ସବଂଶକ
କଂସକ ଧ୍ୱଂସଲ ପ୍ରାଣ ॥
ବିରନ୍ଦା-ବିପିନ-ବିହାର-ବିଶାରଦ
ଶାରଦ ଚନ୍ଦ୍ର ସମାନ ।
ସୋଇ ଜଗତ-ଗୁରୁ ତୋର ସତତେ କରୁ
ମୁକୁତ ମଙ୍ଗଳ ବିଧାନ ॥
ଜୋଇ ଗୋପବଧୂ ବିବିଧ ବିଧର୍ଷଲ
ପରମ୍ପର ଭୁଜ ମେଲ ।
ଜୋଇ ଯମୁନା-ଜଲ ଯାମିନୀ କାମିନୀ
ମିଲି କଏ ରଙ୍ଗ କେଲି ॥
ଦୁଷ୍ଟ ଅରିଷ୍ଟକ ମୁଷ୍ଟିକ ମୋକ୍ଷଲ
ଶଙ୍ଖଚୂଡ଼ ଲେଲ ପ୍ରାଣ ।
ସୋଇ ଜଗତଗୁରୁ ତୋର ସତତେ କରୁ
ମୁକୁତ ମଙ୍ଗଲ ବିଧାନ ॥
ଜୋଇ ଭୂବିକହୁ ଭାର ଉତାରଲ
ନିଜ ଜନ ପୂରଯେ କାମ ।

---

୧ । ଏହା ଅନ୍ତିମ ମୁକ୍ତି-ମଙ୍ଗଳ ଭଣିତା (ବିଷ୍ଣୁ କୃଷ୍ଣଙ୍କର ଗୋଟିଏ ସ୍ତୁତିବାଦ, ଯହିଁରେ ନିଖିଳ ଜନର ସୁଖ ଓ ମୁକ୍ତି କାମନା କରାଯାଇଛୁ । ଏହା ସଂସ୍କୃତ ନାଟ୍ୟସାହିତ୍ୟର ଭରତ-ବାକ୍ୟ ସଙ୍ଗେ ତୁଳନୀୟ) 'କାଳୀ-ଦମନ' ନାଟକର ଅନ୍ତର୍ଗତ ।

ପାପୀ ପାପକ ମୂଳ ଉପାଡ଼େ
ଉଚର ଜାକେର ନାମ ॥
ଜାହେ ନାମ ସୁନି ନୀଚ ଶ୍ୱପଚ ମୁନି
ଦୋହୋ ହୋବେ ଏକୁ ସମାନ ।
ସୋହି ଜଗତଗୁରୁ ତେର ସତତେ କରୁ
ମୁକୁତି ମଙ୍ଗଳ ବିଧାନ ॥
ସୋହି ବୈକୁଣ୍ଠକ କୃଷ୍ଣକ ନାଟକ
ଉତ୍ପାଟକ-ଦୁଖ ମୂଳ ।
ପୁଣ୍ୟକ ସଞ୍ଜନ କଲି-ମଲ-ଧ୍ୱଞ୍ଜନ
ନାହି ନାହି ଓହି ତୁଲ ॥

ସୁନି ସଭାସଦ ଦେଖୁ ବିଚାରି
ଭେଲହି ଲୋକ ଏକାକାର ।
ଧରମକ କରମକ ଆଶା ଦୂର କର
ହରି ବିନେ ଗତି ନାହି ଆନ ॥

ଶ୍ରୀରାମରାଇ ହରି ବିନେ ନାଇ
ଜାହେର ହୃଦୟ-ଧ୍ୟାନ ।
ଭକତିକ ଶକତି ଜାହେର ମିଲଲ
ପରମ ଈଶ୍ୱର ଗିୟାନ ॥
ପାଷଣ୍ଡ-ଦଣ୍ଡନ ମଣ୍ଡନ ଭକତକ
ହରି-ରସ-ରସିକ ସୁଜାନ ।
କାଲି-ଦମନ କରିବତ ନାଟକ
କୃଷ୍ଣ-କିଙ୍କର ଓହି ଭାଣ ॥
ସୁନ ସବ ଲୋଇ ବଚନକ ମୋଇ
ସବ ତେଜି ଭଜ ହରି-ପାବ ।

ଓହି ଭବ-ଦୁର୍ଗମ-ସାଗର-ତରଣେ
କୃଷ୍ଣ-ପାଦ-ପଲ୍ଲବ-ନାବ ॥
ଦେବକ ଉପର ରାଜା ମାଧବ
ଧରମକ ଉପର ନାମ ।
କୋଟି କଲପକ ପାତକ-ନାଶକ
ଡାକ ବୋଲହୁ ରାମ ରାମ ॥

*

ଯେ ଦେବକୀ-ଉଦରରୁ ଉଦୟ ହୋଇ
ଭକ୍ତମାନଙ୍କୁ ଉଦ୍ଧାରକଲେ—
ଯେ ଅଘ-ବକ-ଧେନୁକ-କେଶୀ-କଂସ ଆଦି ଅସୁରମାନଙ୍କୁ
ସବଂଶେ ବିନାଶ କଲେ—
ଯେ ବୃନ୍ଦାବନ ଲୀଳାର ମୁଖ୍ୟ-ନାୟକ
ଶରତ୍‌ଚନ୍ଦ୍ର ପ୍ରଭ କମନୀୟ କାନ୍ତି ଯାହାର;
ସେହି ଜଗତ୍‌ଗୁରୁ ସର୍ବଦା ତୁମ୍ଭମାନଙ୍କର ମୁକ୍ତି ଓ
ମଙ୍ଗଳ ବିଧାନ କରନ୍ତୁ ।
ଯେ ଗୋପବଧୂମାନଙ୍କ ସଙ୍ଗେ ନାନା ରଙ୍ଗରେ କେଳି କଲେ,
ବାହୁ ପ୍ରସାରି ସେମାନଙ୍କୁ ଆଲିଙ୍ଗନ କଲେ,
ଯେ ଯମୁନା ଜଳରେ ଯାମିନୀ କାଳରେ କାମିନୀ ମେଳରେ
ପ୍ରେମ-ରଭସରେ ଜଳ କ୍ରୀଡ଼ା କରିଥିଲେ
ଯେ ଦୁଷ୍ଟ ଦାନବ ଅରିଷ୍ଟକ ଓ ମୁଷ୍ଟିକଙ୍କ ମୁଣ୍ଡ ମୋଡ଼ି
ପ୍ରାଣ ନେଇଥିଲେ ଓ ଶଙ୍ଖଚୂଡ଼କୁ ବିନାଶ କରିଥିଲେ,

ସେହି ଜଗଦ୍‌ଗୁରୁ ସତତ ତୁମ୍ଭମାନଙ୍କର ମୁକ୍ତି ଓ
ମଙ୍ଗଳ ବିଧାନ କରନ୍ତୁ ।

ଯେ ଭୂମି-ଭାର-ହରଣ କରନ୍ତି ନିଜ ଭକ୍ତଜନଙ୍କର କାମନା ପୂର୍ଣ୍ଣକରି
ଯାହାଙ୍କ ନାମ ଉଚ୍ଚାରଣ ପାପୀ ପାପର ମୂଳ ଉତ୍ପାଟନ କରେ
ଯାହାଙ୍କ ନାମ ଶ୍ରବଣ କରି ନୀଚ ଚଣ୍ଡାଳ ଓ ମୁନି ସମାନ ଆସନର
ଅଧିକାରୀ ହୋଇଥିଲେ

ସେହି ଜଗଦ୍‌ଗୁରୁ ସତତ ତୁମ୍ଭମାନଙ୍କର
ମୁକ୍ତି ଓ ମଙ୍ଗଳ ବିଧାନ କରନ୍ତୁ ।

ସେହି ବୈକୁଣ୍ଠ-ବିହାରୀ କୃଷ୍ଣଙ୍କ ନାଟକ ସଂସାର ଦୁଃଖ ଯାତନାର
ମୂଳୋତ୍ପାଟକ ଅଟେ ।

ଏହି ନାଟକ ପୁଣ୍ୟ ସଞ୍ଚୟନକାରୀ ଓ କଳି-ମଳ ଧ୍ୱଂସନକାରୀ;
ଏହାର ପଟାନ୍ତର ନାହିଁ ।

ହେ ସମବେତ ସଭାସଦ୍‌ଗଣ, ବିଚାର କରି ଦେଖ କିପରି
ସମଗ୍ର ଲୋକ-ସମାଜ ପାପ-ପଙ୍କରେ ଗଡ଼ୁଛନ୍ତି ।

ଏ ଧର୍ମ କର୍ମ କର୍ମୀଣିର ଆଶା ଛାଡ଼,
କାରଣ ହରି ବିନା ଅନ୍ୟ ଗତି ନାହିଁ ।

ଯେଉଁ ଶ୍ରୀରାମରାୟଙ୍କ ହୃଦୟରେ ହରି ବିନା ଅନ୍ୟ କାହାରି ଧ୍ୟାନ ନାହିଁ;
ଭକ୍ତି ବଳରେ ଯେ ପରମ ଈଶ୍ୱରଙ୍କ ସମ୍ପର୍କରେ ଜ୍ଞାନ ଅର୍ଜନ କରିଛନ୍ତି;
ଯେ ପାଷଣ୍ଡମାନଙ୍କ ଦଣ୍ଡଦାତା ଓ ଭକ୍ତମାନଙ୍କର ପ୍ରଶଂସକ,
ହରି ରସରସିକ ବା ରସଜ୍ଞ ପଣ୍ଡିତ ଅଟନ୍ତି
ସେଇ ହିଁ ଏ କାଳୀଦମନ ନାଟକ କରାଇଛନ୍ତି ଓ
କୃଷ୍ଣ-କିଙ୍କର ଏହାକୁ ରଚନା କରିଛି ।
ଶୁଣନ୍ତୁ ସମସ୍ତେ ମୋ କଥା
ସବୁ ଛାଡ଼ି ହରି-ପାଦ ଭଜନ କରନ୍ତୁ ।

ଏହି ସଂସାର-ରୂପକ ଦୁର୍ଗମ ସାଗର ତରିବାକୁ
କୃଷ୍ଣଙ୍କର ପାଦ-ପଲ୍ଲବ ହିଁ ନୌକା ଅଟେ ।
ଦେବତାଙ୍କ ଉପରେ ରାଜା ମାଧବ,
ମଙ୍ଗଳ ଧର୍ମଙ୍କ ଉପରେ ଶ୍ରେଷ୍ଠ ନାମ-ଭକ୍ତି—
କୋଟି କୋଟି କଳ୍ପର ପାତକ-ନାଶକାରୀ ଅଟେ ।
ବୋଲ ଲକ୍ଷ ଉଚ୍ଚ କଣ୍ଠେ 'ରାମ, ରାମ' ॥

ହରି ହେ ବୁଝିଲେ ତୁହ୍ମ ବର ନିଦୟା (୧)

ରାଗ—ସୁହାଇ ଯତିମାନ

ହରି ହେ ବୁଝିଲେ ତୁହ୍ମ ବର ନିଦୟା
ନିକରୁଣ-ବାଣୀ-ବାଣେ ମରମ ହାନି
ଦାରିଲ ହାମାକେର ହୃଦୟା ॥ ଧ୍ରୁଂ ॥
ପଢ଼ି ସୁତ ସବ ଅବ ଛୋଡ଼ି ପରିଲ ନାଥ
ତୁବା ପଦ-ପଙ୍କଜ-ଆଗ ।
ଭକତ-କୃପାଳ ଗୋପାଳ ତୋର କୈସେ
ଟୁଟିଲ ନବ ଅନୁରାଗ ॥

୧ । ଏହା ବ୍ରଜ ଗୋପୀମାନଙ୍କ ଗୋଟିଏ ସଙ୍ଗୀତ । ଗୋପୀମାନେ ଏକ ପୂର୍ଣ୍ଣିମା ପ୍ରଦୋଷରେ ଯମୁନାତୀରସ୍ଥ ବୃନ୍ଦାବନକୁ ଦୌଡ଼ିଯାଇ କୃଷ୍ଣଙ୍କଠାରୁ ଗୁଡ଼ିଏ ଗାର୍ହସ୍ଥ୍ୟ ଜୀବନର ନୈତିକତା ସମ୍ପର୍କରେ ଅରୁଚିକର ଧର୍ମ ଉପଦେଶ ଶୁଣିବାକୁ ପାଇଲେ । ଏହା ତଜ୍ଜନିତ ଦୁଃଖାବେଗର ଅଭିବ୍ୟକ୍ତି । ଏହା କେଳି ଗୋପାଳ (କୃଷ୍ଣଙ୍କ ପ୍ରେମଲୀଳା) ନାଟକରୁ ଗୃହୀତ ।

ତୁହ୍ମ ବିନେ ମାଧବ ଦେହା ନାହି ରାଖବ
ବିରହିଣୀ ଛାଡ଼ବ ପ୍ରାଣ ।
ନକରହୁ ନୈରାଶା ତୁହ୍ମ ଜଗତବାସା
କୃଷ୍ଣ-କିଙ୍କରେ ଏହୁ ଭାଣ ॥

❋

ହରିହେ ଜାଣିଲୁ ତୁମେ ବଡ଼ ନିର୍ଦ୍ଦୟ ।
ଅକରୁଣ-ବାଣୀ-ବାଣେ ମରମ ହାଣି—
ଛିନ୍ନଭିନ୍ନ କଲ ଆମ ହୃଦୟ ।
ସ୍ୱାମୀ-ପୁତ୍ର ମୋହ ଛାଡ଼ି ଆମେ ତ ତବ ପାଦପଦ୍ମ ତଳେ ପଡ଼ିଲୁ
ହେ ଭକ୍ତଚିନ୍ତାମଣି ଦୟାମୟ
ହେ ଗୋପାଳ, ଆମଠାରୁ ତମ ନବ-ଅନୁରାଗ କିପରି ତୁଟିଲା ?
ତୁମ ବିନୁ ହେ ମାଧବ, ଆମ୍ଭେମାନେ ଏ ଦେହ ରଖିବୁ ନାହିଁ ।
ଆମେ ବିରହିଣୀମାନେ ପ୍ରାଣ ବିସର୍ଜନ କରିବୁ ।
କୃଷ୍ଣ-କିଙ୍କରର ଏହି ପ୍ରାର୍ଥନା—
ହେ ଜଗନ୍ନିବାସ, ତମେ ଗୋପୀମାନଙ୍କୁ
ନିରାଶକରନାହିଁ ॥

ମାଇ, ମାଇ, ହରିକ ବିଚ୍ଛୁରି କିତ ରହିବ (୧)

ରାଗ--ଅହିର ଏକତାଳି

ମାଇ, ମାଇ, ହରିକ ବିଚ୍ଛୁରି କିତ ରହିବ ।
ଯାହେ ନେହାରି ସୁର-ରମଣୀ ଭୂଲୁଛି ପରେ
ତାହେ ବିରହି କିତ ସହିବ ।। ଧ୍ରୁ ।।
ବାମ ବାହୁତ ବାମ କପୋଲ ମିଳାଯ୍ କେଲି
କଦମ୍ବକ ମୂଲେ ବେଣୁ ବାଯ୍ ।
ସୁନି ବେଣୁ ଧେନୁ ଧରତି ତୃଣ ଦଶନୁ
ରହି ନୀର ନୟନ ଝୁରାଇ ।।
ସୁନାଯ୍ ମୋହନ ଧୁନି ତମ୍ଭିତ ତରଙ୍ଗିଣୀ
ପୁଲକ କମଲ-କୁଲ ଡୋଲେ ।
ହରିଣୀ ହରିବତ ଚେତନ ଏ ତନୁ
ବିଚ୍ଛୁରି ରହତ ରସ-ଭୋଲେ ।।
ନୀଲ ତନୁ ପୀତ ପଟ ପେଖି ଗଗନ ଘନ
ବୋଲି ସୁରୁଜ କରି ମାନ ।
ଗ୍ରୀଯ୍ ଛନ୍ଦ ଧରତ କରତ ମଧୁର୍ ଧୁନି
କୃଷ୍ଣ-କଣ୍ଠରେ ରସ ଖାଣ ।।

୧। ଏହା କେଲିଗୋପାଳରୁ ଗୃହୀତ ଆଉ ଗୋଟିଏ ସଂଗୀତ । ବ୍ରଜଗୋପୀମାନେ ରାତ୍ରିରେ କୃଷ୍ଣଙ୍କ ସଙ୍ଗେ ରାସକ୍ରୀଡ଼ାରେ ବ୍ୟାପୃତ ରହି ଦିନବେଳେ ଯେ ନିଜ ନିଜ ଘରେ ଆବଦ୍ଧ ରହନ୍ତି, ସେମାନଙ୍କର ସେହି ସମୟର ଗଭୀର ବିଚ୍ଛେଦ-ବ୍ୟଥା ଏଥିରେ ରୂପାୟିତ ହୋଇଛି ।

❋

ମା, ମା, କୃଷ୍ଣଙ୍କୁ ବିସ୍ମରଣ କରି କେତେ ସମୟ ରହିବ ?
ତାଙ୍କ ବିଚ୍ଛେଦ କେତେ ସମୟ ସହିପାରିବି-
ଯାହାଙ୍କୁ ଦେଖି ସୁରସୁନ୍ଦରୀଗଣ ମୂର୍ଚ୍ଛିତ ହୋଇପଡ଼ନ୍ତି ।
ସେ ବାମ ସ୍କନ୍ଧ ଉପରେ ବାମ କପୋଳ ନ୍ୟସ୍ତ କରି
କେଳି କଦମ୍ବ ମୂଳରେ ବେଣୁ ବଜାଉଛନ୍ତି ।
ସେ ବେଣୁ ଧ୍ୱନି ଶୁଣି ଧେନୁଗଣ ଦନ୍ତରେ ତୃଣ-କବଳ
ଧରି ଚକ୍ଷୁରୁ ଲୋତକ ଝରାଉଛନ୍ତି ।
ସେ ମୋହନ ଧ୍ୱନି ଶୁଣି ତଟିନୀ ପ୍ରବାହ ସ୍ତମ୍ଭୀଭୂତ ହୋଇ ରହିଛି ।
କମଳାନନକରି ପୁଲକ ଭରେ ଦୋଳାୟିତ ଭଙ୍ଗୀରେ ନୃତ୍ୟ କରୁଛନ୍ତି ।
ହରିଣୀମାନେ ଚେତନା ହରାଇ ଉସମାଦକତାରେ
ଆତ୍ମବିସ୍ମୃତ ହୋଇ ରହିଛନ୍ତି ।
ଆକାଶ-କୃଷ୍ଣ-ମେଘ ତାଙ୍କର ପୀତପଟ୍ଟ ପରିବେଷ୍ଟିତ
ଶ୍ୟାମ ତନୁକୁ ଦେଖି
ତାଙ୍କୁ ସୂର୍ଯ୍ୟ ବିଗୃରକରି ସମ୍ମାନ ପ୍ରଦର୍ଶନ କରୁଛି,
ଛାୟା ଛନ୍ଦ ଧାରଣ କରି ମଧୁର ନିକ୍ୱଣ କରୁଛି ।
ଏ ରସକୁ କୃଷ୍ଣକଙ୍କର ବର୍ଣ୍ଣନା କରୁଛି ।

ଅନ୍ୟ ଦେବୀ ଦେବ ନକରିବା ସେବ (୧)

ଅନ୍ୟ ଦେବୀ ଦେବ ନକରିବା ସେବ
ନଖାଇବା ପ୍ରସାଦ ତାର ।
ମୂର୍ତ୍ତିକୋ ନଚାଇବା ଗୃହୋ ନପଶିବା
ଭକ୍ତି ହୈବ ବ୍ୟଭିଚାର ॥
ଏକେ କୃଷ୍ଣ ଦେବ କରିୟୋକ ସେବ
ଧରିୟୋ ତାହାନ ନାମ ।
କୃଷ୍ଣ-ଦାସ ହୁୟା ପ୍ରସାଦ ଭୁଞ୍ଜିୟା
ହସ୍ତେ କରା ତାନ କାମ ॥

❋

ଅନ୍ୟ ଦେବଦେବୀମାନଙ୍କର ପୂଜା କରନାହିଁ
ସେମାନଙ୍କର ପ୍ରସାଦ ଖାଅନାହିଁ
ମୂର୍ତ୍ତିକୁ ଚାହଁ ନାହିଁ
ମନ୍ଦିର ଭିତରକୁ ଯାଅ ନାହିଁ,
ସେପରି କଲେ ଭକ୍ତିର ବ୍ୟଭିଚାର ହେବ ।

---

୧ । ଶଙ୍କରଦେବଙ୍କ ଭାଗବତ-ପୁରାଣ ଦ୍ୱିତୀୟ ଖଣ୍ଡର ବିଭିନ୍ନ ବିଭାଗ ସଙ୍ଗେ ସଂଯୁକ୍ତ ହୋଇଥିବା ଉପଦେଶମାନଙ୍କ ମଧ୍ୟରୁ ଏହା ଗୋଟିଏ ।

କେବଳ ମାତ୍ର କୃଷ୍ଣଙ୍କୁ ହିଁ ସେବା କର
ତାଙ୍କର ନାମ ଗାନ କର
ତାଙ୍କର ଦାସ ହୁଅ
ତାଙ୍କର ପ୍ରସାଦ ଭୋଜନ କର
ସ୍ୱହସ୍ତରେ ତାଙ୍କର କର୍ମ କର ।

ଯାର ଯେନ ମତି କରେ ବେଦକ ବ୍ୟାଖ୍ୟାନ (୧)

ଯାର ଯେନ ମତି କରେ ବେଦକ ବ୍ୟାଖ୍ୟାନ ।
ନିଜ ଅର୍ଥ ଭକତିକୁ ତେଜି ବୁଜେ ଆନ ॥
କେହୋ ବୋଲେ ବେଦେ କବୈ ଯଜ୍ଞ ବ୍ରତ ଦାନେ ।
କେହୋ ବୋଲେ କ୍ଷୁଦ୍ର ଦେବ ପୂଜା ତୀର୍ଥ ସ୍ନାନେ ॥
କେହୋ ବୋଲେ ବେଦେ କବୈ ଜ୍ଞାନତେସେ ଗତି ।
ଗୁଣର ଇଚ୍ଛାୟେ ବୁଜେ ଯାର ଯେନ ମତି ॥
ତପ ଜପ ଧରମ ସନ୍ନ୍ୟାସ ମହାଦାନେ ।
ନପାବେ ଆମାକ ସାଂଖ୍ୟ ଯୋଗ ତତ୍ତ୍ୱଜ୍ଞାନେ ॥
କେବଳ ଭକତି ମାତ୍ର ମୋକ କରୈ ବଶ୍ୟ ।
କହିଲୋ ଉଦ୍ଧବ ଇଟୋ ତୋମାତ ରହସ୍ୟ ॥

---

୧ । ଏହା ଉଦ୍ଧବଙ୍କୁ କୃଷ୍ଣଙ୍କ ଉପଦେଶର ଅଂଶବିଶେଷ (ଭାଗବତ-ପୁରାଣ ୧୧ଶ ସ୍କନ୍ଧ) । "ଉଦ୍ଧବକ ସମ୍ବୁଧି ମାତନ୍ତ କୃଷ୍ଣେ ଧାଇ" ପଦ୍ୟର ଧାରାବାହିକ ଭାବରେ ଏଠାରେ ଦିଆଯାଇଛି ।

*

ଲୋକେ ବେଦକୁ ନିଜ ନିଜ ଖିଆଲ୍ ଅନୁସାରେ ଅର୍ଥ କରନ୍ତି ।
ସେମାନେ ଭକ୍ତି ବ୍ୟତୀତ ଅନ୍ୟ ସବୁ ମାର୍ଗ ସେଥିରେ ଥିବାର ବୁଝନ୍ତି ।
କେତେକ ନିରୂପଣ କରନ୍ତି ଯେ ବେଦ ଶିକ୍ଷା ଦିଏ ଯଜ୍ଞ, ବ୍ରତ ଓ ଦାନ
ଆଦି କର୍ମ ସଂପାଦନ କରିବାକୁ ।
ଅନ୍ୟମାନେ କହନ୍ତି ବେଦର ନିର୍ଦ୍ଦେଶ କ୍ଷୁଦ୍ର ଦେବତାମାନଙ୍କର ପୂଜା,
ତୀର୍ଥଯାତ୍ରା, ତୀର୍ଥସ୍ନାନ କରିବାକୁ ।
ପୁଣି ଆଉରି କେତେକ କହନ୍ତି ଜ୍ଞାନଦ୍ୱାରା ହିଁ ପରମାନନ୍ଦ ପ୍ରାପ୍ତି ।
ସୁତରାଂ ଯେ ଯାହାର ସତ୍ତ୍ୱାନୁରୂପ ବା ମାନସିକ ଗୁଣାନୁରୂପ
ବେଦକୁ ବୁଝନ୍ତି ବା ଅର୍ଥ କରନ୍ତି ।
ହେ ସଖା ଉଦ୍ଧବ, ତୁମକୁ କହୁଛି ଏ ରହସ୍ୟ ଜାଣିରଖ—
ମୋତେ ତପ, ଜପ, ପରମ ସନ୍ନ୍ୟାସ, ମହାଦାନ
କିମ୍ବା ସାଂଖ୍ୟ ବା ଜ୍ଞାନଯୋଗ, ତତ୍ତ୍ୱଜ୍ଞାନ ଦ୍ୱାରା
ପାଇପାରିବ ନାହିଁ ।
ମୁଁ କେବଳ ଭକ୍ତିଦ୍ୱାରାହିଁ ବଶ ହୁଏ ।

———

ସଂକ୍ଷିପ୍ତ ଗ୍ରନ୍ଥସୂଚୀ

ବାଣୀକାନ୍ତ କାକତି—'ଶଙ୍କର ଦେବ', ମାଡ୍ରାସ ୧୯୨୧; "ଚୈତନ୍ୟଙ୍କଠାରୁ ବିବେକାନନ୍ଦ" ସହିତ ପ୍ରକାଶିତ, ମାଡ୍ରାସ, ୧୯୨୮ ।

ବିରିଞ୍ଚି କୁମାର ବଡ଼ୁଆ—"ଆସାମର ବୈଷ୍ଣବାଚାର୍ଯ୍ୟ ଶଙ୍କରଦେବ" ଗୌହାଟୀ, ୧୯୬୨ ।

ଡମ୍ବେଶ୍ୱର ନିୟୋଗ—"ଜଗତ୍-ଗୁରୁ ଶଙ୍କରଦେବ", ନଓଗଙ୍ଗ ୧୯୬୨ ।

ଲକ୍ଷ୍ମୀନାଥ ବେଜବରୁଆ—"ଭାରତରେ ବୈଷ୍ଣବଧର୍ମର ଇତିହାସ" ବରୋଦା, ୧୯୩୪ ।

ମହେଶ୍ୱର ନିୟୋଗ—"ଶଙ୍କରଦେବ ଓ ତାଙ୍କ କାଳ", ଗୌହାଟୀ, ୧୯୬୫ ।